Split by PDF Splitter



REGISTERED No. C 81.

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା ।

# THE UTKAL DIPIKA.


ଭା ୩୭ ଶ
ସଂ ୨୪ ସଂଖ୍ୟା

CUTTACK, SATURDAY THE 14th June 1902.
୦ ୧ ଲା ଆଷାଢ଼ ସନ ୧୩୦୯ ସାଲ ଶନିବାର

ଅଗ୍ରୀମ ୫ ୩୯
ପଶ୍ଚାଦ୍ଦେୟ ୫ ୬ ୯


## ବିଜ୍ଞାପନ ।

### ଏହ୍ମାଇ ସ୍ପାଦର

### ସର୍ବାପେକ୍ଷା ଉତ୍କୃଷ୍ଟ ମହୌଷଧ ।

ଏହାର ଗୁଣ ତୁଳନାରେ ମୂଲ୍ୟ ନିତାନ୍ତ ସାଧାରଣ ମାତ୍ର, ଏହାର ବ୍ୟାଧି ଉପଶମକାରୀ ଗୁଣ ଅତୁଳନୀୟ । ଯେ କୌଣସି ପ୍ରକାର ଏବଂ ଯେତେକାଳର କଠିନ ଜ୍ୱର ହେଉ ନା କାହିଁକି ଏହି ଔଷଧ ବ୍ୟବହାରଦ୍ୱାରା ଜନା ଜ୍ୱର। ସ୍ୱଳ୍ପକାଳରେ ସେଇ ସଂପୂର୍ଣ୍ଣ ଆରୋଗ୍ୟ ହେବ । ଜିଲହବର୍ଟର ମୁଖଂକ ସଦାଲୋଚନାଭୁକ୍ତ ଏହା ଅନୁଷ୍ଠାନରେ ବ୍ୟବହୃତ ପ୍ରଣୀ ଶତ ୨ ଲୋକଙ୍କଦ୍ୱାରା ମୁକ୍ତକଣ୍ଠରେ ପ୍ରଶଂସିତ । ଏ ଉକ୍ତିର ଯଥାର୍ଥତା ବୁଝିବାକୁ ହେଲେ ଥରେ ମାତ୍ର ପରୀକ୍ଷଣୀୟ ଅଟେ । ସମଶ୍ରେଣୀର ଯେତେ ଔଷଧ ବାହାରିଅଛି ବା ବାହାରୁଅଛି; ଏହି ଔଷଧ ସଙ୍ଗେ ତାହାର ତୁଳନା ହୁଏ ନାହିଁ ।

ଯୋଡ଼ିଏ ଶିଶିର ମୂଲ୍ୟ ଟ ।✓ ଛ ଅଣା, ଏକତ୍ରରେ ୬ ଛ ବା ୧୨ ବାର ଯୋଡ଼ି ନେଲେ କ୍ରେତାର ବିଶେଷ ଲାଭ ଅଛି । ସ୍ପଷ୍ଟରୂପେ ନାମ, ଗ୍ରାମ, ଡାକଘର ଜିଲ୍ଲା ଏବଂ କାହାକୁ କେତେ ଶିଶି ଔଷଧ ଲୋଡ଼ା ଲେଖିଲେ ବ୍ୟବସ୍ଥାପତ୍ରସହ ପ୍ରେରିତ ହେବ ।

ଏକମାତ୍ର ପ୍ରାପ୍ତିସ୍ଥାନ;—

ଶ୍ରୀଗଣପତିଲାଲ ସେନ ।
କେୟାର ଉତ୍କଳପ୍ରେସ, ବାଲେଶ୍ୱର

## WANTED

a mohurir on Rs. 20 rising to Rs. 30 by biennial increment of Re 1 in place of Baboo Niladrinath Bose Deputy Collector's mohurir dismissed candidates should submit their applications with copies of testmonials and statement of relationship with officers of Government on or before the 23rd Instant. Preference will be given to those who have passed the Entrance Examination of the Calcutta University.

Puri Collectorate } The 4th June 1902 }     A. GARRETT
Collector

## NEW YORK LIFE INSURANCE COMPANY

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J, BELL
*Agent Cuttack.*

## ବିଜ୍ଞାପନ ।

ସହର କଟକ ବାଲୁବଜାରରେ ଗୋପୀନାଥ ଗୁପ୍ତ ନାମା ପ୍ରଧାନ କବିରାଜ ଅବସ୍ଥିତି କରୁଅଛନ୍ତି । ଚିକିତ୍ସା ବିଷୟରେ ତାଙ୍କର ବିଶେଷ ଖ୍ୟାତି ଅଛି । ସେ ଅର୍ଶ, ଶୂଳ, ଶ୍ୱାସ, କାଳଜ୍ୱର, ମୂର୍ଚ୍ଛା, ଧ୍ୱଜଭଙ୍ଗ, କୁଷ୍ଠ, ବହୁମୂତ୍ର ପ୍ରଭୃତି ପ୍ରମେହ ରୋଗ ଓ ପ୍ରଦର ଯୋନି ବ୍ୟାପଦାଦି ସ୍ତ୍ରୀରୋଗ ଇତ୍ୟାଦି କଠିନ ରୋଗସବୁକୁ ମଧ୍ୟ ନିବାରଣ କରି ପାରନ୍ତି ।

## ବିଜ୍ଞାପନ ।

ସନ ୧୯୦୨ ମସିହା ଡିସେମ୍ବର ମାସରେ ବୋମ୍ବାଇ ହତା ଅହମଦାବାଦ ସହରରେ ଗୋଟିଏ ଭାରତୀୟ ଶିଳ୍ପ ପ୍ରଦର୍ଶନୀ ( ମେଳା ) ବସିବ । ଯେଉଁମାନେ ଉକ୍ତ ପ୍ରଦର୍ଶନୀକୁ ଶିଳ୍ପ କାର୍ଯ୍ୟମାନ ପଠାଇବାକୁ ଇଚ୍ଛା କରନ୍ତି ସେମାନେ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟକୁ ପତ୍ର ଲେଖିଲେ ସମସ୍ତ ତତ୍ତ୍ୱ ଜାଣି ପାରିବେ । ଇତି ।

ଶ୍ରୀ ପି, ଏମ୍, ଦୁଃଖିସିଂହ
ଜେନେରଲ ସେକ୍ରେଟେରୀ
ଇଣ୍ଡିୟାନ ଇଣ୍ଡଷ୍ଟ୍ରିୟଲ ଏକ୍ସିବିସନ

ଶ୍ରୀଯୁକ୍ତ ବାବୁ ନଗେନ୍ଦ୍ରନାଥ ରାୟ ଚୌଧୁରୀ ଜମିଦାର ମହାଶୟଙ୍କ ଇଷ୍ଟେଟର କାର୍ଯ୍ୟ ନିମନ୍ତେ ଦୁଇ ଜଣ ସର୍ଭେ କାର୍ଯ୍ୟ ଜାଣିଥିବା ସୁଦକ୍ଷ ଆମିନ ଆବଶ୍ୟକ ଅତଏବ ଯେଉଁମାନେ ଓଡ଼ିଶା ପରଗଣାସି ଓ ବନ୍ଦୋବସ୍ତ ଇଲାକାରେ କାର୍ଯ୍ୟ କରିଅଛନ୍ତି ସେମାନେ ଆପଣା ୨ ପ୍ରଶଂସାପତ୍ର ସହ ଆଗାମୀ ଜୁନ ମାସ ତା ୧୫ ରିଖ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ଦରଖାସ୍ତ କରିବେ ଦରଖାସ୍ତକାରୀମାନଙ୍କର ସାବିକ ବନ୍ଦୋବସ୍ତ ଇତ୍ୟାଦି ମାପରେ ଦକ୍ଷତା ଥିବାର ନିତାନ୍ତ ଆବଶ୍ୟକ । ଏଥିରୁ ଅଧିକ ଇଂରାଜୀ ଓ ବଙ୍ଗଳା ଭାଷା କିଛି ଜାଣିଥିଲେ ସେମାନଙ୍କର ଦରଖାସ୍ତ ଅଗ୍ରଗଣ୍ୟ ହେବ । ବେତନ ଯୋଗ୍ୟତା ଅନୁସାରେ ଦିଆ ଯିବ ।

କଟକ } ଶ୍ରୀବିପିନବେହାରୀ ମୁଖୋପାଧ୍ୟାୟ
ଚାନ୍ଦବଜାର }
ତା ୨୯।୪।୦୨ } ମାନେଜର

Digitized by srujanika@gmail.com

Split by PDF Splitter



## ଉତ୍କଳଦୀପିକା ।

ଦୁର୍ଭିକ୍ଷ ସାହାଯ୍ୟ ପାଉଥିବା ବ୍ୟକ୍ତିଙ୍କ ସଂଖ୍ୟା କ୍ରମାଗତ ବୃଦ୍ଧିଉପରେ ଅଛି । ଗତମାସ ତା ୨୫ ଋଖରେ ଶେଷହେବା ସପ୍ତାହରେ ତହିଁ ପୂର୍ବସପ୍ତାହରୁ ପ୍ରାୟ ୧୩ ॥ ହଜାର ବୃଦ୍ଧିହୋଇ ମୋଟଅଙ୍କ ୪,୨୩,୩୬୮ ହୋଇଥିଲା ।

---

ଗତ ତା ୩୧ ଋଣର ଶେଷହେବା ସପ୍ତାହରେ ପ୍ଳେଗ ରୋଗରେ ୪,୬୧୪ ମୃତ୍ୟୁ ହୋଇଥିଲା ଯେ ତହିଁମଧ୍ୟରୁ ପଞ୍ଜାବ ପ୍ରଦେଶରେ ୩,୬୬୬, ବମ୍ବେଇ ପ୍ରଦେଶରେ ୩୮୫, କଲିକତାରେ ୧୩୬, ବଙ୍ଗଳାର ଅନ୍ୟାନ୍ୟ ଜିଲ୍ଲାରେ ୧୦୦ ଏବଂ ଉତ୍ତର ପଶ୍ଚିମରେ ୧୧୬, ଘଟିଥିଲା । ଅତଏବ ପଞ୍ଜାବରେ ଅବଶ୍ୟ ରୋଗ ପ୍ରବଳ ଅଛି ମାତ୍ର ସର୍ବତ୍ର ତହିଁର ବଳ ଊଣା ପଡିଆସୁଅଛି ।

---

ଏଠା କମିଶନରଙ୍କ ହତେଉର ନୂତନ ଘର ପ୍ରସ୍ତୁତ ହୋଇଅଛି ଏବଂ ଏହି ମାସ ଶେଷରେ ତହିଁରେ ହତେଉ ହେବାର ଶୁଣାଯାଏ । ଯେବେ ଅସନ୍ତା ତା ୨୬ ଋଣ ରାଜରାଜେଶ୍ୱରଙ୍କର ଅଭିଷେକ ଦିନରେ ଏହି ସୁବୃହତ ସୁନ୍ଦରଘରର ପ୍ରତିଷ୍ଠା ହେବ ତେବେ ବଡ ସୁନ୍ଦର ବିଷୟ ହେବ । ଏମନ୍ତ ଉତ୍କୃଷ୍ଟ ଘର ଅନ୍ୟ ମିଳିବ ନାହିଁ ଏବଂ ଯେଉଁ ଘର ନିର୍ମାଣରେ ଏତେ ବ୍ୟୟ ହୋଇଅଛି ତହିଁର ଗୃହପ୍ରବେଶ ଅନୁଷ୍ଠାନଟା ସମାରୋହ ସହିତ ହେବା ଉଚିତ ।

---

ପନ୍ନାର ମହାରାଜା ତାହାଙ୍କ ଖୁଡୁତାଙ୍କର ହତ୍ୟାକାଣ୍ଡରେ ଲିପ୍ତଥିବା ଅପରାଧରେ କତିପୟ ଲୋକମାନଙ୍କ ବିଷୟରେ ଦୋଷୀ ସାବ୍ୟସ୍ତ ହେବାରୁ ଗବର୍ଣ୍ଣମେଣ୍ଟ ତାହାଙ୍କୁ ରାଜ୍ୟଚ୍ୟୁତ ଓ ବନ୍ଦୀ କରିବାର ପାଠକମାନଙ୍କୁ ଜଣାଅଛି । ସେ ଯେଉଁଠାରେ ବନ୍ଦୀ ରହିବେ ଭାରତୀୟ ଗବର୍ଣ୍ଣମେଣ୍ଟ ପ୍ରାଦେଶିକ ଗବର୍ଣ୍ଣମେଣ୍ଟମାନଙ୍କ ସହିତ ତହିଁର ପରାମର୍ଶ କରୁଅଛନ୍ତି ଏବଂ ତାହାଙ୍କୁ ମାସିକ ଟ ୧୬୦୦୧ ଙ୍କା ଖରଚ ଦିଆଯିବାର ମଞ୍ଜୁର କରୁଅଛନ୍ତି ।

---

ଅସନ୍ତା ଇଂରାଜୀ ତା ୨୬ ଋଣକୁ ଏହି ଆଷାଢ଼ ମାସ ଦ ୧୩ ନ ଶୁକ୍ରବାର ଅମ୍ଭମାନଙ୍କର ରାଜରାଜେଶ୍ୱରଙ୍କର ଶୁଭ ଅଭିଷେକ ଦିନ ଧାର୍ଯ୍ୟ ହୋଇଅଛି । ଯୋଗକୁ ଜ୍ୟୋତିଷମତେ ସେ ଦିନଟି ଅତ୍ୟୁତ୍ତମଦିନ ଅଟେ ଏଥିପାଇଁ ଭାରତବାସୀ ହିନ୍ଦୁମାନଙ୍କର ଅପାର ଆନନ୍ଦ ହୋଇଅଛି । ଗବର୍ଣ୍ଣମେଣ୍ଟଙ୍କର ନିୟମରେ ଭାରତରେ ସେଦିନ ଉତ୍ସବ ନ ହୋଇ ଅସନ୍ତା ଜାନ୍ଅରମାସ ପ୍ରଥମ ଦିନରେ ହେବ ମାତ୍ର ସରକାରୀ ପଲଟନ ଥିବା ସ୍ଥାନମାନଙ୍କରେ ସିପାହିମାନଙ୍କର ପରେଡ ହେବ ଓ ଗିର୍ଜା ସମସ୍ତରେ ଉପାସନା ହେବ । ଅନ୍ୟାନ୍ୟ ଧର୍ମାଲୟମାନଙ୍କରେ ସମ୍ରାଟ ଏବଂ ସମ୍ରାଜ୍ଞୀଙ୍କର ମଙ୍ଗଳ କାମନାରେ ଉପାସନା ହେବା ବାଞ୍ଛନୀୟ ଅଟେ ଏବଂ ଏ ଦେଶରେ ତହିଁର ଅନୁଷ୍ଠାନ ହେଲେ ବଡ ଆନନ୍ଦର ବିଷୟ ହେବ ।

---

ଏ ସପ୍ତାହରେ ବର୍ଷାକାଳ ଆରମ୍ଭ ହେବାର ସମସ୍ତ ଲକ୍ଷଣ ଦେଖାଯାଇଅଛି । ଆକାଶ ପ୍ରାୟ ସର୍ବଦା ମେଘାଚ୍ଛନ୍ନ ହେଲେହେଁ ଭଲ ଘଡ଼ଘଡ଼ ଓ ବିଜୁଳି ମାତ୍ର ବୃଷ୍ଟିର ପରିମାଣ ଅତି ସାମାନ୍ୟ ଏବଂ ତାହାମଧ୍ୟ ଚଉଦିଗ ନୁହେ । ଏ ନଗରରେ ଏ ସପ୍ତାହରେ ଏକପ୍ରକାର ଜଳବୃଷ୍ଟି ହୋଇଅଛି ମାତ୍ର ମୋଫସଲର କେତେକ ସ୍ଥାନରୁ ସମ୍ବାଦ ପାଉଅଛୁଁ ଯେ ଜଳ ଅଭାବରୁ ଧାନବୁଣା ହୋଇ ପାରୁ ନାହିଁ ଓ ଯାହା ବୁଣାହୋଇଅଛି ଗଛ ହୋଇପାରୁ ନାହିଁ । ଆଜି ରଜସଂକ୍ରାନ୍ତି । ଏପର୍ଯ୍ୟନ୍ତ ଗଛ ନ ହେବା ଶୁଭଲକ୍ଷଣ ନୁହେ । ଭାରତର ଅନ୍ୟାନ୍ୟ ସ୍ଥାନର ଅବସ୍ଥାରୁ ମୌସୁମି ବୃଷ୍ଟି ଆରମ୍ଭ ହେଲପରି ଜଣା ଯାଉଥିଲେହେଁ ତାହା ଅତ୍ୟନ୍ତ ଦୁର୍ବଳ ହୋଇଅଛି ଏବଂ ନଗରରେ ଜଳଆସିବା କେଉଁଠି ଥାଉ କୂଅରେ ଜଳ ମିଳୁ ନାହିଁ ।

---

ଏଠାର ଜଣେ ମୁକ୍ତାର ବାବୁ ଯୋଗେନ୍ଦ୍ର ଘୋଷ ନାମ ଯେଉଁ ଲେଖ୍ୟ ନୋଟ ହଜିବା ଅଭିଯୋଗରେ ଧୃତ ହୋଇଥିଲେ । ଶୁଣିଲୁଁ ସେହି ନୋଟ ସହିତ ଟ ୧୬୦୦୧ କାଲି ନୋଟ ଉତ୍ତରଖ ଥିଲା ଇଷଫପୁର ଗ୍ରାମର ଜଣେ ମହାନ୍ତି ସେଣ ଅଫିସଙ୍କଠାରୁ ଗ୍ରେପ୍ତ ପାଇଥିଲା ଏବଂ ସେ ଯଥାକାଳରେ ତହିଁର ସମ୍ବାଦ ଦିଅନ୍ତା କରେନ୍ସି ଅଫିସରେ ଦେଇଥିଲେ । ଏ ନଗରର ନିକଟ ପଦ୍ମପୁର ନିବାସୀ ନୀଳାନାଥ ନାମକ ଏକ ବ୍ୟକ୍ତି ଉକ୍ତ ନୋଟମୁକ୍ତାରଙ୍କୁ ଦେଇଥିଲା । ମୁକ୍ତାର ସେନସନ ଗାଦନର ମହମ୍ମଦ ଅଲିଙ୍କୁ ଦେଇଥିଲେ । ତାଙ୍କଠାରୁ ଅବଦୁଲ ହାକିମ ନେଇ କଲିକତାର ଜଣେ ଦୋକାନଦାର ନିକଟକୁ ତାହାର ପାଉଣା ବାବଦରେ ପଠାଇଦେଲା । ଦୋକାନଦାର କରେନ୍ସି ଅଫିସକୁ ସେହି ନୋଟ ଭଙ୍ଗାଇବା ସକାଶେ ପଠାଇଦଅନ୍ତେ ସେଠାରେ ଲେଖ ଚୋର ଧରା ପଡିବାରୁ ତଦନ୍ତରେ ପୁଲିସ ହସ୍ତରେ ଦିଆଗଲା ଏବଂ ତଦନ୍ତରେ ସମସ୍ତ ପ୍ରକାଶ ପାଇଅଛି । କରେନସି ଅଫିସକୁ ନ ଯାଇ ବଜାରରେ ବ୍ୟବହାର କେଉଁଥିଲେ ଧରା ପଡିବାକୁ କେତେ ବିଳମ୍ବ ହୋଇଥାନ୍ତା ।

---

ଖଡ଼ଗପୁରରେ ବଙ୍ଗଳା ନାଗପୁର ରେଲ ଏଜେଣ୍ଟର ଜଣେ ହିନ୍ଦୁ ବେୟରା ଦେଶୀ ଘୋଡା ମାଡ ତାହାର ସାହେବ ମୁନରୋଙ୍କ ନିକଟକୁ ଯିବାରୁ ସାହେବ ସେହି ଘୋଡାରେ ତାହାକୁ ପ୍ରହାର କଲେ । ବେୟରା ବଡ଼ୁର ଫଉଜଦାରୀରେ ନାଲିଶ କରନ୍ତେ ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ ଏହି ହେତୁରେ ମୋକଦ୍ଦମା ଡିସମିସ କଲେ କି ଜଣଙ୍କୁ ଶିଷ୍ଟାଚାର ଶିଖାଇବା ଅଭିପ୍ରାୟରେ ସାହେବ ତାହା ପିଠିରେ ଘୋଡା ପ୍ରୟୋଗ କରିଥିଲେ, ମାରିବା ଅଭିପ୍ରାୟରେ ନୁହେଁ । ଏହି ଘଟନା ଦକ୍ଷିଣସ୍ଥ ଲାଟସାହେବ ସେକ୍ରେଟରୀଙ୍କର ଦୃଷ୍ଟି ପଡୁଅଛି କି ନା ? ହିନ୍ଦୁମାନେ ବିଶେଷତଃ ବ୍ରାହ୍ମଣମାନେ ନିଜର ଘୋଡାରେ ମାଡ଼ଖାଇବା ଅତ୍ୟନ୍ତ ଅପମାନ ମନେ କରିବାର ସେକ୍ରେଟରୀ ମହୋଦୟଙ୍କୁ ଜଣାଅଛି କି ନା ? ଏବଂ ଏପ୍ରକାର ଦୁର୍ବ୍ୟବହାର ସହିତ ମୋକଦ୍ଦମା ନିବାରଣ ସକାଶେ କଣ ଅନୁସନ୍ଧାନ କରିବେ କି ନା ? ବିଲାତର ପାର୍ଲିଆମେଣ୍ଟ ସଭାରେ ଶ୍ରୀଯୁକ୍ତ ରେନଲ୍ଡ ସାହେବ ଏହି ପ୍ରଶ୍ନମାନ କରିବାରେ ଶ୍ରୀଯୁକ୍ତ ସେକ୍ରେଟରୀ ମହୋଦୟ କହିଲେ କି ସେ ବିଶେଷରୂପେ କିଛି ଖବର ସମ୍ବାଦ ପାଇ ନାହାନ୍ତି ମାତ୍ର ସମ୍ବାଦପତ୍ରମାନଙ୍କରୁ ଅବଗତ ହୋଇଥିଲେ ଯେ ଉପଯୁକ୍ତ ଅଦାଲତରେ ଏହି ଘଟଣାର ଅନୁସନ୍ଧାନ ହେଉଅଛି ଏବଂ ଇଣ୍ଡିଆଗବର୍ଣ୍ଣମେଣ୍ଟଙ୍କର ଏ ବିଷୟରେ ଦୃଷ୍ଟି ପଡୁଅଛି । ଗରିବ ବେୟରା ବଡ଼ୁଙ୍କର ଗୁହାରିଟା ପାର୍ଲିଆମେଣ୍ଟ ସଭାରେ ଉପସ୍ଥିତ ହେଲା ଏହାକୁ ଭାଗ୍ୟର ବିଷୟ ଅଟେ । ଫଳ ଯାହାହେବ ପରେ ଜଣାପଡ଼ିବ ।

---

ଗତ ତା ୨୮ ଋଣର ସମ୍ବଲପୁର ହିତୈଷିଣୀରେ ଦେଖିଲୁଁ ଯେ ସମ୍ବଲପୁର ମିଉନିସିପାଲିଟିର ସେକ୍ରେଟରୀ ନିର୍ବାଚନ ସମ୍ବନ୍ଧରେ ଅସନ୍ତୋଷ ଜାତ ହୋଇଅଛି । ନିକଟରେ ସମ୍ବଲପୁର ମିଉନିସିପାଲିଟିର ମେମ୍ବରମାନଙ୍କର ଗୋଟିଏ ଅଧିବେଶନ ହୋଇଥିଲା । ଉପସ୍ଥିତ ସଭ୍ୟମାନଙ୍କର ଏକମତରେ ବାବୁ ଯୋଗେନ୍ଦ୍ରନାଥ ସେନ ଓକିଲ ପ୍ରେସିଡେଣ୍ଟ ଏବଂ ବାବୁ ବିଜୟଚନ୍ଦ୍ର ମଜୁମଦାର ଓକିଲ ଭାଇସ ପ୍ରେସିଡେଣ୍ଟ ମନୋନୀତ ହେଲାଉତ୍ତାରୁ ସେକ୍ରେଟରୀ ନିର୍ବାଚନର ପ୍ରସଙ୍ଗ ଉପସ୍ଥିତ ହେଲା । ବାବୁ ଯୋଗେନ୍ଦ୍ରନାଥ ସେନ ଓ ବାବୁ ବିଜୟଚନ୍ଦ୍ର ମଜୁମଦାର ଛଡ଼ା ଅନ୍ୟ ସମସ୍ତ ମେମ୍ବର ପ୍ରାୟ ଓକିଲ ବାବୁ ଚନ୍ଦ୍ରଶେଖର ବେହେରାଙ୍କୁ ସେକ୍ରେଟରୀ ନିଯୁକ୍ତ କରି-

Digitized by srujanika@gmail.com

ବାର ମତ ଦେଲେ । ମାତ୍ର ବାବୁ ଯୋଗେନ୍ଦ୍ରନାଥ ସେନ ସମ୍ବଲପୁରର ଡେପୁଟି କମିଶନର ଏକଷ୍ଟ୍ରା ଅସିଷ୍ଟାଣ୍ଟ ମିସ୍ତ୍ରୀ ଗ୍ରାଇଙ୍କୁ ଉକ୍ତ ପଦରେ ନିଯୁକ୍ତ କରିବା କାରଣ ପକ୍ଷ ଲେଖିଥିବାର କହି ସେ ଓ ବାବୁ ନଳସୁନ୍ଦ୍ର ମଜୁମଦାର ମିସ୍ତ୍ରୀ ଗ୍ରାଇଖାଦେବଙ୍କ ପକ୍ଷରେ ମତ ଦେଲେ ଏବଂ ଅନ୍ୟସମସ୍ତ ମେମ୍ବରଙ୍କର ମତ ବିରୁଦ୍ଧରେ ତାହାର କାର୍ଯ୍ୟ ହେଲା । ଯେବେ ସହଯୋଗିଙ୍କର ପ୍ରକାଶିତ ବିଷୟରେ କିଛି ଭ୍ରମ ନ ଥାଏ ଏବଂ ସର୍ବସ୍ତ୍ର ମେମ୍ବରମାନଙ୍କର ମତରେ ସେକ୍ରେଟରୀ ନିଯୁକ୍ତ ହେବାର ନିୟମ ଥାଏ ତେବେ ଜଣେ ହାକିମଙ୍କର ଏକଜଣସକାଶେ ଅନୁରୋଧ କରିବା ଏବଂ ମେମ୍ବରମାନଙ୍କର ମତ ବିରୁଦ୍ଧରେ ସେ ନିଯୁକ୍ତ ହେବା ବଡ଼ ଆଶ୍ଚର୍ଯ୍ୟର ବିଷୟ ଅଟେ । ଆମ୍ଭମାନଙ୍କର ସନ୍ଦେହ ହେଉଅଛି ଏ ସମ୍ବନ୍ଧୀୟ ସକଳ ବ୍ୟାପାର ପ୍ରକାଶିତ ହୋଇ ନାହିଁ ଏବଂ ତାହା ପ୍ରକାଶ କରିବା କାରଣ ସହଯୋଗିଙ୍କୁ ଅନୁରୋଧ କରୁଅଛୁଁ । ବାସ୍ତବରେ ଯେବେ ଜଣେ ହାକିମ ମେମ୍ବରମାନଙ୍କର ସ୍ୱାଧୀନତାରେ ଏପରି ହସ୍ତକ୍ଷେପ କରୁଥାନ୍ତି ଏବଂ ତବ ନବାଡିଲ ପ୍ରେସିଡେଣ୍ଟ ଓ ଭାଇସ ପ୍ରେସିଡେଣ୍ଟ ଅନ୍ୟ ମେମ୍ବରମାନଙ୍କ ମତରୁ ଏପରି ଅଗ୍ରାହ୍ୟ କରୁଥାନ୍ତି ତେବେ ଆତ୍ମଶାସନ ପ୍ରଣାଳୀ ରଖିବାର ଅଉ ଫଳ କି ?

---

ଓଡ଼ିଶାର ପଣ୍ଡିତ ଚନ୍ଦ୍ରଶେଖର ସିଂହ ସାମନ୍ତଙ୍କ ସକାଶେ ଗବର୍ଣ୍ଣମେଣ୍ଟଙ୍କର ଗୋଟିଏ ମାନମନ୍ଦିର ପ୍ରସ୍ତୁତ କରିଦେବା ଉଚିତ ବୋଲି ଅମୃତବଜାର ପତ୍ରିକାରେ ଲେଖା ଥିବାରୁ ତହିଁକି ଇଣ୍ଡିୟାନ ନେସନ କହୁଅଛନ୍ତି ଗୋଟିଏ ସ୍ୱତନ୍ତ୍ର ଜନ ସାଧାରଣଙ୍କର ବ୍ୟବହାର କାରଣ ଗବର୍ଣ୍ଣମେଣ୍ଟ ଗୋଟିଏ ମାନମନ୍ଦିର ଯୋଗାଇବାକୁ ପ୍ରସ୍ତୁତ ନ ଥିବା ସ୍ଥଳେ ବ୍ୟକ୍ତି ବିଶେଷ ସକାଶେ ତାହା ନିର୍ମାଣ କରିଦେବାର ଆଶା କରାଯାଇ ନ ପାରେ । ମାତ୍ର ପଣ୍ଡିତ ଚନ୍ଦ୍ରଶେଖର ଅତ୍ୟନ୍ତ ବିଚକ୍ଷଣ ବ୍ୟକ୍ତି ଏବଂ ଅର୍ଥ ଓ ଯନ୍ତ୍ର ସାହାଯ୍ୟ ବିନା କେବଳ ବୁଦ୍ଧି ବଳରେ ଜ୍ୟୋତିଷ ଶାସ୍ତ୍ରର କେତେ ଉନ୍ନତି ହୋଇ ପାରେ ତାହା ସେ ପ୍ରଶଂସନୀୟରୂପେ ଦେଖାଇଅଛନ୍ତି । ସେ କାର୍ଯ୍ୟକ୍ଷମ ଅବସ୍ଥାରେ ଗୋଟିଏ ମାନମନ୍ଦିରରେ ପ୍ରବେଶ କରିଥିଲେ ତହିଁର ଭଲ ବ୍ୟବହାରଦ୍ୱାରା ଆମ୍ଭମାନଙ୍କର ଜ୍ଞାନଭଣ୍ଡାରକୁ ଅଧିକ ବଢ଼ାଇ ଥାନ୍ତେ । ବର୍ତ୍ତମାନ ଅଧିକ ବୟସ, ଦୁର୍ବଳ ଅବସ୍ଥା, ଏବଂ କ୍ରମେ କ୍ଷୀଣ ହେଉଥିବା ଦୃଷ୍ଟିରେ ସେ ଘର ପ୍ରବାସରେ ରହି ସରକାରୀ ଇଉରୋପୀୟ କର୍ମଚାରୀଙ୍କ ଅଧୀନରେ ମାନମନ୍ଦିରର ଯନ୍ତ୍ରମାନ ବ୍ୟବହାର କରିପାରିବେ ଏହା ସମ୍ଭବ ବୋଧ ହେଉ ନାହିଁ । ଜ୍ୟୋତିଷ ସମ୍ବନ୍ଧରେ ସେ ଯାହା ଲେଖିଅଛନ୍ତି ସେ ସମସ୍ତ ସର୍ବସାଧାରଣଙ୍କ ବୁଝିବା ପ୍ରକାରେ ସଜାଡ଼ି ଛାପା କରିବା କାରଣ ଗବର୍ଣ୍ଣମେଣ୍ଟ ତାହାଙ୍କୁ ଅର୍ଥ ସାହାଯ୍ୟ ଦେଲେ ତହିଁରେ ସରକାରଙ୍କର ଅଧିକ ବ୍ୟୟ ବିନା ଲୋକଙ୍କର ଅନେକ ଉପକାର ହେବ । ତାହାଙ୍କ ରଚିତ ସିଦ୍ଧାନ୍ତ ଦର୍ପଣ କେବଳ ତହିଁର ସମ୍ପାଦକ ବାବୁ ଯୋଗେଶଚନ୍ଦ୍ର ରାୟଙ୍କର ପ୍ରଗାଢ଼ ଯତ୍ନ, ସାଧାରଣ ହିତ କାମନା ଓ ବଦାନ୍ୟତା ଯୋଗେ ଛାପାକୁ ଯାଇଅଛି । ବାବୁ ମହୋଦୟଙ୍କର ଉତ୍କଳ ଏବଂ ବଙ୍ଗ ଇଂରାଜୀ ଉପକ୍ରମଣିକା ବିନା ସେହି ପୁସ୍ତକର ମର୍ମ ଓ ଅଭିପ୍ରାୟ ଇଂରାଜୀ ପଢ଼ିବା ଲୋକଙ୍କର ଗୋଚରରେ ଆସି ନ ଥାନ୍ତା ଏବଂ ସେହି କାରଣରୁ ସେ ମଧ୍ୟ ସରକାରଙ୍କଠାରୁ ଉପାଧି ପାଇବାର ଯୋଗ୍ୟ ଅଟନ୍ତି । ଆମ୍ଭେମାନେ ସହଯୋଗିଙ୍କର ଉପରଲିଖିତ ମନ୍ତବ୍ୟରେ ସମ୍ପୂର୍ଣ୍ଣରୂପେ ଐକ୍ୟ ହୋଇ ଗବର୍ଣ୍ଣମେଣ୍ଟଙ୍କୁ ଏକାନ୍ତ ଅନୁରୋଧ କରୁଅଛୁଁ କି ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସାମନ୍ତଙ୍କୁ ତାହାଙ୍କ ରଚିତ ଜ୍ୟୋତିଷ ସମ୍ବନ୍ଧୀୟ ବିଷୟମାନ ପ୍ରକାଶ କରିବା କାରଣ ଅର୍ଥ ସାହାଯ୍ୟ କରନ୍ତୁ ଏବଂ ଏଠା କଲେଜର ଅଧ୍ୟକ୍ଷ ବାବୁ ଯୋଗେଶଚନ୍ଦ୍ର ରାୟଙ୍କର ଶୀଘ୍ର ପଦୋନ୍ନତି କରନ୍ତୁ ।

---

## ଡେପୁଟି ପରୀକ୍ଷାର ଫଳ ।

ଗତ ଡେପୁଟି କଲେକ୍ଟରୀ ପରୀକ୍ଷାର ଫଳ ବାହାରିଅଛି । ଜ ୧୬୬ ଣ ପରୀକ୍ଷା ଦେବାକୁ ଅନୁମତି ପାଇଥିଲେ । ମାତ୍ର ଜ ୧୬୧ ଣ ଉପସ୍ଥିତ ହୋଇଥିଲେ । ସେମାନଙ୍କ ମଧ୍ୟରେ ଜ ୧୫ ଣ ମୁସଲମାନ ଜ ୭ ଣ ବଙ୍ଗାଳୀ ହିନ୍ଦୁ, ଜ ୫ ଣ ଓଡ଼ିଆ ଜ ୬ ଣ ଫିରିଙ୍ଗି ଏବଂ ଏକଜଣ ଦେଶୀୟ ଖ୍ରୀଷ୍ଟିୟାନ ଥିଲେ । ଜ ୧୬୮ ଣ ଏକ ଚତୁର୍ଥାଂଶ ଅଥବା ତହିଁରୁ ଅଧିକ ନମ୍ବର ପାଇଥିଲେ । ନିମ୍ନଲିଖିତ ଜ ୫ ଣ ସର୍ବୋଚ୍ଚ ଅଙ୍କ ପାଇବାରୁ ଗତ ଡିସେମ୍ବରମାସର ବିଜ୍ଞାପନାନୁସାରେ ଶିକ୍ଷାନବିଶ ଡେପୁଟି କଲେକ୍ଟରୀ ପଦ ପାଇବାର ଯୋଗ୍ୟ ହେଲେ, ଯଥା—

| ନାମ | ନମ୍ବର |
|---|---|
| ବାବୁ ସୁରେଶଚନ୍ଦ୍ର ଘଟକ, ଏମ, ଏ, | ୬୦୮ |
| ,, ମନ୍ମଥନାଥ ସେନ ବି, ଏ, | ୫୬୬ |
| ,, ଭୂପେନ୍ଦ୍ରନାଥ ମୁଖର୍ଜୀ ବି, ଏ, | ୫୦୫ |
| ,, ଯତୀନ୍ଦ୍ରମୋହନ ବାନର୍ଜୀ ବି, ଏ, | ୫୦୩ |
| ,, ଚୁନିଲାଲ ଗୁପ୍ତ ବି, ଏ, | ୪୫୬ |

ଏପରି ବାବୁ ନଳିନଚନ୍ଦ୍ର ଗୁପ୍ତ ବି, ଏ, ବାବୁ ଦୁର୍ଗାପ୍ରସାଦ ଏମ, ଏ, ଏବଂ ମଉଲଭି ଅନ୍ୱର ମୁହମ୍ମଦଖାନ ଏମ, ଏ, ମାନ୍ୟବର ଲେଫ୍ଟନେଣ୍ଟ ବାହାଦୁରଙ୍କର ପସନ୍ଦଅନୁସାରେ ଉକ୍ତ ପଦ ପାଇବାର ଯୋଗ୍ୟ ହେଲେ । ସେଷଲିଖିତ ଦୁଇଜଣ ବିହାରୀ ଅଟନ୍ତି ।

ବାବୁ ହରିଦାସ ଗୁପ୍ତ, ବାବୁ ନରେନ୍ଦ୍ରନାଥ ଚକ୍ରବର୍ତ୍ତୀ ବି, ଏଲ ଓ ବାବୁ ନରେନ୍ଦ୍ରକୁମାର ସେନ ଗୁପ୍ତ ବି, ଏ, ଏହି ଜ ୩ ଣ ସବଡେପୁଟି ପଦ ପାଇବାର ଯୋଗ୍ୟ ବୋଲି ମାନ୍ୟବର ଲେଫ୍ଟନେଣ୍ଟ ଗବର୍ଣ୍ଣର ବାଛିନେଲେ । ଏମାନେ ସମସ୍ତେ ବର୍ତ୍ତମାନ ଶିକ୍ଷାନବିଶ ସ୍ୱରୂପ କାର୍ଯ୍ୟ ଶିଖିବେ ଏବଂ ଯଥାସମୟରେ କାର୍ଯ୍ୟ ପାଇବେ ।

ଜ ୫ ଣ ଓଡ଼ିଆ ପରୀକ୍ଷା ଦେଇ ଜଣେ ସୁଦ୍ଧା ସଫଳକାମ ହେଲେ ନାହିଁ ବଡ ଦୁଃଖର ବିଷୟ ଅଟେ । ଏଥିପାଇଁ ଆମ୍ଭେମାନେ ଗବର୍ଣ୍ଣମେଣ୍ଟଙ୍କର ଦୋଷ ଦେଇ ନ ପାରୁଁ । ଗବର୍ଣ୍ଣମେଣ୍ଟଙ୍କର ଅନୁଗ୍ରହର ତ୍ରୁଟି ନାହିଁ । ଆମ୍ଭମାନଙ୍କର ଭରସା ହେଉଅଛି କି ଯେ ପରିମାଣ ଜାତି ପରିଶ୍ରମ ଓ ଯତ୍ନ କଲେ ସଫଳ ହେବେ ଏ ପ୍ରଦେଶର ଲୋକମାନେ ତାହା କରୁନାହାନ୍ତି ଏବଂ ଆଶାନୁରୂପ ଯୋଗ୍ୟତା ଦେଖାଇ ନ ପାରି ଗବର୍ଣ୍ଣମେଣ୍ଟଙ୍କୁ ହତାଶ କରୁଅଛନ୍ତି ଓ ନିଜେ ୨ ଲଜ୍ଜିତ ହେଉଅଛନ୍ତି । କୌଣସି ପରୀକ୍ଷାରେ ଏମାନଙ୍କର ଟେକ ଦେଖାଯାଉ ନାହିଁ । ଭରସାକରୁଁ ଏଥରର ମନ୍ଦ ଫଳରେ ଉତ୍ତେଜିତ ହୋଇ ଆଗାମୀ ବର୍ଷ ଭଲ ଫଳ ଦେଖାଇବାକୁ ଚେଷ୍ଟା କରିବେ ।

---

## ଅଭିଷେକୋତ୍ସବ ।

ସରକାରୀ କାଗଜଦ୍ୱାରା ପ୍ରଚାରିତ ହୋଇଅଛି କି ବ୍ରିଟିସ ସାମ୍ରାଜ୍ୟାଧିପ ପ୍ରବଳପ୍ରତାପ ଏଡ୍‌ୱାର୍ଡ ସପ୍ତମଙ୍କର ଅଭିଷେକ ଦିନ ସମସ୍ତ ଭାରତବର୍ଷରେ ଆସନ୍ତା ଜୁନ ମାସ ତା ୨୬ ରିଖରେ ନ ହୋଇ ସନ ୧୯୦୩ ସାଲ ଜାନୁଆରୀ ମାସ ତା ୧ ରିଖରେ ପ୍ରତିପାଳିତ ହେବ । ଜୁନ ମାସ ତା ୨୬ ରିଖରେ ଯେଉଁ ଉପାଧିତାଲିକା ବାହାରିବ ତାହା କେବଳ ଭାରତବର୍ଷ ସକାଶେ ମାତ୍ର ଭବିଷ୍ୟତରେ ସେହି ତାଲିକା ମଇମାସ ତା ୩୦ ରିଖରେ ବାହାରିବ । ଆଗାମୀ ଜାନୁଆରୀ ମାସ ତା ୧ ରିଖ ପର୍ଯ୍ୟନ୍ତ ଅଉ କୌଣସି ଉପାଧିତାଲିକା ବାହାରିବ ନାହିଁ ଏବଂ ସେ କାରଣରୁ ଯେଉଁ ତାଲିକା ବାହାରିବ ତହିଁରେ ଅଭିଷେକ ଉପଲକ୍ଷରେ ବିଶେଷ ଅନୁଗ୍ରହସ୍ୱରୂପ ପ୍ରଦତ୍ତ ହେବା ସମ୍ମାନ ସମୂହର ଉଲ୍ଲେଖ ହେବ । ତା ୨୬ ରିଖ ଜୁନ ପ୍ରାତଃକାଳରେ କେବଳ ସରକାରୀ ଗିର୍ଜାମାନଙ୍କରେ ଦେବାରାଧନା ହେବ ନଚେତ୍ ଅଭିଷେକ ସମ୍ବନ୍ଧୀୟ ସମସ୍ତ ସରକାରୀ କ୍ରିୟା ସନ ୧୯୦୩ ସାଲ ଜାନୁଆରୀ ମାସ ତା ୧ ରିଖରେ ଅନୁଷ୍ଠିତ ହେବ ଏବଂ ସେ ଦିନ ଏହା ଦିଲ୍ଲୀରେ ତାହାଙ୍କ ଭାରତର ସର୍ବତ୍ର ସାଧାରଣ ଉତ୍ସବ ହେବ । ଯେଉଁ ସ୍ଥଳର

Digitized by srujanika@gmail.com

Split by PDF Splitter



ଲୋକମାନେ ବା ସେହିପରି ସଙ୍ଘ, ବାସ୍ତୁ ଜୁନମାସ ତା ୨୬ ରିଖରେ ଏହି ଉତ୍ସବର ଅନୁଷ୍ଠାନ କରିବାକୁ ମନସ୍ଥ କରିଅଛନ୍ତି ବା କରିବେ ସେମାନଙ୍କର ସ୍ୱାଧୀନତାରେ ହସ୍ତକ୍ଷେପ କରିବା ଗବର୍ଣ୍ଣମେଣ୍ଟଙ୍କର ଇଚ୍ଛା ନୁହେ । ମାତ୍ର ସକଳ ଦଗକୁ ଦୃଷ୍ଟି କଲେ ଏହାର ବାଞ୍ଛନୀୟ ଯେ ଏତତ୍ସମସ୍ତ ଭାବରେ କାର୍ଯ୍ୟ ହେବା ଉଚିତ ଏବଂ ସମ୍ରାଟଙ୍କର ଅଭିଷେକ ପ୍ରତିପାଳନ କ୍ରିୟା ଭାରତରେ ହୁଇ ଥିବ ଅଥବା ଭିନ୍ନ ଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ସମୟରେ ଅନୁଷ୍ଠିତ ନ ହୋଇ ଯଥାସାଧ୍ୟ ଏକ ସମୟରେ ସର୍ବତ୍ର ଅନୁଷ୍ଠିତ ହେବା ଉଚିତ । ଏଥିରୁ ପାଠକମାନେ ବୁଝିବେ ଯେ ଆଗାମୀ ଜାନୁଆରୀ ମାସ ତା ୧ ରିଖରେ ଅଭିଷେକୋତ୍ସବର ଅନୁଷ୍ଠାନ କରିବାକାରଣ ଗବର୍ଣ୍ଣମେଣ୍ଟ ସମସ୍ତ ଭାରତବାସୀଙ୍କୁ ପରାମର୍ଶ ଦେଇଅଛନ୍ତି ଏବଂ ଏହି ପରାମର୍ଶ ଯୁକ୍ତିସଙ୍ଗତ ଅଟେ । ଭାରତର ନାନା ସ୍ଥାନରେ କି ପ୍ରକାରେ ଏହି ଉତ୍ସବ ଅନୁଷ୍ଠିତ ହେବ ତହିଁର ଆଦେଶ ଏ ପରେ ବାହାରିବ । ସମ୍ଭବତଃ ସନ ୧୮୭୭ ସାଲରେ ସାମ୍ରାଜ୍ଞୀ ପଦଗ୍ରହଣର ଘୋଷଣା ପ୍ରଚାର କାଳରେ ଯେପରି ହୋଇଥିଲା ସେହି ଆଦର୍ଶରେ ଏବଂ ତଦୋଚିତ ସମାରୋହରେ ସେ କାର୍ଯ୍ୟ ହେବ ଏବଂ ତହିଁ ସହିତ ଯଥାକାଳରେ ଆମ୍ଭମାନଙ୍କର ଅଗ୍ରୋକ୍ତ କରିବା ଉଚିତ । ଦିଲ୍ଲୀରେ ଯେଉଁ ବଡ଼ ଯାତ୍ରା ହେବାର ସ୍ଥିର ହୋଇଅଛି ତାହା ନିମ୍ନେ ପ୍ରକାଶ କଲୁଁ । ଯଥା—

ଆସନ୍ତା ଡିସେମ୍ବର ମାସ ୨୯ ତାରିଖ ସୋମବାର ବଡ଼ଲାଟ ବାହାଦୁର ଦିଲ୍ଲୀଠାରେ ବିରାଜମାନ ହେବେ । ବଡ଼ଲାଟ ମହୋଦୟ ଦିଲ୍ଲୀ ଶୁଭାଗମନ କାଳରେ ଯଥାଯୋଗ୍ୟ ଆଡ଼ମ୍ବର ଓ ବହୁସଂଖ୍ୟକ ଅଶ୍ୱାରୋହୀ ସୈନ୍ୟଦ୍ୱାରା ପରିବେଷ୍ଟିତ ହୋଇ ସହରର ଭିତର ଦେଇ ତାହାଙ୍କର ଶିବିରକୁ ବିଜେ କରିବେ ।

ଡିସେମ୍ବର ମାସର ତିରିଶ ତାରିଖରେ କୌଣସି କ୍ରିୟାକଳାପ ହେବ ନାହିଁ । ୩୧ ତାରିଖରେ ଶିଳ୍ପପ୍ରଦର୍ଶନୀ ଫିଟିବ ଏବଂ ତାହା ଦୁଇ ସପ୍ତାହକାଳ ରହିବ ।

ଜାନୁଆରୀ ମାସ ପ୍ରଥମ ତାରିଖ ବୁଧବାର ବେଳା ଦୁଇ ବାଜିବା ସମୟରେ ଦରବାର ଆରମ୍ଭ ହେବ । ଦରବାର ସ୍ଥଳ ଭିତରେ ଦଶସହସ୍ରଲୋକ ବସିବାର ସ୍ଥାନ ପ୍ରସ୍ତୁତ ହେବ । ଏହି ଗୃହଟି ୩୬ ବିଭାଗରେ ବିଭକ୍ତ କରାଯିବାର ସ୍ଥିର ହୋଇଅଛି ।

ଅପରାପର ଲୋକମାନଙ୍କ ମଧ୍ୟରେ ନିମ୍ନଲିଖିତ ବ୍ୟକ୍ତିମାନେ ଦରବାର ସ୍ଥଳରେ ଉପସ୍ଥିତ ହେବାର ବିଶେଷରୂପେ ଆଦେଶ ହୋଇଅଛି । ଯଥା—ବଡ଼ଲାଟ ବାହାଦୁର; ଓ ତାହାଙ୍କ ସହିତ ଆସିଥିବା, ସଦସ୍ୟବୃନ୍ଦ; ପ୍ରଧାନ ସେନାପତି, ଏବଂ ସୈନ୍ୟଦଳର ପ୍ରଧାନ ଇଂରାଜ ଓ ଦେଶୀୟ ଅଧିବାସୀମାନେ ଦେଶୀୟ ସର୍ଦ୍ଦାର ଓ ସୀମାନ୍ତର ମାଲିକ ଏବଂ ସର୍ଦ୍ଦାରବୃନ୍ଦ, ସ୍ଥାନୀୟ ଗବର୍ଣ୍ଣମେଣ୍ଟ ମାନଙ୍କର ପ୍ରଧାନ କର୍ତ୍ତାମାନେ, ଭାରତ ଗବର୍ଣ୍ଣମେଣ୍ଟର ଅଧୀନସ୍ଥ ନାନା ବିଭାଗର ପ୍ରଧାନ ପ୍ରଧାନ କର୍ମଚାରୀମାନେ, ଏଙ୍ଗଲୋ ଇଣ୍ଡିୟାନ ଓ ଦେଶୀୟ ସମ୍ବାଦପତ୍ର ମାନଙ୍କର ପ୍ରତିନିଧିବର୍ଗ ଏବଂ ଇଉରୋପରୁ ନିମନ୍ତ୍ରିତ ସମ୍ଭ୍ରାନ୍ତ ଲୋକମାନେ ।

ଜାନୁଆରୀ ତା ୨ ରିଖରେ ଆତସବାଜି ପୋଡ଼ା ହେବା ଓ ସହର ଆଲୋକିତ କରାଯିବାର କାର୍ଯ୍ୟମାନ ହେବ । ଉକ୍ତ ମାସର ୬ ତାରିଖରେ ସର୍ଦ୍ଦାରମାନଙ୍କର ଅଭ୍ୟର୍ଥନା ଓ ୮ ଏବଂ ୯ ତାରିଖ ମାନଙ୍କରେ ମଲ୍ଲଯୁଦ୍ଧ ହେବ ।

ଜାନୁଆରୀ ମାସ ୧୦ ତାରିଖରେ ବଡ଼ଲାଟ ବାହାଦୁର ଦିଲ୍ଲୀ ପରିତ୍ୟାଗ କରି କଲିକତାଭିମୁଖେ ଯାତ୍ରା କରିବେ ।

---

## ବୁଅର ଯୁଦ୍ଧର ଶାନ୍ତି ।

ଇଂରାଜ ଓ ବୁଅରମାନଙ୍କ ମଧ୍ୟରେ ସନ୍ଧିପତ୍ର ଲେଖାପଢ଼ି ହୋଇ ଯୁଦ୍ଧ ଶେଷ ହେବାରେ ପୃଥିବୀ କୋଟିଏ ଆପଦରୁ ରକ୍ଷା ପାଇଅଛି ଏବଂ ସେହି ହେତୁରୁ ଚତୁର୍ଦ୍ଦିଗରେ ଆନନ୍ଦର ତରଙ୍ଗ ଉଠିଅଛି । ସନ୍ଧିର ସର୍ତ୍ତ ଏପର୍ଯ୍ୟନ୍ତ ଯାହା ଜଣା ହୋଇଅଛି ତାହା ନିମ୍ନେ ପ୍ରକାଶିତ ହେଲା ଯଥା;—

୧ । ଯେ ସମସ୍ତ ବୁଅର ଯୁଦ୍ଧକ୍ଷେତ୍ରରେ ଅବସ୍ଥିତ ସେମାନେ ଅସ୍ତ୍ର ଶସ୍ତ୍ର ପରିତ୍ୟାଗ କରିବେ । ତୋପ, ବନ୍ଧୁକ, ଗୋଳା, ଗୁଳି ପ୍ରଭୃତି ଯୁଦ୍ଧର ସମସ୍ତ ଉପକରଣ ଇଂରାଜଙ୍କ ନିକଟରେ ସମର୍ପଣ କରିବେ । ବୁଅରମାନେ ଇଂଲଣ୍ଡ ରାଜା ଏଡ୍‌ୱାର୍ଡ଼ଙ୍କର ଆଦେଶ ପାଳନ କରିବେ ଏବଂ ଇଂଲଣ୍ଡର ରାଜାଙ୍କୁ ସେମାନଙ୍କର ରାଜା ବୋଲି ଅବଶ୍ୟ ସ୍ୱୀକାର କରିବେ ।

୨ । ଦକ୍ଷିଣ ଆଫ୍ରିକାର ବହିର୍ଦ୍ଦେଶରେ ଯେ ସମସ୍ତ ବୁଅର ଅବସ୍ଥିତ କରୁଅଛନ୍ତି, ସେମାନେ ଯଦି ସନ୍ଧିର ଏହିରୂପ ସର୍ତ୍ତାନୁସାରେ କାର୍ଯ୍ୟ କରିବାକୁ ଇଚ୍ଛା କରିବେ ତାହା ହେଲେ ସେମାନଙ୍କୁ ଦକ୍ଷିଣଆଫ୍ରିକାକୁ ଆଣିବାକୁ ହେବ । ଷ୍ଟିମାର ଏବଂ ରସଦାଦିର ଯେବେ ଜଲଦ ବନ୍ଦୋବସ୍ତ ହେବ ତେବେ ଜଲଦ ସେମାନଙ୍କୁ ଦକ୍ଷିଣଆଫ୍ରିକାକୁ ଅଣାଯିବ । ଯେ ସମସ୍ତ ବୁଅର ଏହି ସନ୍ଧିର ସର୍ତ୍ତ ସ୍ୱୀକାର କରିବେ ସେମାନଙ୍କର ସମ୍ପତ୍ତି ଏବଂ ସ୍ୱାଧୀନତା ସୁରକ୍ଷିତ ହେବ ।

୩ । ବୁଅର ପିତା ମାତା ଇଚ୍ଛା କଲେ ସ୍କୁଲରେ ସେମାନଙ୍କର ସନ୍ତାନମାନଙ୍କୁ ( ଡାଚ ) ଓଲନ୍ଦାଜ ଭାଷାରେ ଶିକ୍ଷା ଦିଆଯାଇପାରିବ । ଅଉ ଯେତେବେଳେ ଆବଶ୍ୟକ ବୋଧ ହେବ ସେତେବେଳେ ଅଦାଲତରେ ଓଲନ୍ଦାଜ ଭାଷା ବ୍ୟବହୃତ ହେବ ।

୪ । କୃଷିକ୍ଷେତ୍ରାଦିର କ୍ଷତିପୂରଣ ନିମନ୍ତେ ପ୍ରାୟ ୫ କୋଟି ଟଙ୍କା ବୁଅର କୃଷକମାନଙ୍କୁ ଇଂରାଜ ଦେବେ ।

୫ । ପୂର୍ବର ବୁଅର ଗବର୍ଣ୍ଣମେଣ୍ଟ ଏବଂ ବୃଟିଶ ସେନାଧ୍ୟକ୍ଷମାନେ ହ୍ୟାଣ୍ଡନୋଟ ଲେଖିଦେଇ ଯେ ସମସ୍ତ ଟଙ୍କା ନେଇଅଛନ୍ତି ସେହି ହ୍ୟାଣ୍ଡନୋଟ ସମସ୍ତର ସମ୍ମାନ ରକ୍ଷା କରାଯିବ, ଅର୍ଥାତ୍ ସେହି ହ୍ୟାଣ୍ଡନୋଟ ସମସ୍ତର ଟଙ୍କା ପରିଶୋଧ ପକ୍ଷରେ କୌଣସି ବାଧା ଘଟିବ ନାହିଁ ବା ଆପତ୍ତି ଉଠିବ ନାହିଁ ।

୬ । କେପ ରାଜ୍ୟ ଓ ନେଟାଲ ରାଜ୍ୟର ବିଦ୍ରୋହୀମାନଙ୍କର ସେହି ସ୍ଥାନରେ ଆଇନାନୁସାରେ ବିଚାର ହେବ । କେପ ରାଜ୍ୟର ସାମାନ୍ୟ ସେହିମାନେ "ଅମ୍ଭେମାନେ ଦୋଷୀ" ଏହି କଥା କହି ଆତ୍ମସମର୍ପଣ କଲେ ମୁକ୍ତି ପାଇବେ । ମାତ୍ର ଯାବଜ୍ଜୀବନ ସେମାନେ ଭୋଟ ଦେବାକୁ ଅକ୍ଷମ ହେବେ । ସେନାଧ୍ୟକ୍ଷମାନେ ରାଜଦ୍ରୋହୀ ବୋଲି ଆଇନାନୁସାରେ ବିଚାରିତ ହେବେ । ମାତ୍ର ଦୋଷୀ ହେଲେ ତାହାର ପ୍ରାଣଦଣ୍ଡ ହେବ ନାହିଁ ।

୭ । ଟ୍ରାନ୍ସଭାଲ ଏବଂ ଅରେଞ୍ଜ ରାଜ୍ୟରେ ଯେତେ ଶୀଘ୍ର ସମ୍ଭବ ଦେଓ୍ୱାନୀ ଫୌଜଦାରୀ ଅଦାଲତ ପୁନଃ ପ୍ରତିଷ୍ଠିତ ହେବ ଏବଂ ଉପଯୁକ୍ତ କାଳ ଉପସ୍ଥିତ ହେବାମାତ୍ରେ ବୁଅରରାଜ୍ୟରେ ପ୍ରତିନିଧି ପ୍ରଣାଳୀ ଅନୁସାରେ ଆତ୍ମଶାସନ ପ୍ରବର୍ତ୍ତିତ ହେବ ।

ସନ୍ଧିର ଉପରଲିଖିତ ନିୟମମାନ ତାରଯୋଗରେ ଆସିଥିବାରୁ ଅଗତ୍ୟା ସଂକ୍ଷେପ ହୋଇଅଛି ଏବଂ ତହିଁରୁ ସକଳ ସନ୍ଦେହ ଦୂର ହେଉ ନାହିଁ । ଏପରେ ସନ୍ଧିପତ୍ରର ଅବିକଳ ପ୍ରତିଲିପି ଡାକଯୋଗ ଆସିବ ଏବଂ ତହିଁରୁ ସମସ୍ତ କଥା ବିସ୍ତାରିତରୂପେ ଜଣାପଡ଼ିବ । କୌତୁହଳାକ୍ରାନ୍ତ ପାଠକମାନେ ସେପର୍ଯ୍ୟନ୍ତ ଧୈର୍ଯ୍ୟାବଲମ୍ବନ କରନ୍ତୁ । ଆପାତତଃ ସ୍ମରଣ ରଖନ୍ତୁ ଏହି ଯେ ପ୍ରତିଦିନ ଯେ ସମସ୍ତ ତାରସମ୍ବାଦ ଆସୁଅଛି ତହିଁରୁ ପ୍ରକାଶ ଯେ ବୁଅର ସୈନ୍ୟମାନେ ଦଲକୁଦଲ ଇଂରାଜ ପ୍ରତିନିଧିଙ୍କଠାରେ ଆପଣା' ଅସ୍ତ୍ରାଦି ସମର୍ପଣ କରୁଅଛନ୍ତି ଏବଂ ଲୁଚାଇ ରଖିଥିବା ଅସ୍ତ୍ରାଦି ଦେଖାଇ ଦେଉଅଛନ୍ତି । ଯେଉଁମାନେ ରାଜଦ୍ରୋହୀ ହୋଇଥିଲେ ସେମାନେ ମଧ୍ୟ ଆତ୍ମସମର୍ପଣ କରୁଅଛନ୍ତି । ଏଥିରୁ ସ୍ପଷ୍ଟ ଜଣା ଯାଉଅଛି ଯେ ବୁଅରମାନେ ହୃଷ୍ଟଚିତ୍ତରେ ସନ୍ଧିର ନିୟମାନୁସାରେ କାର୍ଯ୍ୟ କରିବାକୁ ପ୍ରସ୍ତୁତ ହୋଇଅଛନ୍ତି । ଇଂଲଣ୍ଡର ପାର୍ଲିୟାମେଣ୍ଟ

Digitized by srujanika@gmail.com

Split by PDF Splitter



ସଭ୍ୟରେ ସନ୍ଧିର ନିୟମମାନ ଲଙ୍ଘିତ ହୋଇଥିଲା ଏବଂ କେବଳ ଜଣ ଅଇରିସ୍ ମେମ୍ବର ଛଡ଼ା ଅନ୍ୟ ସମସ୍ତ ସଭ୍ୟ ଚଳୁଁରେ ଏକବାକ୍ୟରେ ଆନନ୍ଦ ପ୍ରକାଶ କରି ଯୁଦ୍ଧକ୍ଷେତ୍ରରେ ଥିବା ଇଂରାଜସୈନ୍ୟଙ୍କୁ ମଙ୍ଗଳବାଦ ପ୍ରଦାନ କରିଅଛନ୍ତି ଏବଂ ପ୍ରଧାନ ସେନାପତି ଲର୍ଡ଼ କିଚନରଙ୍କୁ ୭॥ ଲକ୍ଷ ଟଙ୍କା ପୁରସ୍କାର ଦେବାର ମଞ୍ଜୁରି କରିଅଛନ୍ତି । ତାହାଙ୍କର ପଦୋନ୍ନତି ମଧ୍ୟ ହୋଇଅଛି । ଅତଏବ ଏହି ଯୁଦ୍ଧ ଯେ ଉଭୟପକ୍ଷଙ୍କ ପ୍ରତି ସନ୍ତୋଷଜନକ ହୋଇଅଛି ଏହା ବୋଲିବା ବାହୁଲ୍ୟ । ପୂର୍ବରୁ ଏହା ହୋଇଥିଲେ ଉଭୟପକ୍ଷର ଅଧିକ ମଙ୍ଗଳ ହୋଇଥାନ୍ତା । କାରଣ ଅନେକ ଅକାରଣ ଜନ ଓ ଅର୍ଥକ୍ଷୟ ନିବାରଣ ହୋଇଥାନ୍ତା । ମାତ୍ର ବିଧାତାଙ୍କର ଇଚ୍ଛା କିଏ ଲଙ୍ଘି ପାରିବ ? ଯାହାହେବାର ହୋଇ ଯାଇଅଛି । ସମ୍ପ୍ରତି ମଙ୍ଗଳରେ ଶେଷ ହେଲା ଏହାହିଁ ଆନନ୍ଦର ବିଷୟ ଅଟେ ।

—୮—

# ସାପ୍ତାହିକ ସମ୍ବାଦ ।

## କଲିକତା-ଗେଜେଟ୍ ।

କଟକ ସଦର ସବଡିଭିଜନର ଡେଃ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ବାବୁ ଯଦୁନାଥ ଘୋଷ ନୂଆ ... ସଦର ସବଡିଭିଜନରେ ଅବସ୍ଥାପିତ ହେଲେ ।

ନୂଆ ନିଯୁକ୍ତ ଡେଃ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ମୌଲବି ମହମ୍ମଦ ଅଲଜାର ଏକ ବର୍ଷର ଛୁଟୀ ପ୍ରାପ୍ତ ହୋଇଅଛନ୍ତି ।

ମିଃ ବୃନ୍ଦାବନଚନ୍ଦ୍ର ଷଡ଼ଙ୍ଗୀ ... ଓ ... ମାହାର ସୁପରଭାଇଜର କାର୍ଯ୍ୟରେ ବାହାଲ ହେଲେ ।

---

ଏ ନଗରର ... ଓ ... ଓବ ... ମଧ୍ୟ ଏପର୍ଯ୍ୟନ୍ତ ଲାଗିଅଛି ମାତ୍ର ମୃତ୍ୟୁସଂଖ୍ୟା ପୂର୍ବଠାରୁ ... ଜଣରୁ ଅଧିକ ନୁହେ । ... ବ୍ରାହ୍ମଣ ... ଏକଜଣ ଏହି ରୋଗରେ ମରିଅଛନ୍ତି ।

ଗତ ... ଏ ନଗରରେ ... ହୋଇ ... ପଡ଼ୁଅଛି । ଅନେକ ଲୋକ ... ଓ ... ରୋଗରେ ପୀଡ଼ିତ ହେଉଅଛନ୍ତି ।

ଏ ନଗରର ... ଅବ ... ଠାରୁ ... କରିବାର ପରେ ଯୋଗାଇଅଛି ।

ବାଲୁବଜାର ... ଖୋରଧା ... ଗ୍ରାମ ... ଚୋରମାନେ ... ଓ ... ଟ ୨୨୦୨୪୦୯ ... ନେଇଯାଇଅଛନ୍ତି । ପୁଲିସ ତଦନ୍ତ କରୁଅଛି ।

ଦେଶୀ ଟୀକା ଦେବା ଅଭିଯୋଗରେ ... ନେଇ ... ... ଓ ... ଅଥଚ ... ଜଣ ... ଟିକାଦାର ... ପାଇଁ ... ଏବଂ ... ଟ ୧୨ ... ଏବଂ ... ଦେଶୀ ଟୀକାଦାରମାନଙ୍କ ସାବଧାନ ।

ଲୁଇଜେସ୍ଥର ଓ ଦକ୍ଷିଣ ଜମ୍ବୁରଠାରେ ଓଲଟ ଅଣୁ ଘୋର ଏବଂ ମଧ୍ୟରେ ଅନେକ ଲୋକ ମରି ଯାଇଥିବାର ସମ୍ବାଦ ମିଳିଅଛି । ... ଯେଉଁ ହରତାଳ ଚାଲୁଥିଲା ... ଯାହା ... ଉଠିଆସିଅଛି । ଏହି ... ଅତି ଭୟାନକ ହୋଇଅଛି ।

ମାର୍କିନ ଦେଶରେ କୋଷ୍ଟ ନାମକ ଗୋଟିଏ ଶିଶୁସନ୍ତାନ ଅଛି । ଏହା ଓଜନରେ ଅର୍ଦ୍ଧସେର ମାତ୍ର । ଏହାର ମାତାର ହାତ ଅଙ୍ଗୁଳିର ମୁଦି ପିଲାର ହାତରେ ପିନ୍ଧାଇ ଦେଲେ କହୁଣୀ ପର୍ଯ୍ୟନ୍ତ ଉଠିଯାଏ । ଜଗତରେ ଏଡ଼େ କ୍ଷୁଦ୍ରକାୟ ଶିଶୁ ଅନ୍ୟ କୌଣସିଠାରେ ନାହିଁ ।

ଶ୍ୟାମ ଦେଶର ପ୍ରଧାନ ଧର୍ମଯାଜକ ବୁଦ୍ଧଧର୍ମର ... ଧର୍ମର ଅଗ୍ରଗମନ ଦର୍ଶନ କରି ଗତମାସ ତା ୨୭ ରିଖରେ କଲିକତାଠାରେ ପହୁଞ୍ଚିଅଛନ୍ତି । ସେଠାରେ ... ଏବଂ ବୁଦ୍ଧ ଗୟା ... କରି ସ୍ୱଦେଶ ଗମନ କରିବେ ।

ଲୁଜଗଞ୍ଜଠାରେ ଦୁର୍ଭିକ୍ଷ ପୀଡ଼ିତ ଲୋକଙ୍କ ସାହାଯ୍ୟାର୍ଥ ... ଏକଶହ ଟଙ୍କା ଦାନ କରିଥିବାର ସମ୍ବାଦ ମିଳିଲା । ଏ ଟଙ୍କାରେ କମ୍ବଳ ଓ ବସ୍ତ୍ର କିଣା ହୋଇ ଦୁଃସ୍ଥ ଶିଶୁମାନଙ୍କୁ ଦାନ କରାଯିବ ।

ଗତ ମେମାସ ତା ୨୯ ରିଖ ପ୍ରଭାତକାଳରେ ... ଠାରେ ଭୟଙ୍କର ଭୂମିକମ୍ପ ଅନୁଭୂତ ହୋଇଥିବାର ସମ୍ବାଦ ମିଳିଲା । ଏହି ଭୂମିକମ୍ପ ହେବାର କାରଣ କଅଣ ?

... ମାନ୍ଦ୍ରାଜଠାରେ ଯେଉଁ ... ହେବାର କଥା ଥିଲା ... ଅନେକ ଅନୁଯାତ୍ରୀ ... ହୋଇଅଛି ।

ମିଶର ଦେଶରେ ... ମୂଳଧନରେ କୃଷି କାର୍ଯ୍ୟ ସ୍ଥାପିତ ହୋଇଥିବାର ସମ୍ବାଦ ମିଳିଲା । ଦେଶୀୟ ମହାଜନମାନଙ୍କ ହାତରୁ ଜମି ଉଦ୍ଧାର କରି ... କୃଷିମାନଙ୍କୁ ଋଣ ଦେବା ଏହାର ଉଦ୍ଦେଶ୍ୟ ଅଟେ ।

ଭାରତବର୍ଷରେ କୋ ୧ ଟି କାରାଗାର ... ଅଛି । ତହିଁ ମଧ୍ୟରୁ କୋ ୪ ଟି ବୋମ୍ବାଇ ଏବଂ କୋ ୪ ଟି ବଙ୍ଗଳା ପ୍ରଦେଶରେ ଅଛି । ଅବଶିଷ୍ଟ କୋ ... ଠାରେ ଅଛି । ଏହି କାରାଗାରମାନଙ୍କରେ ଟ ୭୭,୨୦,୦୦୦ ( ଟଙ୍କା ) ଖର୍ଚ୍ଚ ହୋଇଅଛି ଏବଂ ଗତ ସନ ୧୯୦୧ ମସିହାରେ ୪ କୋଟି ୭୦ ଲକ୍ଷ ପାଉଣ୍ଡ କାଗଜ ପ୍ରସ୍ତୁତ ହୋଇଅଛି । ସେହି କାଗଜର ମୂଲ୍ୟ ୪୫,୮୭,୭୨୪ ଟଙ୍କା ଅଟେ । ଏବଂ ଉକ୍ତ କାରାଗାରମାନଙ୍କରେ ୪୯୬୮ ଜଣ କାର୍ଯ୍ୟ କରୁଅଛନ୍ତି ।

ଫିଲିପାଇନ ମହାସାଗର ... ଉପରେ ... ନଷ୍ଟ ହେବାର ସମ୍ବାଦ ମିଳିଲା । ଏହା ... ପ୍ରକୃଷ୍ଟ ଉଦାହରଣ ।

... ଅଗ୍ନ୍ୟୁତ୍ପାତ ... ହୋଇଥିବାର ସମ୍ବାଦ ମିଳିଲା । ... ଅଗ୍ନ୍ୟୁତ୍ପାତ ଅପେକ୍ଷା ଅଧିକ ... ଏବଂ ଏଥିରେ ... ହୋଇ ... ଯୋଗ ଯାଇଅଛି । ... ଠାରେ ... ନାହିଁ । ... ଠାରେ ... ଉଠିଅଛି ।

କଲିକତା ... ରେଳ ... କାଠଯୋଡ଼ି ... ସମୟରେ ଗୋ ୨ ଟି ... ଫେରୁଥିବା ... ନାମକ ... ରେଳଷ୍ଟେସନ ... ଏବଂ ... ହେଲା ।

କଲିକତାର ... ପୋଷଘର ଜଣେ ବ୍ରାହ୍ମଣ ... ଠାକୁର ମୂର୍ତ୍ତି ... ହୋଇ ... ନିକଟରେ ... ପ୍ରକାଶ କଲା । ... ବ୍ରାହ୍ମଣ ... ଟ ୧୦ ଓ ... ହୋଇଥିବାର ସମ୍ବାଦ ମିଳିଲା । ବ୍ରାହ୍ମଣର ... ଯାଇନାହିଁ ।

କଲିକତାର ... ଦୋକାନରୁ ଚୋରମାନେ ଲୁହା ସିନ୍ଦୂକର ... ମଧ୍ୟରେ ଥିବା ନଗଦ ଟ ୨୦୦୦ କା ଚୋରି କରି ନେଇ ପଳାଇଅଛନ୍ତି । ଚୋରମାନେ ଅଦ୍ୟାପି ଧରା ପଡ଼ି ନାହାନ୍ତି । ଲୁହା ସିନ୍ଦୂକରେ ... ଏ ପର୍ଯ୍ୟନ୍ତ ... ସ୍ଥିର ... ପାରିଲେ ନାହିଁ ।

---

## ମୂଲ୍ୟପ୍ରାପ୍ତି ।

| | |
|---|---|
| ମହେନ୍ଦ୍ରନାଥ ... ଡେପୁଟି କଲେକ୍ଟର କଟକ | ଟ ୧ ୯ |
| ଶ୍ରୀ ବାବୁ ... ସ୍କୁଲ | ଟ ୧ ( |
| " ... ଘୋଷ କଟକ | ଟ ୧ ( |
| " ... | ଟ ୩ ( |
| " ... | ଟ ୭ ( |
| " ... ମହାନ୍ତି ... | ଟ ୧୪ |
| " ... ମହାନ୍ତି ... | ଟ ୨ ( |
| " ... ମହାନ୍ତି ... | ଟ ୩ ( |
| " ... ମହାନ୍ତି ... | ଟ ୩ ( |
| " ... ମଠ ... | ଟ ୩ ( |
| " ... | ଟ ୨ ( |
| " ... | ଟ ୧୪ |
| " ... ଘୋଷ କଟକ | ଟ ୧ ( |
| " ... | ଟ ୪ ( |
| " ... କଟକ | ଟ ୩ ( |
| " ... | ଟ ୨୪/ |

---

## ବିଜ୍ଞାପନ ।




କେବେ ... ଏହି ଔଷଧର ... ଶକ୍ତି ଅତି ...

Digitized by srujanika@gmail.com

କୌଣସି ଔଷଧରେ ତାହା ଦେଖାଯାଏ ନାହିଁ ଯେବେ ତୁମ୍ଭେ ମନେ କରୁଥାଅ ଯେ ତୁମ୍ଭର ରୋଗ ଅସାଧ୍ୟ, ତୁମ୍ଭର ଚିକିତ୍ସକ ନିରାଶ ହୋଇ ତୁମ୍ଭକୁ ଛାଡି ଯାଇଅଛନ୍ତି, ଯଦି ସାଲସା, କଡ଼-ଲିଭରଅଏଲ, ଫସ୍ଫୋରାଇଲ ରେଉନ୍ ଡାକ୍ତର ପ୍ରଭୃତି ପ୍ରଚଳିତ ବିବିଧ ପ୍ରକାର ପେଟେଣ୍ଟ ଔଷଧ ତୁମ୍ଭର ଜୀବନକୁ ହତାଶ କରିଥାଏ, ତେବେ ଥରେ ଏହି ଔଷଧକୁ ପରୀକ୍ଷା କରି ଦେଖ, ପ୍ରତ୍ୟକ୍ଷଫଳ ଦେଖି ଆଶ୍ଚର୍ଯ୍ୟାନ୍ୱିତ ହେବ ରୋଗମୁକ୍ତ ହୋଇ ସୁଖରେ ଦୀର୍ଘଜୀବନ ଲାଭକରିବ । ଯେହେତୁ ଏରୂପ ଶକ୍ତିଶାଳୀ ଅଥଚ ସ୍ଥାୟୀ କ୍ରିୟାପ୍ରଦ ମହୌଷଧ ଇତିପୂର୍ବେ ଏ ଦେଶକୁ କେବେ ଆମଦାନୀ ହୋଇ ନାହିଁ ।

କିଏ ନ ଜାଣେ ସାଲସା, କଡ଼ଲିଭର ଅଏଲ, ପ୍ରଭୃତି ଔଷଧ ସମ୍ବନ୍ଧରେ ରୋଗ ଶଯ୍ୟିରହେ !

କ୍ଷଣିକ ଉପଶମ ଦେଖାଇ ପ୍ରକୃତ୍ତ ସମୟରେ ଭୀରୁ କପୋଳରେ ପ୍ରବଳାକାର ଧାରଣ କରେ । କେତେବେଳେ ତାହା ସାମୟିକ ଶାନ୍ତ୍ୟ ବଶେଷ ହୋଇଯାଏ ଅଥଚ ସକଳ ସମୟରେ ଉକ୍ତ ଧାତୁ ପ୍ରକୃତ ବଶିଷ୍ଟ ଦେହରେ ସମାନ ଫଳ ପ୍ରାପ୍ତ ହୁଏ ନାହିଁ । ବନ୍ଧା ନିୟମର ଅଧୀନରେ ରହିବାକୁ ହୁଏ । କିନ୍ତୁ

ସ୍ପାରମାଟିନ ।

ତାହାର ସଂପୂର୍ଣ୍ଣ ବିପରୀତ ଗୁଣବିଶିଷ୍ଟ ଅର୍ଥାତ୍ ଆରୋଗ୍ୟର କ୍ରିୟା ସ୍ଥାୟୀ, ଯେଉଁ ରୋଗ ଆରୋଗ୍ୟ ହୁଏ ତାହା ଆଉ କେବେହେଁ ଫେରି ଆସେ ନାହିଁ । ସୁତରାଂ ବାରମ୍ବାର ଭିନ୍ନ କପୋଳରେ ସେବନର ପ୍ରୟୋଜନ ହୁଏ ନାହିଁ ବା କୌଣସି ବନ୍ଧା ନିୟମର ଅଧୀନରେ ରହିବାକୁ ହୁଏ ନାହିଁ ଅଥଚ ଶୀତ, ଗ୍ରୀଷ୍ମ, ବର୍ଷା ସକଳ ଋତୁରେ ସକଳ ଧାତୁ ପ୍ରକୃତ ବଶିଷ୍ଟ ଦେହରେ ସମାନ ଉପକାର, ସମାନ କ୍ରିୟା ସମାନ ଗୁଣ ପ୍ରକାଶ କରେ । ସେହି ହେତୁରୁ ଅଷ୍ଟ୍ରିୟା, ଇଉରୋପ ଆମେରିକା ଓ ଅମେରିକା ମହାଦେଶମାନଙ୍କରେ ସର୍ବତ୍ର ସମାନ ଆଦରରେ ଗୃହୀତ ହେଉଅଛି । ପ୍ରତ୍ୟହ ସହସ୍ର ଲୋକ ବ୍ୟବହାର କରୁଅଛନ୍ତି । ଏରୂପ ଚିକିତ୍ସା ବାହୁଲ୍ୟ, ଏବଂ ଅସାଧାରଣ ପ୍ରଶଂସା ପ୍ରଶଂସାପତ୍ରହିଁ ଔଷଧର ଉତ୍କୃଷ୍ଟତା ଏବଂ ଅବ୍ୟର୍ଥତାର ଚୂଡ଼ାନ୍ତ ପ୍ରମାଣ ।

ସ୍ପାରମାଟିନ କଣ ?

କେତେକଜଣ ସୁବିଜ୍ଞ ଶ୍ରେଷ୍ଠ ଚିକିତ୍ସକଙ୍କର ୨୦ ବର୍ଷ ବ୍ୟାପି ଗବେଷଣା ଓ ଅନୁସନ୍ଧାନର ଫଳରେ ଧାତବ, ଉଦ୍ଭିଦ ଓ ଜାନ୍ତବ ପଦାର୍ଥର ବୈଜ୍ଞାନିକାଂଶର ସହିତରେ ସାମ୍ମିଳିତ ନାନାବିଧ କୌଣସି ହିସ୍ଥାୟ୍ୟ ଲାଣ୍ଡବର ଟେଲିଗାଂଶ ସହ ଯୋଗରେ ରାସାୟନିକ ପ୍ରକରଣରେ ଏହି ମହୌଷଧ ଆବିଷ୍କୃତ ।

ଅଥଚ ସେବନରେ ବିସ୍ୱାଦ ବା ଦୁର୍ଗନ୍ଧ ଯୁକ୍ତ ନୁହେ କିନ୍ତୁ ଗୁଣର ତୁଳନାରେ ଏତେ ମାତ୍ରା ଔଷଧ ଏତେ ମୋହର ଅପେକ୍ଷା ମୂଲ୍ୟବାନ ଅଟଇ ।

ସ୍ପାରମାଟିନର ଶକ୍ତି ତିନପ୍ରକାର ରୋଗ ପ୍ରତି ସମ୍ୟକ୍ ଫଳପ୍ରଦ ଅର୍ଥାତ୍ :—

ଶୁକ୍ର, ରକ୍ତ, ଓ ହୃତ୍ପିଣ୍ଡ ବା ଫୁସ୍ଫୁସ ସମ୍ବନ୍ଧୀୟ ପୀଡା—

୧ । ଶୁକ୍ରର ତରଳତା, ଧାତୁ ଦୌର୍ବଲ୍ୟ ପୁରୁଷତ୍ୱ ହାନି, ସ୍ତ୍ରୀ ସହବାସରେ ଅକ୍ଷମ, ସାମାନ୍ୟ ଉତ୍ତେଜନାରେ ରେତସ୍ଖଳନ, ମେହ, ପ୍ରମେହ, ଶୁକ୍ରମେହ, ମୂତ୍ରକୃଚ୍ଛ୍ର, ବହୁମୂତ୍ର, ମୁହୁର୍ମୁହୁ ଅଳ୍ପ ବା ଅଧିକ ପ୍ରସ୍ରାବ, ଟୋପା ଟୋପା ମୂତ୍ର ପତନ, ପ୍ରସ୍ରାବର ଜ୍ୱାଳା, ମୂତ୍ର ସହ ଶୁକ୍ରପତନ, ମୂତ୍ର ନଳରେ କ୍ଷତ, ସ୍ୱପ୍ନଦୋଷ, ପ୍ରମେହ ଓ ଶୁକ୍ର କ୍ଷୟ ଜନିତ ମୁଣ୍ଡବ୍ୟଥା, ହାତ ଗୋଡ଼ ଓ ଚକ୍ଷୁ ଜ୍ୱାଳା, ସ୍ମରଣ ଶକ୍ତିର ହ୍ରାସତା, ଜ୍ୱରଭାବ, ହାତ ଗୋଡ଼ ଫୋଲା କଷ୍ଟ, କେଶର ଅକାଳପକ୍ୱତା, ମୁଣ୍ଡର ବାଳ ଉପୁଡ଼ିବା, ଅକାଳବାର୍ଦ୍ଧକ୍ୟ ଶରୀର ଦୁର୍ବଳ, ପରିଶ୍ରମରେ ଅକ୍ଷମ, ଅଜୀର୍ଣ୍ଣ, କୋଷ୍ଠ-ବଦ୍ଧତା ପ୍ରଭୃତି ଆନୁଷଙ୍ଗିକ ବିବିଧ ପ୍ରକାର ଗୁପ୍ତପୀଡା ଓ ତଜ୍ଜାତ କଷ୍ଟକର ଉପସର୍ଗାଦି ଆରୋଗ୍ୟ କରିବାକୁ ଅବ୍ୟର୍ଥ ।

୨ । ପାରଦ ଓ ଗରମିର ବିଶାକ୍ତତା ବା ବିଷାକ୍ତ ଔଷଧାଦି ବ୍ୟବହାରରେ କିମ୍ବା ମ୍ୟାଲେରିଆର ବିଷ ପ୍ରଭୃତି ଶରୀରରେ ପ୍ରବିଷ୍ଟ ହେବା କାରଣରୁ ରକ୍ତର ଦୂଷିତ, ଗରମୀ ଘା, ପାରଦର ଘା, ନାକ ଓ ମୁଖରେ ଏବଂ ମୁଣ୍ଡରେ ଘା, ମୁଣ୍ଡର ବାଳଉପୁଡ଼ିବା ହାତ ଗୋଡ଼ ଓ ଅସ୍ଥିରେ ବେଦନା, ନୂତନ ପୁରାତନ ମେହ ଘଟିତ ବାତ, ଗରମୀ ବାତ, ଗଣ୍ଠିବାତ, ଶରୀର ଗଣ୍ଠି ଓ ସନ୍ଧିସ୍ଥଳର ବେଦନା ଓ ଫୁଲା, ଚକ୍ଷୁରୁ ଜଳପଡ଼ିବା, ଦେହରେ ଚକା ଚକା ଦାଗ, ହାତ ଓ ଗୋଡର ତଳାରେ ସ୍ଥାନେ ସ୍ଥାନେ ଧଳା ବା କଳାହେବା, ଚମ୍ପା ଚମଡ଼ା ଉଠିବା ପୁନଃ ପୁନଃ ବାଗୀ ଫୁଟିବା, ଦେହରେ ବଥ ବା ବ୍ରଣ ବାହାରିବା ଶରୀର ଫିକାଶିଆ ଶୁଷ୍କ ଓ ଦୁର୍ବଳ ପ୍ରଭୃତି ରକ୍ତ ସମ୍ବନ୍ଧୀୟ ଯାବତୀୟ ପୀଡା, ଉପସର୍ଗାଦି ଆରୋଗ୍ୟ ପକ୍ଷରେ ଅମୋଘ ।

୩ । ଶ୍ୱାସକାଶ, ଦମାକାଶ, ନିଶ୍ୱାସ ପ୍ରଶ୍ୱାସରେ କଷ୍ଟ, ରକ୍ତବମନ, କଫସଙ୍ଗରେ ରକ୍ତମିଶ୍ରିତ ପତନ, ମୁଖରୁ ଓ ନାସିକାରୁ ରକ୍ତପତନ, ଛାତିରେ ବେଦନା, କଫ ଜମିବାର, ସ୍ୱରଭଙ୍ଗ, ବେଳକାଳ ପ୍ରଦାହ, ଅହାରରେ ଅରୁଚି, ଓ ବିଶାଦ, ଘନ ଘନ ଜରବା, ଓ ହୃତ୍କମ୍ପ, ସହଜ ଓ ସାମାନ୍ୟ ଅସ୍ତ୍ରାରେ ସର୍ଦ୍ଦି ଓ କାଶର ଉତ୍ପତ୍ତି, ଫୁସ୍ଫୁସର କାର୍ଯ୍ୟ କରଣଶକ୍ତିର ଅଭାବ; ଇତ୍ୟାଦି ହୃତ୍ପିଣ୍ଡ ବା ଫୁସ୍ଫୁସ ସମ୍ବନ୍ଧୀୟ ଯାବତୀୟ ପୀଡ଼ାର ଅଦ୍ୱିତୀୟ ।

ଉପରୋକ୍ତ ପୀଡା ସମସ୍ତ ଦମନରେ ଏହି ଔଷଧ ଶୀର୍ଷ ସ୍ଥାନୀୟ, ଏଥିରେ ଯେଉଁ ହେ-ମୋଗ୍ଲୋବିନ ଉଦ୍ଭିଦ ପଦାର୍ଥ ଅଛି, ତାହା ଅନ୍ୟ କୌଣସି ଔଷଧରେ ନାହିଁ । ଏବଂ ସେହି ଗବେଷଣା ଲବ୍ଧ ଦୁଷ୍ପ୍ରାପ୍ୟ ପଦାର୍ଥ ଲିଡମ୍ ଏହାର ଏରୂପ ଗୁଣଦାୟକ ହେବାର କାରଣ ଅଟଇ । ଯେବେ ତୁମ୍ଭେ ସେହି ସକଳ ରୋଗରେ କିମ୍ବା ତାହାର କୌଣସି ଉପସର୍ଗରେ ଆକ୍ରାନ୍ତ ହୋଇଥାଅ ତେବେ ଏହି ମହୌଷଧ, ସେବନ କରି ଜୀବନ ରକ୍ଷା କର, ସହଜେ, ସୁଲଭରେ, ସ୍ୱଳ୍ପବ୍ୟୟରେ ସ୍ଥାୟୀ ଆରୋଗ୍ୟ ଲାଭ କରି ଦୀର୍ଘ-ଜୀବନ ପାଇବ । ଶରୀର ହୃଷ୍ଟପୁଷ୍ଟ, ବଳିଷ୍ଠ ଓ କାନ୍ତିବଶିଷ୍ଟ ହେବ । କ୍ଷୁଧା ବୃଦ୍ଧି ହେବ, କୋଷ୍ଠ ପରିଷ୍କାର ହେବ ।

ସ୍ପାରମାଟିନ—ଶରୀର ଯନ୍ତ୍ରର ସମ୍ପୃକ୍ତ ଅଂଶ ଓ ଅଭାବ ଶୀଘ୍ର ଶୀଘ୍ର ପୂରଣ କରିବାକୁ ସାମର୍ଥ୍ୟ ଓ ତାହା ଅକ୍ଷୁନ୍ନ ରଖିବାକୁ ବାଳକ, ବାଳିକା, ଯୁବକ, ଯୁବତୀ, ବୃଦ୍ଧ, ସ୍ତ୍ରୀ ଓ ପୁରୁଷ ସମସ୍ତଙ୍କ ପକ୍ଷରେ ସମାନ ଉପଯୋଗୀ । ସାଧାରଣତଃ ଯେ ସକଳ ପୀଡ଼ାରେ ସାଲସା, କଡ଼ଲିଭର ଅଏଲ ପ୍ରଭୃତି ଔଷଧ ବାରମ୍ବାର ବ୍ୟବହାରର ପ୍ରୟୋଜନ ହୁଅଇ, ସେହି ସକଳ ପୀଡାରେ ସ୍ପାରମାଟିନ ଥରେ ମାତ୍ର ବ୍ୟବହାର କରିବାଦ୍ୱାରା ରୋଗ ସମୂଳେ ଧ୍ୱଂସ ହୋଇଅଛି । ସୁତରାଂ ଏହା ଯେ ପ୍ରଚଳିତ ସର୍ବବିଧ ଔଷଧ ଅପେକ୍ଷା ସର୍ବଶ୍ରେଷ୍ଠ, ସେଥିରେ ଅଣୁମାତ୍ର ସନ୍ଦେହ କରିବାର ଅବସର ନାହିଁ ।

ମୂଲ୍ୟ; ଏକ ସପ୍ତାହ ସେବନୋପଯୋଗୀ ପ୍ରତି ଶିଶି ଟ ୧ ୧ ଏକ ଟଙ୍କା । ଡଜନ ଟ ୧୦ ୧ ପ୍ୟାକିଂ ଓ ଡାକ ମାସୁଲ ଏକ ଶିଶିରେ ଟ ୦ ।୵ ତିନ ଶିଶିରେ ଟ ୦ ।୵ ଓ ୬ ଶିଶିରେ ଟ ୧ ଓ ଡଜନ ଟ ୧।

ପ୍ରାପ୍ତିସ୍ଥାନ ଓ ପତ୍ରାଦି ପଠାଇବାର ଏକମାତ୍ର ଠିକଣା ।

*Manager*
Spermatine Depot
No. 22 Baranasi
Ghose's street
Calcutta.

ମାନେଜର
ସ୍ପାରମାଟିନ ଡିପୋ
ନଂ ୨୨ ବାରାଣସୀ
ଘୋଷ ଷ୍ଟ୍ରିଟ
କଲିକତା

Split by PDF Splitter
Digitized by srujanika@gmail.com

Split by PDF Splitter



# ବିଜ୍ଞାପନ ।

କବିରାଜ ଶ୍ରୀ ନଗେନ୍ଦ୍ରନାଥ ସେନଗୁପ୍ତଙ୍କର

ଆୟୁର୍ବେଦୋକ୍ତ ଔଷଧାଳୟ ।

୧୮ । ୨ ନଂ ଦହରଗୋପଷ୍ଟ୍ରୀଟ, ସିମଳାଅ,

କଲିକତା ।

ଏହି ସ୍ଥାନରେ ସମୁଦାୟ ରୋଗର ଔଷଧ ତୈଳ, ଘୃତ, ମୃଗନାଭି ବା କସ୍ତୁରୀ, ଏବଂ ସ୍ୱର୍ଣ୍ଣ, ମୁକ୍ତା ଓ ପ୍ରବାଳାଦି ଜାରିତ ଧାତୁ ଦ୍ରବ୍ୟାଦି (ଭସ୍ମ) ମିଳେ ସବିଶେଷ ରୋଗିମାନଙ୍କ ପୀଡ଼ାର ଅବସ୍ଥା ଜଣାଇ ଲେଖିଲେ ବ୍ୟବସ୍ଥା ଲେଖି ପଠାଯାଏ ।

## ଯୋଗସିଦ୍ଧ ବଟିକା ।

(ଅର୍ଥାତ୍ ବହିଷ୍କୃତ ଯୋଗୀଙ୍କ ସିଦ୍ଧମହୌଷଧ)
ଏହି ଯୋଗପ୍ରସୂତ ସୁସିଦ୍ଧ ଔଷଧଦ୍ୱାରା ମାନବ ଦେହର ରକ୍ତ ପରିଷ୍କାର ହୋଇ ପ୍ରାୟ ସମୁଦାୟ ପୀଡ଼ା ଆରୋଗ୍ୟ ହୁଏ । କବିରାଜ ଏବଂ ଡାକ୍ତର ମାନଙ୍କ ଦୁଶ୍ଚିକିତ୍ସ୍ୟ ରୋଗସମୂହ ଆରୋଗ୍ୟ କରିବା ବିଷୟରେ ଏପରି ମହୌଷଧ ଆଉ ନାହିଁ ରକ୍ତ ଦୋଷରେ ଯେଉଁମାନଙ୍କର କୋଷ୍ଠ ପରିଷ୍କାର ହୁଏ ନାହିଁ, ଆହାରର ପରେ ଅମ୍ଳୋଦ୍ଗାର (ଖଟାଢେକୁଟି) ଉଠେ, ବାୟୁବୃଦ୍ଧି ହୋଇ ପେଟ ଫୁଲେ ଏବଂ କ୍ଷୁଧା ଲାଗୁଥିଲେ ହୁଏ ନାହିଁ ସେମାନଙ୍କ ପକ୍ଷରେ ଏହି ଔଷଧ ଅବ୍ୟର୍ଥ ଏତଦ୍ଭିନ୍ନ ଅର୍ଶରୋଗ, ଭଗନ୍ଦର, ହୃଦକମ୍ପ, ଅମ୍ଳଶୂଳ, ଶୋଥ, ସକଳପ୍ରକାର ଜ୍ୱର, ଶିରୋରୋଗ, ପାରଦଦୋଷ, ଶରୀରରେ ନାନାପ୍ରକାର ଚକାକଣ୍ଡୁ, ସ୍ୱପ୍ନଦୋଷ, ଧାତୁର ତରଳତା, ପୁରୁଷତ୍ୱହୀନ, ବହୁମୂତ୍ର, ମେହରୋଗ, ମସ୍ତକଘୂର୍ଣ୍ଣନ, ବିନ୍ଦୁ ବିନ୍ଦୁ ମୂତ୍ରସ୍ରାବ ଓ ନାଲିଘା ନିଃଶେଷ ଆରୋଗ୍ୟ ହୁଏ । ବାତବେଦନା, ଗଣ୍ଡିଫୁଲା, ହସ୍ତପଦାଦିର ଜ୍ୱାଳା, ସକଳପ୍ରକାର କାସରୋଗର ମହୌଷଧ । ସ୍ତ୍ରୀଲୋକମାନଙ୍କର ରଜୋଦୋଷ, ବାଧକବେଦନା, ଗୁଳ୍ମ, ଶ୍ୱେତ ଓ ରକ୍ତପ୍ରଦର ଏବଂ ମୂର୍ଚ୍ଛାଦି କଷ୍ଟପୀଡ଼ାର ଶୀଘ୍ର ଶାନ୍ତି ହୁଏ ଏବଂ ଶରୀରର ଲାବଣ୍ୟ ବୃଦ୍ଧି ହୋଇଥାଏ । ଦେହକୁ ରୋଗମୁକ୍ତ କରି ସୁସ୍ଥ ଅବସ୍ଥାକୁ ଆଣିବା ଏହି ଔଷଧର ପ୍ରଧାନ କାର୍ଯ୍ୟ

୪୮ ବଟିକାପୂର୍ଣ୍ଣ ଏକକୌଟିକାର ମୂଲ୍ୟ ଅଠଅଣା ୧୦୦ ବଟିକାପୂର୍ଣ୍ଣ ଏକ ଶିଶିର ମୂଲ୍ୟ ଏକଟଙ୍କା ପ୍ୟାକିଂ ଖରଚ ଏକଅଣା ଏବଂ ଡାକମାଶୁଲ ଚାରି ଅଣା । ଔଷଧି ବ୍ୟବସ୍ଥାପତ୍ର ସଙ୍ଗେ ଔଷଧ ପଠାଯାଏ

# ବିଜ୍ଞାପନ ।

ନୂତନ ପୁସ୍ତକ ।

ଭାଗବତ ଗୀତା ୨ୟ ଖଣ୍ଡ ଟ ୧ ।
ମହୀରାବଣ ଯୁଦ୍ଧ ଟ ୦ ।/
ପ୍ରବନ୍ଧ ଅଣ୍ଣତନ୍ତ୍ର ବା ଜାଦମସ୍ତ ଉପନ୍ୟାସ ଟ ୦ ।୵
ଭକ୍ତି-ସଙ୍ଗୀତ ଟ ୦ /

ଉପରୋକ୍ତ ପୁସ୍ତକମାନ କଟକ ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ ମିଳିବ ।

# ବିଜ୍ଞାପନ ।

TRADE MARK — W. MAJOR & CO.'S MEDICAL LABORATORY CALCUTTA — REGISTERED

ଆଶ୍ଚର୍ଯ୍ୟ ଗୁଣବିଶିଷ୍ଟ ! ପ୍ରତ୍ୟକ୍ଷ ଫଳପ୍ରଦ !!
ଡାକ୍ତର ମେଜର ସାହେବଙ୍କର ଆବିଷ୍କୃତ—ସେହି

"ଇଲେକ୍‌ଟ୍ରୋ ସାଲସା"

ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କର ଆଇନ ଅନୁସାରେ ରେଜିଷ୍ଟ୍ରୀ କୃତ ।

ବହୁ ପରୀକ୍ଷିତ ! ବିଶେଷ ପ୍ରଶଂସିତ !!!
ଅଦ୍ଭୁତ ଓ ଅକୃତ୍ରିମ ।

ଆଉ କାହାରିକୁ ଅସ୍ଥାୟୀ ଗୁଣବିଶିଷ୍ଟ ଦେଶୀ ବା ବିଲାତି ସାଲସା ପ୍ରଭୃତି କୌଣସି ପ୍ରକାର ଔଷଧ ସେବନ କରିବାକୁ ହେବ ନାହିଁ । ଆଉ କାହାରିକୁ ରୋଗ ଯନ୍ତ୍ରଣା ଭୋଗ କରିବାକୁ ହେବ ନାହିଁ । ଯେହେତୁ—

ଇଲେକ୍‌ଟ୍ରୋ ସାଲସା :—ନିଜ ଗୁଣରେ ଚିରସ୍ଥାୟୀ ଜଗତର ସର୍ବୋଚ୍ଚ ସ୍ଥାନ ଅଧିକାର କରିଅଛି ।

ଇଲେକ୍‌ଟ୍ରୋ ସାଲସା :—ପ୍ରତ୍ୟହ ଯେଉଁପରି ହଜାର ହଜାର ବିକ୍ରୟ ହେଉଅଛି ତେଣୁ ବିଦେଶରୁ ସେହିପରି ରାଶି ରାଶି ଅଯାଚିତ ପ୍ରଶଂସାପତ୍ର ଲାଭ କରୁଅଛି

ଇଲେକ୍‌ଟ୍ରୋ ସାଲସା :—ନବୋଦ୍ଭାବିତ ଉପାୟରେ, ବୈଜ୍ଞାନିକ ପ୍ରକରଣରେ ବୈଦ୍ୟୁତିକ-ଶକ୍ତି ସଂଯୋଗେ ପ୍ରସ୍ତୁତ ହୋଇଥିବାରୁ ଏହାର ଅନ୍ୟ ଔଷଧ ଅତ୍ୟନ୍ତ ବେଗରେ ସର୍ବ ଶରୀର ସଞ୍ଚାରିତ ହୋଇପଡେ ଏବଂ ତାହାର ଆରୋଗ୍ୟ-କାରିତା ଶକ୍ତି ଗୁଣରୁ ସଙ୍ଗେ ସଙ୍ଗେ ରୋଗର ପ୍ରବଳତା ଶକ୍ତି ଦମନ କରିଦିଏ ଏବଂ ୨।୧ ମାତ୍ରା ସେବନ ମାତ୍ରେ ରୋଗୋପଶମ ସୂଚନା ଅନୁଭବ କରାଯାଏ, ପୁଣି ୩।୪ ସପ୍ତାହ ମଧ୍ୟରେ ରୋଗର ମୂଳ ପର୍ଯ୍ୟନ୍ତ ଉତ୍ପାଟନ କରି ନବ ସ୍ୱାସ୍ଥ୍ୟ, ନବ ଉତ୍ସାହ, ଓ ନବ ଜୀବନର ପ୍ରାପ୍ତ କରାଇଦିଏ, ଯୌବନ ତାଲୋଚନ ବଳ ବୀର୍ଯ୍ୟ ପୁଣି [illegible] ଆସେ ।

ଇଲେକ୍‌ଟ୍ରୋ ସାଲସା :—ବ୍ୟତୀତ ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କ ଗେଜେଟରେ ପ୍ରଚଳିତ ଓ ବର୍ଣ୍ଣିତ ହେଉଥିବା ସ୍ୱଦେଶୀ ବା ବିଦେଶୀ ସକଳ ପ୍ରକାର ସାଲସା, ସକଳ ପ୍ରକାର ଔଷଧଠାରୁ ଉତ୍କୃଷ୍ଟ ଓ ଅସ୍ଥାୟୀ ଗୁଣବିଶିଷ୍ଟ ଅର୍ଥାତ୍ ରୋଗକୁ ତାଳି ଭଲେ ବନ୍ଦ—

ଇଲେକ୍‌ଟ୍ରୋ ସାଲସା ।—ବୈଦ୍ୟୁତିକ ଶକ୍ତି ପ୍ରଭାବରୁ ରୋଗ ସମ୍ପୂର୍ଣ୍ଣ ଆରୋଗ୍ୟ କରିଦିଏ କଦାପି ପୁନରାକ୍ରମଣ କରେ ନାହିଁ । ବହୁ ପରୀକ୍ଷା ଓ ବହୁଦର୍ଶନ ଫଳେ ଏହା ପ୍ରତିପନ୍ନ ହୋଇଅଛି । ପୁଣି ଏହି ସ୍ଥାୟୀ ଆରୋଗ୍ୟକାରିତା ଗୁଣ ଥିବାରୁହିଁ ଏହି ଅତ୍ୟଳ୍ପ କାଳ ମଧ୍ୟରେ ଏହି ଔଷଧପ୍ଲାବିତ ରାଜ୍ୟରେ ଏପରି ଉଚ୍ଚ ସ୍ଥାନ ଅଧିକାର କରିଅଛି ଯେଉଁଠାକୁ ଥରେ ଔଷଧ ପ୍ରେରିତ ହେଉଅଛି ସେଠା ଅଧିବାସିମାନେ "ଇଲେକ୍‌ଟ୍ରୋ ସାଲସାର" ପକ୍ଷପାତୀ ହୋଇ ବାରମ୍ବାର ତଗଦା ଔଷଧ ପଠାଇବାକୁ ପତ୍ର ଲେଖୁଅଛନ୍ତି । ବଡ଼ ବଡ଼ ଡାକ୍ତରଖାନାରେ ଉପଯୁକ୍ତ ରୋଗିଙ୍କୁ ଏହି ସାଲସା ବ୍ୟବସ୍ଥା କରାଯାଉଅଛି । ଆସିଆ, ଇଉରୋପ, ଆମେରିକା, ଆଫ୍ରିକା ମହାଦେଶର ଲକ୍ଷ ଲକ୍ଷ ଲୋକେ ପ୍ରତ୍ୟହ ବ୍ୟବହାର କରୁଅଛନ୍ତି । ଭାରତର କୁଟୀରବାସୀ କୃଷକଠାରୁ ମୁକୁଟଧାରୀ ରାଜା ମଧ୍ୟ ସମସ୍ତେ ସମାନ ଆଦରର ସହିତ ଗ୍ରହଣ କରୁଅଛନ୍ତି । ଇଲେକ୍‌ଟ୍ରୋ ସାଲସା ସତ୍ୟ ଯେପରି ବ୍ରହ୍ମାଣ୍ଡ ଜୟ କରିବାକୁ ଶୁଭକ୍ଷଣରେ- ଶୁଭମୁହୂର୍ତ୍ତରେ ଆବିଷ୍କୃତ ହୋଇଥିଲା !!! ବାସ୍ତବିକ ଏରୂପ ସଫଳତା ଏରୂପ ଆରୋଗ୍ୟକାରିତା ଏରୂପ ଅଲୌକିକତା ଔଷଧ ଏକାଧାରେ ଏତେ ଅଧିକ ଗୁଣସମ୍ପନ୍ନ ଇତିପୂର୍ବେ ସୃଷ୍ଟ ହୋଇ ନାହିଁ ।

ଇଲେକ୍‌ଟ୍ରୋ ସାଲସା ।—ଦୂଷିତରକ୍ତ ଶୋଧନ କରିବାକୁ, ନୂତନ ରକ୍ତକଣିକା ସୃଷ୍ଟି କରିବାକୁ ବାତ, ପକ୍ଷାଘାତ, କଟିବାତ, ଆଣ୍ଠୁଗଣ୍ଠି ଫୁଲିବା କୁଣ୍ଡେଇ ହୋଇ ଫଳ ଉଠିବା, କୁଞ୍ଚିଆଣ, ଚୁଲି କରମି ଓ ପାଙ୍କଲ ଘା, ନାକ ଓ କାନର ଘା ହେବାରେ ବା ହସ୍ତ ଓ ପଦ ତଳରେ ଫାଟ ଗଲିକିର ଖାତା ବା କଳା ଛିଟ, ଧବଳ କୁଷ୍ଠରୋଗର ପ୍ରାରମ୍ଭାବସ୍ଥା ଇତ୍ୟାଦି ରକ୍ତସମ୍ବନ୍ଧୀୟ ସର୍ବପ୍ରକାର ପୀଡ଼ା ଓ ଉପସର୍ଗ ଏବଂ ତହିଁର କଷ୍ଟଦାୟକ ଯନ୍ତ୍ରଣାଦି ପୁଣି ପାପ ଓ ଗଲିତକ୍ଷତର ଜଡ଼ ନାଶ କରିବାକୁ ଏହାପରି ସ୍ଥାୟୀ ଆରୋଗ୍ୟକର ଔଷଧ ଦ୍ୱିତୀୟ ନାହିଁ ।

ଇଲେକ୍‌ଟ୍ରୋ ସାଲସା ।—ତରଳ ଶୁକ୍ର ଗାଢ଼ କରିବାକୁ ଶୁକ୍ରକାର୍ଯ୍ୟ ସ୍ନେହଯୁକ୍ତ କରିବାକୁ— ହ୍ରାସପ୍ରାପ୍ତ ବୀର୍ଯ୍ୟର ପରିମାଣ ବୃଦ୍ଧି କରିବାକୁ— ସ୍ତ୍ରୀ ସହବାସରେ କ୍ଷମତା ଜନ୍ମାଇବାକୁ,— ତଥା ସାବଗୀୟ ଶୁକ୍ରବ୍ୟାଧି— ଅର୍ଥାତ୍—ମେହ, ପ୍ରମେହ, ଶୁକ୍ରମେହ, ଧାତୁଦୌର୍ବଲ୍ୟ, ବହୁମୂତ୍ର, ବାରମ୍ବାର ଅଧିକ ବା ଅଳ୍ପ ପ୍ରସ୍ରାବ ହେବା, ମେହବାତ, ପ୍ରସାବ ଜଳିବା, ଲୁଗାରେ ଦାଗ ପଡ଼ିବା, ମୂତ୍ର ତାଳରୁ ଶୁକ୍ର ବା ପୂଜ-ରକ୍ତ ପଡ଼ିବା, ସ୍ୱପ୍ନଦୋଷ,

Digitized by srujanika@gmail.com

ସ୍ବପ୍ନାବ ସହିତ ବା ସରେ-ଦୃଶ୍ୟ ବା ଅଦୃଶ୍ୟ ଶୁକ୍ର ଝରିବା, ଶଯ୍ୟା ମଳ ବେଗରେ ବୀର୍ଯ୍ୟ ନିର୍ଗତ ହେବା ମୈଥୁନ ବା ଅତିରିକ୍ତ ସହବାସ ହେତୁ ସ୍ମରଣ, ଶକ୍ତି ହ୍ରାସ, ମୁଣ୍ଡ ଘୂରିବା, ଚକ୍ଷୁର ଅନ୍ଧକାର ଦର୍ଶନ ପ୍ରଭୃତି, ଚଲିବା ବୁଲିବାକୁ ଅସମର୍ଥତା, ସାମାନ୍ୟ ସହବାସ ବା ଉତ୍ତେଜନା ମାତ୍ର ଶୁକ୍ର ସ୍ଖଳନ ହେବା ଇତ୍ୟାଦି ଯାବତୀୟ ଶୁକ୍ରଘଟିତ ବ୍ୟାଧି, ଲକ୍ଷଣ ଓ ଉପସର୍ଗାଦି ସମୂଳେ ଧ୍ୱଂସ କରିବାକୁ ଅବ୍ୟର୍ଥ ଓ ଅମୋଘ ।

ଇଲେକ୍‌ଟ୍ରୋ ସାଲସା :—ର ଗୁଣାବଳୀ ପ୍ରକାଶ କରିବା ବାହୁଲ୍ୟ, ଥରେ ପରୀକ୍ଷା କରି ଦେଖ ! ସଙ୍ଗେ ସଙ୍ଗେ ଶୁଭଫଳ ଫଳିବ । କ୍ଷୁଧା ବୃଦ୍ଧି ହେବ । କୋଷ୍ଠ ପରିଷ୍କାର ହେବ । ଦେହରେ ଦ୍ୱିଗୁଣ ବଳ ସଞ୍ଚାରିତ ହେବ, ପୁଣି ଦୁର୍ବଳ ଲୋକ ଶୀଘ୍ର ଦେହ ସବଳ-ହୃଷ୍ଟପୁଷ୍ଟ ଓ କାନ୍ତିଯୁକ୍ତ ହେବ । ଶରୀରର ଓଜନ କ୍ରମେ ବଢ଼ିଥିବ ।

ଇଲେକ୍‌ଟ୍ରୋ ସାଲସା :—ସହିତ କୌଣସି ପ୍ରକାର ଖଟାଇ ଦ୍ରବ୍ୟର ସଂଶ୍ରବ ନାହିଁ । ସୁସ୍ଥ, ଅସୁସ୍ଥ ଆବାଳ ବୃଦ୍ଧ ସମସ୍ତେ ସକଳ ଅବସ୍ଥାରେ ସକଳ ସମୟରେ ସେବନ କରି ପାରନ୍ତି, ଅଥଚ କୌଣସି କଠିନ ନିୟମରେ ଅବଦ୍ଧ ହୋଇ ରହିବାକୁ ହୁଏ ନାହିଁ ।

ବିଶେଷଦ୍ରଷ୍ଟବ୍ୟ :—ଯଥା ତ୍ରମରେ ହତ ଜାସ୍ତ କର ନାହିଁ ! ଅସାର ଅନ୍ତଃସାର ଶୂନ୍ୟ ବିଜ୍ଞାପିତ ଔଷଧାଦି-ସେବନରେ କୌଣସି ଫଳ ନାହିଁ !!

"ଇଲେକ୍‌ଟ୍ରୋ ସାଲସା" ଭୁମ୍ ଯେପରି ପ୍ରକୃତ ଔଷଧ ! କେହିହେଲେ କୋଟିଏ ରୋଗୀ ସୁଦ୍ଧା ଆଜଯାଏ ନୈରାଶ୍ୟ ହୋଇ ନାହିଁ ତାହାର ବହୁ ଦୃଷ୍ଟାନ୍ତ-ବହୁ ପ୍ରଶଂସାପତ୍ର-ବହୁ ପ୍ରମାଣ ପୁସ୍ତିକା ତାଲିରେ ଛପା ହୋଇଅଛି । ଶୀଘ୍ର ପ୍ରକାଶିତ ଓ ବିତରିତ ହେବା ପ୍ରତ୍ୟେକ ଗ୍ରାହକ ତାହା ପାଇବେ ।

ବହୁ ଓଡ଼ିଶାବାସୀ ଟେଲିଗ୍ରାଫ୍ ପଠାଇ ଔଷଧ ମଗାଇଅଛନ୍ତି - ସେମାନଙ୍କର ଓ ଅସଂଖ୍ୟ ଦୂର ଦେଶବାସୀ ରୋଗିଙ୍କର ସୁବିଧାର୍ଥେ-ପୁଣି ଟେଲିଗ୍ରାଫ୍ ପଠାଇବାର ବ୍ୟୟ ଲାଘବାର୍ଥେ-ବହୁ ବ୍ୟୟ କରି ଗଭର୍ଣ୍ଣମେଣ୍ଟଙ୍କର ନିୟମାନୁଯାୟୀ ଅସ୍ମାକ ବର ସଂକ୍ଷିପ୍ତ ନାମ ଓ ଠିକଣା ଚିରସ୍ଥାୟୀ ରୂପେ ରେଜିଷ୍ଟ୍ରି କରାଯାଇଅଛି ଅତଃପର ଟେଲିଗ୍ରାଫର ଠିକଣା କେବଳ "ମେଜର—କଲିକତା" ଲେଖିଲେ ଖୁବ ଶୀଘ୍ର ତାହା ଅଳ୍ପ ଅଫିସରେ ପହୁଞ୍ଚିବ ।

ଇଲେକ୍‌ଟ୍ରୋ ସାଲସାର :—ଅନ୍ୱେଷଣକାରୀ—ଡାକ୍ତର କେନମ୍ବ, ମେଜର ଏମ୍, ଏ, ଏମ୍, ଡି, ଇଲେକ୍ଟ୍ରିସିଅନ, କଉସ୍ଟର୍କ ଅମେରିକା । ଭାରତବର୍ଷରେ ଏକମାତ୍ର ଏଜେଣ୍ଟ ଓ ପ୍ରୋପ୍ରାଇଟର୍—"ଡବଲିଉ,ମେଜର ଏଣ୍ଡ କୋମ୍ପାନି," କଲିକତା

☞ ଏହାର ସମ୍ବନ୍ଧେ ଅପରାପର ବିବରଣ ଅନ୍ୟ ପୃଷ୍ଠାରେ ଦେଖ

ଏହାପର ଆଦର୍ଶ "ଟ୍ରେଡମାର୍କ" ଯେଉଁ ଶିଶିରେ ସଂଲଗ୍ନ ନାହିଁ ତାହା କୃତ୍ରିମ ଔଷଧ ଜାଣିବେ; ଏବଂ ସେହି କୃତ୍ରିମକାରୀଙ୍କୁ ଧରାଇ-ଦେଇ ପ୍ରମାଣ କରିପାରିଲେ ପାଞ୍ଚହଜାର ଟଙ୍କା ପୁରସ୍କାର ପାଇବେ ।

[illegible]

[illegible]

ମେଜର ଗବେଷଣା-ବୈଜ୍ଞାନିକ ଭଟ୍ଟାଚାର୍ଯ୍ୟ ମହାଶୟ ଡାକ୍ତର କେନମ୍ବ, ମେଜର ଏମ୍, ଏ,ଏମ୍, ଡି ନାଲେଜଙ୍କ ଅନ୍ୱେଷିତ :—

"ଇଲେକ୍‌ଟ୍ରୋ ସାଲସା"



ଏପରି ସର୍ବଗୁଣ ସମ୍ପନ୍ନ ଔଷଧ ଏତଦ୍ଦେଶ କେବେହେଁ ଅବଗତ ହୋଇ ନାହିଁ । ଏହାର ଗୁଣ ଅସୀମ, କ୍ରିୟା ଅଲୌକିକ, ଶକ୍ତି ମନ୍ତ୍ରବତ୍ ଅଦ୍ଭୁତ । ଯେଉଁ ରୋଗ କୌଣସି ଔଷଧରେ ଆରୋଗ୍ୟ ହୁଅନ୍ତି ନାହିଁ, ବଡ଼ ଡାକ୍ତରମାନେ ଯେଉଁ ରୋଗ ଅସାଧ୍ୟ ବୋଲି ନିର୍ଦ୍ଦେଶ କରିଅଛନ୍ତି ଏହି ମହୌଷଧ ସେହି ରୋଗରେ ଦେଖାଅ ।

ଇଲେକ୍‌ଟ୍ରୋ ସାଲସା—ନବୋଦ୍ଭାବିତ ବୈଦ୍ୟୁତିକ ସ୍ବାଭାବିକ ପ୍ରକରଣରେ ପ୍ରାକୃତିକ ଶକ୍ତି ସଂଯୁକ୍ତ ଥିବାରୁ ଶୀଘ୍ର ମାନବ ଦେହରେ ଏହା ସହିତ କ୍ରିୟା ପ୍ରକାଶ ପାଏ ଏବଂ ପ୍ରତ୍ୟେକ ଔଷଧ ସେବନରୁ ମନରେ ତୃପ୍ତି ଜନ୍ମେ ସେବନାନ୍ତରରେ କୌଣସି ବୈଦ୍ୟୁତିକ କ୍ରିୟା ଅନୁଭବ ହୋଇ-ଥାଏ । ଏଥିପାଇଁ ଏହାର ଶକ୍ତିମତ୍ତାର ପ୍ରଥମ ପରିଚୟ ଅଲୌକିକତାର ପ୍ରଥମ ପ୍ରମାଣ ! !

ବିଜ୍ଞାନ—ଅସ୍ମାକଙ୍କ ଚେଷ୍ଟା ଦେଖାଉଅଛନ୍ତି ଯେ ଉପରୋକ୍ତ ଲକ୍ଷଣ ଦୁର୍ଭୋଗ୍ୟ ଶକ୍ତି ପ୍ରକୃତିରେ ଗଠନ । ତାହାର ପ୍ରକାଶ ବାଂଶିକ ପ୍ରକୃତ ଦେବା ସମ୍ଭବ ନାହିଁ । ଏହା ତାହାର ଏମନ୍ତ ଶକ୍ତି ଯେ ଲକ୍ଷଣରେ ପ୍ରୟୋଗ କରାଗଲେ, ତାହା ଯେ ଅଲୌକିକ ଶକ୍ତି ଥାଇଣ କହିବା ବାହୁଲ୍ୟ ଅଳ୍ପ କଥନ ନୁହେଁ ?

ପାଶ୍ଚାତ୍ୟ ଶାସ୍ତ୍ରଜ୍ଞ ପଣ୍ଡିତ ପଣ୍ଡିତମାନେ କୋଉନ୍ତି, ଭାରତୀୟ ଋଷିମାନଙ୍କ ଉଦ୍ଭାବିତ ଓ ସାନ୍ଧ୍ୟ ଶକ୍ତିର ଅନୁସାରରେ ଏକଠା ବୈଦ୍ୟୁତିକ ଶକ୍ତିର ଦାର ହୋଇ ଧାତୁସମୂହର ବଳବୃଦ୍ଧି ଘଟେ ଏବଂ ପଦାର୍ଥମାନଙ୍କ ଭକ୍ତି ଓ ଶୁକ୍ର ସମ୍ବନ୍ଧୀୟ ପୀଡ଼ାର ସମ୍ପୂର୍ଣ୍ଣ ଦୂର ହୁଏ । ଯଦି ଶରୀର ଦ୍ରାବକ ଦ୍ବାରା ବୈଦ୍ୟୁତିକ ଶକ୍ତିର ସମତା ରକ୍ଷା କରାଯାଇ ପାରେ, ମାନବ ଜରାରୋଗ ଓ ଅକାଳମୃତ୍ୟୁ ହେବାକୁ ଦୂରୀଭୂତ । ମାତ୍ର ଔଷଧ ପ୍ରସ୍ତୁତ କରିବାର ନିୟମ ସହଜ କରାଯାଇ ନ ପାରେ । ତେଣୁ ତାହାର ଶକ୍ତି ସଂଯୋଗ ବ୍ୟୟସାଧ୍ୟ କୌଣସି

ଔଷଧରେ ସେ ଅଦ୍ଭୁତ ସମ୍ବନ୍ଧ ମୋଚନ ହୋଇ ନ ପାରେ ସେଥିପାଇଁ ପାଶ୍ଚାତ୍ୟ ବୈଜ୍ଞାନିକମାନେ ବହୁ ଗବେଷଣାରେ ପ୍ରଥମେ ବୈଦ୍ୟୁତିକ ଶକ୍ତି ବା ତାଡ଼ିତର ଅବସ୍ଥାନ କରିବା ଏବଂ ରୋଗୀ ଦେହରେ ତାହାର ବାହ୍ୟକ ପ୍ରୟୋଗ କରିବା ଯାଉ, ପଶ୍ଚାତ୍‌, ଅନେକ ଚୌମ୍ବକୀୟ ପ୍ରଭୃତି କେତେକ ଚିକିତ୍ସାର ଅଶ୍ରୁ ବମନ ନିର୍ଦ୍ଦୋଷ କରିବାକୁ ଚେଷ୍ଟା କରୁଅଛନ୍ତି । ଫଳରେ ତହିଁର କ୍ରିୟା ମଧ୍ୟ ଯେ ଅସ୍ଥାୟୀ ଏ କଥା ନିଶ୍ଚିତ ସେମାନଙ୍କ ଏବେ ଅଧିକ ବୁଝାଇ ଦେବାକୁ ହେବ ନାହିଁ । ଅଥଚ ଏ ସଂଶୋଧିତ ପ୍ରାଚୀନରେ କଞ୍ଜନର ମହୌଷଧି ଶକ୍ତି ହୀନ ତାହା ମେଜର ସାହେବଙ୍କ ଅନୁସନ୍ଧାନ ପ୍ରୟୋଗାର୍ଥ ତାହାକୁ ଶକ୍ତି ମେରୁଦଣ୍ଡ ରାଜ୍ୟରେ ସଂଯୋଗ କରି ଏବଂ ଅମୋଘ ଔଷଧର ସୃଷ୍ଟି କରି ପ୍ରଚାରିତ କରୁଅଛନ୍ତି ଏବଂ ଶୁକ୍ର ଓ ରକ୍ତ ସମ୍ବନ୍ଧୀୟ ପୀଡ଼ାର ଅବ୍ୟର୍ଥ ଆରୋଗ୍ୟ ପ୍ରଦ ହେବେ ତାହା ତାଙ୍କଠାରେ ନିଶ୍ଚୟ ସୁଫଳ ଅତି ଦେଖାଅଛନ୍ତି !!!

ଅଳ୍ପ ଦିନରୁ ଅଧିକ ଓ ଅସ୍ଥାୟୀ ଗୁଣଦର୍ଶୀ କୃତ୍ରିମ ସାଲସା ବା କୌଣସି ପ୍ରକାର ଔଷଧ ସେବନ କରିବାରୁ ହେବ ନାହିଁ ଅଳ୍ପ ଦିନରୁ ରୋଗ ଯନ୍ତ୍ରଣା ଭୋଗିବାକୁ ହେବ ନାହିଁ ଅତଏବ ଏହି ମହୌଷଧକୁ ଏହି ମହାଶକ୍ତିକୁ ଏହି ବୈଦ୍ୟୁତିକ ଶକ୍ତିର "ଇଲେକ୍‌ଟ୍ରୋ ସାଲସା" କୁ ପରୀକ୍ଷା କରି ଦେଖନ୍ତୁ ସଙ୍ଗେ ସଙ୍ଗେ ଶୁଭଫଳ ପାଇବ ଶରୀର ଚିର ଦିନ ସୁସ୍ଥ ନିର୍ମଳ ହେବ, ଯୌବନକାଳୋଚିତ ବଳବୀର୍ଯ୍ୟ ଓ କାନ୍ତି ପୁନି ଫେରିପାଇବ ।

ରକ୍ତ ପିତ୍ତର ଦୃଷ୍ଟି, ବାତରକ୍ତ, ଗର୍ମୀ, ଉପଦଂଶ, ଗର୍ମି ଘା, କାଛୁଆ, ଗାତ୍ରକଣ୍ଡୁ, କାଛୁ, ଖଜୁ, ରକ୍ତପିତ୍ତ ପ୍ରମେହ, ଆଣ୍ଠୁ ଫୁଲିବା, ଗଣ୍ଠି ଫୁଲିବା, ସ୍ବପ୍ନଦୋଷ ପ୍ରସ୍ରାବ ଜଳିବା, ସ୍ତ୍ରୀ ସହବାସର ଅକ୍ଷମ, ରକ୍ତ ଝଡ଼ିବା, ମୁଣ୍ଡ ବୁଲିବା, କୋଷ୍ଠବଦ୍ଧ ପ୍ରଭୃତି ଶୁକ୍ର ଓ ରକ୍ତସମ୍ବନ୍ଧୀୟ ପୀଡ଼ା—ଯେତେ ପୁରୁଣା, ଯେତେ କଠିନ ଓ ଯନ୍ତ୍ରଣା ହେଉ ଏହି ସାଲସା ସେବନରେ ତାହା ଅବଶ୍ୟ ଦୂର ହେବ ।

ବିଶେଷ ବିବରଣ ପୁସ୍ତିକା ଦ୍ବାରା ଜାଣନ୍ତୁ । ମୂଲ୍ୟ ୧ ସପ୍ତାହ ସେବନୋପଯୋଗୀ ବଡ଼ ଶିଶି ଟ ୨୮୦ ଶିଶିର ୧ ଶିଶି ଟ ୨୦ ତିନିଶିଶି ଟ ୬୦୧ ଛଅଶିଶି ଟ ୧୦୧ ଡାକମାଶୁଲ ଓ ପ୍ୟାକିଂ ଖର୍ଚ୍ଚ ଶିଶିରେ ଟ ୦ ।୶, ୩ ଶିଶିରେ ଟ ୦ ।।୶, ୬ ଶିଶିରେ ।।୶, ଦଶଶିଶିରେ ଟ ୧୶ ।

ଅନୁଗ୍ରହକରି ପତ୍ର ପଠାଇବାର ଠିକଣା

W, MAJOR & Co } ଡବଲିଉ, ମେଜର ଏଣ୍ଡ କୋଂ
Calcutta } କଲିକତା

TELEGRAPHIC ADDRESS.
"MAJOR" Calcutta

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ

ଧାଡ଼ିପ୍ରତି ୵୦୬

ଅଧସ୍ତମ୍ଭକୁ ଟ ୬୧

ପୂର୍ଣ୍ଣ ଏକ ସ୍ତମ୍ଭକୁ ଟ ୮୧

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ, ତହିଁର ଖର୍ଚ୍ଚ ଟ୦ ୪ ଠାରୁ ନ୍ୟୁନ ହେବ ନାହିଁ ।

ଦ୍ବିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚା ପ୍ରଥମ ଥରର ଅର୍ଦ୍ଧେକ ଓ ତୁଳନାରେ ଯଥାକ୍ରମେ ହେବ ଅଧିକ ଦିନ ସକାଶେ ସ୍ବତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ଅଗ୍ରୀମଭାବେ ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ସମ୍ପାଦକ ଦ୍ବାରା ଉତ୍କଳ ଯନ୍ତ୍ରରେ ଓ ପ୍ରକାଶକ ଗୌରୀଶଙ୍କର ରାୟଙ୍କ ଦ୍ବାରା ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter

Split by PDF Splitter



## ସାପ୍ତାହିକ ସମ୍ବାଦ ।

କଲିକତା ପ୍ଲେଗ କମିଶନରଙ୍କ ଅଦାଲତରେ ସରକାରୀ ଟେକା ସମୟରେ ଜଣେ ଉକିଲର ମୋହରିର ସାକ୍ଷୀକୁ ଅନ୍ୟ ଶୁଦ୍ଧାର ସହିତ କରାଣ ଦିଗିତ କରିବା ଉପରେ ୫ ୨୫ ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ ହୋଇଅଛି । ମୋହରିରମାନେ ସାବଧାନ ।

ଇଟାଲିର ରାଜା ରେଳ ଗାଡ଼ିରେ ଭ୍ରମଣ କରୁଥିବା ସମୟରେ କେପଲିନ୍ନ ଠାରେ ଛାମୁର ବାଳ ଗେଳାଉ ଅଟକ ରହିଲେ ଜଣେ ବୃଦ୍ଧଲୋକ ତାଙ୍କ ମଥାକୁ ଫୋପାଡ଼ିଲା । ରାଜାଙ୍କ ଦେହ ଲୋକ ଆହତ ହୋଇ ଦଉଡ଼ିଗଲେ ଅଛି କୌଣସି ଅନିଷ୍ଟ ଦୈବଦ୍ୟଜନେ ହୋଇ ନାହିଁ ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

ମାନ୍ୟବର ଶ୍ରୀଲ ଶ୍ରୀଯୁତ ଶ୍ରୀ ଉତ୍କଳଦୀପିକା

ସମ୍ପାଦକ ମହୋଦୟ ଉଦାରଚରିତେଷୁ

ମହାଶୟ !

ନିମ୍ନୋକ୍ତ ପଙ୍କ୍ତିଗୁଡ଼ିକୁ ଆପଣଙ୍କ ଜଗଦ୍‌ବିଖ୍ୟାତ ପତ୍ରିକାରେ ସ୍ଥାନ ଦାନ କରି ଅନୁଗୃହୀତ କରିବେ ।

ଏହି ରାଜଧାନୀର ସଲଗ୍ନ ଶ୍ରୀ ଗଧାନାଥପୁର ନାମକ ବ୍ରାହ୍ମଣ ଶାସନରେ ଜଳାଶୟର ଅଭାବ ଥିବାରୁ ଉକ୍ତ ବ୍ରାହ୍ମଣମାନେ ଗତ ପୌଷମାସରେ ଶ୍ରୀମତୀ ପଟ୍ଟମହିଷୀ ମହୋଦୟାଙ୍କ ଜନ୍ମୋତ୍ସବ ଦିବସରେ ଏକଗୋଟି ଆବେଦନ ପତ୍ରଦ୍ୱାରା ଜଣାଇଥିଲେ ଯେ "ଆମ୍ଭେମାନେ ଦୂରଦେଶରୁ ଅସି ଏଠାରେ ବସତି କରି ପରମସୁଖରେ କାଳାତିପାତ କରୁଅଛୁଁ । କିନ୍ତୁ ଆମ୍ଭେମାନେ ସଦାବ ପକ୍ଷେ ବିଶେଷ କଷ୍ଟ ଭୋଗ କରୁଅଛୁଁ । ଆପଣ ଏହି ଗ୍ରାମଜାତରେ ଗୋଟିଏ ଜଳାଶୟ ଖନନ କରାଇ ଦୟାବ ଦାନରେ ଜଳକଷ୍ଟରୁ ଉଦ୍ଧାର କରନ୍ତୁ" ତହିଁର ଉତ୍ତରରେ ଶ୍ରୀମତୀ ରାଣୀ ମହୋଦୟା ଆଦେଶ କଲେ ଯେ "ଆମ୍ଭେ ଯେତେ ଶୀଘ୍ର ହୋଇପାରେ ସେତେ ଶୀଘ୍ର ଗୋଟିଏ ପୁଷ୍କରିଣୀ ଖୋଳାଇଦେବୁଁ" ଉକ୍ତ ଲିଖିତ ବାକ୍ୟଟି ଗତ ଶୁକ୍ରବାର ଦିନ କାର୍ଯ୍ୟରେ ପରିଣତ ହୋଇଥିବାରୁ ( ପୁଷ୍କରିଣୀର ପ୍ରତିଷ୍ଠା ହୋଇଥିବାରୁ ) ଆମ୍ଭେମାନେ ଶ୍ରୀମଦ୍ ରାଧାଗୋବିନ୍ଦ ଚରଣାରବିନ୍ଦରେ ଶ୍ରୀମତୀ ରାଣୀ ମହୋଦୟାଙ୍କ ଶୁଭ କାମନା କରୁଅଛୁଁ । ଇତି ।

ପୁନଶ୍ଚ ଆମ୍ଭମାନଙ୍କର ମାନ୍ୟବର ପ୍ରଜାବତ୍ସଳ ରାଜା ମହୋଦୟ ପ୍ରଜାବର୍ଗଙ୍କ ଦୁଃଖାପନୋଦନରେ ନିରତିଶୟ ତତ୍ପର ହୋଇ ଏହି ରାଜଧାନୀର ଅନତିଦୂର । ମୌ । ରଞ୍ଜନବର ଓ ଯୋରନା ଏହି ଉଭୟ ଗ୍ରାମରେ ଦୁଇଗୋଟି ପୁଷ୍କରିଣୀ ଖନନ କରାଇ ଦେଇଅଛନ୍ତି । ଆଉ ମଧ୍ୟ ଏହି ନଗର ଖାଡ଼ୁଆକଣ୍ଟରେ ଗୋଟିଏ ଅଲକବେଟ ପ୍ରସ୍ତୁତ କରାଉଅଛନ୍ତି । ଏହି ଜାତିପ୍ରତିଭାର ଅବଶ୍ୟ ପ୍ରଜାବର୍ଗଙ୍କର ମହୋପକାର ସାଧିତ ହେବ ।

ବଶମ୍ବଦ
ଶ୍ରୀ ପୀତାମ୍ବର ପ୍ରଧାନ
ଅଠଗଡ଼ ଦେଃ ଇଃ ସ୍କୁଲ
ହେଃ ପଣ୍ଡିତ

## ବିଜ୍ଞାପନ ।


# ଫଳେନ ପରିଚୀୟତେ ।

କବିରାଜ ଶ୍ରୀଛକଡ଼ି କର କବିରତ୍ନଙ୍କର

## ଅନ୍ନପୂର୍ଣ୍ଣ

ଆୟୁର୍ବେଦୀୟ ଔଷଧାଳୟ, ଚୌଧୁରୀ ବଜାର, କଟକ

ଏହି ଔଷଧାଳୟରେ ଆୟୁର୍ବେଦ ଶାସ୍ତ୍ରୋକ୍ତ ସର୍ବପ୍ରକାର ଔଷଧାଦି ଯଥାର୍ଥ ଓ ସୁଲଭ ମୂଲ୍ୟରେ ପ୍ରାପ୍ତବ୍ୟ । ମୋଫସଲର ରୋଗୀମାନେ ରୋଗର ଅବସ୍ଥା ଅର୍ଦ୍ଧ ଆନା ଟିକଟ ସହ ଲେଖିଲେ ବ୍ୟବସ୍ଥା ସହିତ ପ୍ରେରିତ ହୁଏ ।

### ବ୍ରାହ୍ମୀ ଘୃତ

ଅଧୁନା ଶିକ୍ଷିତ ସମାଜ ମଧ୍ୟରେ ସ୍ମରଣ ଶକ୍ତିର ଅଭାବ ହୋଇଅଛି, ସ୍ମରଣ ଶକ୍ତି ଯେ କେବଳ ଛାତ୍ରମାନଙ୍କର ଅତ୍ୟନ୍ତ ପ୍ରିୟ ପଦାର୍ଥ ଏପରି ନୁହେଁ ଏହା ବ୍ୟକ୍ତି ମାତ୍ରେହିଁ ପ୍ରୟୋଜନୀୟ; ବ୍ରାହ୍ମୀଘୃତ ଗୋଟିଏ ସ୍ମରଣ ଶକ୍ତି ବର୍ଦ୍ଧକ ମହୌଷଧ, ସ୍ୱଳ୍ପମେଧାବିଶିଷ୍ଟ ବାଳକମାନଙ୍କର ଏବଂ ଅଧିକ ଅଧ୍ୟୟନଶୀଳ ଛାତ୍ରମାନଙ୍କ ପକ୍ଷରେ ଏହା ବିଶେଷ ଉପଯୋଗୀ, ଏହାଦ୍ୱାରା ଚକ୍ଷୁ ଦୌର୍ବଲ୍ୟ ଦୂର ହୁଏ ମସ୍ତିଷ୍କ ପୋଷଣ କରେ ତନ୍ମୂର ତେଜ ବୃଦ୍ଧି ହୁଏ ଏବଂ ସମସ୍ତ ଶରୀରରେ ବଳ ସଞ୍ଚାର ହୋଇଥାଏ । ଯେଉଁମାନଙ୍କର ସାମାନ୍ୟ କାରଣରୁ ରାଗ ହୋଇ ମସ୍ତକ ଗରମ ହୁଏ ଏବଂ ଏକ ବିଷୟରେ ମନ ସ୍ଥିର ନ ଥାଏ ରାତିରେ ନିଦ୍ରା ହୁଏ ନାହିଁ ଦୁଃସ୍ୱପ୍ନ ହୁଏ ଇତ୍ୟାଦି ଲକ୍ଷଣରେ ଏହା ସଦ୍ୟ ଫଳପ୍ରଦ ।

ଏକଶିଶିର ମୂଲ୍ୟ ଟ ୨ ୧

### ଶ୍ରୀ କୃଚ୍ଛବର୍ଦ୍ଧକ ବଟିକା

ଏହି ଔଷଧ ବୀର୍ଯ୍ୟ ସ୍ତମ୍ଭନକାରେ ଏକମାତ୍ର ମହୌଷଧ, ଯେଉଁମାନଙ୍କର ସ୍ୱଳ୍ପକାଳରେ ବୀର୍ଯ୍ୟ ସ୍ଖଳନ ହୋଇଥାଏ, ସେମାନେ ଏହି ଔଷଧ ବ୍ୟବହାର କଲେ ଅଳ୍ପ ସମୟମଧ୍ୟରେ ବିଶେଷ ଫଳଲାଭ କରି ପାରିବେ ଏବଂ ଧାତୁ ଦୌର୍ବଲ୍ୟ ଉପଶମ ହେବ । ଏହା ସମ୍ବନ୍ଧରେ ବାହୁଲ୍ୟ ଅତିରିକ୍ତ ଲେଖିବା ନିଷ୍ପ୍ରୟୋଜନ । ଥରେମାତ୍ର ସେବନ କଲେ ସମସ୍ତ ଅବଗତ ହୋଇ ପାରିବେ ।

ଏକ ଡିବା ଔଷଧର ମୂଲ୍ୟ ଟ ୧ ମାତ୍ର ।

### କନ୍ଦର୍ପ ରସାୟନ ।

( ଦେଶୀୟ ସାଲସା )

ଏଥିରେ ଉପଦଂଶ ( ଗରମୀ ) ଯନିତ, ପାରଦାଦି ଦୋଷଜନିତ ଶରୀରରେ କଣ୍ଡୁ ଓ ରକ୍ତାଦି ଦୋଷ; ଖୋଟଚୋଷୁଣି ଓ ବାତ ପ୍ରଭୃତି ନିଶ୍ଚୟ ଆରୋଗ୍ୟ ହୁଏ । ଅଧିକନ୍ତୁ ଏହା ରକ୍ତ ପରିଷ୍କାର କରି ଶରୀରର ପୁଷ୍ଟି ସାଧନ କରେ ଏହା ସବୁ ଋତୁରେ ବ୍ୟବହାର ହୁଏ ।

ଏକ ଶିଶିର ମୂଲ୍ୟ ଟ ୧ ମାତ୍ର ।

ଏକତ୍ରେ ତିନଶିଶି ନେଲେ ଟ ୨୯ ଟଙ୍କା ଲାଗେ ।

| | |
|---|---|
| ଚୌଧୁରୀ ବଜାର କଟକ | ଶ୍ରୀ ଛକଡ଼ି କର କ ର ଅନ୍ନପୂର୍ଣ୍ଣା-ଆୟୁର୍ବେଦୀୟ ଔଷଧାଳୟ । |


## ବିଜ୍ଞାପନ ।


### ବନାରସୀ ମାଲ !

ବନାରସ ନଗରସ୍ଥ ଆମ୍ଭର ଏହି ବାଣିଜ୍ୟ କୋଠରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନାରସୀ ମାଲ ମିଳେ, ଭାରତର ନାନାସ୍ଥାନର ରାଜା ଜମିଦାରମାନଙ୍କୁ ବିଶ୍ୱସ୍ତଭାବରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେନ୍ଦୁଝର, ଅଠମଲ୍ଲିକ, ରାୟଗଡ଼, ପରଲାକିମେଡ଼ି, କୋଲପୁର, ପାଟଣା, ତାଳଚେର, ମୟୂରଭଞ୍ଜ, ନୀଳଗିରି, ହିନ୍ଦୋଳ, ଅଠଗଡ଼, ଗାଙ୍ଗପୁର, ଭରଲାଚୋରା, ଟଙ୍କିଗୃହର ରାଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଆମ୍ଭର ଖାଣ୍ଟି କାରବାରର କଥା ଜଣା ପଡ଼ିବ ।

ଆମ୍ଭର ବାଣିଜ୍ୟ କୋଠିରେ ବିକ୍ରୟ ନିମନ୍ତେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ଶାଢ଼ୀ, ଧୋତି ଟୋପି, କିଙ୍ଖାପ, ଦୋପଟ୍ଟା, ବାଫ୍ତା, ପଗଡ଼ୀ, ମଲମଲ, ଶିରରେ ବାନ୍ଧିବାର ଫେଟା, ରୁମାଲ, ଶାଲ ଏବଂ ନାନା ପ୍ରକାର ଉତ୍ତମ ଖଚିତ ଅଙ୍ଗରଖା ପ୍ରଭୃତି ଛଡ଼ା ସୁନା ରୂପାର ବାସନ, ଗ୍ରାହକର ଫରମାସ ଅନୁସାରେ ତିଆରି କରାଇ ଦେଉ । ବରାତ ଦେବାବେଳେ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ । କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ କି ଉପାୟରେ ( ଅର୍ଥାତ୍ ଡାକରେ କି ରେଲରେ ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରିର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଉତ୍ତର ମାତ୍ର ଲଫାଫା ଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ଜଲଦିରେ ଆମ୍ଭର ହସ୍ତଗତ ହେବ ।

ଭେଲ୍ୟୁପେବଲ ପାର୍ସଲରେ ମଧ୍ୟ ମାଲ ପଠାଯାଏ କିନ୍ତୁ ମାଲ ପଠାଯିବା ଏବଂ ଫେରତ ହେବା ମାସୁଲ ମାଲ ମଗାଇଥିବା ବ୍ୟକ୍ତିଙ୍କୁ ଦେବାକୁ ପଡ଼ିବ ।

ଶ୍ରୀ ପାନ୍ନାଲାଲ ଗୋକୁଲନାଥ
କୁଞ୍ଜଗଲି ପାଣ୍ଡବ ବନାରସ ସିଟି


Digitized by srujanika@gmail.com

Split by PDF Splitter



## ବିଜ୍ଞାପନ ।

ଅନ୍ତ ଡାକ୍ତରଙ୍କ ଅସ୍ଥାୟୀ ଗୁଣବିଶିଷ୍ଟ ସାଲସା ପ୍ରଭୃତି ଔଷଧ ସେବନ କରି ଅଯଥା ଅର୍ଥବ୍ୟୟ କରିବାକୁ ହେବ ନାହିଁ !

ଚିକିତ୍ସା ଜଗତର ନୂତନ ଆବିଷ୍କାର ! **ଡ୍ୟାନଜୀନ ।** ଜୀବନ ପ୍ରାଣର ଏକମାତ୍ର ଆଶା !!

# DANZIN

ଡାକ୍ତର ଜେ, ଟୀ, ମାର୍ଟିନ ସାହେବଙ୍କ ଆବିଷ୍କୃତ ଜଗତ୍ ପ୍ରସିଦ୍ଧ, ଅପୂର୍ବ ଗୁଣବିଶିଷ୍ଟ ଓ ପ୍ରତ୍ୟକ୍ଷ ଫଳପ୍ରଦ ସେହି— ବ୍ରିଟିଶ ଗଭର୍ଣ୍ଣମେଣ୍ଟଙ୍କ ଆଇନ ଅନୁଯାୟୀ ରେଜିଷ୍ଟ୍ରୀକୃତ ।

ଭାରତବର୍ଷ ଗ୍ରୀଷ୍ମ ପ୍ରଧାନ ଦେଶ, ସେଥି ନିମନ୍ତେ ଅଳ୍ପ ବୟସଠାରୁ ଏତଦ୍ଦେଶବାସୀମାନଙ୍କ ଇନ୍ଦ୍ରିୟ ଚାଞ୍ଚଲ୍ୟ ଉପସ୍ଥିତ ହୁଏ ଏବଂ ତାହାର ପରିଣାମ ଫଳରେ ଧାତୁଦୌର୍ବଲ୍ୟ, ମେହ, ପ୍ରମେହ, ସ୍ନାୟୁଦୌର୍ବଲ୍ୟ, ରକ୍ତଦୁଷ୍ଟି, ପାରଦ ବିକୃତି, ଏପରିକି କୁଷ୍ଠରୋଗ ପର୍ଯ୍ୟନ୍ତ ହୋଇ ଜୀବନ ଯାପନକୁ ଅସାର ଓ ଅକର୍ମଣ୍ୟ କରି ପକାଏ, ଏହି ସକଳ ରୋଗ କବଳରୁ ଭାରତବାସୀମାନଙ୍କ ଉଦ୍ଧାର ନିମନ୍ତେ "ଡ୍ୟାନଜୀନ" ଆବିଷ୍କୃତ ହେବାର ପୂର୍ବରୁ ପ୍ରକୃତ ଫଳଦାୟକ ଔଷଧ ପ୍ରଚଳିତ କୌଣସି ଚିକିତ୍ସା ଶାସ୍ତ୍ରରେ ଆବିଷ୍କୃତ ହୋଇ ନ ଥିଲା । ସେଥି ନିମନ୍ତେ ଡାକ୍ତର ମାର୍ଟିନ ସାହେବ ସୁଦୀର୍ଘକାଳବ୍ୟାପୀ ଅସାଧାରଣ ଚେଷ୍ଟା ଓ ଅଧ୍ୟବସାୟ ଓ ଅଜସ୍ର ଅର୍ଥ ବ୍ୟୟଦ୍ୱାରା ଏବଂ ଅନୁସନ୍ଧାନର ଫଳରେ ଦକ୍ଷିଣ ଆମେରିକାର ପାର୍ବତ୍ୟ ପ୍ରଦେଶଜାତ ବେଜେଟେବଲ ଲତା ଓ ମୂଳ ନିର୍ଯ୍ୟାସସହିତ ବ୍ରିଟିଶ ଗଭର୍ଣ୍ଣମେଣ୍ଟଙ୍କ ଫାର୍ମାକୋପିଆର ଅନୁମୋଦିତ ଅଗୁରୁ, ସାର୍ସାପାରିଲା ଓ ଆୟୋଡାଇଡ୍ ପ୍ରଭୃତି କେତେକାଂଶ ପ୍ରସିଦ୍ଧ ରକ୍ତ ପରିଷ୍କାରକ ଓ ଶକ୍ତି ବର୍ଦ୍ଧକ ଔଷଧର ସମ୍ମିଳନରେ ନୂତନ ରସାୟନିକ ପ୍ରକ୍ରିୟାର ସାହାଯ୍ୟରେ ଏହି ମହାଶକ୍ତିଶାଳୀ ଔଷଧ "ଡ୍ୟାନଜୀନ" ଆବିଷ୍କାର ହୋଇ ଭାରତବାସୀମାନଙ୍କର ମହାନ୍ ଅଭାବ ଦୂରୀଭୂତ ହୋଇଅଛି । ଯେବେ ତୁମ୍ଭେ ମନେ କରିଥାଅ ତୁମ୍ଭର ରୋଗ ଅସାଧ୍ୟ ସବୁ ତୁମ୍ଭର ଚିକିତ୍ସକ ତୁମ୍ଭଙ୍କୁ ଆରୋଗ୍ୟ କରିବାକୁ ନୈରାଶ୍ୟ କରିଥାନ୍ତି ଯେବେ ତୁମ୍ଭେ ସାଲସା ପ୍ରଭୃତି ବହୁପ୍ରକାର ଔଷଧ ସେବନ କରି ଜୀବନରେ ହତାଶ ହୋଇଥାଅ, ତଥାପି ତୁମ୍ଭଙ୍କୁ କହୁଅଛୁ ଜୀବନରେ ନୈରାଶ୍ୟ ହୁଅ ନାହିଁ ! ଥରେ ଏହି ମହାଶକ୍ତି "ଡ୍ୟାନଜୀନ" ସେବନ କରି ଦେଖ ସଙ୍ଗେ ସଙ୍ଗେ ଶୁଭଫଳ ଫଳିବ ! ନିର୍ଜ୍ଜୀବ ଦେହରେ ପୁନର୍ବାର ନୂତନ ଜୀବନ ପାଇବ ! ଅକର୍ମଣ୍ୟ ଶରୀର ପୁନର୍ବାର କାର୍ଯ୍ୟକ୍ଷମ ହେବ !!! ଅନେକଙ୍କର ଧାରଣା ଅଛି ପାରଦ ଓ ଗନ୍ଧକର ବିଷ ଶରୀରରେ ପ୍ରବେଶ କଲେ ତାହା ଆଉ ଛାଡ଼ିଲେ ଦୂରୀଭୂତ ହୁଏ ନାହିଁ । କିନ୍ତୁ ପ୍ରାୟ ଅର୍ଦ୍ଧଶତାବ୍ଦୀ ହେଲା ସାଧାରଣଙ୍କର ସେ ବିଶ୍ୱାସ "ଡ୍ୟାନଜୀନ" ଏହାବେଳେ ଦୂରୀଭୂତ କରିଦେଇଅଛି ! ଡ୍ୟାନଜୀନର ଆଉ ଗୋଟିଏ ଅସାଧାରଣ ଶକ୍ତି ଏହି ଯେ ମଳ ମୂତ୍ର ଓ ଘର୍ମ ସହିତ ଧାତୁ ନିର୍ଗତ କରିଦେବାର ଶକ୍ତି ଦେଖାଯାଏ । ସାଲସା—ରୋଗ ଗୁପ୍ତ ରଖେ । ଡ୍ୟାନଜୀନ ରୋଗ ଗୁପ୍ତ ରଖେ ନାହିଁ, ସମ୍ପୂର୍ଣ୍ଣ ଆରୋଗ୍ୟ କରେ ଥରେ ଆରୋଗ୍ୟ ହେଲେ ଆଉ ପୁନରାକ୍ରମଣ କରେ ନାହିଁ । ସାଲସାର ଗୁଣ ଅସ୍ଥାୟୀ । ଡ୍ୟାନଜୀନ ଗୁଣ ସ୍ଥାୟୀ ।

ଡ୍ୟାନଜୀନ—ମଦ, ଅଫିମ, କୋକେନ୍, ମର୍ଫିଆ ପ୍ରଭୃତି କୌଣସି ପ୍ରକାର ମାଦକଦ୍ରବ୍ୟ ବା ଉତ୍ତେଜକ ପଦାର୍ଥର ସଂଶ୍ରବ ନାହିଁ ତଥାପି ଏହାର ଏକ ଅପୂର୍ବ ଗୁଣ ଏହି ଯେ ଔଷଧ ସେବନର ଅଳ୍ପକ୍ଷଣ ପରେ ମନ ପ୍ରଫୁଲ୍ଲ ହୁଏ, ଶରୀର ସ୍ଫୂର୍ତ୍ତି ହୁଏ, କ୍ଷୁଧା ବୃଦ୍ଧି କରେ, କୋଷ୍ଠ ପରିଷ୍କାର କରେ, ଡ୍ୟାନଜୀନ—ଖାଇବାକୁ ସୁସ୍ୱାଦୁ, ସଦ୍‌ଗନ୍ଧଯୁକ୍ତ, ଡ୍ୟାନଜୀନ ସେବନରେ କୌଣସି ପ୍ରକାର ବନ୍ଧା ନିୟମ ନ ଥିବାରୁ ସକଳ ଋତୁରେ ଓ ସକଳ ଅବସ୍ଥାରେ ଆବାଳ ବୃଦ୍ଧ ବନିତା ନିର୍ଭୟରେ ସେବନ କରି ପାରନ୍ତି ! ସେଥି ନିମନ୍ତେ ଏହା ପରମ ବନ୍ଧୁ ଓ ନବ ଦେହର ଜୀବନ ।

ଡ୍ୟାନଜୀନରେ କି କି ରୋଗ ଆରୋଗ୍ୟ ହୁଏ ?

୧ । ମେହ ସମ୍ବନ୍ଧୀୟ ପୀଡ଼ା ଓ ସ୍ତ୍ରୀ ବ୍ୟାଧି; ୨ । ଗରମୀ ଓ ପାରଦ ଦୂଷିତ ରକ୍ତ ସମ୍ବନ୍ଧୀୟ ପୀଡ଼ା; ୩ । ବାତ ସମ୍ବନ୍ଧୀୟ ପୀଡ଼ା ।

ମେହ ସମ୍ବନ୍ଧୀୟ ପୀଡ଼ା—ଯଥା—ମେହ, ପ୍ରମେହ, ସପୂଯ ଧାତୁ ନିର୍ଗମନ ବା ରକ୍ତ ନିର୍ଗତ ହେବା; ମୁହୁର୍ମୁହୁ ପ୍ରସ୍ରାବର ବେଗ, ପ୍ରସ୍ରାବର ଜ୍ୱାଳା, ପ୍ରସ୍ରାବ ପୂର୍ବେ ବା ପରେ ଶୁକ୍ରାପରି ପଦାର୍ଥ ବାହାରି ହେବା । ସ୍ତ୍ରୀଲୋକ ଦର୍ଶନ ବା ସ୍ପର୍ଶନରେ ରେତଃପାତ, ଅର୍ଥାତ୍ ଶୁକ୍ରର ତରଳତା, ସ୍ୱପ୍ନଦୋଷ ଓ ତଜ୍ଜନିତ ମୂତ୍ରକଷ୍ଟ, ମୂତ୍ରକୃଚ୍ଛ, ଦୁର୍ବଳତା ଜ୍ୱର, ଚକ୍ଷୁ ଜ୍ୱାଳା, ଚକ୍ଷୁରୁ ଜଳପଡ଼ିବା, ହାତଗୋଡ଼ ଜଳିବା, ସ୍ମରଣ ଶକ୍ତିର ହ୍ରାସ, ଧାତୁ ଦୌର୍ବଲ୍ୟ, କୋଷ୍ଠ କାଠିନ୍ୟ, କ୍ଷୁଧାମାନ୍ଦ୍ୟ, ଅରୁଚି ଇତ୍ୟାଦି । ସ୍ତ୍ରୀବ୍ୟାଧି—ରକ୍ତ ବା ଶ୍ୱେତ ପ୍ରଦର, ଅନିୟମିତ ରକ୍ତ ସ୍ରାବ, ବନ୍ଧ୍ୟାତ୍ୱ, ସୂତିକାଜନିତ ପେଟରେ ବେଦନା ଓ ତଳପେଟ ଇତ୍ୟାଦି ।— ରକ୍ତ ସମ୍ବନ୍ଧୀୟ ପୀଡ଼ା, ଯଥା ।— ଗରମୀ ଓ ତଜ୍ଜନିତ ଘାଆ ବାତଜାତ ଫୁଟୁଡ଼ି ଖଣ୍ଡିଆ ଘା ଓ ଚର୍ମ ଦାଗ, ହାତ ଓ ଗୋଡ଼ର ତଳରୁ ଚମଡ଼ା ଉଠା, ମୂଣ୍ଡରୁ କେଶ ଉପୁଡ଼ିବା, ମୁହଁରେ ଓ ନାକକାନରେ ଘା, ନାଳି ଘା, ପଞ୍ଚୁଆ, ନାଳିଘା ଦାଉଦ, ଭଗନ୍ଦର, ନାକ ଭୁଷ୍ଟିଆ ଓ ଏପରିକି କୁଷ୍ଠ ପର୍ଯ୍ୟନ୍ତ ଆରୋଗ୍ୟ ହୋଇଅଛି । ବାତ ସମ୍ବନ୍ଧୀୟ ପୀଡ଼ା ।—ଗଣ୍ଠିରେ ବେଦନା ସମସ୍ତ ଶରୀର କନକନ୍ କରିବା, ହାତ ଓ ଗୋଡ଼ ଫୁଲିବା, ଅଣ୍ଟା ଓ ପିଠିର ବେଦନା ଇତ୍ୟାଦି—ଡ୍ୟାନଜୀନ—ସୁସ୍ଥ ଶରୀରରେ ଦୈନିକ ଏକ ଚାମଚ ମାତ୍ରା ସେବନ କଲେ ମନ ଚଞ୍ଚଳ ହୁଏ, ଶରୀରର ଦୂଷିତ ରକ୍ତ ଦୂର କରି ନୂତନ ରକ୍ତ ଜନ୍ମିବା ସୃଷ୍ଟି କରେ ଓ ଶରୀର ସବଳ ଓ କାନ୍ତିବିଶିଷ୍ଟ ହୁଏ ।

ମୂଲ୍ୟ ପ୍ରତି ବୋତଲ ୮ ୧ । ୩ ବୋତଲ ୮ ୨ଙ୍କୋ, ୬ ବୋତଲ ୮ ୨ଙ୍କା ଓ ୧୨ ବୋତଲ ୮ ୧୪ଙ୍କୋ ପ୍ୟାକିଂ ୧ ଠାରୁ ୩ ବୋତଲ ୮ ୦ । ଅଣା, ୪ ଠାରୁ ୧୨ ବୋତଲ ୮ ୦ ।୵ ଅଣା ।

ସୋଲ ଏଜେଣ୍ଟ୍—ଘଣ୍ଟିଆ, ବର୍ମ୍ମା, ସିଲୋନ, ଅଲ, ବ, ଜ, ଏଣ୍ଡ କୋଂ

ହେଡ୍‌ଅଫିସ—ନଂ ୧୦ ନଂ ଅପର ଚିତ୍‌ପୁର ରୋଡ଼ କଲିକତା ବଡ଼ବଜାର ପୋଷ୍ଟଅଫିସର ଠିକ ସମ୍ମୁଖରେ

---

## ୨୪ ଘଣ୍ଟାରେ ଯାଦୁର ଆରୋଗ୍ୟ ।

ଡାକ୍ତର ଜେ, ଟୀ, ମାର୍ଟିନଙ୍କର ଆବିଷ୍କୃତ—ପ୍ରତ୍ୟକ୍ଷ ଫଳପ୍ରଦ ଗୋନୋରିଆ ଔଷଧ ।

ଯେ କୌଣସି ପ୍ରକାର ଯାହା ହେଉନା କାହିଁକି ୨୪ ଘଣ୍ଟାରେ ନିଶ୍ଚୟ ଆରୋଗ୍ୟ ହେବ, ତାହା ସହିତ ନାହିଁ ପାରଦ ପ୍ରଭୃତି କୌଣସି ପ୍ରକାର କ୍ଷତିକର ଦ୍ରବ୍ୟ ନାହିଁ । ମୂଲ୍ୟ ପ୍ରତି ଶିଶି ୮ ୦ ୧ ଡଜନ ୮ ୫ ପ୍ୟାକିଂ ସହିତ ଠାରୁ ୧୨ ଶିଶି ୮ ୦ ୵ ।

ଡାକ୍ତର ମାର୍ଟିନଙ୍କର "ଅମୃତ ମଲମ" ।—ଯାହାର ଯେ କୌଣସି ପ୍ରକାର ଘା ହେଉ ନିଶ୍ଚୟ ଆରୋଗ୍ୟ ହେବ ।

ମୂଲ୍ୟ ପ୍ରତି କୌଟା ୮ ୧ଙ୍କୋ ଡଜନ ୮ ୧୦ ୧ ପ୍ୟାକିଂ ୧ ଠାରୁ ୧୨ କୌଟାରୁ ୮ ୦ ।୵

ଏଜେଣ୍ଟ୍‌ସ—ଅଲ, ବ, ଜ ଏଣ୍ଡ କୋଂ ନଂ ୧୦ନଂ ଅପର ଚିତ୍‌ପୁର ରୋଡ଼ କଲିକତା

---



Digitized by srujanika@gmail.com

Split by PDF Splitter

REGISTERED No. C 81.



# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

THE UTKAL DIPIKA.

ଖଣ୍ଡ ୩୭ ଶ } ୦ CUTTACK, SATURDAY THE 21st June 1902.
ସଂ ୨୫ ସଂଖ୍ୟା
୦ ୮ ଇ ଆଷାଢ଼ ସନ ୧୩୦୯ ସାଲ ଶନିବାର

{ ଅଗ୍ରିମ ଟ ୩୧
{ ପଶ୍ଚାଦ୍ଦେୟ ଟ ୬୧

## ବିଜ୍ଞାପନ ।

## ଏହ୍ୱାଇ ଯ୍ୟାଦୁର

### ସର୍ବାପେକ୍ଷା ଉତ୍କୃଷ୍ଟ ମହୌଷଧ ।

ଏହାର ଗୁଣ ତୁଳନାରେ ମୂଲ୍ୟ କିଞ୍ଚିତ୍ ଯତ୍ ସାମାନ୍ୟ ମାତ୍ର, ଏହାର ବ୍ୟାଧି ଉପଶମକାରୀ ଗୁଣ ଅତୁଳନୀୟ । ଯେ କୌଣସି ପ୍ରକାର ଏବଂ ଯେତେକାଳର କଠିନ ଯାତୁ ହେଉ ନା କାହିଁକ ଏହି ଔଷଧ ବ୍ୟବହାରଦ୍ୱାରା ଅନାୟାସ ଓ ଅଳ୍ପ ସମୟରେ ରୋଗ ସମ୍ପୂର୍ଣ୍ଣ ଆରୋଗ୍ୟ ହେବ । ଭାରତବର୍ଷର ସର୍ବତ୍ର ସର୍ବସାଧାରଣଙ୍କ ଏହା ଅସ୍ୱାସ୍ଥ୍ୟହାରେ ବ୍ୟବହୃତ ପୁଣି ଶତ ଶତ ଲୋକଙ୍କଦ୍ୱାରା ମୁକ୍ତକଣ୍ଠରେ ପ୍ରଶଂସିତ । ଏ ଉକ୍ତିର ଯଥାର୍ଥତା ବୁଝିବାକୁ ହେଲେ ଥରେ ମାତ୍ର ପରୀକ୍ଷଣୀୟ, ଅଟେ । ସମଶ୍ରେଣୀର ଯେତେ ଔଷଧ ବାହାରିଅଛି ବା ବାହାରୁଅଛି; ଏହି ଔଷଧ ସଙ୍ଗେ ତାହାର ତୁଳନା ହୁଏ ନାହିଁ ।

ଗୋଟିଏ ଡବାର ମୂଲ୍ୟ ଟ ।୰ ଛ ଅଣା, ଏକତ୍ରରେ ୬ ଛ ବା ୧୨ ବାର ଗୋଟା ନେଲେ କେତେକ ବିଶେଷ ଲାଭ ଅଛି । ସ୍ପଷ୍ଟରୂପେ ନାମ, ସ୍ଥାନ, ଡାକଘର ଜିଲ୍ଲା ଏବଂ କାହାକୁ କେତେ ଡବା ଔଷଧ ଲୋଡ଼ା ଲେଖିଲେ ବ୍ୟବସ୍ଥାପତ୍ରସହ ପ୍ରେରିତ ହୁଏ ।

ଏକମାତ୍ର ପ୍ରାପ୍ତି ସ୍ଥାନ;—

ଶ୍ରୀ ରାମଚରଣ ସେନ ।

ଦେବ ଉତ୍କଳପ୍ରେସ, ବାଲେଶ୍ୱର

## WANTED

A drill and gymnastic teacher for the Dhenkanal High English School Salary Rs. 20 per month. He will also be required to teach English and Mathematics in the lower classes.

Deputy Commissioner's Office, Angul The 16th June 1902 } E. W. Smith *Deputy Commissioner*

## ବିଜ୍ଞାପନ ।

ଏଉର୍ ଦେଙ୍ଗ ଅଏଣ୍ଟମେଣ୍ଟ ।

ବା

ଯାଦୁର ଔଷଧ ।

ଏହି ଔଷଧ ୩ । ୪, ଥର ବ୍ୟବହାର କଲେ ଅତି ଅଳ୍ପସମୟ ମଧ୍ୟରେ ଓ ବିନାଯନ୍ତ୍ରଣାରେ ସବୁ ପ୍ରକାର ଯାତୁ ଆରୋଗ୍ୟ ହୁଏ । ଏଥିରେ ପାରଦ କିମ୍ବା ଅନ୍ୟ କୌଣସି ପ୍ରକାର ବିଷାକ୍ତ ପଦାର୍ଥ ନାହିଁ, ମୂଲ୍ୟ ପ୍ରତିଡବା ଟ ୦ ୵ ଅଣା ।

ପ୍ରାପ୍ତିସ୍ଥାନ — ଏନ୍ତ, ଦେ ହୋମିଓପ୍ୟାଥିକ, ଦାତବ୍ୟ ଔଷଧାଳୟ ବାଲେଶ୍ୱର ।

## ବିଜ୍ଞାପନ ।

ସହର କଟକ ବାଲୁବଜାରରେ ଗୋପୀନାଥ ଗୁପ୍ତ ନାମା ପ୍ରଧାନ କବିରାଜ ଅବସ୍ଥିତ କରୁଅଛନ୍ତି । ଚିକିତ୍ସା ବିଷୟରେ ତାଙ୍କର ବିଶେଷ ଖ୍ୟାତି ଅଛି । ସେ ଅର୍ଶ, ଶୂଳ, ଶ୍ୱାସ, ବାତଜ୍ୱର, ମୂର୍ଚ୍ଛା, ଧ୍ୱଜଭଙ୍ଗ, କୁଷ୍ଠ, ବହୁମୂତ୍ର ପ୍ରଭୃତି ପ୍ରମେହ ରୋଗ ଓ ପ୍ରଦର ଯୋନି ବ୍ୟାପଦାଦି ସ୍ତ୍ରୀରୋଗ ଇତ୍ୟାଦି କଠିନ ରୋଗସବୁ ମଧ୍ୟ ନିବାରଣ କରି ପାରନ୍ତି ।

## ବିଜ୍ଞାପନ ।

ସନ ୧୯୦୨ ମସିହା ଡିସେମ୍ବର ମାସରେ ବୋମ୍ବାଇ ତଥା ଅହମଦାବାଦ ସହରରେ ଗୋଟିଏ ଭାରତୀୟ ଶିଳ୍ପ ପ୍ରଦର୍ଶନୀ (ହାଟ) ବସିବ । ଯେଉଁମାନେ ଉକ୍ତ ପ୍ରଦର୍ଶନୀକୁ ଶିଳ୍ପ କାର୍ଯ୍ୟମାନ ପଠାଇବାକୁ ଇଚ୍ଛା କରନ୍ତି ସେମାନେ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟକୁ ପତ୍ର ଲେଖିଲେ ସମସ୍ତ ବିଷୟ ଜାଣି ପାରିବେ । ଇତି ।

ଶ୍ରୀ ପି, ଏମ୍, ଭୂଃଷିହିତ
ଜେନେରଲ ସେକ୍ରେଟରୀ
ଇଣ୍ଡିୟାନ ଇଣ୍ଡଷ୍ଟ୍ରିୟଲ ଏକ୍ସିବିସନ

## ବିଜ୍ଞାପନ ।

କଟକ ଟ୍ରେନିଂ ସ୍କୁଲ ଗ୍ରୀଷ୍ମାବକାଶ ନିମନ୍ତେ ଚଳିତ ମାସ ତା ୨୨ ରଖ ପର୍ଯ୍ୟନ୍ତ ବନ୍ଦ ରହିବାର ସ୍ଥିର ହୋଇଥିଲା । ବର୍ତ୍ତମାନ ମହାମହିମାନ୍ୱିତ ନୂତନ ସମ୍ରାଟ୍ ରାଜାଧିରାଜ ସପ୍ତମ ଏଡ୍‌ୱାର୍ଡଙ୍କର ଶୁଭ ଅଭିଷେକୋପଲକ୍ଷରେ ଚଳିତ ମାସ ତା ୨୯ ରଖ ପର୍ଯ୍ୟନ୍ତ ବନ୍ଦ ରହିବାର ଆଦେଶ ହୋଇଅଛି ।

କଟକ ଟ୍ରେନିଂ ସ୍କୁଲର ନୂତନ ବର୍ଷର କାର୍ଯ୍ୟ ଆଗାମୀ ପହିଲାଠାରୁ ଆରମ୍ଭ ହେବ । ପ୍ରବେଶାର୍ଥୀମାନେ ସେହି ଦିନ କିମ୍ବା ତହିଁ ପୂର୍ବଦିନ ନିଜେ ପାସ ସାର୍ଟିଫିକଟ ସହିତ ନିମ୍ନସ୍ୱାକ୍ଷରକାରୀଙ୍କ ନିକଟରେ ଉପସ୍ଥିତ ହେବେ । ପ୍ରକାଶ ଥାଉ କି କୌଣସି ପ୍ରବେଶାର୍ଥୀ ବୃତ୍ତି ପାଇବେ ନାହିଁ ।

Cuttack The 17th June 1902 } Madhu Sudan Rao *Head master* Training School Cuttack.

Digitized by srujanika@gmail.com

Split by PDF Splitter

## ଉତ୍କଳଦୀପିକା ।

ରୁଷର ଯୁଦ୍ଧର ଶାନ୍ତି ହେଲେ ବଡ ସୁଖର ବିଷୟ ଅଟେ । ସଭ୍ୟଜଗତଙ୍କର ଅଭିପ୍ରେତ ଦଙ୍ଗରେ ତାହା ହେବା ଅଧିକତର ଆନନ୍ଦର ବିଷୟ ଅଟେ । ଏହା ନବ ସଭ୍ୟତାର ସଭ୍ୟତ୍ୱର ଗୋଟିଏ ପ୍ରଧାନ ଶୁଭ ଲକ୍ଷଣ ଅଟେ ଏବଂ ଏଥିରୁ ଉତ୍ତମ ରୂପେ ଜଣା ଯାଉଅଛି ଯେ ତାହାଙ୍କର ସନ୍ତତି ଚିରକାଳ ସୁଖ ଶାନ୍ତିରେ ଭୋଗ ହେବ । ବାସ୍ତବରେ ଯେଉଁଠାରେ ଧର୍ମ ସେଠାରେ ଜୟ ଏହି ମହାବାକ୍ୟ କଦାଚ ବିଫଳବାର ନୁହେ ।

---

ଶ୍ରୀଯୁକ୍ତ ଗିଲବର୍ଟ ହେଣ୍ଡ୍ରିକସନ ସାହେବ କଲିକତା ହାଇକୋର୍ଟର ଜଜ ପଦରେ ନିଯୁକ୍ତ ହୋଇ ଅଛନ୍ତି । ସାହେବ ମହୋଦୟ ପ୍ରାୟ ୨୫ ବର୍ଷ ହେଲା କଲିକତାରେ ବାରିଷ୍ଟରୀ କାର୍ଯ୍ୟ କରୁଅଛନ୍ତି ଏବଂ ଅଳ୍ପଦିନ ହେଲା ବର୍ତ୍ତମାନ ପେଲ ସାହେବଙ୍କ ସ୍ଥାନରେ ଏଡଭୋକେଟ ଅଛନ୍ତି । ଆଇନ ବ୍ୟବସାୟରେ ଏହାଙ୍କର ଯଥେଷ୍ଟ ଖ୍ୟାତି ଅଛି ଏବଂ ସର୍ବକାଳର ବହୁଦର୍ଶିତାଦ୍ୱାରା ଦେଶୀୟ ଲୋକଙ୍କର ଚରିତ୍ର ଓ ମୋକଦ୍ଦମା ମାମଲାର ଗତି ଉତ୍ତମରୂପେ ଅବଗତ ହୋଇଅଛନ୍ତି । ସାହେବ ମହୋଦୟ ସ୍ଥାୟୀ ବିଚାରପତି ହେଲେ ବଡ଼ ସୁଖର ବିଷୟ ଅଟେ । ତାହାଙ୍କଠାରୁ ଜନସାଧାରଣ ଯେ ପ୍ରକାର ସୁବିଚାର ଆଶା କରନ୍ତି ତାହା ପୂର୍ଣ୍ଣ ହେଲେ ଅତୀବ ସୁଖର ବିଷୟ ହେବ ।

---

ସନ୍ଧିର ନିୟମାନୁସାରେ ରୁଷରମାନେ ଅସ୍ତ୍ର ସମର୍ପଣ କରିବାରେ ତତ୍ପର ହେଉଅଛନ୍ତି । ଗତ ତା ୧୫ ଜୁନ ପର୍ଯ୍ୟନ୍ତ ନ ୧୨୫୦୦ ଣ ସୈନ୍ୟ ଅସ୍ତ୍ର ସମର୍ପଣ କରିଥିଲେ । ଏଥିରୁ ବୋଧ ହୁଏ ଆଉ ଅଳ୍ପ ଲୋକ ବାକି ଅଛନ୍ତି । ଗେଜେଟରେ ଏକ ଘୋଷଣା ପତ୍ର ପ୍ରଚାର ହୋଇ ଅଛି କି ଯେଉଁ ବିଦ୍ରୋହୀମାନେ ଆସନ୍ତା ଅଗଷ୍ଟ ମାସ ତା ୧୦ ରିଖ ମଧ୍ୟରେ ଅସ୍ତ୍ର ସମର୍ପଣ କରିବେ ଏବଂ ନିଜର ଦୋଷ ସ୍ୱୀକାର କରିବେ ସେମାନେ କେବଳ ନିର୍ବାସନ ଦଣ୍ଡରୁ ବଞ୍ଚିତ ହେବେ । ଯେଉଁମାନେ ତାହା ନ କରିବେ ସେମାନେ ପ୍ରାଣ ଦଣ୍ଡର ଯୋଗ୍ୟ ହେବେ । ଏ ଘୋଷଣା ପତ୍ର ସଥା ସମୟରେ ବାହାରିଗଲା ଏବଂ ଏହା ଦୃଢ଼ ରୂପେ ପ୍ରତିପାଳିତ ହେବାର ସମ୍ପୂର୍ଣ୍ଣ ଆଶା ହେଉଅଛି ।

---

ଦୁର୍ଭିକ୍ଷକାଳ ଏବଂ ରୋଗ ଯୋଗେ ଏବର୍ଷ ଶୀତଳଷଷ୍ଠୀ, ଦୋଳକୁ ପୂର୍ବରୁ ଯାତ୍ରୀ ସମାଗମ ହେଉଅଛି । ଅତ ରାଜ ପ୍ରାୟ ତୋଡ଼ବ ବହାର ଯାତ୍ରୀ ହୋଇଥିବାର ଜଣା ଯାଏ । ପ୍ରତ୍ୟହ ଶୁଭ ଅର ଯାତ୍ରୀ ଟ୍ରେନ୍ ଗାଡ଼ୀ ଆସୁଥିବାରୁ ଆଗାମୀରୁ ଅଧିକ ଯାତ୍ରୀ ହେବାର ସମ୍ଭବନା, ଯାତ୍ରୀ ସଂଖ୍ୟା କ୍ରମଶଃ ବୃଦ୍ଧି ହେଉଛି ଲକ୍ଷ୍ୟ କରି ରେଲୱେ ଘର ଭଡ଼ା ଅଧିକନ୍ତୁ ହୋଇଅଛି ଏମନ୍ତ କି ସାମାନ୍ୟ କଣ୍ଠ ଘରର ଭଡ଼ା ଜଣ ପ୍ରତି ୮୮ ଙ୍କା ପର୍ଯ୍ୟନ୍ତ ହେଲାଣି । କଡ଼ିଦାଣ୍ଡ ଏବଂ ପଣ୍ଡା ଘରମାନଙ୍କର ଭଡ଼ା ବଢ଼ିବାରୁ ଘରବାଲାମାନେ ସନ୍ତୁଷ୍ଟ ନୁହନ୍ତି । ଏ ପର୍ଯ୍ୟନ୍ତ ଯେତେ ଯାତ୍ରୀ ଆସିଅଛନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶ ବଙ୍ଗୀୟ ଅଟନ୍ତି । ସହର ମଙ୍ଗଳ ଅଳଙ୍କାର ସମୟରେ ମନ୍ଦିରରେ ବିଶେଷ ଭିଡ଼ ହେଉଅଛି । କିନ୍ତୁ ପୁଲିସ ନିଯୁକ୍ତ ରହି ଦର୍ଶନର ସୁବିଧା କରାଉଅଛନ୍ତି ।

---

ହାଇକୋର୍ଟର କେତୋଟି ୧ମ ରେଞ୍ଜରେ ବର୍ତ୍ତମାନ ଯେଉଁ ଦରରେ ଟୋଲ ବା ନୌକା ମାସୁଲ ନିଆ ଯାଉଅଛି ତହିଁ ପରିବର୍ତ୍ତରେ ଆସନ୍ତା ଜୁଲାଇ ମାସ ତା ୧ ରିଖଠାରୁ ନିମ୍ନ ଲିଖିତ ଦର ଧାର୍ଯ୍ୟ କରିବାକୁ ମାନ୍ୟବର ବଙ୍ଗୀୟ ଲେପ୍‌ଟେନାଣ୍ଟ ଗବର୍ଣ୍ଣର ମଞ୍ଜୁର କରିଅଛନ୍ତି ଯଥା:—

| | ବୋଝାଇ ନୌକା | ଖାଲି ନୌକା |
|---|---|---|
| | ମ ୧୦୦ ତୁଲରୁ | ମ ୧୦୦ ତୁଲରୁ |
| ଡୋଙ୍ଗଅଠାରୁ ନୈରି | ଟ ୦ ୮ | ଟ ୦ । |
| ନୈରିଠାରୁ ନେହଲପୁର | ଟ ୦ ।୵ | ଟ ୦ ⅄ |
| ନେହଲପୁରଠାରୁ କେନ୍ଦ୍ରାପଡ଼ା | ଟ ୦ ।୵ | ଟ ୦ ⅄ |
| ବାହିଁଥ ୧ଲିଟା ପ୍ରତି ୧୦୦ ଖାଣ୍ଡିବେ ଇପରଲିଖିତ ପ୍ରତ୍ୟେକ ସ୍ଥାନରେ | | ଟ ୦ (୬ |
| ଉପର ଖାଠ ଡଙ୍ଗଣ୍ଡ ଉପ ସ୍ଥାନରେ | | ଟ ୦ ୵ |
| ଖାଣ୍ଡିହାର ଖାଠ | ଏକର | ଟ ୦ (୧ |
| ଟିଣ୍ଡି | ଏକର | ଟ ୦ ୵ |
| ମହିଷ | ଏକର | ଟ ୦ ୵ |
| ଟ୍ରିଲବର | ଏକର | ଟ ୦ ୵ |

---

ରୁଷର ଯୁଦ୍ଧର ସନ୍ଧି ଉପଲକ୍ଷରେ ଲଣ୍ଡନ ନଗରର ମିଉନିସିପାଲ ସଚିବ ଏବଂ ବଣିକ୍ସମିତିମାନେ ଜନସାଧାରଣଙ୍କର ଅନନ୍ତ ସୂଚକ ମଙ୍ଗଳବାଦ ପତ୍ରମାନ ପ୍ରଦାନ କରିବାରେ ଇଂଲଣ୍ଡର ରାଜା ଏଡ୍‌ୱାର୍ଡ ସପ୍ତମ ତହିଁର ଉତ୍ତରରେ କହିଅଛନ୍ତି କି ଏହି ଯୁଦ୍ଧରେ ତାହାଙ୍କର ସ୍ୱଦେଶୀୟ ଓ ବିଦେଶୀୟ ପ୍ରଜାମାନେ ଅତ୍ୟନ୍ତ ଧୀର ଏବଂ ଶାନ୍ତ ଭାବରେ ଯେତେ କଷ୍ଟ ଓ ଭାରସ୍ୱୀକାର କରିଅଛନ୍ତି ଏବଂ ସୈନ୍ୟମାନେ ଯେତେ କ୍ଲେଶ ଭୋଗ କରିଅଛନ୍ତି ତହିଁ ନିମନ୍ତେ ସେ ବଡ଼ ଦୁଃଖିତ । ଆନନ୍ଦର ବିଷୟ ଏହି କି ଯେଉଁମାନେ ଅସୀମ ବୀରତ୍ୱ ଏବଂ ଦୃଢ଼ ସଂକଳ୍ପ ସହିତ ଏତେକାଳ ଇଂଲଣ୍ଡର ଶତ୍ରୁ ହୋଇଥିଲେ ସେମାନେ ଏଣିକି ପରମବନ୍ଧୁ ହେବେ ଏବଂ ଏହି ନିୟମର ଫଳ ସ୍ୱରୂପ ସେହି ନୂତନ ସନ୍ଧ୍ୟରେ ଏ ପ୍ରକାର ଶାନ୍ତି ଗତି ପ୍ରବର୍ତ୍ତିତ ହେବ କି ଯଦ୍ଦ୍ୱାରା ସର୍ବକ୍ଷେତ୍ରରେ ଶାନ୍ତି ଓ ସୌଭାଗ୍ୟ ବଢ଼ିଅଛି ।

---

ଗତ ତା ୧୧ ରିଖର 'ଓଡ଼ିଆ ନବସମ୍ବାଦ'ରୁ ଅବଗତ ହେଲୁଁ ଯେ ତହିଁ ପୂର୍ବ ରବିବାର ସନ୍ଧ୍ୟାରେ ବାଲେଶ୍ୱର ସହର ମୋତିଗଞ୍ଜ ବଜାରର ସୀତାରାମ ମାରୱାଡି ଘରେ ଚ ୩ ଣ ଚୋର ପ୍ରବେଶ ପଠାଣ ସେଠାର ପଶି ହୋମହଲରେ ଶୋଇଥିବା ଏକ ଚିଲ୍ଡର ଗଲାରୁ ହଁସୁଲି କାଢ଼ିନେବା ବେଳେ ତାହାର ପିତା ମାତା ଜାଗ୍ରତ ହୋଇ ଚୁରଜଙ୍କ ଚୋରମାନେ ପ୍ରାୟ ହା ୧୫ ତ ଉଚ୍ଚ କୋଠା ଉପରୁ କୁଦି ପଡ଼ିଲେ । ମାତ୍ର ତାହା ଶୁଣି ହେବେ ଜଣ ଚୌକିଦାର ଦୌଡ଼ିଆସି ଧରନ୍ତେ କେହି ପଳାଇ ପାରିଲେ ନାହିଁ । ପଠାଣମାନେ ମଧ୍ୟ ଚୌକିଦାରଙ୍କର ସାହାଯ୍ୟ କଲେ । ଜଣେ ଲୋକ ଏକ ଚୌକିଦାରକୁ ତ ଅସ୍ତ୍ରାଘାତ ଗୁରୁତର ଆଘାତ କରିଅଛି । କଥିତ ଭୁଅଛି ସେମାନେ ଅଳ୍ପଦିନ ହେଲା ଏ ନଗରରୁ ବାଲେଶ୍ୱରକୁ ଯାଇଥିଲେ ଏବଂ ସେମାନଙ୍କଠାରୁ ନାନା ପ୍ରକାର ଅଳଙ୍କାର ଜବଲୁଟା ଇତ୍ୟାଦି ବାହାରିଅଛି । ସେମାନେ ହାଜତରେ ଅଛନ୍ତି । ଆଶା କରୁଁ ଚୌକିଦାରମାନେ ଉପଯୁକ୍ତ ପୁରସ୍କାର ପାଇବେ ।

---

ଗତ ତା ୧୮ ରିଖ ଗୁରୁବାର କଟକଠାରେ ପ୍ରବଳ ବତାସ ସହିତ ପ୍ରାୟ ୫୨ ଇଞ୍ଚ ଜଳ ବୃଷ୍ଟି ହୋଇଥିଲା । ଜତାସର ବଳ ଏତେ ଅଧିକ ଥିଲା ଯେ ଅନେକ କୋଠାଘର ଭାଙ୍ଗି ପଡ଼ିଅଛି ଏବଂ ତହିଁରେ କେତେ ଲୋକ ମରି ପଡ଼ିଅଛନ୍ତି । କେତେ ସରକାରୀ ରୌଦ୍ର ଘର ମାଟିରେ ମିଶିଯାଇଅଛି । ନାହାର ଦରଆରୁ ଭୁଲକୁ ଡାକ ଆଣିବା କାର୍ଯ୍ୟ କରୁଥିବା ଗୋଟିଏ ଷ୍ଟେଟ ଷ୍ଟିମର ବୁଡ଼ିଯିବାଦ୍ୱାରା ଜ ୫ ଣ ଲୋକ ମରି ପଡ଼ିଅଛନ୍ତି । ଏ ବର୍ଷ ବୋମ୍ବାଇର ଭାଗ ଅଧିକ ଦେଖା ଯାଉଅଛି । ଏହି ବୃଷ୍ଟି ମଙ୍ଗଳୋରଠାରୁ କରାଚି ପର୍ଯ୍ୟନ୍ତ ପଶ୍ଚିମ ଉପକୂଳରେ ପ୍ରତ୍ୟକ୍ଷ ହୋଇ ମୌସୁମୀ ବୃଷ୍ଟିର ଆଗମନ ଘୋଷଣା କରିଅଛି । ପୂର୍ବ ଦିଗରେ ବଙ୍ଗ ସାଗରରେ ପ୍ରାୟ ସେହି ସମୟରେ ଯେଉଁ ବାତ୍ୟା ଉତ୍ପନ୍ନ ହୋଇଥିଲା ତାହା ଦୁର୍ଗମରେ ପ୍ରବେଶ କରି ଆସାମ ଅଞ୍ଚଳକୁ ବାହାରିଗଲା ଏବଂ ସେହି ଯୋଗେ ଆସାମ ଓ ପୂର୍ବ ବଙ୍ଗରେ ପାଖ ପାଖି ପର୍ଯ୍ୟନ୍ତ ବୃଷ୍ଟି ହୋଇ ମୌସୁମୀ ବର୍ଷାକାଳର ଘୋଷଣା ପ୍ରଚାର କରିଅଛି ।

---

ଗତ ମାର୍ଚ୍ଚମାସ ତା ୩୧ ରିଖରେ ଶେଷ ହେବା ତିନିମାସରେ ଓଡ଼ିଶାର ଗୋଲାମାନଙ୍କରେ ଜମାଥିବା ସ୍ଥାନୀୟ ପ୍ରସ୍ତୁତ ଲବଣ ମଧ୍ୟରୁ ମ ୧୯,୨୯୭ ମଣ ବିକ୍ରୟ ହୋଇ ଅବଶିଷ୍ଟ ମ ୭୦,୫୭୨ ମଣ ରହିଥିଲା । ତହିଁପୂର୍ବ ତିନିମାସରେ ମ ୫୯,୬୧୪ ମଣ ବିକ୍ରୟ ହୋଇଥିଲା । ଏଥିରୁ ଅନୁମାନ ହୁଏ ପ୍ରଚଳିତ ମା ୩ ରେ

Digitized by srujanika@gmail.com

Split by PDF Splitter



ଅର୍ଥାତ୍ ଉଇଲମାସ ଶେଷ ସୁଦ୍ଧା ସମସ୍ତ ଲୁଣ ବିକ୍ରୟ ହୋଇ ଗୋଲାମାନ ଖାଲିପଡ଼ିବ ଏବଂ ଓଡ଼ିଶା ଗୋଲାମାନଙ୍କୁ ଲୁଣ ଆଉ ମିଳିବ ନାହିଁ । ଦର ଊଣା ହୋଇ ନ ଥିଲେ ଅଧିକ ଅନେକ କାଳ ଏହି ଲୁଣ ପଡ଼ି ରହୁଥାନ୍ତା । ମାତ୍ର ସ୍ଥାନୀୟ ଗୋଲାମାନେ ଲୁଣପ୍ରତି ଲୋକଙ୍କର ଆଦର ଅଛି ଏବଂ ଶସ୍ତା ହେଲେ କିମ୍ବତ୍ ଅଧିକ ଲୁଣ ଖାଇବାକୁ ଏହି ଗରିବପ୍ରଦେଶର ଲୋକମାନେ କୁଣ୍ଠିତ ନୁହନ୍ତି ଏହା ବିଲକ୍ଷଣ ବୁଝା ଯାଉଅଛି । ବିଶେଷତଃ ଲୁଣ ପ୍ରସ୍ତୁତ କରିବା ଅନେକ ଗରିବ ଲୋକଙ୍କର ପ୍ରତିପାଳନ ହେବାର ଏକ ମାତ୍ର ଉପାୟ ଅଟେ । ସରକାରବାହାଦୁର ଏ କଥାମାନ ଉତ୍ତମରୂପେ ଜାଣି ପୁନର୍ବାର ଲୁଣ ଗୋଲାମାନ ବନ୍ଦୋବସ୍ତ କରିବାକୁ ଇଚ୍ଛା କରୁଅଛନ୍ତି । ଆଶା କରୁଁ ଏଥିରେ ଆଉ ବିଳମ୍ବ ହେବ ନାହିଁ ।

———

ରାଜା ବୈକୁଣ୍ଠନାଥ ଦେ ବାହାଦୁରଙ୍କର ଜ୍ୟେଷ୍ଠ ଭ୍ରାତୃପୁତ୍ର (ତାହାଙ୍କର କନିଷ୍ଠ ଭାଇ ସ୍ୱର୍ଗୀୟ ସତ୍ୟେନ୍ଦ୍ରନାଥ ଦେଙ୍କର ଜ୍ୟେଷ୍ଠପୁତ୍ର) ଶ୍ରୀମାନ୍ ମନ୍ମଥ ଦେଙ୍କ ଶୁଭ ବିବାହର ବିସ୍ତାରିତ ବିବରଣ ଗତ ତା ୧୧ ରଖର "ଓଡ଼ିଆ ଓ ନବ ସମ୍ବାଦ" ରେ ପାଠ କଲୁଁ । ସ୍ଥାନୀୟ ଫୁଲ ଶିଳ୍ପ, ଫୁଲ ଓ ଫଳର ବଥଟି, ଜାହାଜ, ପାହାଡ଼, ଦନ୍ତନ ରଥ ଉପରେ ପିତୁଳା ନାଚ ସଙ୍ଗେ କଲିକତାରୁ ଆସିଥିବା ଗ୍ୟାସ ଓ ବୈଦ୍ୟୁତିକ ଆଲୁଅ ମିଶି ସହରକୁ ଦିବସରେ ପରିଣତ କରିଥିଲା । ବରର ବମାନ ଏବଂ ଚର୍ତ୍ତୁଳାଙ୍କର ଦୋଳା ଅତ୍ୟନ୍ତ ମନୋହର ହୋଇଥିଲା । ବର ଘରଠାରୁ କନ୍ୟାଘର ପର୍ଯ୍ୟନ୍ତ ବାଟରେ ୩୨ ସ୍ଥାନରେ ନହବତ ବସି ନାନା ରକ୍ତ ବାଦ୍ୟ ହେଉଥିଲା । କଲିକତା ଓ ମୟୂରଭଞ୍ଜର ଇଂରାଜୀ ବାଜା, ଲକ୍ଷ୍ମୀର ରୋଷନ ଚୌକି, ଉତ୍ତରର ଢୋଲ; ସ୍ଥାନୀୟ ରୋଷନଚୌକି ପ୍ରଭୃତି ବାଦ୍ୟ, କଲିକତାର ଯାତ୍ରାଦଳ ଓ ସ୍ଥାନୀୟ ନର୍ତ୍ତକ ନର୍ତ୍ତକୀ ଦଳର ନାଚ ଗୀତ, ଅତସବାଜି ପ୍ରଭୃତି ଏତେ ହୋଇଥିଲା ଯେ ସେ ସହରରେ ପୂର୍ବେ କେବେ ଦେଖା ନ ଥିଲା । ପ୍ରାୟ ଦଶ କୋଶ ଦୂରରୁ ଯାତ୍ରିମାନେ ଏହି ସମାରୋହ ଦେଖିବାକୁ ବୁଢ଼ା ବାଳକ ବାଳିକା ଆସିଥିଲେ ଏବଂ ସମାରୋହ ଦେଖି ସମସ୍ତେ ଧନ୍ୟ ୨ କରୁଥିଲେ ରାସ୍ତା ଭିଡ଼ ହୋଇଥିଲେହେଁ ସମସ୍ତ ସୁଶୃଙ୍ଖଳାରେ ଉତ୍ସବ ହେବା ବଡ଼ ସୁଖର ବିଷୟ ଅଟେ ନାନା ସ୍ଥାନର ପ୍ରାୟ ୭୦ । ୭୦ ଶ ପଣ୍ଡିତ ଏବଂ କଲିକତା, ମେଦିନୀପୁର, ଘାଟାଲ ପ୍ରଭୃତିରୁ ଅନେକ ବନ୍ଧୁ ବାନ୍ଧବ ଆମନ୍ତ୍ରିତ ହୋଇ ଆସିଥିଲେ ଏବଂ ସେମାନଙ୍କୁ ଯଥେଷ୍ଟ ସମ୍ମାନ ସହିତ ବିଦାୟ କରିବାରେ ରାଜା ବାହାଦୁର କିଛି ମାତ୍ର ତ୍ରୁଟି କରି ନାହାନ୍ତି । ଆମ୍ଭେମାନେ ନବଦମ୍ପତିର ଦୀର୍ଘାୟୁ ଏବଂ ଅପାର ସୁଖସମ୍ପଦ କାମନା କରୁଅଛୁ ।

———

ସମ୍ରାଟ ଏଡ଼ୱାର୍ଡଙ୍କର ଅଭିଷେକ ଉତ୍ସବ କଲିକତାରେ କେଉଁ ଦିନ ଓ ପ୍ରକାରରେ ହେବ ଏହି କଥାମାନଙ୍କର ମୀମାଂସା ନିମନ୍ତେ ସେଠାର ମିଉନିସିପାଲ ସଭାର ଏକ ଅଧିବେଶନ ହୋଇଥିଲା । ତା ୯ ରଖ ଜାନୁୟାରୀରେ ମହାମାନ୍ୟ ଗବର୍ଣ୍ଣର ଜେନେରଲ ଏବଂ ଅନ୍ୟାନ୍ୟ ଉଚ୍ଚ ପଦସ୍ଥ ସରକାରୀ କର୍ମଚାରୀ ଏବଂ ଦେଶୀୟ ସମ୍ଭ୍ରାନ୍ତ ବ୍ୟକ୍ତିମାନେ ଦରବାର ଉପଲକ୍ଷରେ ଦିଲ୍ଲୀରେ ଥିବେ ଏବଂ ସେମାନଙ୍କ ଅସାକ୍ଷାତରେ କଲିକତାରେ କିଛି ଉତ୍ସବ ହେଲେ ସାଜିବ ନାହିଁ ! ଅତଏବ ଅନ୍ୟ ଏକ ଦିନ ତାହା ହେବାର ନିତାନ୍ତ ଆବଶ୍ୟକ । ଏଥର ଉତ୍ସବର ପ୍ରଧାନ ଅଙ୍ଗ ଦରିଦ୍ର ସେବା ସ୍କୁଲ ଛାତ୍ରମାନଙ୍କର ଭୋଜି, ଆତସବାଜି ଏବଂ ରୋଷଣାଇ ହେବା ଆବଶ୍ୟକ । ଏଥିକୁ ପ୍ରାୟ ୪୦ ହଜାର ଦରିଦ୍ରଙ୍କର ଭୋଜନରେ ୧୩।୨୦ ହଜାର ଟଙ୍କା ବ୍ୟୟ ହେବ । ବିଲାତର ପ୍ରଧାନ ଆତସବାଜି କୋଠିର ଗୁମାସ୍ତାଙ୍କଠାରୁ ରେସ୍ପାଇମାନ ସାହେବ ବୁଝିଅଛନ୍ତି ଯେ ଟ ୧୫୦୦୦୯ ଙ୍କାରୁ ଊଣା ବ୍ୟୟରେ ସେ ଆତସବାଜି ଯୋଗାଇବାର ଭାର ନେଇ ପାରିବେ ନାହିଁ । ବମ୍ବେର ସହରରେ ଆତସବାଜି ଦେଖାଇବା କାରଣ ସେ ଟ ୨୨୫୦୦ ୯ ଙ୍କାର କାଣ୍ଟ୍ରାକ୍ଟ ନେଇଅଛନ୍ତି । ଅତଏବ ଏହି ଦୁଇ ବ୍ୟାପାରରେ ଅନ୍ତତଃ ୩୦ ହଜାର ଟଙ୍କା ପ୍ରୟୋଜନ । ଯେବେ ଚାନ୍ଦାରୁ ଏତେ ଟଙ୍କା ନ ଉଠିବ ତେବେ କେଣି ଆତସବାଜିରେ ସନ୍ତୁଷ୍ଟ ହେବା ଉଚିତ । ଦରିଦ୍ରସେବା ଅବଶ୍ୟ କର୍ତ୍ତବ୍ୟ ଅଟେ । ଏହି ସମସ୍ତ ଆଲୋଚନା ଉତ୍ତାରୁ ଉତ୍ସବର ବ୍ୟବସ୍ଥା ଏବଂ ଚାନ୍ଦା ସଂଗ୍ରହ ନିମନ୍ତେ ଗୋଟିଏ କମିଟି ଗଠିତ ହୋଇଅଛି । ଯେଉଁ ଦିନ ଓ ଯେ ପ୍ରକାରରେ ଉତ୍ସବ କରିବାକୁ ହେବ କମିଟି ତାହା ସ୍ଥିର ଏବଂ ଚାନ୍ଦା ସଂଗ୍ରହ କରି ରିପୋର୍ଟ ଦେଲେ ମିଉନିସିପାଲ ସଭାରେ ତହିଁର ଶେଷ ନିଷ୍ପତ୍ତି ହେବ । ମହାମାନ୍ୟ ଗବର୍ଣ୍ଣର ଜେନେରଲ ବାହାଦୁର ଜଣାଇଅଛନ୍ତି ଯେ କଲିକତାର ଲାଟ ଭବନର ପ୍ରଥମ ଉତ୍ସବରେ ଆସନ୍ତା ଜାନୁୟାରୀ ମାସ ତା ୨୪ ରଖରେ ହେବ ଏବଂ ତଦୁପଲକ୍ଷରେ ସେ ଦିନ ସେ ଲାଟ ଭବନରେ ଗୋଟିଏ ବୃହତ୍ ଭୋଜ ଦେବେ । ସମ୍ଭବତଃ ସେହିଦିନ ଅଭିଷେକୋତ୍ସବ କଲିକତାରେ ଅନୁଷ୍ଠିତ ହେବ ।

———

କନ୍ଦୀ ଗ୍ରାମର ମାମଲା ।

କନ୍ଦୀ ଗ୍ରାମର ପ୍ରତାରଣା କାଣ୍ଡରୁ ଉତ୍ପନ୍ନ ହେବା ହତ୍ୟା, ଘରପୋଡ଼, ଦଙ୍ଗାହଙ୍ଗାମା ଇତ୍ୟାଦି ଅଭିଯୋଗରେ ଜ ୨୦୬ ଶ ଅସାମୀ ଗ୍ରେପ୍ତାର ହୋଇଥିଲେ । ବିଚାରରେ ଜ ୮୮ ଶ ମୁକ୍ତିଲାଭ କରିଅଛନ୍ତି । ଅବଶିଷ୍ଟ ଜ ୧୧୮ ଶ ମଧ୍ୟରୁ ଜ ୨୨ ଶ ହତ୍ୟା ଅପରାଧରେ ଦୌରାସୁପର୍ଦ୍ଦ ହୋଇଅଛନ୍ତି । ଦଙ୍ଗାହଙ୍ଗାମା ଅପରାଧରେ ଜ ୩୫ ଶ ଦୋଷୀ ସାବ୍ୟସ୍ତ ହୋଇ ସେମାନଙ୍କ ମଧ୍ୟରୁ ଜ ୧୪ ଶ ବ ୩ ବର୍ଷ ଜ ୧୨ ଶ ୨୩ ବର୍ଷ ଏବଂ ଜ ୯ ଶ ବ ୨ ବର୍ଷ ଲେଖାଏଁ କଠିନ ପରିଶ୍ରମ ସହିତ କାରାବାସ ଦଣ୍ଡ ପାଇଅଛନ୍ତି । ଘର ପୋଡ଼ ହେବା ଅପରାଧରେ ଅଭିଯୁକ୍ତ ଅସାମିଙ୍କର ବିଚାର ଶେଷ ହୋଇ ନାହିଁ । ମାତ୍ର ଶୀଘ୍ର ଶେଷ ହେବ । ଏହା ଛଡ଼ା ଏହି ମାମଲାର ସମ୍ବାଦ ଥାନାକୁ ନେଇଯାଉ ଥିବା ଜଣେ ଚୌକିଦାରକୁ ବାଟରେ ମାରପିଟ କରି ତାହାଠାରୁ କାଗଜ ଛଡ଼ାଇ ନେବା ଜ ୪ ଶ ଅସାମୀ ମା ୬ ମ ଲେଖାଏଁ କାରାବାସ ଦଣ୍ଡ ପାଇଅଛନ୍ତି । ସେମାନେ ଅପିଲ କରି ଯାମୀନରେ ଖଲାସ ପାଇଅଛନ୍ତି । ଅତିରିକ୍ତ ସେସନ ଜଜ୍ ଶ୍ରୀଯୁକ୍ତ ରଥ୍‌ର୍ଫୋର୍ଡ ସାହେବ ତମଲୁକରେ ଦୌରା ଓ ଅପିଲ ମୋକଦ୍ଦମାମାନଙ୍କର ବିଚାର କରିବେ ;

ଏ ସମସ୍ତ ମାମଲାର ମୂଳାଧାର ପ୍ରତାରକ ଗୋପାଳ ରାୟ ଦଣ୍ଡବିଧି ଆଇନର ଧା ୪୬୦ ସ ଲିଖିତ ଶଠତା ଅପରାଧରେ ଅଭିଯୁକ୍ତ ହୋଇ ଦଶ ହଜାର ଟଙ୍କାର ଯାମିନ ଦେବାକୁ ଅସମର୍ଥ ହେବାରୁ ମେଦିନୀପୁରର ଜେଲଖାନାରେ ହାଜତରେ ପଡ଼ିଅଛି । ଅଭିଯୋଗ ସମ୍ବନ୍ଧରେ ସେ ଯେଉଁ ଜବାବ ଦେଇଅଛି ମେଦିନୀବାନ୍ଧବରେ ତାହା ବିସ୍ତାରିତରୂପେ ଲେଖା ହୋଇଅଛି । ତହିଁର ସାର ମର୍ମ ଏହି ଯେ ସେ ସୁନ୍ଦରବନରେ ଜଙ୍ଗଲ କଟାଇ ଜମି ଆବାଦ କରିବା ବ୍ୟବସାୟରେ ଅନେକ ଟଙ୍କା ଲାଭ କରୁଅଛି ଏବଂ ସେଠାର ପ୍ରଜାମାନଙ୍କ ହିତ୍କି ପ୍ରତି ଦକାଇ ଟ ୦ /୫ ଠାରୁ ଟ ୦ ୶ ପର୍ଯ୍ୟନ୍ତ ସୁଧରେ ଧାର ଦେଇ ଅନେକ ରୋଜଗାର କରୁଅଛି । କନ୍ଦୀ ଗ୍ରାମ ଥାନାର ଦାରୋଗା ତାହାଙ୍କୁ ପାଞ୍ଚ ଶ ଟଙ୍କା ଘୁଷ ମାଗିବା ଏବଂ ସେଥି ପାଇଁ ଥାନାରେ ଅଟକ ରଖିବାର ମଧ୍ୟ କହୁଅଛି । ବିଚାର ଶେଷ ହେଲେ ପ୍ରକୃତ କଥା ପ୍ରକାଶ ପାଇବ ।

———

ଅଭିଷେକ ଉପଲକ୍ଷରେ
ବୃକ୍ଷରୋପଣ ।

କୁଚେଲର ରାଜା ଏବଂ ଲୀରଡର ସମ୍ରାଟ ଏଡ଼ୱାର୍ଡ ସପ୍ତମଙ୍କର ରାଜ୍ୟାଭିଷେକ ଦିନରେ ତାହାଙ୍କର ରାଜ୍ୟର ସମସ୍ତ ପ୍ରଜାମାନେ ନ ନ ମଙ୍ଗଳ କାର୍ଯ୍ୟର ଅନୁଷ୍ଠାନ କରିବେ ତହିଁର ବିଚାର ସର୍ବତ୍ରେ ଲାଗିଅଛି ଏବଂ କେତେ୨ ସ୍ଥାନ-

Digitized by srujanika@gmail.com

Split by PDF Splitter



କର ପ୍ରସ୍ତାବ ଉପସ୍ଥିତ ହେଉଅଛୁ । ଅନ୍ୟାନ୍ୟ ପ୍ରସ୍ତାବ ମଧ୍ୟରେ ମାନ୍ଦ୍ରାଜ ପ୍ରଦେଶାନ୍ତର୍ଗତ ନାଏମବଲୁର ଜିଲ୍ଲାର କଲେକ୍ଟର ଶ୍ରୀଯୁକ୍ତ ମାର୍ଟିନ୍ ସାହେବ ଗୋଟିଏ ଅତୀବ ହିତକର ପ୍ରସ୍ତାବ କରିଅଛନ୍ତି ଏବଂ ତାହା ଆମ୍ଭମାନଙ୍କ ମନକୁ ବଡ ଲାଗିବାରୁ ପାଠକମାନଙ୍କୁ ଆନନ୍ଦସହିତ ଜଣାଉଅଛୁଁ । ପ୍ରସ୍ତାବଟି ଏହି କି ଅଭିଷେକଦିନ ଏବଂ ପ୍ରତିବର୍ଷ ସେହିଦିନ ପ୍ରତ୍ୟେକ ଗ୍ରାମର ପ୍ରତ୍ୟେକ ଗୃହସ୍ଥ ବରଂ ପ୍ରତିଘରର ପ୍ରତ୍ୟେକ ବ୍ୟକ୍ତି ଗୋଟିଏ ଲେଖାଏଁ ଗଛ ଲଗାଇବେ ଯେଉଁମାନେ ତହିଁକି ଅସମର୍ଥ ସେମାନେ ଦୁଇ ଗୃହଜଣ ମିଶି ମୂଲ୍ୟସାହାଯ୍ୟ ଗୋଟିଏ ଗଛ ଲଗାଇବେ । ସେ କହୁଅଛନ୍ତି କି "ବୃକ୍ଷମାନ ଈଶ୍ୱରଙ୍କର ଫସଲ ଅଟନ୍ତି ଏବଂ ଖାଦ୍ୟ ଯୋଗାଇବା ଉପରେ ଅଧିକା କେତେ ଉପକାର କରନ୍ତି । ଉତ୍ତାପ ଏବଂ ବୃଷ୍ଟିର ବ୍ୟବସ୍ଥା ଅନେକ ପରିମାଣରେ ବୃକ୍ଷ ନିର୍ଭର କରେ ଏବଂ ଜନସାଧାରଣର ସ୍ୱାସ୍ଥ୍ୟ ଓ ଭୂମିର ଉର୍ବରତା ସାଧନ ବୃକ୍ଷ ନାନା ବୃହତ୍‌କାର୍ଯ୍ୟ ମଧ୍ୟରେ ପରିଗଣିତ । ସଂକ୍ଷେପରେ ଏ ଦେଶରେ ପଶୁ ଓ ମନୁଷ୍ୟପ୍ରତି ବୃକ୍ଷର ଉପକାର ଅମୂଲ୍ୟ ଅଟେ । ଏମନ୍ତସ୍ଥଳେ ବୃକ୍ଷରୋପଣ ଅପେକ୍ଷା ଅଭିଷେକ ଦିନର ଶ୍ରେଷ୍ଠ ବ୍ରତ ଅଉ କି ହୋଇପାରେ ? ବୃକ୍ଷମାନ ବର୍ଷକୁ ବର୍ଷ ବଢି ଯେମନ୍ତ ଅଧିକତର ସବଳ ଓ ଫଳବାନ ହେଉଥିବ ଅଭିଷେକର ସ୍ମରଣ ତେମନ୍ତ ଦୃଢ ହେଉଥିବ । ହିନ୍ଦୁଶାସ୍ତ୍ରରେ ପ୍ରତି ମନୁଷ୍ୟର ଯେଉଁ ନିତାନ୍ତ କର୍ତ୍ତବ୍ୟକର୍ମ ମଧ୍ୟରେ ବୃକ୍ଷରୋପଣ ଗୋଟିଏ ନୁହେ କି ? ବୃକ୍ଷରୋପଣ ବିଷୟରେ ଗୋଟିଏ ବାଧକ ରହିଅଛି ଏବଂ ତାହା ପ୍ରତିପାଳନ କରିବାର ଗୋଟିଏ ସୁଯୋଗ ଘଟିଅଛି । ଏଥିରେ ହେଳା କରିବା ଉଚିତ ନୁହଇ ।"

ବୃକ୍ଷ ରୋପଣ ସମ୍ବନ୍ଧରେ ଶ୍ରୀଯୁକ୍ତ ମାର୍ଟିନ୍ ସାହେବ କଲେକ୍ଟର ଉପରଲିଖିତ ଯେଉଁ ସାର ଉପଦେଶ ଦେଇଅଛନ୍ତି ତାହା ଭାରତବାସିଙ୍କ ନିକଟରେ ନୂତନ ନୁହେ । ଅଶ୍ୱତ୍ଥ ବୃକ୍ଷମୂଳେ ନିତ୍ୟ ଜଳ ଦେବା ଏବଂ କଠିଲେ ବାଟ ଘାଟ ଇତ୍ୟାଦି ପାର୍ଶ୍ୱରେ ରୋପଣ କରିବା ଏବଂ ନାନା ଫୁଲ ଓ ଫଳବାନ୍ ବୃକ୍ଷମାନ ତୋଟାରେ ଏବଂ ଜନସାଧାରଣଙ୍କର ଗତାଗତ ସ୍ଥାନରେ ଲଗାଇବା ନିତ୍ୟ ପୁଣ୍ୟକାର୍ଯ୍ୟ ବୋଲି ହିନ୍ଦୁଶାସ୍ତ୍ରକାରମାନେ ନିର୍ଦ୍ଦେଶ କରିଯାଇଅଛନ୍ତି ଏବଂ ତାହା ଏପର୍ଯ୍ୟନ୍ତ କେହି କେହି କରିବାର ଦେଖା ଯାଉଥିଲେହେଁ କ୍ରମାଗତ ଊଣା ପଡିଆସୁଅଛି । ପାଶ୍ଚାତ୍ୟ ଶିକ୍ଷାଲାଭ ଅଥବା ବୈଜ୍ଞାନିକଲୋକଙ୍କର ଆଗ୍ରହ ପରିବର୍ତ୍ତନ ଅଥବା କାଳର ଗତିରେ ଏ ସଂସାର ରକ୍ଷା ବିଷୟରେ ଲୋକେ ଏକାନ୍ତ ବ୍ୟସ୍ତ ରହି ପରକାଳର ଚିନ୍ତା ଏକାବେଳେ ପାସୋରି ଯିବା ହେତୁ ହେଉ ଶାସ୍ତ୍ରର ଶାସନ ଏଣିକି ରହୁପାରୁ ନାହିଁ । ଏହା ଦେଖି ଶ୍ରୀଯୁକ୍ତ ମାର୍ଟିନ୍ ସାହେବ କଲେକ୍ଟର ଯେ ବୃକ୍ଷରୋପଣର ମହତ୍ୱ ସ୍ମରଣ କରାଇ ଦେଇଅଛନ୍ତି ଏବଂ ସମ୍ରାଟଙ୍କର ପ୍ରୀତରେ ତାହାର ଅନୁଷ୍ଠାନ କରିବାକୁ ଅନୁରୋଧ କରୁଅଛନ୍ତି ଏଥିପାଇଁ ସେ ଧନ୍ୟବାଦର ପାତ୍ର ଏବଂ ତାହାଙ୍କର ଏହି ପରାମର୍ଶ ଜନସାଧାରଣରେ ଗୃହୀତ ଓ ଯଥାଯୋଗ୍ୟରୂପେ ଅନୁଷ୍ଠିତ ହେଲେ ବଡ଼ ଆନନ୍ଦର ବିଷୟ ହେବ । ଧର୍ମଶାସ୍ତ୍ରପ୍ରତି ଲୋକଙ୍କର ଆସ୍ଥା ଊଣା ହେବା ସ୍ଥଳେ ରାଜଭକ୍ତିରେ ଅନୁଷ୍ଠାନ ବିଶେଷର ସଂଯୋଗ ବୁଦ୍ଧି କୌଶଳ ଅଟେ ଏବଂ ଧନ ପ୍ରାଣ ରକ୍ଷାପରି ଧର୍ମ ରକ୍ଷା ରାଜକାର୍ଯ୍ୟ ଅଟେ । ରାଜକର୍ମଚାରୀଙ୍କର ଟିକିଏ ଇଙ୍ଗିତ ହେଲେ ଲୋକେ ଉତ୍ସାହିତ ହେବେ ଏଥିରେ ସନ୍ଦେହ ନାହିଁ ।

---

## ମ୍ୟୁନିସିପଲ ଟିକସର ଅପିଲ ।

ଏ ନଗରର ମ୍ୟୁନିସିପଲ ଟିକସର ଅପିଲ କଥାଟି ପୁଣି ପ୍ରାପ୍ତ ହେଉଅଛି । ତିନ କମିଟୀର ନିଯୁକ୍ତିରୂପେ ବୈଠକ ହେଉଅଛି ଏବଂ କାର୍ଯ୍ୟ ଯଥୋଚିତ ଅଗ୍ରସର ହେଉଅଛି । ଅପିଲ କମିଟିର ଫଳ ଯାହା ଆମ୍ଭେମାନେ ପୂର୍ବେ ପ୍ରକାଶ କରିଥିଲୁଁ ଦୁଇ କମିଟୀର ବୈଠକରେ ତାହା ପ୍ରାପ୍ତ ସ୍ଥିର ରହିଅଛି । କେବଳ ଅନ୍ୟ କମିଟୀ କି ଯାହାର ପ୍ରଧାନ ସଭ୍ୟ ସ୍ୱୟଂ ଚେଅରମାନ ଅଛନ୍ତି ତାହାର ଫଳ କିଛି ଓଲଟା ହେଲାକୁ ଉପକାର ଜଣା ଯାଉଅଛି । ଏହି କମିଟୀର ଜଣେ ସଭ୍ୟ ପାଦ୍ରି ହାବେଲ ସାହେବ ଅଟନ୍ତି । ଅତେବ ଏହାଙ୍କର ଜମାବନ୍ଦୀ କେତେଦୂର ନ୍ୟାୟସଙ୍ଗତ ହୋଇଅଛି ସ୍ୱୟଂ ତାହା ବୁଝିବା କାରଣ ହାବେଲ ସାହେବ ଗୁରୁଜମ୍ବର ଅପିଲର ବାବୁ ସାମନ୍ତେଙ୍କ ପତ୍ନୀଙ୍କୁ ସଙ୍ଗେ ନେଇ ଅପିଲକାରୀଙ୍କର ଅବସ୍ଥା ଓ ଘର ଦେଖିବାକୁ ଯାଇଥିଲେ । ସେଠାରେ ଯାହା ଦେଖିଲେ ଓ ତଦନ୍ତ କଲେ ତହିଁରୁ ଭ୍ରମରୂପେ ଜାଣିପାରିଲେ ଯେ ଉକ୍ତ ଗୁରୁଜମ୍ବରରେ ଅନ୍ୟାୟ ଜମାବନ୍ଦୀ ହୋଇଅଛି । ତହିଁମଧ୍ୟରୁ ଦୁଇନମ୍ବର ଛତ୍ରର ଯୋଗ୍ୟ ହେବାକୁ ଅସେସର ଯାହା ଜମାବନ୍ଦୀ କରିଥିଲେ ତାହା କାଟିଦେଲେ, ଏକନମ୍ବରରେ ଦୁକାନଜମା ସ୍ଥିର କରି ଯାହା ବୃଦ୍ଧି ହୋଇଥିଲା ତାହା କାଟିଦେଲେ ଏବଂ ଅନ୍ୟ ନମ୍ବରରେ ପୂର୍ବର ଜମା ଉପରେ ଯାହା ବଢିଥିଲା ତାହା ସହିତ ପୂର୍ବର ଜମାରୁ ପ୍ରାୟ ଚାରିପଣ କାଟିଦେଲେ । ସାହେବ ମହୋଦୟ ଯେ କେବଳ ନ୍ୟାୟବିଚାର ଏବଂ ଉଚିତ ତୃପ୍ତିର ଅନୁରୋଧରେ ସରଜମୀନ ତଦନ୍ତର କଷ୍ଟ ସ୍ୱୀକାର କରିଥିଲେ ଏହା ହୋଇବା ବାହୁଲ୍ୟ ଏବଂ ସେପରି ନ୍ୟାୟବାନ୍ ସଭ୍ୟଙ୍କର ସମ୍ମୁଖରେ ଗତ ଥରଟାର ଅଧିକାଂଶ ଅପିଲ ନାମଞ୍ଜୁର ହେବାରୁ କେହି କହୁପାରନ୍ତି ଯେ ସେଦିନ ହେବାରୁ କେବଳ ବୃଥା ଅପିଲ କରିବା ବ୍ୟକ୍ତିଙ୍କର ପାଳି ପଡି ଯାଇଥିଲା । ମାତ୍ର ଏ ଅନୁମାନ କଳ୍ପନା କରିବାକୁ ମନ ମାନୁ ନାହିଁ । ଅମ୍ଭମାନଙ୍କର ଭୟ ହେଉଅଛି ଯେ ଏଣିକି ମ୍ୟୁନିସିପାଲଟୀର ଆୟ ଶଙ୍କା ହେବା ଦ୍ୱାରାରେ କମିଟୀର ମେମ୍ବରମାନେ ଅଧିକ ବ୍ୟସ୍ତ ହେବାରୁ ନ୍ୟାୟବିଚାର ଅଧିକ ଊଣା ପଡ଼ିଅଛି । ତାହା ନ ହେଲେ ଯେତେବେଳେ ଗୁରୁଜମ୍ବର ସରଜମିନ ତଦନ୍ତରେ ଗୋଟିଏ ନମ୍ବର ସହା ସ୍ଥିର ରହି ନ ପାରିଲା ସେତେବେଳେ ନ୍ୟାୟବିଚାର ସହାରେ ସରଜମିନ ତଦନ୍ତର ଆବଶ୍ୟକତା ପ୍ରତିପନ୍ନ ହେବା ପ୍ରତ୍ୟକ୍ଷେ ଅଉ ଅବସର ନ ହେଲେ କାହିଁକି ? ବିଶେଷତଃ ସେଦିନର କାର୍ଯ୍ୟ ଗତି ଦେଖି ଜଣାଗଲା ଯେମନ୍ତ କୌଣସିମତେ ଅଧିକ ଅପିଲ ନିଷ୍ପତ୍ତି କଲେ ହେଲା । ଅପିଲକାରୀମାନଙ୍କୁ ଆପତ୍ତି ପ୍ରକାଶ କରିବାର ଉପଯୁକ୍ତ ସମୟ ଦିଆଗଲା ନାହିଁ । କେତେଲୋକଙ୍କୁ ସେମାନଙ୍କର ଦୋକାନର ଖାତାବହି ଦେଖାଇବାକୁ ଆଦେଶ ହେଲା । ଜଣେ କହିଲା କି ଦେଖାନ ମୁନ୍ସି ତାହାର ବଡ଼ଭାଇପାଖରେ ଅଛି ଓ ସେ ମୋଫସଲରୁ ଫେରିଆସିଲେ ଦେଖାଇବ । ଏ ସ୍ଥଳେ ଅବକାଶ ଦେବାର ଉଚିତ ଥିଲା । ମାତ୍ର ସେ କିଛି ନ କହିବାର ମେମ୍ବରମାନେ ଅନୁମାନ କରି ଅପିଲ ନାମଞ୍ଜୁର କଲେ । ସେ ବ୍ୟକ୍ତି ଗୁଡ଼ାକର ଦୋକାନ କରେ । ଏଥିରୁ ବର୍ତ୍ତମାନ କାଳରେ କେବଳ ଗୁଡ଼ାଖୁ କରି ଜଣ ମାସକୁ ୬୦ ଟା ଲାଭ କରିବା ହେବେ ଦୂର ସମ୍ଭବ ତାହା ବ୍ୟବସାୟୀ ମାତ୍ରେ ବୁଝିପାରିବେ ଓ ଦୋକାନ ଦେଖିଥିଲେ ମେମ୍ବରମାନଙ୍କର ଏଥି ଭ୍ରମ ନ ଆନ୍ତା । କେତେକଣ ଦେଶୀ ଲୁଗାର ଦୋକାନଦାରଙ୍କର ଅପିଲ ସମ୍ବନ୍ଧରେ ମୋଟରେ ଏହି ସିଦ୍ଧାନ୍ତ ହୋଇଗଲା ଯେ ପୂର୍ବାପେକ୍ଷା ଏଣିକି ଏ ବ୍ୟବସାୟରେ ଅଧିକ ଲାଭ ହେଉଥିବା ପ୍ରତ୍ୟକ୍ଷେ ଅଧିକା ଟିକସ କ ଦେବେ କାହିଁକି ? ଦେଶୀ ଲୁଗାର କାରବାର ଯେବେ ବଢୁଅଛି ତେବେ ତନ୍ତ୍ରୀଙ୍କର ଦୁର୍ଦ୍ଦଶା କାହିଁକି ଦୂର ନାହିଁ ଏବଂ ବିଲାତି ଲୁଗାର ଏତେ କାଟତି କାହିଁକି ? ଅଭ୍ୟ ଅଧିକ ଉଦାହରଣ ଦେବାର ସ୍ଥାନ ନାହିଁ । ଅମ୍ଭେମାନେ ସ୍ୱୀକାର କରୁଁ କି ମ୍ୟୁନିସିପାଲଟୀର ଆୟପ୍ରତି ଦୃଷ୍ଟି ରଖିବା କମିଶନରମାନଙ୍କର କର୍ତ୍ତବ୍ୟ ଅଟେ ମାତ୍ର ସେଥି ଅସ୍ତୁ ବୃଦ୍ଧି ପ୍ରତି ନୁହେ ? ଟିକସ ବ୍ୟକ୍ତି ବିଶେଷରୂପରେ ଉଚିତ ଦ୍ରବ୍ୟ

Digitized by srujanika@gmail.com

ଧାର୍ଯ୍ୟ ହୋଇଅଛୁ ତ ତା ଏ ପ୍ରଶ୍ନର ମୀମାଂସା କେବଳ ତହିଁର ଫଳ ମିଉନିସିପାଲିଟୀର ଅନୁକୂଳ ବା ପ୍ରତିକୂଳ ହେବା ତଥାପି ଅହୋ ମନରେ ସ୍ଥାନ ନ ଦେଇ ନିରପେକ୍ଷ ଭାବରେ କରିବାକୁ ଉଚିତ ହେଉଅଛୁ । ଅପୂର୍ଣ୍ଣର ବିଷୟ ଯେ କେତେକ କମିଶନର ଟିକସ ବୃଦ୍ଧି ସପକ୍ଷେ ଅତ୍ୟନ୍ତ ବ୍ୟସ୍ତ ହୋଇ ଏ ନଗରବାସିଙ୍କର ଆୟ ଉପରେ ଶତକଡ଼ା ଏକ ଟଙ୍କା ହାରରେ ଟିକସ ଧାର୍ଯ୍ୟ ହେବାର ନିୟମ ପ୍ରତି ସନ୍ଦିହାନ ହୋଇଅଛନ୍ତି । ଏହି ନିୟମଟି ବ ୩୦ ବର୍ଷରୁ ଉର୍ଦ୍ଧ୍ୱ ହେଲା ନ୍ୟାୟପରାୟଣ ଶ୍ରୀଯୁକ୍ତ ମାକଫର୍ସନ ସାହେବ ଏ ଜିଲାର ମାଜିଷ୍ଟ୍ରେଟ ଥିବା କାଳରେ ପ୍ରସ୍ତୁତ କରିଥିଲେ । ତଦବଧି ଏହା ପ୍ରଚଳିତ ହୋଇ ଆସୁଅଛି ଏବଂ ଗବର୍ଣ୍ଣମେଣ୍ଟଙ୍କ ପ୍ରକାଶିତ ବଙ୍ଗୀୟ ମିଉନିସିପାଲିଟି ସମୂହର ବାର୍ଷିକ ରିପୋର୍ଟରେ ଲେଖା ଅଛି । ଏହି ସ୍ଥାନୀୟ ବିଷୟଟି ଆଇନ ବା ସାଧାରଣ ନିୟମାବଳୀରେ ଲେଖା ହେବାର ବିଷୟ ନୁହେ ଏବଂ ଏଠା ମିଉନିସିପଲ ଅଫିସରେ ତହିଁର ନିଦର୍ଶନ ନ ଥିବାର ସ୍ୱୀକାର କଲେହେଁ ସର୍ବକାଳରୁ ଚଳି ଆସୁଥିବାରୁ ଆଇନ ତୁଲ୍ୟ ପ୍ରବଳ ହୋଇଅଛି ସନ୍ଦେହ ନାହିଁ । ପରନ୍ତୁ ଏହି ଏକ ଟଙ୍କା ହାରରୁ ଊଣା ବୋଲି ଯାଇ ନ ପାରେ । ସାଧାରଣ ଜନସ୍ୱର ଅଭାବ ଦୂର କରିବାର ଅତ୍ୟନ୍ତ ପ୍ରୟୋଜନ ହେବାରୁ ଗବର୍ଣ୍ଣମେଣ୍ଟ ବାର୍ଷିକ ଟ ୫୦୦ ଙ୍କାରୁ ଊଣା ନ ହେବା ଆୟ ଉପରେ ମୋଟା ମୋଟି ଶତକଡ଼ା ଟ ୨ ୮ ଙ୍କାରୁ ଅଧିକ କର ଗ୍ରହଣ କରିବା ଯେ ସ୍ଥଳେ ନ୍ୟାୟ ସଙ୍ଗତ ବିବେଚନା କରୁ ଅଛନ୍ତି ସେ ସ୍ଥଳେ ସ୍ଥାନୀୟ ପ୍ରୟୋଜନ ନିମନ୍ତେ ଅତି ସାମାନ୍ୟ ଆୟ ପର୍ଯ୍ୟନ୍ତ ଶତକଡ଼ା ଏକ ଟଙ୍କା ହାରରେ ଟିକସ ନେବା ଅଳ୍ପ ବୋଲି ଯାଇ ନ ପାରେ । ପ୍ରଜାବତ୍ସଳ ମାକଫର୍ସନ ସାହେବ ସେ ସମୟର ଅବସ୍ଥା ଦେଖି ବୁଝିଥିଲେ ଯେ ମାସକୁ ଯେ ଏକ ଅଣା ଦେଇ ନ ପାରେ ଅର୍ଥାତ ଯାହାର ମାସକୁ ଟ ୬ ୮ ଙ୍କାରୁ ଉର୍ଦ୍ଧ୍ୱ ନୁହେ ତାହାଠାରୁ ଅହୋ ଟିକସ ନେବା ଉଚିତ ନୁହେ । ସେ ବ୍ୟକ୍ତି ଅତିଭ ଯୋଗ୍ୟ । ସେ ସମୟର ସଂଖ୍ୟାର ନିମ୍ନାଙ୍କର ବ୍ୟୟ ବର୍ତ୍ତମାନ ସଙ୍ଗେ ତୁଳନାରେ ଦେଢ଼ ଗୁଣରୁ ଊଣା ହେବ ନାହିଁ । ସୁତରାଂ ଟିକସର ଭାର ଦେଢ଼ ଗୁଣ ଅର୍ଥାତ ଟ ୧ ୮ ଙ୍କା ଟ ୧୨ ହୋଇ ଅଛି । ତଥାପି ଅସ୍ମାକଙ୍କର ମିଉନିସିପଲ କମିଶନରମାନଙ୍କ ମଧ୍ୟରେ କେତେକ ସନ୍ତୁଷ୍ଟ ନାହାନ୍ତି । ଏପରି ଲୋକଙ୍କ ହାତରେ ସାଧାରଣ କାର୍ଯ୍ୟଭାର ଦେବା ଉଚିତ ନୁହେ କି ?

---

# ସାପ୍ତାହିକ ସମ୍ବାଦ ।

## କଲିକତା-ଗେଜେଟ ।

ସାରଣର ମାଜିଷ୍ଟ୍ରେଟ ଓ କଲେକ୍ଟର ମିଃ ଇ, ଏଫ. ସ୍ମାଇଥ ସାଂହୋତିଙ୍କରେ ଅବସର ଗମିବାର ପଦରେ ଅସ୍ଥାୟୀ ଭାବରେ ନିଯୁକ୍ତ ହେଲେ ।

ମିଃ ଜ୍ଞାନେନ୍ଦ୍ରନାଥ ଗୁପ୍ତ ୧ମ ଶ୍ରେଣୀର ଜଏଣ୍ଟ ମାଜିଷ୍ଟ୍ରେଟ ଓ ଡେପୁଟୀ କଲେକ୍ଟରର ପଦରେ ବାହାଲ ହେଲେ ।

ମିଃ ଏ, ଗାରେଟ ୨ୟ ଶ୍ରେଣୀର ଜଏଣ୍ଟ ମାଜିଷ୍ଟ୍ରେଟ ଓ ଡେପୁଟୀ କଲେକ୍ଟର ପଦରୁ ଅସ୍ଥାୟୀ ଭାବରେ ଉନ୍ନତ ପ୍ରାପ୍ତ ହେଲେ ।

ବାବୁ ଜଗଦାନନ୍ଦ ଘୋଷ ଡେପୁଟୀ କଲେକ୍ଟରର ଜୁଅଁଶାଦ ଛୁଟିବାର ଯେଉଁ ସ୍ଥାନରେ ଡେପୁଟୀ କଲେକ୍ଟରର ପଦରେ ନିଯୁକ୍ତ ହେଲେ ।

କଟକର ସବଡେପୁଟୀ କଲେକ୍ଟର ବାବୁ ଭବକୁମାର ମାଥୁର ହିଂଜୁଲି ଜିଲାର ସଦରମହକୁମାକୁ ସ୍ଥାନାନ୍ତରିତ ହେଲେ ।

ରେଭେନସା କଲେଜରୁ ନିମ୍ନଲିଖିତ ଛାତ୍ରମାନେ ବିଶ୍ୱ ବିଦ୍ୟାଳୟ ପାଶ କରିଅଛନ୍ତି ।

୧ ଦାମୋଦର ମିଶ୍ର　　୨ ଜଗନ୍ନାଥ ତ୍ରିପାଠୀ

କଟକର ସରକାରୀ ସ୍କୁଲ ଇଂରାଜୀ ଶିକ୍ଷକ ପରୀକ୍ଷାର ୩ୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

ନିମ୍ନଲିଖିତ ମୁନସଫମାନେ ପଦୋନ୍ନତି ପାଇଅଛନ୍ତି ଯଥା

ବାବୁ ଶ୍ରୀପତି ଚୌଧୁରୀ　　୧ମ ଶ୍ରେଣୀରେ ବାହାଲ
„ ହରେନ୍ଦ୍ରନାଥ ଘୋଷ　　୩ୟ ଶ୍ରେଣୀରେ ଉନ୍ନତ
„ ଗଜେନ୍ଦ୍ରନାଥ ଚୌଧୁରୀ　　୩ୟ ଶ୍ରେଣୀରେ ବାହାଲ

---

ଏ ସପ୍ତାହରେ ସ୍ଥାନୀୟ ବୃଷ୍ଟି ନାହିଁ ମେଘ ବାୟୁ ଶୀତଳ ଅଛି ।

ଦକ୍ଷିଣରୁ ପୂର୍ବର ଅସ୍ଥ ଅଧି ଏ ନଗରରେ ବସନ୍ତ ରୋଗ ଅଛି । ଲେଇ ପ୍ରଥାରୁ ଏହା ଘଟୁଅଛି । ମାତ୍ର ଦଲ ଏଥିରେ ଲୋକ ଯେ ଭଲପରି ଦେଖୁଛନ୍ତି ପସ୍ତ ନାହିଁ ।

ମାଜିଷ୍ଟ୍ରେଟ ସାହେବ ରିଗ୍ଝାପଣ ମୋକଦ୍ଦମାରେ ଦଣ୍ଡ ପାଇ ଥିବା ଭାଗ ଓ ଜଣା ୯ । ଠକୋଇରେ ଅପିଲ କରିଥିଲେ । ଦଣ୍ଡରେ ଅପିଲ ଖାରିଜ ହୋଇଅଛି ।

ମୌଲବ ଇବ୍ରାହିମ ଡେପୁଟି କଲେକ୍ଟର ଛୁଟି ନେଇ ଯାଇଥିଲେ । ତାଙ୍କ ଛୁଟିର ମିଆଦ ଯେଉଁ କାର୍ଯ୍ୟରେ ଉପସ୍ଥିତ ହୋଇ ଅଛନ୍ତି ।

ଗତ ଶୁକ୍ରବାର ତା ୨୦ ରିଖ ମୟୂର ଭଞ୍ଜ ମହାରାଜା ଏଠାକୁ ଆସି ଖାସ ଖଲିଶା ବାଗିଚାରେ ରହିଥିଲେ । ଅନେକ ପ୍ରମାଣ ଏବଂ ଏଠାରେ ୨୦ କଣ ଦାନ ଧର୍ମକୁ ଦେଇ ପରଦିନ ପଶ୍ଚିମ ଦିଗରେ ଗୋଲାବୀ ଅଛନ୍ତି ।

ଗତ ବୁଧବାର ଏ ନଗରର ଉକିଲ ଜମିଦାର ବାବୁ ଲକ୍ଷ୍ମୀନାରାୟଣ ଚୌଧୁରୀଙ୍କ ଘରେ ତାହାଙ୍କ ମାମୁ ପୁରୀ ବାବୁ ସାର୍ଥିକଚନ୍ଦ୍ର ରାୟ ଚୌଧୁରୀ ସବଡେପୁଟି କଲେକ୍ଟରଙ୍କ ପୁତ୍ର ଜ୍ୟେଷ୍ଠ କନ୍ୟାର ବିବାହ ଉତ୍ସବରେ ଭୋଜ ସମାଜେହ ହୋଇଥିଲା । ନଗରବାସୀ ପ୍ରାୟ ସମସ୍ତ ଭଦ୍ର ଲୋକ ଆମନ୍ତ୍ରିତ ହୋଇଥିଲେ ଏବଂ ସେମାନଙ୍କ ଯଥୋଚିତ ଭୋଜ ହୋଇଥିଲା । ମଙ୍ଗଳବାରରେ ବରକନ୍ୟାର ଏକ ରାତି ଏକ ପ୍ରଥାର ନୃତ୍ୟ ଗୀତ ସଙ୍ଗୀତର ନାଚ ହୋଇଥିଲା ।

ଗତ ସପ୍ତାହ ଅର୍ଥାତ ଏହି ସମୟରୁ ବୃଷ୍ଟି ଓ ଜଳ ଝଡ଼ ବନ୍ଦ ହୋଇ ଥିଲା । ଜଳର ପରିମାଣ କଟକ ନଗରରେ ୫ ଇଞ୍ଚ ୧୦ କଲେକ୍ଟର ପୁରୀ ଓ ଅନ୍ୟାନ୍ୟରେ ୨ ଇଞ୍ଚରୁ ଅଧିକ ହୋଇଥିଲା । ଏଥିରେ ଫସଲର ଉପକାର ହୋଇ ଅଛି ।

ଅଭିଷେକ ଉପଲକ୍ଷେ ପଞ୍ଚାଶ ଲକ୍ଷବାଜାରେ ଅନ୍ୟ ମାନଙ୍କର ସାମ୍ରାଜ୍ଞୀଙ୍କ ନିମିତ୍ତ ଅସ୍ମାନଙ୍କର କର୍ତ୍ତୃତ୍ବ ପତ୍ନୀ ମହାରାଣୀ ଭାରତରେ ଯେଉଁ କାରୁକାର୍ଯ୍ୟ ଚିତ୍ରିତ ପୋଷାକ ପ୍ରସ୍ତୁତ କରି ପଠାଇଅଛନ୍ତି ତହିଁରେ ସାମ୍ରାଜ୍ଞୀ ମହୋଦୟ ଅତ୍ୟନ୍ତ ଅନନ୍ଦିତ ହୋଇ ତାହା ଅଭିଷେକ ଉପଲକ୍ଷେ ବ୍ୟବହାର କରିବେ ବୋଲି ପ୍ରକାଶ କରିଅଛନ୍ତି ।—ଅଭିଷେକ ଉପଲକ୍ଷେ ସାମ୍ରାଜ୍ଞୀଙ୍କର ପରିଧାନ ବସ୍ତ୍ର ଭାରତରେ ପ୍ରସ୍ତୁତ ହେବାକୁ ଭାରତ ଯେ ଅତୀବ ଗୌରବାନ୍ୱିତ ହୋଇଅଛି ଏଥିରେ ସନ୍ଦେହ ନାହିଁ ।

କଟକଠାରେ ଜଣେ ଅଣ୍ଡାବଡ଼ଜଣୀୟ ବଙ୍ଗଳୀ ଭାଇବା ରୋଗ ହେବାରୁ ଅଫିମ ଖାଇଥିଲେ । ସକାଳରେ ଅଫିମର ମାତ୍ରା ଅଧିକ ହୋଇଯିବାରୁ କାଳପ୍ରାପ୍ତ ହେଲେ ।—ଅଫିମ ସେବନକାରୀମାନେ ସାବଧାନ !

ଭଦ୍ରକ ଅଧିବାସୀ ସେଠ ହାଜି ସୁଲେମାନ ମହମ୍ମଦ ସୁଲେମାନ ହୋଟୀ ଚଢ଼ି ମାସ ତା ୧୦ ଦିନରେ ପରଲୋକ ଗମନ କରିଥିବାର ସମ୍ବାଦ ମିଳିଲା । ଭଦ୍ରକ ନଗରକୁ ଜଳ ଯୋଗାଇବା କାରଣ ଏ ବ୍ୟକ୍ତି ସୁଭାସ ନିଜ ନିର୍ବାହୀ ପାଇଁ ଓ ଉଦାର ଟଙ୍କା ଦାନ କରିଥିଲେ ଏବଂ ଉଦାରତା ମୂଳକ ଭିନ୍ନାଭିନ୍ନ ନିମିତ୍ତ ଟ ୨୫୦୦୦ ଙ୍କା ଦେଇଥିଲେ । ଏପରି ଦାନଶୀଳ ଏ ବ୍ୟକ୍ତି ଦାନ କରିବାକୁ ବଞ୍ଚିତ ହେଲେ ।—ଧାର୍ମିକ ଏହିପରି ଦାନବୀର ସୁଦର୍ଶନ ହୁଏ । ଧନୀମାନେ ଥିଲେ ଏହା ଦେଖନ୍ତୁ କେଉଁଠି କି ?

---

### ମୂଲ୍ୟପ୍ରାପ୍ତ ।

| | |
|---|---|
| ଶ୍ରୀ ବାବୁ ଚନ୍ଦ୍ରମଣି ମହାପାତ୍ର ଜଗତ୍ପୁର | ଟ ୬ ୩ |
| „ ମହାରାଜ ବୌଦ୍ଧ ଗଡ଼ଜାତ ଷ୍ଟୁଲ୍‌ଗ୍ରନ୍ଥ | ଟ ୩ ( |
| „ ଏମ୍, ଏସ୍, ଦାସ ହୃଷ୍ଟିକେଶ ଅଫିସ୍‌ରେ ହେଉଛନ୍ତି ନେଇ ନବଲପର | ଟ ୩ ( |
| ରାଜା ଖଲ୍ଲିକୋଟ ଓ ଅଠଗଡ଼ | ଟ ୩ ( |
| ବାବୁ ମଧୁସୂଦନ ମିଶ୍ର ହେଡପଣ୍ଡିତ ବାଲେଶ୍ୱର | ଟ ୩ ( |
| „ ଭଗବାନ ଦାସ ଗୁପ୍ତ ଦେବୀ | ଟ ୩ ( |
| „ ଗୋପୀନାଥ ଦାସ ମୁକ୍ତାର କଟକ | ଟ ୧ ( |
| „ ହରିବନ୍ଧୁ ତ୍ରିପାଠୀ ହେଡପଣ୍ଡିତ ଧାମନଗର ସ୍କୁଲ | ଟ ୩ ( |
| ରାଜା ବଡ଼ କିମେଡ଼ି | ଟ ୭ ( |

---

## ବିଜ୍ଞାପନ ।


## NOTICE.

Wanted 4 Moharirs on Salary Rs. 20 rising to Rs 30 by biennial increment of Re. 1 for the Deputy Collector's establishment at Puri. Candidates should submit their applications with copies of testimonials and statement of relationship with any officer in Government employment on or before the 28th Instant.

Preference will be given to those who have passed the Entrance examination of the Calcutta University.

Puri Collectorte
The 18th June
1902.

A. Garrett
*Collector.*

NEW YORK LIFE
INSURANCE COMPANY

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J. BELL,
*Agent Cuttack*


Split by PDF Splitter

Digitized by srujanika@gmail.com

# ବିଜ୍ଞାପନ ।




ଯେତେଗୁଡ଼ିଏ ରୋଗ ଦୃଷ୍ଟିଭୂତ ହଉଅଛି ଏହି ଔଷଧର ଯେପରି ଶକ୍ତି ଅଛି ଅନ୍ୟ କୌଣସି ଔଷଧରେ ତାହା ଦେଖାଯାଏ ନାହିଁ ଯେବେ ତୁମ୍ଭେ ମନେ କରୁଥାଅ ଯେ ତୁମ୍ଭର ରୋଗ ଅସାଧ, ତୁମ୍ଭର ଡାକ୍ତରମାନେ ନିରାଶ ହୋଇ ତୁମ୍ଭକୁ ଛାଡ଼ି ଯାଇଥାଅନ୍ତି, ଯଦି ସାଲସା, ନଡ଼ି-ଲିଭରଅଏଲ, ଫଷ୍ଫୋଟାଇଲ ଗୋଲନ୍ ଡିସକଭରି ପ୍ରଭୃତି ପ୍ରଚଳିତ ବହୁଥ ପ୍ରକାର ପେଟେଣ୍ଟ ଔଷଧ ତୁମ୍ଭର ଜୀବନକୁ ହତାଶ କରଥାଏ, ତେବେ ଥରେ ଏହି ଔଷଧକୁ ପରୀକ୍ଷା କରି ଦେଖ, ପ୍ରତ୍ୟକ୍ଷଫଳ ଦେଖି ଆଶ୍ଚର୍ଯ୍ୟାନ୍ୱିତ ହେବ ରୋଗମୁକ୍ତ ହୋଇ ସୁଖରେ ଦୀର୍ଘଜୀବନ ଲାଭକରିବ । ଯେହେତୁ ଏରୂପ ଶକ୍ତିଶାଳୀ ଅଥଚ ସ୍ଥାୟୀ ହିତପ୍ରଦ ମହୌଷଧ ଇତିପୂର୍ବେ ଏ ଦେଶକୁ କେବେ ଆମଦାନି ହୋଇ ନାହିଁ ।

କଏ ନ ଜାଣେ ସାଲସା, କଡ଼ଲିଭର ଅଏଲ, ପ୍ରଭୃତି ଔଷଧ ସମ୍ବନ୍ଧରେ ଲୋକ ଶୁଣିଅଛେ ।

କ୍ଷଣିକ ଉପଶମ ଦେଖାଇ ସ୍ୱଳ୍ପ ସମୟରେ ରକ୍ତ ବିଶେଷରେ ପ୍ରବଳାକାର ଧାରଣ କରେ । କେତେବେଳେ, ତାହା ସାମୟିକ ଲାଭ ବିଶେଷ ହୋଇଯାଏ ଅଥଚ ସକଳ ସମୟରେ ଋତୁ ଧାତୁ ପ୍ରକୃତି ବିଶିଷ୍ଟ ଦେହରେ ସମାନ ଫଳ ପ୍ରାପ୍ତ ହୁଏ ନାହିଁ । କଡ଼ା ନିୟମର ଅଧୀନରେ ରହିବାକୁ ହୁଏ । କିନ୍ତୁ

ସ୍ୱାଇମାଟିନ ।

ତାହାର ସମ୍ପୂର୍ଣ୍ଣ ବିପରୀତ ଗୁଣବିଶିଷ୍ଟ ଅର୍ଥାତ୍ ଆରୋଗ୍ୟର କ୍ଷିପ୍ର ସ୍ଥାୟୀ, ଯେଉଁ ରୋଗ ଅରୋଗ୍ୟ ହୁଏ ତାହା ଆଉ କେବେହେଁ ଫେରି ଆସେ ନାହିଁ । ସୁତରାଂ ତାହାର ବ୍ୟବହାରରେ ସେବନର ପ୍ରୟୋଜନ ହୁଏ ନାହିଁ ବା କୌଣସି କଡ଼ା ନିୟମର ଅଧୀନରେ ରହିବାକୁ ହୁଏ ନାହିଁ ଅଥଚ ଶୀତ, ଗ୍ରୀଷ୍ମ, ବର୍ଷା ସକଳ ଋତୁରେ ସକଳ ଧାତୁ ପ୍ରକୃତି ବିଶିଷ୍ଟ ଦେହରେ ସମାନ ଉପକାର, ସମାନ କ୍ରିୟା ସମାନ ଗୁଣ ପ୍ରକାଶ କରେ । ସେହି ହେତୁରୁ ଏସିଆ, ଇଉରୋପ ଆଫ୍ରିକା ଓ ଆମେରିକା ମହାଦେଶମାନଙ୍କରେ ସର୍ବତ୍ର ସମାନ ଆଦରରେ ଗୃହୀତ ହେଉଅଛି । ପ୍ରତ୍ୟହ ସହସ୍ର ଲୋକ ବ୍ୟବହାର କରୁଅଛନ୍ତି । ଏରୂପ ବହୁଳ ବାହୁଲ୍ୟ, ଏବଂ ଅଯାଚିତ ଅସଂଖ୍ୟ ପ୍ରଶଂସାପତ୍ରହିଁ ଔଷଧର ଉତ୍କୃଷ୍ଟତା ଏବଂ ଅବ୍ୟର୍ଥତାର ଚୂଡ଼ାନ୍ତ ପ୍ରମାଣ !

ସ୍ୱାଇମାଟିନ କଣ ?

କେତେକଜଣ ସୁବିଜ୍ଞ ଶ୍ରେଷ୍ଠ ଡାକ୍ତରଙ୍କର ବହୁ ବର୍ଷ ବ୍ୟାପି ଗବେଷଣା ଓ ଅନୁସନ୍ଧାନର ଫଳରେ ଧାତବ, ଉଦ୍ଭିଦ ଓ ଖଣିଜ ପଦାର୍ଥର ବୈଜ୍ଞାନିକାଂଶର ସହିତରେ ସାମୁଦ୍ରିକ ଜାତୀୟ କୌଣସି ଦୁଷ୍ପ୍ରାପ୍ୟ ଜାନ୍ତବର ତୈଳାଂଶ ସହ ଯୋଗରେ ରାସାୟନିକ ପ୍ରକରଣରେ ଏହି ମହୌଷଧ ପ୍ରସ୍ତୁତ ।

ଅଥଚ ସେବନରେ ବିସ୍ୱାଦ ବା ଦୁର୍ଗନ୍ଧ ଯୁକ୍ତ ନୁହେ କିନ୍ତୁ ସୁଗନ୍ଧ ତୁଳନାରେ ଏହାର ମାତ୍ରା ଔଷଧ ଏବଂ ମୋଦକ ଅପେକ୍ଷା ମୂଲ୍ୟବାନ୍ ଅଟଇ ।

ସ୍ୱାଇମାଟିନର ଶକ୍ତି ଜନସ୍ରୋତର ରୋଗ ପ୍ରତି ସମ୍ୟକ୍ ଫଳପ୍ରଦ ଅର୍ଥାତ୍ :—

ଶୁକ୍ର, ରକ୍ତ, ଓ ମୂତ୍ରପିଣ୍ଡ ବା ପିତ୍ତ ସମ୍ବନ୍ଧୀୟ ପୀଡ଼ା—

୧ । ଶୁକ୍ରର ତରଳତା, ଧାତୁ ଦୌର୍ବଲ୍ୟ ପୁରୁଷତ୍ୱ ହାନି, ସ୍ତ୍ରୀ ସହବାସରେ ଅକ୍ଷମ, ସାମାନ୍ୟ ଉତ୍ତେଜନାରେ ରେତସ୍ଖଳନ, ମେହ, ପ୍ରମେହ, ଶୁକ୍ରମେହ, ମୂତ୍ରକୃଚ୍ଛ୍ର, ବହୁମୂତ୍ର, ମୂତ୍ରମୂତ୍ରରେ ଅଳ୍ପ ବା ଅଧିକ ପ୍ରସ୍ରାବ, ଫୋଟା ଫୋଟା ମୂତ୍ର ପତନ, ପ୍ରସ୍ରାବର ଜ୍ୱାଳା, ମୂତ୍ରସହ ଶୁକ୍ରପତନ, ମୂତ୍ର ତଳରେ ଘନ, ସ୍ୱପ୍ନଦୋଷ, ପ୍ରମେହ ଓ ଶୁକ୍ର କ୍ଷୟ ଜନିତ ମୁଣ୍ଡବ୍ୟଥା, ହାତ ଗୋଡ଼ ଓ ଚକ୍ଷୁ ଜ୍ୱାଳା, ସ୍ମରଣ ଶକ୍ତିର ହୀନତା, ଜ୍ୱରଭାବ, ହାତ ଗୋଡ଼ ଫୋଲା ଭଙ୍ଗା, କେଶର ଅକାଳପକ୍ୱତା, ମୁଣ୍ଡର ବାଳ ଉପୁଡ଼ିବା, ଅକାଳବାର୍ଦ୍ଧକ୍ୟ ଶରୀର ଦୁର୍ବଳ, ପରିଶ୍ରମରେ ଅକ୍ଷମ, ଅଜୀର୍ଣ୍ଣ, କୋଷ୍ଠ-ବଦ୍ଧତା ପ୍ରଭୃତି ଆନୁଷଙ୍ଗିକ ବିବିଧ ପ୍ରକାର ଶୁକ୍ରପୀଡ଼ା ଓ ଜନ୍ମାନ୍ତ ବସ୍ତୁକର ଉପସର୍ଗାଦି ଆରୋଗ୍ୟ କରିବାକୁ ଅବ୍ୟର୍ଥ ।

୨ । ଆଗ ଓ ଗଳିତର ବିଶାକ୍ତତା ବା ଦଷ୍ଟାକ୍ତ ଔଷଧାଦି ବ୍ୟବହାରରେ ଜମା ମ୍ୟାଲେରିଆର ବିଷ ପ୍ରଭୃତି କାରଣରେ ପ୍ରବିଷ୍ଟ ହେବା କାରଣରୁ ରକ୍ତର ଦୂଷିତ, ଗରମୀ ଘା, ପାରଦ ଘା, ନାକ ଓ ମୁଖରେ ଏବଂ ଦେହରେ ଘା, ମସ୍ତକ ବାଲଉପୁଡ଼ିବା ହାତ ଗୋଡ଼ ଓ ଅଙ୍ଗରେ ବେଦନା, ନୂତନ ପୁରାତନ ମେହ ଘଟିତ ବାତ, ଗରମୀ ବାତ, ଗଣ୍ଠିବାତ, ଶରୀର ଗଣ୍ଠି ଓ ସନ୍ଧିସ୍ଥ-ଳର ବେଦନା ଓ ଫୁଲା, ଚକ୍ଷୁରୁ ଜଳପଡ଼ିବା, ଦେହରେ ଚଡ଼ା ଦାଗ, ହାତ ଓ ଗୋଡ଼ର ତଳିରେ ସ୍ଥାନେ ସାଦା ବା କଳାଦେବା, ଚମ୍ପା ଚମଡ଼ା ଉଠିବା ପୁନଃ ବାଗୀ ପଡ଼ିବା, ଦେହରେ କଥ ବା ବ୍ରଣ ବାହାରିବା ଶରୀର ପିଡ଼ାଦା ଶୁଷ୍କ ଓ ଦୁର୍ବଳ ପ୍ରଭୃତି ରକ୍ତ ସମ୍ବନ୍ଧୀୟ ଯାବତୀୟ ପୀଡ଼ା, ଉପସର୍ଗାଦି ଆରୋଗ୍ୟ ପକ୍ଷରେ ଅମୋଘ !

୩ । ସନ୍ନିପାତ, ଦମାକାଶ, ଶ୍ୱାସ ପ୍ରଶ୍ୱାସରେ କଷ୍ଟ, ରକ୍ତବମନ, କଫସଙ୍ଗରେ ରକ୍ତକଣିକା ପତନ, ମୁଖରୁ ଓ ନାସିକାରୁ ରକ୍ତପତନ, ଛାତି ବେଦନା, କଫ ଜମିବାର, ସ୍ୱରଭଙ୍ଗ, ବେଦନା ପ୍ରଦାହ, ଆହାରରେ ଅରୁଚି, ଓ ବିସ୍ୱାଦ, ଅନ୍ନ ଜଳିବା, ଓ ହୃତ୍କମ୍ପ, ସହଜ ଓ ସାମାନ୍ୟ ଶ୍ରମରେ ସର୍ଦ୍ଦି ଓ କାଶର ଉତ୍ପତ୍ତି, ଫୁସ୍ଫୁସର କାର୍ଯ୍ୟ କରଣଶକ୍ତିର ଅଭାବ; ଇତ୍ୟାଦି ହୃତ୍ପିଣ୍ଡ ବା ଫୁସ୍ଫୁସ ସମ୍ବନ୍ଧୀୟ ଯାବତୀୟ ପୀଡ଼ାର ଅଦ୍ୱିତୀୟ ।

ଉପରୋକ୍ତ ପୀଡ଼ା ସମସ୍ତ କାରଣରେ ଏହି ଔଷଧ ଶୀର୍ଷ ସ୍ଥାନୀୟ, ଏଥିରେ ଯେଉଁ କେ-ତୋଟି ଶକ୍ତିସ୍ଥର ଭେଷଜ ପଦାର୍ଥ ଅଛି, ତାହା ଅନ୍ୟ କୌଣସି ଔଷଧରେ ନାହିଁ । ଏବଂ ସେହି ଗବେଷଣା ଲବ୍ଧ ଦୁଷ୍ପ୍ରାପ୍ୟ ପଦାର୍ଥ ନିମନ୍ତେ ଏହାର ଏରୂପ ଗୁଣଦାୟକ ହେବାର କାରଣ ଅଟଇ । ଯେବେ ତୁମ୍ଭେ ସେହି ସକଳ ରୋଗରେ ବା ତାହାର କୌଣସି ଉପସର୍ଗରେ ଆକ୍ରାନ୍ତ ହୋଇ-ଥାଅ ତେବେ ଏହି ମହୌଷଧ, ସେବନ କରି ଜୀବନ ରକ୍ଷା କର, ସହଜେ, ସ୍ୱଳ୍ପରେ, ସ୍ୱଳ୍ପ ସମୟରେ ସ୍ଥାୟୀ ଆରୋଗ୍ୟ ଲାଭ କରି ଦୀର୍ଘ-ଜୀବନ ପାଇବ । ଶରୀର ହୃଷ୍ଟପୁଷ୍ଟ, ବଳିଷ୍ଠ ଓ କାନ୍ତିବିଶିଷ୍ଟ ହେବ । କ୍ଷୁଧା ବୃଦ୍ଧି ହେବ, କୋଷ୍ଠ ପରିଷ୍କାର ହେବ ।

ସ୍ୱାଇମାଟିନ—ଶରୀର ରକ୍ତର ସଞ୍ଚିତ ଦୋଷ ଓ ଅଶୁଦ୍ଧ ଶୀଘ୍ର ଦୂରଣ କରିବାକୁ ସ୍ୱାସ୍ଥ୍ୟୋନ୍ନତି ଓ ତାହା ଅକ୍ଷୁଣ୍ଣ ରଖିବାକୁ ବାଳକ, ବାଳିକା, ଯୁବକ, ଯୁବତୀ, ବୃଦ୍ଧ, ସ୍ତ୍ରୀ ଓ ପୁରୁଷ ସମସ୍ତଙ୍କ ପକ୍ଷରେ ସମାନ ଉପଯୋଗୀ । ସାଧାରଣତଃ ଯେ ସକଳ ପୀଡ଼ାରେ ସାଲସା, କଡ଼ଲିଭର ଅଏଲ ପ୍ରଭୃତି ଔଷଧ ବାରମ୍ବାର ବ୍ୟବହାରର ପ୍ରୟୋଜନ ହୁଅଇ, ସେହି ସକଳ ପୀଡ଼ାରେ ସ୍ୱାଇମାଟିନ ଥରେ ମାତ୍ର ବ୍ୟବହାର କରିବାଦ୍ୱାରା ରୋଗ ସମୂଳେ ଧ୍ୱଂସ ହୋଇଥାଏ । ସୁତରାଂ ଏହା ସେ ପ୍ରକାର ସର୍ବବିଧ ଔଷଧ ଅପେକ୍ଷା ସର୍ବଶ୍ରେଷ୍ଠ, ଏହିରେ ଅଣୁମାତ୍ର ସନ୍ଦେହ କରିବାର କାରଣ ନାହିଁ ।

Digitized by srujanika@gmail.com

Split by PDF Splitter




ମୂଲ୍ୟ; ଏକ ସପ୍ତାହ ସେବନୋପଯୋଗୀ ପ୍ରତି ଶିଶି ଟ ୧ ୧ ଏକ ଟଙ୍କା । ଡଜନ ଟ ୧୦ ୧ ପ୍ୟାକିଂ ଓ ଡାକ ମାସୁଲ ଏକ ଶିଶିରେ ୵ ୦ ୷୵ ଡଜ ଶିଶିରେ ଟ ୦ ୷୵ ଓ ୬ ଶିଶିରେ ୵ ୧ ଓ ଡଜନ ଟ ୧୨

ପ୍ରାପ୍ତିସ୍ଥାନ ଓ ପତ୍ରାଦି ପଠାଇବାର ଏକମାତ୍ର ଠିକଣା ।

| | |
|---|---|
| Manager<br>Spermatine Depot<br>No. 22 Baranasi<br>Ghose's street<br>Calcutta. | ମାନେଜର<br>ସ୍ପରମାଟିନ ଡିପୋ<br>ନଂ ୨୨ ନଂ ବାରାଣସୀ<br>ଘୋଷ ଷ୍ଟ୍ରିଟ<br>କଲିକତା |

## ବିଜ୍ଞାପନ ।

କବିରାଜ ଶ୍ରୀ କେଦାରନାଥ କଶାରଦଙ୍କର ଆୟୁର୍ବେଦୋକ୍ତ ଔଷଧାଳୟ ।

୯୬ । ୬ ନଂ ଦରଗୋପଷ୍ଟ୍ରୀଟ, ସିମଲିଆ, କଲିକତା ।

ଏହି ସ୍ଥାନରେ ସମୁଦାୟ ରୋଗର ଔଷଧ ତୈଳ, ଘୃତ, ମୃଗନାଭି ବା କସ୍ତୁରୀ, ଏବଂ ସ୍ୱର୍ଣ୍ଣ, ମୁକ୍ତା ଓ ପ୍ରବାଳାଦି ଜାରିତ ଧାତୁ ଦ୍ରବ୍ୟାଦି (ଭସ୍ମ) ମିଳେ ବିଦେଶସ୍ଥ ରୋଗିମାନଙ୍କ ପୀଡ଼ାର ଅବସ୍ଥା ଜଣାଇ ଲେଖିଲେ ବ୍ୟବସ୍ଥା ଲେଖି ପଠାଯାଏ ।

## ଯୋଗସିଦ୍ଧ ବଟିକା ।

(ଅର୍ଥାତ୍ ଋଷିକୃତ ଯୋଗଲବ୍ଧ ସିଦ୍ଧମହୌଷଧ)

ଏହି ଯୋଗପ୍ରସୂତ ସୁସିଦ୍ଧ ଔଷଧଦ୍ୱାରା ମାନବ ଦେହର ଭିତ୍ତି ପରିଷ୍କାର ହୋଇ ପ୍ରାୟ ସମୁଦାୟ ପୀଡ଼ା ଆରୋଗ୍ୟ ହୁଏ । କବିରାଜ ଏବଂ ଡାକ୍ତର ମାନଙ୍କ କୁଚିକିତ୍ସ୍ୟ ରୋଗସମୂହ ଆରୋଗ୍ୟ କରିବା ବିଷୟରେ ଏପରି ମହୌଷଧ ଆଉ ନାହିଁ ଯକୃତ ଦୋଷରେ ଯେଉଁମାନଙ୍କର କୋଷ୍ଠ ପରିଷ୍କାର ହୁଏ ନାହିଁ, ଅହାରର ପରେ ଅମ୍ଳ-ଢେକୁର (ଖଇଢାଙ୍କି) ଉଠେ, ବାୟୁବୃଦ୍ଧି ହୋଇ ପେଟ ଫୁଲେ ଏବଂ କ୍ଷୁଧା ଭଲରୂପେ ହୁଏ ନାହିଁ ସେମାନଙ୍କ ପକ୍ଷରେ ଏହି ଔଷଧ ଅବ୍ୟର୍ଥ ଏତଦ୍ଭିନ୍ନ ଅର୍ଦ୍ଧସେକ, ଭଗନ୍ଦର, ଉଦରାମୟ, ଅମ୍ଳଶୂଳ, ଶୋଥ, ସକଳପ୍ରକାର ଜ୍ୱର, ଶିରୋରୋଗ, ପାପଦୋଷ, ଶରୀରରେ ଉଷ୍ଣତାର ଚିହ୍ନ, କଣ୍ଡୁ, ସ୍ୱପ୍ନଦୋଷ, ଧାତୁର ତରଳତା, ପ୍ରସୁତଗ୍ଲାନି, ବହୁମୂତ୍ର, ମେହରୋଗ, ମସ୍ତକଘୂର୍ଣ୍ଣନ, ବନ୍ଧ୍ୟା, ନୂତନ ମୂତ୍ରସ୍ରାବ ଓ ନାଲୀଘା ନିଃଶେଷ ଆରୋଗ୍ୟ ହୁଏ । ବାତବେଦନା, ସନ୍ଧିଫୁଲା, ହସ୍ତପଦାଦିର ଜ୍ୱାଳା, ସକଳପ୍ରକାର କାସରୋଗର ମହୌଷଧ । ସ୍ତ୍ରୀଲୋକମାନଙ୍କର ରଜୋଦୋଷ ବାଧକବେଦନା, ଗୁଳ୍ମ, ଶ୍ୱେତ ଓ ରକ୍ତପ୍ରଦର ଏବଂ ମୂର୍ଚ୍ଛାଦି ଋତୁପୀଡ଼ାର ଶୀଘ୍ର ଶାନ୍ତି ହୁଏ ଏବଂ ଶରୀରର ଲାବଣ୍ୟ ବୃଦ୍ଧି ହୋଇଥାଏ । ଦେହକୁ ରୋଗଦୁର୍ଭେଦ୍ୟ କରି ସୁସ୍ଥ ଅବସ୍ଥାରେ ରଖିବା ଏହି ଔଷଧର ପ୍ରଧାନ କାର୍ଯ୍ୟ

୪୮ ବଟିକାପୂର୍ଣ୍ଣ ଏକ ଶିଶିର ମୂଲ୍ୟ ଅଠଅଣା ୧୦୦ ବଟିକାପୂର୍ଣ୍ଣ ଏକ ଶିଶିର ମୂଲ୍ୟ ଏକଟଙ୍କା ପ୍ୟାକିଂ ଖରଚ ଏକଅଣା ଏବଂ ଡାକମାସୁଲ ଚାରି ଅଣା । ଓଭିପି ବ୍ୟବସ୍ଥାପତ୍ର ସହ ଔଷଧ ପଠାଯାଏ

## ବିଜ୍ଞାପନ ।

TRADE MARK — W. MAJOR & CO'S MEDICAL LABORATORY CALCUTTA — REGISTERED

ଆଶ୍ଚର୍ଯ୍ୟ ଗୁଣବିଶିଷ୍ଟ ! ପ୍ରତ୍ୟକ୍ଷ ଫଳପ୍ରଦ ! !

ଡାକ୍ତର ମେଜର ସାହେବଙ୍କର ଆବିଷ୍କୃତ–ସେହି

### "ଇଲେକ୍ଟ୍ରୋ ସାଲସା"

ବ୍ରିଟିଶ ଗବର୍ଣ୍ମେଣ୍ଟଙ୍କର ଆଇନ ଅନୁସାରେ ରେଜେଷ୍ଟ୍ରୀ କୃତ ।

ବହୁ ପରୀକ୍ଷିତ ! ବିଶେଷ ପ୍ରଶଂସିତ ! ! !

ଅଦ୍ଭୁତ ଓ ଅକୃତ୍ରିମ ।

ଆଉ କାହାରିକୁ ଅସ୍ଥାୟୀ ଗୁଣବିଶିଷ୍ଟ ଦେଶୀ ବା ବିଲାତି ସାଲସା ପ୍ରଭୃତି କୌଣସି ପ୍ରକାର ଔଷଧ ସେବନ କରିବାକୁ ହେବ ନାହିଁ । ଅଥବା କାହାରିକୁ ରୋଗ ଯନ୍ତ୍ରଣା ଭୋଗ କରିବାକୁ ହେବ ନାହିଁ । ଯେହେତୁ—

ଇଲେକ୍ଟ୍ରୋ ସାଲସା :—ନିଜ ଗୁଣରେ ଚିକିତ୍ସା ଜଗତର ସର୍ବୋଚ୍ଚ ସ୍ଥାନ ଅଧିକାର କରିଅଛି ।

ଇଲେକ୍ଟ୍ରୋ ସାଲସା :—ପ୍ରତ୍ୟହ ଯେରୂପ ହଜାର ହଜାର ଲୋକଙ୍କୁ ନିରୋଗ କରୁଅଛି ତାହା ପ୍ରଶଂସା ପତ୍ରମାନଙ୍କରୁ ... ଜାଣି ହୁଏ ...

ଇଲେକ୍ଟ୍ରୋ ସାଲସା :—ନବୋଦ୍ଭାବିତ ଉପାୟରେ, ବୈଜ୍ଞାନିକ ପ୍ରକରଣରେ ବୈଦ୍ୟୁତିକ ଶକ୍ତି ସଂଯୋଗେ ପ୍ରସ୍ତୁତ ହୋଇଥିବାରୁ ଏହାର ନବ ଔଷଧ ଅତ୍ୟନ୍ତ ବେଗରେ ସର୍ବ ଶରୀର ସଞ୍ଚାରିତ ହୋଇପଡେ ଏବଂ ତାହାର ଆରୋଗ୍ୟ-କାରିତା ଶକ୍ତି ଗୁଣରୁ ସଙ୍ଗେ ସଙ୍ଗେ ରୋଗର ପ୍ରବଳତା ଶକ୍ତି ଦମନ କରିଦିଏ ଏବଂ ୨।୩ ମାତ୍ରା ସେବନ ମାତ୍ରେ ରୋଗୋପଶମ ସୁଚିହ୍ନତା ଅନୁଭବ କରାଯାଏ, ପୁଣି ୩।୪ ସପ୍ତାହ ମଧ୍ୟରେ ରୋଗର ମୂଳ ପର୍ଯ୍ୟନ୍ତ ଉତ୍ପାଟନ କରି ନବ ସ୍ୱାସ୍ଥ୍ୟ, ନୂତନ ଉତ୍ସାହ ଓ ନବ କଳେବର ପ୍ରାପ୍ତ କରାଇଦିଏ, ଯୌବନ କାଳୋଚିତ ବଳ ବୀର୍ଯ୍ୟ ପୁଣି ଫେରି ଆସେ ।

ଇଲେକ୍ଟ୍ରୋ ସାଲସା :—ବ୍ୟତୀତ ବ୍ରିଟିଶ ଗବର୍ଣ୍ମେଣ୍ଟଙ୍କ ରାଜତ୍ୱରେ ପ୍ରଚଳିତ ଓ ବିକ୍ରୀତ ହେଉଥିବା ନ ସ୍ୱଦେଶୀ ନ ବିଦେଶୀ ସକଳ ପ୍ରକାର ସାଲସା, ସକଳ ପ୍ରକାର ଔଷଧଠାରୁ କୃତ୍ରିମ ଓ ଅସ୍ଥାୟୀ ଗୁଣବିଶିଷ୍ଟ ଅର୍ଥାତ୍ ରୋଗକୁ ଚାପି ରଖେ କିନ୍ତୁ—

ଇଲେକ୍ଟ୍ରୋ ସାଲସା :—ବୈଦ୍ୟୁତିକ ଶକ୍ତି ପ୍ରଭାବରୁ ରୋଗ ସମ୍ପୂର୍ଣ୍ଣ ଆରୋଗ୍ୟ କରିଦିଏ କଦାପି ପୁନରାକ୍ରମଣ କରେ ନାହିଁ । ବହୁ ପରୀକ୍ଷା ଓ ଭୂୟୋ ଦର୍ଶନ ଫଳେ ଏହା ପ୍ରତିପନ୍ନ ହୋଇଅଛି । ପୁଣି ଏହି ସ୍ଥାୟୀ ଆରୋଗ୍ୟକାରିତା ଗୁଣ ଥିବାରୁହିଁ ଏହି ଅତ୍ୟଳ୍ପ କାଳ ମଧ୍ୟରେ ଏହି ଔଷଧପ୍ରାବିକ ରାଜ୍ୟରେ ଏପରି ଉଚ୍ଚ ସ୍ଥାନ ଅଧିକାର କରିଅଛି ଯେଉଁଠାରୁ ଅନେକ ଔଷଧ ପ୍ରେରିତ ହେଉଅଛି ସେଠା ଅଧିବାସିମାନେ "ଇଲେକ୍ଟ୍ରୋ ସାଲସାର" ପକ୍ଷପାତୀ ହୋଇ ବାରମ୍ବାର ତନିମିତ୍ତ ଔଷଧ ପଠାଇବାକୁ ପତ୍ର ଲେଖୁଅଛନ୍ତି । ବଡ଼ ବଡ଼ ଦାତବ୍ୟ ଚିକିତ୍ସାଳୟରେ ଉପଯୁକ୍ତ ରୋଗିଙ୍କୁ ଏହି ସାଲସା ବ୍ୟବସ୍ଥା କରାଯାଉଅଛି । ଆସିଆ, ଇଉରୋପ, ଆମେରିକା, ଆଫ୍ରିକା ମହାଦେଶର ଲକ୍ଷ ଲକ୍ଷ ଲୋକେ ପ୍ରତ୍ୟହ ବ୍ୟବହାର କରୁଅଛନ୍ତି । ଭାରତର କୁଟୀରବାସୀ କୃଷକଠାରୁ ମୁକୁଟଧାରୀ ରାଜା ମଧ୍ୟ ସମସ୍ତେ ସମାନ ଆଦରରେ ସହିତ ଗ୍ରହଣ କରୁଅଛନ୍ତି । ଇଲେକ୍ଟ୍ରୋ ସାଲସା ସତ୍ୟ ସତ୍ୟ ଯେପରି ବ୍ରହ୍ମାସ୍ତ୍ର ବିଜୟ କରିବାକୁ ଶୁଭକ୍ଷଣରେ- ଶୁଭମୁହୂର୍ତ୍ତରେ ଆବିଷ୍କୃତ ହୋଇଥିଲା ! ! ! ବାସ୍ତବିକ ଏରୂପ ସଫଳତା ଏରୂପ ଆରୋଗ୍ୟକାରିତା ଏରୂପ ଅଲୌକିକତା ଔଷଧ ଏହାଧାରେ ଏତେ ଅଧିକ ଗୁଣସମ୍ପନ୍ନ ଇତିପୂର୍ବେ ସୃଷ୍ଟି ହୋଇ ନାହିଁ ।

ଇଲେକ୍ଟ୍ରୋ ସାଲସା ।—ଦୂଷିତ ରକ୍ତ ଶୋଧନ କରିବାକୁ, ନୂତନ ରକ୍ତକଣିକା ସୃଷ୍ଟି କରିବାକୁ ବାତ, ପକ୍ଷାଘାତ, କଟିବାତ, ଅସ୍ଥିଗଣ୍ଠି ଫୁଲିବା ଲୁଣ୍ଠେଇ ହୋଇ ଫୁଲି ଉଠିବା, କୁଣ୍ଡିଆଣ, କୁଳ ଗରମି ଓ ପାରଦର ଘା, ନାକ ଓ ତାଳୁର ଘା ଦେହରେ ବା ହସ୍ତ ଓ ପଦ ତଳରେ ଫାଟି ଗରମିର-ଧଳା ବା କଳା ଚିହ୍ନ, ଧବଳ କୁଷ୍ଠ-ରୋଗର ପ୍ରାରମ୍ଭାବସ୍ଥା ଇତ୍ୟାଦି ରକ୍ତସମ୍ବନ୍ଧୀୟ ସର୍ବପ୍ରକାର ପୀଡ଼ା ଓ ଉପସର୍ଗ ଏବଂ ତହିଁର କଷ୍ଟଦାୟକ ଯନ୍ତ୍ରଣାଦି ପୁଣି ପାରା ଓ ଗରମି-ବିଷର ଲେଶ ନାଶ କରିବାକୁ ଏହାପରି ସ୍ଥାୟୀ ଆରୋଗ୍ୟକର ଔଷଧ ଦ୍ୱିତୀୟ ନାହିଁ ।

ଇଲେକ୍ଟ୍ରୋ ସାଲସା ।—ତରଳ ଶୁକ୍ର ଗାଢ଼ କରିବାକୁ ଶୁକ୍ରବୀର୍ଯ୍ୟ ସ୍ନେହଯୁକ୍ତ କରିବାକୁ— ହ୍ରାସପ୍ରାପ୍ତ ବୀର୍ଯ୍ୟର ପରିମାଣ ବୃଦ୍ଧି କରିବାକୁ— ସ୍ତ୍ରୀ ସହବାସରେ କ୍ଷମତା ଜନ୍ମାଇବାକୁ— ତଥା ଯାବତୀୟ ଶୁକ୍ରବ୍ୟାଧି— ଅର୍ଥାତ୍—ମେହ, ପ୍ରମେହ, ଶୁକ୍ରମେହ, ଧାତୁ ଦୌର୍ବଲ୍ୟ, ବହୁମୂତ୍ର, ବାରମ୍ବାର ଅଧିକ ବା ଅଳ୍ପ ପ୍ରସ୍ରାବ ହେବା, ମେହବାତ, ପ୍ରସ୍ରାବ ଜଳିବା, ଲୁଗାରେ ଦାଗ ପଡ଼ିବା, ମୂତ୍ର ନାଳରୁ ଶୁକ୍ର ବା ପୂଜ-ରକ୍ତ ପଡ଼ିବା, ସ୍ୱପ୍ନଦୋଷ,


Digitized by srujanika@gmail.com

Split by PDF Splitter



ସ୍ତ୍ରୀବ ସହିତ ବା ପରେ-ଦୃଶ୍ୟ ବା ଅଦୃଶ୍ୟ ଶୁକ୍ର ଯତନ, କମ୍ପା ମଳ ବେଗରେ ବୀର୍ଯ୍ୟ ନିର୍ଗତ ସ୍ୱପ୍ନେମିଥୁନ ବା ଅତିରିକ୍ତ ସହବାସ ହେତୁ ଦୁର୍ବଳ, ଶକ୍ତି ହୀନ, ମୂତ୍ର ଦୁର୍ବଳତା, ଚକ୍ଷୁର ଅନ୍ଧକାର ନିର୍ବଳ ସ୍ମୃତି, ଚଳିବା କରିବାକୁ ଅସମର୍ଥତା, ସାମାନ୍ୟ ସହବାସ ବା ଉତ୍ତେଜନା ମାତ୍ର ଶୁକ୍ର ସ୍ଖଳନ ହେବା ଇତ୍ୟାଦି ଯାବତୀୟ ଶୁକ୍ରଘଟିତ ବ୍ୟାଧି, ଲକ୍ଷଣ ଓ ଉପସର୍ଗାଦି ସମୂଳେ ଧ୍ୱଂସ କରିବାକୁ ଅବ୍ୟର୍ଥ ଓ ଅମୋଘ ।

ଇଲେକ୍‌ଟ୍ରୋ ସାଲସା :—ର ଗୁଣାବଳି ପ୍ରକାଶ କରିବା ବାହୁଲ୍ୟ, ଥରେ ପରୀକ୍ଷା କରି ଦେଖ ! ସଙ୍ଗେ ସଙ୍ଗେ ଶୁଭଫଳ ଫଳିବ । କ୍ଷୁଧା ବୃଦ୍ଧି ହେବ । କୋଷ୍ଠ ପରିଷ୍କାର ହେବ । ଦେହରେ ଦ୍ୱିଗୁଣ ବଳ ସଞ୍ଚାରିତ ହେବ, ପୁଣି ଦୁର୍ବଳ କୃଶ ଶୀର୍ଣ୍ଣ ଦେହ ସବଳ-ହୃଷ୍ଟ ପୁଷ୍ଟ ଓ କାନ୍ତିଯୁକ୍ତ ହେବ । ଶରୀରର ଓଜନ କ୍ରମେ ବଢ଼ୁଥିବ ।

ଇଲେକ୍‌ଟ୍ରୋ ସାଲସା :—ସହିତ କୌଣସି ପ୍ରକାର ପଥ୍ୟର ଦ୍ରବ୍ୟର ସମ୍ପର୍କ ନାହିଁ । ସୁସ୍ଥ, ଅସୁସ୍ଥ ଆବାଳ ବୃଦ୍ଧ ସମସ୍ତେ ସକଳ ଅବସ୍ଥାରେ ସକଳ ସମୟରେ ସେବନ କରି ପାରନ୍ତି, ଅଥଚ କୌଣସି କଠିନ ନିୟମରେ ଆବଦ୍ଧ ହୋଇ ରହିବାକୁ ହୁଏ ନାହିଁ ।

ବିଶେଷଦ୍ରଷ୍ଟବ୍ୟ :—ବୃଥା ଭ୍ରମରେ ବଶ ହୁଅ ନାହିଁ ! ଅସାର ଅଭ୍ରମର ପୂର୍ଣ୍ଣ ବିଜ୍ଞାପିତ ଔଷଧାଦି-ସେବନରେ କୌଣସି ଫଳ ନାହିଁ !!

" ଇଲେକ୍‌ଟ୍ରୋ ସାଲସା " ଭୂମଣ୍ଡଳର ପ୍ରକୃତ ଔଷଧ ! ଯେତେବେଳେ ଗୋଟିଏ ରୋଗୀ ସୁଦ୍ଧା ଅଦ୍ୟାପି ନୈରାଶ୍ୟ ହୋଇ ନାହିଁ ତାହାର ବହୁ ଦୃଷ୍ଟାନ୍ତ–ବହୁ ପ୍ରଶଂସାପତ୍ର–ବହୁ ପ୍ରମାଣ ପୁସ୍ତକାକାରରେ ଛପା ହେଉଅଛି । ଶୀଘ୍ର ପ୍ରକାଶିତ ଓ ବିତରିତ ହେବା ପ୍ରତ୍ୟେକ ଗ୍ରାହକ ତାହା ପାଇବେ

ବହୁ ଔଷଧାର୍ଥୀ ଟେଲିଗ୍ରାଫ୍ ପଠାଇ ଔଷଧ ମଗାଉଅଛନ୍ତି - ସେମାନଙ୍କର ଓ ଅସଂଖ୍ୟ ଦୂର ଦେଶବାସୀ ରୋଗୀଙ୍କର ସୁବିଧାର୍ଥେ-ପୁଣି ଟେଲିଗ୍ରାଫ୍ ପଠାଇବାର ବ୍ୟୟ ଲାଘବାର୍ଥେ–ବହୁ ବ୍ୟୟ କରି ଗବର୍ଣ୍ଣମେଣ୍ଟଙ୍କର ନିୟମାନୁଯାୟୀ ଅସ୍ମାକଙ୍କର ସଂକ୍ଷିପ୍ତ ନାମ ଓ ଠିକଣା ରେଜିଷ୍ଟ୍ରୀ ରୂପେ ରେଜେଷ୍ଟ୍ରୀ କରାଯାଇଅଛି ଅତଃପର ଟେଲିଗ୍ରାଫର ଠିକଣା କେବଳ "ମେଜର—କଲିକତା" ଲେଖିଲେ ଖୁବ ଶୀଘ୍ର ତାହା ଅସ୍ମ ଅଫିସରେ ପହଞ୍ଚିବ ।

ଇଲେକ୍‌ଟ୍ରୋ ସାଲସାର :—ଆବିଷ୍କର୍ତ୍ତା— ଡାକ୍ତର ଜେମସ୍ ମେଜର ଏମ୍, ଏ, ଏମ୍, ଡି, ଇଲେକ୍ଟ୍ରିସିଆନ, ଜଗଦ୍ବିଖ୍ୟାତ ଆମେରିକା । ଭାରତବର୍ଷରେ ଏକମାତ୍ର ଏଜେଣ୍ଟ ଓ ପ୍ରାପ୍ତିସ୍ଥାନ;— "ଡବ୍ଲିଉ, ମେଜର ଏଣ୍ଡ କୋମ୍ପାନୀ," କଲିକତା

☞ ଏହିର ସମ୍ବନ୍ଧେ ଅପରାପର ବିବରଣ ଅନ୍ୟ ପୃଷ୍ଠାରେ ଦେଖ

ଏହିପରି ଅବିକଳ " ଟ୍ରେଡ୍‌ମାର୍କ " ଯେଉଁ ଶିଶିରେ ଲାଗିନ ନାହିଁ ତାହା କୃତ୍ରିମ ଔଷଧ ଜାଣିବେ; ଏବଂ ସେହି କୃତ୍ରିମକାରୀଙ୍କୁ ଧରାଇଦେଇ ପ୍ରମାଣ କରିପାରିଲେ ପାଞ୍ଚହଜାର ଟଙ୍କା ପୁରସ୍କାର ପାଇବେ ।

W. MAJOR & CO'S MEDICAL LABORATORY CALCUTTA TRADE MARK

ଆମେରିକା ପ୍ରଦେଶସ୍ଥ ବୈଦ୍ୟ ଶିରୋମଣି ମହାସଭା ଡାକ୍ତର ଜେମସ୍ ମେଜର ଏମ୍, ଏ, ଏମ୍, ଡି ସାହେବଙ୍କ ଆବିଷ୍କୃତ :—

"ଇଲେକ୍‌ଟ୍ରୋ ସାଲସା"



ଏପରି ସର୍ବଗୁଣ ସମ୍ପନ୍ନ ଔଷଧ ଜଗତ୍‌ରେ କେବେହେଁ ଆବିଷ୍କୃତ ହୋଇ ନାହିଁ । ଏହାର ଗୁଣ ଅସୀମ, କିମ୍ବା ଅଲୌକିକ, ଶକ୍ତି ମନ୍ତ୍ରବତ୍ ଅଦ୍ଭୁତ । ଦେଖିବେ କୌଣସି ଔଷଧରେ ଅପେକ୍ଷା ଅଧିକ ନାହିଁ, ଏହା ଚିକିତ୍ସକମାନଙ୍କ ଯେଉଁ ରୋଗ ଅସାଧ୍ୟ ହୋଇ ଘୋଷଣା କରିଅଛନ୍ତି ଏହା ମହୌଷଧ ସେହି ରୋଗରେ ଚମତ୍କାର !

ଇଲେକ୍‌ଟ୍ରୋ ସାଲସା;—ର ରୋଗୀଙ୍କର ଶରୀରରେ ପ୍ରଥମ ପ୍ରବେଶରେ ତାଡ଼ିତଶକ୍ତି ସଂଯୁକ୍ତ ରହିବାକୁ ଶୀଘ୍ର ମାନବ ଦେହରେ ଏହାର ଅଭ୍ୟନ୍ତର କିମ୍ବା ପ୍ରଭାବ ଘାଏ ଏବଂ ସ୍ତମ୍ଭେନ ଔଷଧ ସେବନାନ୍ତେ ମନରେ ତୃପ୍ତ ସେମାନଙ୍କ [illegible] କୌଣସି ବୈଦ୍ୟୁତିକ କିମ୍ବା ଦ୍ରବ୍ୟ ହୋଇ ନ । ଏଥିପାଇଁ ଏହାର ଶକ୍ତିମନ୍ତ୍ରର ଦୃଷ୍ଟାନ୍ତ ପରୀକ୍ଷା ଅଲୌକିକତାର ପ୍ରଥମ ଉଦାହରଣ ।।

ବିଜ୍ଞାନ—ଅସ୍ମମାନଙ୍କ ଦିଗ୍‌ବିଜୟ ବୈଜ୍ଞାନିକମାନେ ଉପରେ ଏଥିରେ ନୂତନ ଶକ୍ତି ପ୍ରକୃତର ଗଢ଼ନ । ତାହାର ସ୍ୱଭାବ ବ୍ୟାପିତ ସ୍ୱରୂପ ଦେଖ ହୋଇପାରୁ । ଏଥିରେ ତାହାର ଏମନ୍ତ ଶକ୍ତି ଯେ ଔଷଧରେ ପ୍ରୟୋଗ କରାଯାଇ ତାହା ଯେ ଅଲୌକିକ ଶକ୍ତି ଧାରଣ କରିବ ତହିଁରେ ଅଛି ଚମତ୍କାର ?

ପାଶ୍ଚାତ୍ୟ ଶାସ୍ତ୍ରର ତତ୍ତ୍ୱଜ୍ଞ ପଣ୍ଡିତମାନେ କହିଲେ, ତାଙ୍କ ବୃଥାର ସୁବିଧାରେ ଓ ସାଧ୍ୟ ରଖାଇ ଅଭ୍ୟନ୍ତରରେ ଶରୀରସ୍ଥ ବୈଦ୍ୟୁତିକ ଶକ୍ତିର ହ୍ରାସ ହେଲେ ଧାତୁସମୂହର ତତ୍ତ୍ୱର ସଙ୍ଗେ ଏହି ପଦାର୍ଥରେ ରକ୍ତ ଓ ଶୁକ୍ର ସମ୍ବନ୍ଧୀୟ ପୀଡ଼ାର ଉତ୍ପତ୍ତି ହୁଏ । ପୁଣି ସେହି ହ୍ରାସପ୍ରାପ୍ତ ବୈଦ୍ୟୁତିକ ଶକ୍ତିର ସମତା ଶରୀରଯନ୍ତ୍ରରେ ରକ୍ଷା କରାଯାଇଲେ ମାନବ ଶରୀର ଓ ସର୍ବାଙ୍ଗ ହେବାହିଁ ସ୍ୱାଭାବିକ । ମାତ୍ର ଔଷଧ ସମ୍ପାଦନରେ ଯେ ଉତ୍ତମର ସମତା ରକ୍ଷା ହୋଇ ନ ପାରେ । ତଥାପି ଶକ୍ତି ଯେତେ ବ୍ୟବସ୍ଥିତ କୌଣସି

ଔଷଧରେ ସେହି ଅଭାବ ସମ୍ପୂର୍ଣ୍ଣ ମୋଚନ ହୋଇ ନ ପାରେ ସେଥିପାଇଁ ପାଶ୍ଚାତ୍ୟ ବୈଜ୍ଞାନିକମାନେ ବହୁ ଗବେଷଣାରେ ପ୍ରଥମେ ଗ୍ୟାଲଭାନିକ ବ୍ୟାଟେରୀ ବା ତାଡ଼ିତପୁଞ୍ଜ ଆବିଷ୍କାର କରନ୍ତି ଏବଂ ରୋଗୀ ଦେହରେ ତାହାର ବାହ୍ୟିକ ପ୍ରୟୋଗ କରୁଥିବାର, ପଶ୍ଚାତ୍, ଆଉ ଚୌମ୍ବକୀୟ ଅଙ୍ଗୁଳି ବେଲ୍ଟ ଇତ୍ୟାଦି ଅଙ୍ଗେ ଧାରଣ କରିବାକୁ ସମର୍ଥ ହୁଅନ୍ତି । ସମ୍ପ୍ରତି ଉକ୍ତ କିମ୍ବା ମଧ୍ୟ ସେ ଅସ୍ଥାୟୀ ଏ କଥା ଠିକ୍ ସମାଜରେ ଏବେ ଅଛି ବୃଥାର ଦେବାକୁ ହେଉ ନାହିଁ । ଅଭି ଏ କଂଗ୍ରେସତାଲିକା ଡାକ୍ତରେ ବିଶ୍ୱର ମନୁଷ୍ୟର ଶକ୍ତି ଦୀପ୍ତ ଡାକ୍ତର ମେଜର ଆବିଷ୍କରିଲେ ଏହି ଉତ୍କୃଷ୍ଟ ପ୍ରୟୋଗାର୍ଥ ତାହାକୁ ବିଶେଷ ଲେଖକ ବାର୍ତ୍ତାରେ ସଂଯୋଗ କରି ଏହି ଅମୋଘ ଔଷଧକୁ ସୃଷ୍ଟି କରି ଛଡ଼ାଇଅଛନ୍ତି ଏବଂ ଶୁକ୍ର ଓ ରକ୍ତ ସମ୍ବନ୍ଧୀୟ ପୀଡ଼ାର ଅବ୍ୟର୍ଥ ଆରୋଗ୍ୟ ସୃଷ୍ଟି; ଏବେ ପରୀକ୍ଷା କରନ୍ତେ ନିତାନ୍ତ ସୁଫଳ ଅଧିକ ଦେଉଅଛନ୍ତି !!!

ଅଳ୍ପ କାହାକୁହିଁ ଅସ୍ଥାୟୀ ଓ ଅସ୍ଥାୟୀ ସୁବନ୍ଦୋବସ୍ତ କୃତ୍ରିମ ସାଲସା ବା କୌଣସିପ୍ରକାର ଔଷଧ ସେବନ କରିବାକୁ ଦେବ ନାହିଁ ଅଭ କାହାକୁହିଁ ଦେବ ପରଣା ଭୋଗିବାକୁ ହେବ ନାହିଁ ଯଦି ଏହି ମହୌଷଧକୁ ଏହି ମହାବାକ୍ୟକୁ ଏବ ବୈଦ୍ୟୁତିକ ସକଳ "ଇଲେକ୍‌ଟ୍ରୋ ସାଲସା" ର ପରୀକ୍ଷା କରି ଦେଖନ୍ତୁ ସଙ୍ଗେ ଶୁଭଫଳ ଫଳିବ ଅବର୍ଣ୍ଣନୀୟ ଦେବ ସ୍ୱାସ୍ଥ୍ୟ କର୍ମକ୍ଷମ ହେବ, ସୌନ୍ଦର୍ଯ୍ୟଲୋଚନ ବଳବାର୍ଯ୍ୟ ଓ ସ୍ୱାସ୍ଥ୍ୟ ବୃଦ୍ଧି ହେଉଥାଇବ ।

ରକ୍ତ ପିତ୍ତର ଦୃଷ୍ଟି, ବାତରକ୍ତ, ଅମ୍ଳପିତ୍ତ, ଉପଦଂଶ, ଅର୍ଶ, ଗ୍ରନ୍ଥୀ, ଗଣ୍ଡମାଳ, ବାତ, କୁଷ୍ଠ, ଗଳିତକୋଡ଼ ପ୍ରମେହ, ଶ୍ୱେତ କୌଣ୍ଡିଲ୍ୟ, ବାର୍ଦ୍ଧକ୍ୟ ଗଠନ, ସ୍ତ୍ରୀରୋଗ ପ୍ରସ୍ରାବ ଜଳିବା, ସ୍ତ୍ରୀ ସହବାସରେ ଅକ୍ଷମ, ରଜଃ ଦେଖା, ମଳ ବନ୍ଦ, କୋଷ୍ଠବଦ୍ଧ ପ୍ରଭୃତି ଶୁକ୍ର ଓ ରକ୍ତ ସମ୍ବନ୍ଧୀୟ ପୀଡ଼ା— ଯେତେ ଜଟିଳ, ଯେତେ କଠିନ ଓ ପୁରାତନ ହେଉ ଏହି ସାଲସା ସେବନରେ ତାହା ଆରୋଗ୍ୟ ହେବହିଁ ହେବ । ତଦ୍ଭିନ୍ନ ଦଶେଣ ପୂର୍ବେ ଦୃଷ୍ଟ ବାତରେ ଦେଖ । ମୂଲ୍ୟ ୧ ସପ୍ତାହ ସେବନୋପଯୋଗୀ ପ୍ରତି ଶିଶି ୧ ୨ ୯ ୩ ଶିଶି ୪ ୪୩, ୬ ଶିଶି ୫ ୧୦୩, ଡଜନ ୫ ୨୦ ୯ ଏଥିସଙ୍ଗେ ପଠାଇବାର ଡାକମାସୁଲ ଓ ଦାଗା ପ୍ରତି ଶିଶିରେ ୫ ୦ ।୵, ୩ ଶିଶିରେ ।୵, ୫ ୦ ।୵, ୬ ଶିଶିରେ ୫ ୦ ।୵, ଡଜନରେ ୫ ୧।୵ ।

ଅସ୍ମମାନଙ୍କର ପତ୍ରାଦି ପଠାଇବାର ଠିକଣା

W. MAJOR & Co } Calcutta ଡବ୍ଲିଉ, ମେଜର ଏଣ୍ଡ କୋଂ କଲିକତା

TELEGRAPHIC ADDRESS.
"MAJOR" Calcutta

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ସର୍ତ୍ତ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ୬ ୦ ।୵ |
| ଅଧସ୍ତମ୍ଭକୁ | ୫ ୨ ୯ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ୫ ୩ ୯ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ, ତହିଁର ଦର ୫ ୦ ୮ ଆଣାରୁ କମ ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଦର ଏଥିର ଅଧା ହେବ । ଓ ତୃତୀୟଥର ଯଥାକ୍ରମେ ହେବ

ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ଏହାର ବହିଃ ଭଉଣାଳୟର ଦ୍ୱିତୀୟ କୃଷ୍ଣାନନ୍ଦ ବାବୁ ଉଦ୍ୟୋଗରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

## ସାପ୍ତାହିକ ସମ୍ବାଦ

### ଭ୍ରମ ସଂଶୋଧନ

ଗତ ତା ୭ ରଖ ଉତ୍କଳଦୀପିକାରେ ପ୍ରକାଶିତ ପ୍ରଶ୍ନ ସମ୍ବାଦରେ ' ବାବୁ ମାଣିକ ଦାସ ' ସ୍ଥଳରେ ' ବାବୁ ମାଗୁଣି ଦାସ ' ମିଉନିସିପାଲ କମିଶନର ନିର୍ବାଚିତ ହୋଇଥିବାର ପଢ଼ିବାକୁ ହେବ ।

ଜଗତପୁରରୁ ଜଣେ ସ୍ତ୍ରୀ ଅଣେ ସ୍ୱାମୀ କଟକକୁ ଗଙ୍ଗା-ଠାକୁ ଗାଡ଼ିବାରେ ଆସୁଥିବା ସମୟରେ ପଥରେ ଗାଡ଼ି ପର୍ଯ୍ୟନ୍ତ ଅକସ୍ମାତ କହିଲ ଖାଇଲା ତଥା ସେ କହିଲ । ଜଣେ କନ୍ଷ୍ଟେବଲ ସେ ସୀତ ଏକାବେଳେ ତେଣି ଥାନେ ଗଙ୍ଗାଠାକୁ ଖାଇଥିବାର କହି କଥା କହିଲେ ଗଙ୍ଗାଠାକୁ ଗାଡ଼ିର ଜାହାଜ ଭଡ଼ା ମାଗି ନେଲା । ପୁଲିସ ସେ କନଷ୍ଟେବଲ ଗତ ଦେଖିବୁ ଅନ୍ୟାୟ କାର୍ଯ୍ୟର ଅନୁସନ୍ଧାନ କରି ପଠାଇଲେ ସେ କନଷ୍ଟେବଲ ସ୍ତ୍ରୀଲୋକ ତାହାର ସର୍ବସ୍ୱ ଏବାର ପ୍ରକାଶ କଲା । ଶ୍ରୀଯୁକ୍ତ ସବଡେପୁଟି ଏ କଥା ଶୁଣିବାର କରିବାକୁ କନଷ୍ଟେବଲ ଉପରେ ଧର୍ମ ଗ୍ରହଣ ହେତୁରେ ତାହାର ମାସ ୬ କଠିନ ପରିଶ୍ରମ ସହିତ କାରାଦଣ୍ଡ ହୋଇଅଛି ଏବଂ ଅର୍ଥଦଣ୍ଡ ୫୦ ଟଙ୍କା ଓ ୧୫ ଟଙ୍କା ସ୍ତ୍ରୀଲୋକଙ୍କ ତଥି ପାଇଅଛି ।— କନଷ୍ଟେବଲମାନଙ୍କର ଦୁଷ୍ଟ ବୃତ୍ତିର ସୀମା ନାହିଁ ।

କେନ୍ଦ୍ରାପଡ଼ାରେ ଗତ ୩ ରଖ ତାଙ୍କ ଜଣେ ରେବ ଅପଣା ଭାର୍ଯ୍ୟାର ମୃତ୍ୟୁ ଘଟାଇ ଦେଇଥିବା ଅପରାଧରେ ମାସ ୬ ସଶ୍ରମ କାରାଦଣ୍ଡ ପାଇଅଛି । ଆସାମିର ସ୍ତ୍ରୀ ଅପଣା ଘରର ବାଡ଼ି ଭିତରେ ପାଣ୍ଠିଭୁକ୍ତ ଯାଉଥିଲା ସେଠାରେ ଅନ୍ୟ ଲୋକ ଏକ ଜଣ ଆଲିଙ୍ଗନ କଲା କରିବା-କୁ ଧାଇଁ ଗଲା ସୁତ୍ରା ସେଟାକୁ ଆସାମୀ ସନ୍ଦେହ ହୋଇ ସ୍ତ୍ରୀକୁ ସେଠାରେ ବାଡ଼ିରେ ପ୍ରହାର କରି ସ୍ତ୍ରୀର ମୃତ୍ୟୁ ଘଟାଇଥିଲା ।

ଚନ୍ଦ୍ରଶେଖର ଘାଟ ପ୍ରଭୃତି କଟକର ୬୧୫,୩୯୮ ଟ ଦ୍ୱାରା ଅଟ୍ଟାଳିକା ନିର୍ମାଣ ହେବା ଯାଉଥିବାର ଗାଡ଼ିଦାରମାନେ ନହାଗରେ ପ୍ରକାଶିତ ହୋଇଅଛି ।

### ପ୍ରଶ୍ନ ସମ୍ବାଦ ।

ଗତ ସୋମବାର ଏକାଦଶୀ ରାତ୍ର ପ୍ରାୟ ୧୧ ଘଣ୍ଟାରେ ଭୂମି କମ୍ପନ ହୋଇଥିଲା । କିନ୍ତୁ କେଉଁଠାରୁ ସମସ୍ତ ଠାରୁ ଆରମ୍ଭ ହୋଇ ହେତୁ ଜାଣିବାକୁ ଭୂମିକମ୍ପ ପ୍ରବଳ ହୋଇଥିଲା ଅଧିକ ଲୋକଙ୍କ ସମୟରେ ଶାନ୍ତିଭଙ୍ଗ ହୋଇ ପଲାଇଲେ ପ୍ରାୟ ଲୋକ । ସୁତରାଂ କୌଣସି କ୍ଷତି ହୋଇ ନାହିଁ ପ୍ରମାଣ ହୋଇଥିଲା ।

ପଣ୍ଡିତମାନଙ୍କ ମଧ୍ୟରେ ଓଡ଼ିଶାଠାରେ ଭୂକମ୍ପ ନାହିଁ; କିନ୍ତୁ ବଙ୍ଗଳାରେ କେହି କେହି ଭୂକମ୍ପ ଅନୁଭବ କରିଥିବାର ସ୍ୱୀକାର କରୁଅଛନ୍ତି ।

ପୋଷ୍ଟ ଅଫିସ୍ ଅଗାମୀ ତା ୧୦ ରଖରେ ବେଶି ଖୋଲା ହେବାର କଥା ଥିଲା । କିନ୍ତୁ ସବଡିଭିଜନର ସବଡିଭିଜନାଲ ଅଫିସରଙ୍କ ଉପ-ଦେଶ ଏବଂ ସମ୍ବାଦ ପାଇ ତଦନ୍ତ ହେବାରୁ ତା ୩୦ ରଖରେ ଖୋଲିବ ।

ଏ ସପ୍ତାହରେ ଯଥେଷ୍ଟ ବୃଷ୍ଟି ହୋଇଥିବାରୁ କୃଷକଙ୍କ ଉପଯୋଗୀ ହୋଇଅଛି । ଶେଷ ସ୍ତ୍ରୀ ଦରେ ପରିମାଣରେ ଉପକାର ଅଛି ।

ଆଗାମୀ ତା ୨୨ ରଖ ଉତ୍କଳମେଳାର ମହା-ସଭାରେ ବନ୍ଦୋବସ୍ତ କରିବା ସକାଶେ କଟକର ଭଦ୍ରଲୋକମାନେ ବିଧିପୂର୍ବକ ସଭା କରିଲେ ଶ୍ରୀଯୁକ୍ତ ମାନ୍ୟବର ରାୟ ବାହାଦୂର ମହାଶୟଙ୍କ ସଭାପତିତ୍ୱରେ ନାନା ଘୋଷଣା ପ୍ରସ୍ତାବ ହୋଇଅଛି ।

କୋଠରେ ସାହିତ୍ୟ ସମାଲୋଚନା ଭରଣର ଜଣେ ବାବୁ ୨୦୯୩/ ଅସୁସ୍ଥ ହୋଇଥିବା ମେଜିଷ୍ଟ୍ରେଟ ଦାଏର ହୋଇଅଛି । ଇତି ।

## ବିଜ୍ଞାପନ ।

## ଫଲେନ ପରିଚୀୟତେ

କବିରାଜ ଶ୍ରୀଛକଡ଼ି ଦାସ କବିରତ୍ନଙ୍କର

### ଅନ୍ନପୂର୍ଣ୍ଣା

ଅନ୍ନପୂର୍ଣ୍ଣାଦେଶୀୟ ଔଷଧାଳୟ, ଚୌଧୁରୀ-ବଜାର, କଟକ

ଏହି ଔଷଧାଳୟରେ ଆୟୁର୍ବେଦ ଶାସ୍ତ୍ରୋକ୍ତ ସର୍ବପ୍ରକାର ଔଷଧାଦି ଉପଯୁକ୍ତ ଓ ସୁଲଭ ମୂଲ୍ୟରେ ପ୍ରସ୍ତୁତ । ମୋଫସଲର ରୋଗୀମାନେ ରୋଗର ଅବସ୍ଥା ଅର୍ଦ୍ଧ ଅଣାର ଟିକଟ ସହ ଲେଖିଲେ ସୁବ୍ୟବସ୍ଥା ସହିତ ପ୍ରେରିତ ହୁଏ ।

### ବ୍ରାହ୍ମୀ ଘୃତ

ଅନେକାଳ ପାଠ ଅଭ୍ୟାସ ମଧ୍ୟରେ ସ୍ମରଣ ଶକ୍ତିର ଅଭାବ ହୋଇଥାଏ, ସ୍ମରଣ ଶକ୍ତି ଯେ କେବଳ ଛାତ୍ରମାନଙ୍କର ଅଭାବ ପ୍ରସ୍ତୁ ପଦାର୍ଥ ଏପରି ନୁହେ ଏହା ବହୁତି ମାନଙ୍କର ପ୍ରୟୋଜନୀୟ; ବାହ୍ମୀଘୃତ ଗୋଟିଏ ସ୍ମରଣ ଶକ୍ତି ବର୍ଦ୍ଧକ ମହୌଷଧ, ସ୍ଥୂଳ-ମେଧାବିଶିଷ୍ଟ ବାଳକମାନଙ୍କର ଏବଂ ଅଧିକ ଅଧ୍ୟୟନଶୀଳ ଛାତ୍ରମାନଙ୍କ ପକ୍ଷରେ ଏହା ବିଶେଷ ଉପଯୋଗୀ, ଏହାଦ୍ୱାରା ଦେହ ଦୁର୍ବଳ୍ୟ ଦୂର ହୁଏ ମସ୍ତିଷ୍କ ପୋଷଣ କରେ ଚକ୍ଷୁର ତେଜ ବୃଦ୍ଧି ହୁଏ ଏବଂ ସମସ୍ତ ଶରୀରରେ ବଳ ସଞ୍ଚାର ହୋଇ ଥାଏ । ଯେଉଁମାନଙ୍କର ସାମାନ୍ୟ କାରଣରୁ ରାଗ ହୋଇ ମସ୍ତକ ଗରମ ହୁଏ ଏବଂ ଏକ ବିଷୟରେ ମନ ସ୍ଥିର ନ ଥାଏ ରାତିରେ ନିଦ୍ରା ହୁଏ ନାହିଁ ଦୁଃସ୍ୱପ୍ନ ହୁଏ ଇତ୍ୟାଦି ଲକ୍ଷଣରେ ଏହା ସଦ୍ୟ ଫଳପ୍ରଦ ।

ଏକଶିଶିର ମୂଲ୍ୟ ଟ ୨ ୧

### ଶ୍ରୀ ବୃଦ୍ଧିବଟିକା

ଏହି ଔଷଧ ବାର୍ଦ୍ଧକ୍ୟ ପ୍ରମାଣକାରେ ଏକମାତ୍ର ମହୌଷଧ, ଯେଉଁମାନଙ୍କର ସ୍ୱଳ୍ପକାରଣ ବଶତଃ ବାର୍ଦ୍ଧକ୍ୟ ପ୍ରକଟ ହେଉଥାଏ, ସେମାନେ ଏହି ଔଷଧ ବ୍ୟବହାର କଲେ ଅଳ୍ପ ସମୟମଧ୍ୟରେ ଯଥେଷ୍ଟ ଫଳଲାଭ କରି ପାରିବେ ଏବଂ ଧାତୁ ଦୌର୍ବଲ୍ୟ ଉପଶମ ହେବ । ଏହା ସମ୍ବନ୍ଧରେ ବାହୁଲ୍ୟ ଅନୁମାନ ଅପ୍ରୟୋଜନ । ଥରେମାତ୍ର ସେବନ କଲେ ସମସ୍ତ ଅବଗତ ହୋଇ ପାରିବେ ।

ଏକ ଡିବା ଔଷଧର ମୂଲ୍ୟ ଟ ୧ ମାତ୍ର ।

### ଜ୍ୱାଳାଚର ରସାୟନ ।

( ଦେଶୀୟ ସାଲସା )

ଏଥିରେ ଉପଦଂଶ ( ଗରମି ) କ୍ଷତ, ପାର-ଦାଦ ଦୋଷଜନିତ ଶରୀରରେ କଳାଦ ଓ ବାତ ରକ୍ତ ଦାଗ; କୋଟକୋଷ୍ଠି ଓ ବାତ ପ୍ରଭୃତି ନଷ୍ଟ ଆରୋଗ୍ୟ ହୁଏ । ଅଧିକନ୍ତୁ ଏହା ରକ୍ତ ପରିଷ୍କାର କରି ଶରୀରର ପୁଷ୍ଟି ସାଧନ କରେ ଏହା ସମସ୍ତ ଋତୁରେ ବ୍ୟବହାର ହୁଏ ।

ଏକ ଶିଶିର ମୂଲ୍ୟ ଟ ୧ ମାତ୍ର ।

ଏକକେ ଦୁଇଶିଶି ନେଲେ ଟ ୧୯ ଙ୍କା ଲାଗେ ।

ଚୌଧୁରୀ ବଜାର କଟକ } ଶ୍ରୀ ଛକଡ଼ି କବିରତ୍ନ । ଅନ୍ନପୂର୍ଣ୍ଣା ଆୟୁର୍ବେଦୀୟ ଔଷଧାଳୟ

## ବିଜ୍ଞାପନ ।

## ବନାରସୀ ମାଲ ।

ବନାରସ ନଗରସ୍ଥ ଆମ୍ଭର ଏହି ବାଣିଜ୍ୟ କୋଠରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନା-ରସୀ ମାଲ ଭାରତର ନାନାସ୍ଥାନର ରଜା ଜମିଦାରମାନଙ୍କ ଦରଖାସ୍ତ ଅନୁସାରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେନ୍ଦୁଝର, ଆଠମଲ୍ଲିକ, ରଣପୁର, ସରାଇକଲା, ଖୋଦପୁର, ପାଟଣା, ଢେଙ୍କାନାଳ, ମୟୂରଭଞ୍ଜ, ନୀଳଗିରି, ହିନ୍ଦୋଳ, ଅଠଗଡ଼, ନାଗପୁର, ଜରଲାକୋଟା, ହଡ଼ିଜପୁରର ରଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଆମ୍ଭର ଖାଣ୍ଟି କାରବାରର କଥା ଜଣା ପଡିବ ।

ଆମ୍ଭର ବାଣିଜ୍ୟ କୋଠିରେ ନିଜସ୍ୱ ସହାଯ୍ୟରେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ଶାଢ଼ୀ, ଯୋଡ଼ ଟୋପି, ଯେଗା, କଂଖାପ, କାପ୍ତା, ସଙ୍ଗୀ, ଦୋପଟ୍ଟା ମହଲ, ଶିରରେ ବାନ୍ଧିବାର ଫେଟା, ରୁମାଲ, ସାଲ ଏବଂ ନାନା ପ୍ରକାର ଉତ୍ତମ ଅଙ୍ଗରଖା ପ୍ରଭୃତି ଛଡ଼ା ସୁନା ରୂପାର ବାସନ, ହାତର କାରୁକାର୍ଯ୍ୟ ପ୍ରଭୃତି ଫରମାସ ଅନୁସାରେ ତିଆରି କରଇ ଦେଉଁ । ବଗତ ଦେବାବେଳେ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ । ବେଶି ବେଶି ମାଲ ଖରିଦ କରିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇ-ଲେ ମାଲ ଯେଉଁ ଠିକଣାରେ କେଉଁ ଉପାୟରେ (ଅର୍ଥାତ୍ ଡାକରେ କି ରେଲରେ) ପଠାଇଂବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଉଚିତ ମାନ୍ୟ ଲଫାଫାଉପରେ ଅମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ନିର୍ବିପଦରେ ଅମ୍ଭର ହସ୍ତଗତ ହେବ ।

ଭେଲ୍ୟୁପେବଲ ପାରସଲରେ ମଧ୍ୟ ମାଲ ପଠାଯାଏ କିନ୍ତୁ ମାଲ ପଠାଯିବା ଏବଂ ଫେରତ ହେବା ମାସୁଲ ମାଲ ମଗାଇଥିବା ବ୍ୟକ୍ତିଙ୍କୁ ଦେବାକୁ ପଡ଼ିବ ।

ଶ୍ରୀ ପାଲ୍ଟମାଲି ଲୋକନାଥ

ଭୁଷଣଗତ ପାଣ୍ଡେ ବନାରସ ସିଟି

Digitized by srujanika@gmail.com

Split by PDF Splitter



## ବିଜ୍ଞାପନ ।

ଅଭ ତାହାଠାରୁ ଅସ୍ଥାୟୀ ଗୁଣବିଶିଷ୍ଟ ସାଲସା ପ୍ରଭୃତି ଔଷଧ ସେବନ କରି ଅଯଥା ଅର୍ଥବ୍ୟୟ କରିବାକୁ ହେବ ନାହିଁ ।

ଦେଖ ଜଗତର ନୂତନ ଆବିଷ୍କାର ! **ଡ୍ୟାନ୍‌ଜୀନ୍ ।** ହତାଶ ପ୍ରାଣର ଏକମାତ୍ର ଆଶା !!

ଡାକ୍ତର ଜେ, ଟୀ, ମାର୍ଟିନ ସାହେବଙ୍କ ଆବିଷ୍କୃତ ଜଗତ୍ ପ୍ରସିଦ୍ଧ, ଅପୂର୍ବ ଗୁଣବିଶିଷ୍ଟ ଓ ପ୍ରତ୍ୟକ୍ଷ ଫଳପ୍ରଦ ସେହି—

# DANZIN

ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କ ଆଇନ ଅନୁଯାୟୀ ରେଜେଷ୍ଟ୍ରୀକୃତ ।

ଭାରତବର୍ଷ ଗ୍ରୀଷ୍ମ ପ୍ରଧାନ ଦେଶ, ସେଥି ନିମନ୍ତେ ଅତ୍ୟଳ୍ପ ବୟସଠାରୁ ଏତଦ୍ଦେଶବାସୀମାନଙ୍କ ଇନ୍ଦ୍ରିୟ ଚାଞ୍ଚଲ୍ୟ ଉପସ୍ଥିତ ହୁଏ ଏବଂ ତାହାର ପରିଣାମ ଫଳରେ ଧାତୁଦୌର୍ବଲ୍ୟ, ମେହ, ପ୍ରମେହ, ଶୁକ୍ରତାରଲ୍ୟ, ରକ୍ତଦୁଷ୍ଟି, ପାରଦ ବିକୃତି, ଏପରିକି କୁଷ୍ଠରୋଗ ପର୍ଯ୍ୟନ୍ତ ହୋଇ ଦୁର୍ବଳ ମାନବଜୀବନକୁ ଅସାର ଓ ଅକର୍ମଣ୍ୟ କରି ପକାଏ, ଏହି ସକଳ ରୋଗ କବଳରୁ ଭାରତବାସୀମାନଙ୍କ ଉଦ୍ଧାର ନିମନ୍ତେ ହେବାର ପୂର୍ବରୁ ପ୍ରକୃତ ଫଳଦାୟକ ଔଷଧ ପ୍ରଚଳିତ କୌଣସି ଚିକିତ୍ସା ଶାସ୍ତ୍ରରେ ଆବିଷ୍କୃତ ହୋଇ ନ ଥିଲା । ସେଥି ନିମନ୍ତେ ଡାକ୍ତର ମାର୍ଟିନ ସାହେବ ସର୍ବକାଳବ୍ୟାପୀ ଅସାଧାରଣ ଚେଷ୍ଟା ଓ ଅଧ୍ୟବସାୟ ଓ ଅଜସ୍ର ଅର୍ଥ ବ୍ୟୟଦ୍ୱାରା ଏବଂ ଅନୁସନ୍ଧାନର ଫଳରେ ଦକ୍ଷିଣ ଆମେରିକାର ପାଶ୍ଚାତ୍ୟ ପ୍ରଦେଶଜାତ ବେଜେଲୁନିଏ ଲତା ଓ ଗୁଳ୍ମ ଉଦ୍ଭିଦାଦିଙ୍କ ସହିତ ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କ ଫାର୍ମାକୋପିୟାର ଅନୁମୋଦିତ ଅସ୍ତ୍ରଭଣ୍ଡ, ଓ ଡାଟେମ୍ବାନା ପ୍ରଭୃତି କେତୋଟି ପ୍ରସିଦ୍ଧ ରକ୍ତ ପରିଷ୍କାରକ ଓ ଶୁକ୍ର ବୃଦ୍ଧିକର ଔଷଧର ସମ୍ମିଶ୍ରଣରେ ନୂତନ ରସାୟନର ପ୍ରକ୍ରିୟାର ପାରଦର୍ଶିତାର ସାହାଯ୍ୟରେ ଏହି ମହାଶକ୍ତିଶାଳୀ ଔଷଧ "ଡ୍ୟାନଜିନ" ଆବିଷ୍କାର ହୋଇ ଭାରତବାସୀମାନଙ୍କର ମହାନ୍ ଅଭାବ ଦୂରୀଭୂତ ହୋଇଅଛି । ଯେବେ ତୁମ୍ଭେ ମନେ କରିଥାଅ ତୁମ୍ଭର ରୋଗ ଅସାଧ୍ୟ ଯଦି ତୁମ୍ଭର ଚିକିତ୍ସକ ତୁମ୍ଭକୁ ଆରୋଗ୍ୟ କରିବାକୁ ନୈରାଶ୍ୟ କରିଥାନ୍ତି ଯେବେ ତୁମ୍ଭେ ସାଲସା ପ୍ରଭୃତି ବହୁପ୍ରକାର ଔଷଧ ସେବନ କରି ଜୀବନରେ ହତାଶ ହୋଇଥାଅ, ତଥାପି ତୁମ୍ଭକୁ କହୁଅଛୁଁ ଜୀବନରେ ନୈରାଶ୍ୟ ହୁଅ ନାହିଁ । ଥରେ ଏହି ମହାଶକ୍ତି "ଡ୍ୟାନଜିନ" ସେବନ କରି ଦେଖ ସଙ୍ଗେ ସଙ୍ଗେ ଶୁଭଫଳ ଫଳିବ ! ଜୀର୍ଣ୍ଣ ଦେହରେ ପୁନର୍ବାର ନୂତନ ଜୀବନ ପାଇବ ! ଅକର୍ମଣ୍ୟଶରୀର ପୁନର୍ବାର କାର୍ଯ୍ୟକ୍ଷମ ହେବ !!! ଅନେକଙ୍କର ଧାରଣା ଅଛି ପାରଦ ଓ ଗରମୀର ବିଷ ଶରୀରରେ ପ୍ରବେଶ କଲେ ତାହା ଆଉ ନାହିଁରେ ଦୂରୀଭୂତ ହୁଏ ନାହିଁ । ବହୁ ପ୍ରାୟ ଅର୍ଦ୍ଧ ଶତାବ୍ଦୀ ହେଲା ସାଧାରଣଙ୍କର ଯେ ବିଶ୍ୱାସ "ଡ୍ୟାନଜିନ" ଏହାକୁ ଦୂରୀଭୂତ କରିଦେଇଅଛି । ଡ୍ୟାନଜିନର ଆଉ ଗୋଟିଏ ଅସାଧାରଣ ଶକ୍ତି ଏହି ଯେ ମଳ ମୂତ୍ର ଓ ଘର୍ମ ସହିତ ବିଷ ନିର୍ଗତ କରିଦେବାର ସ୍ପଷ୍ଟ ଦେଖାଯାଏ । ସାଲସା—ରୋଗ ଗୁପ୍ତ ରଖେ । ଡ୍ୟାନଜିନ ରୋଗ ଗୁପ୍ତ ରଖେ ନାହିଁ, ସମ୍ପୂର୍ଣ୍ଣ ଆରୋଗ୍ୟ କରେ ଥରେ ଆରୋଗ୍ୟ ହେଲେ ଆଉ ପୁନରାକ୍ରମଣ କରେ ନାହିଁ । ସାଲସାର ଗୁଣ ଅସ୍ଥାୟୀ । ଡ୍ୟାନଜିନ ଗୁଣ ସ୍ଥାୟୀ ।

ଡ୍ୟାନଜିନ—ମଦ, ଅଫିମ, କ୍ଲୋରୋଡାଇନ, ମର୍ଫିଆ ପ୍ରଭୃତି କୌଣସି ପ୍ରକାର ମାଦକଦ୍ରବ୍ୟ ବା ବିଷାକ୍ତ ପଦାର୍ଥର ସଂଶ୍ରବ ନାହିଁ ତଥାପି ଏହାର ଏକ ଅପୂର୍ବ ଗୁଣ ଏହି ଯେ ଔଷଧ ସେବନର ଅଳ୍ପକ୍ଷଣ ପରେ ମନ ପ୍ରଫୁଲ୍ଲ ହୁଏ, ଶରୀର ସ୍ଫୂର୍ତ୍ତି ହୁଏ, କ୍ଷୁଧା ବୃଦ୍ଧି କରେ, କୋଷ୍ଠ ପରିଷ୍କାର କରେ, ଡ୍ୟାନଜିନ—ଖାଇବାକୁ ସ୍ୱାଦୁ, ସଦ୍‌ଗନ୍ଧଯୁକ୍ତ, ଡ୍ୟାନଜିନ ସେବନରେ କୌଣସି ପ୍ରକାର ବନ୍ଧା ନିୟମ ନ ଥିବାରୁ ସକଳ ଋତୁରେ ଓ ସକଳ ଅବସ୍ଥାରେ ଆବାଳ ବୃଦ୍ଧ ବନିତା ନିର୍ଭୟରେ ସେବନ କରି ପାରନ୍ତି । ସେଥି ନିମନ୍ତେ ଏହା ଦରିଦ୍ରର ବନ୍ଧୁ ଓ ନର ଦେହର ଜୀବନ ।

ଡ୍ୟାନଜିନରେ କ କ ରୋଗ ଆରୋଗ୍ୟ ହୁଏ ?

୧ । ମେହ ସମ୍ବନ୍ଧୀୟ ପୀଡ଼ା ଓ ସ୍ତ୍ରୀ ବ୍ୟାଧି; ୨ । ଗରମୀ ଓ ପାରଦ ଦୂଷିତ ରକ୍ତ ସମ୍ବନ୍ଧୀୟ ପୀଡ଼ା; ୩ । ବାତ ସମ୍ବନ୍ଧୀୟ ପୀଡ଼ା ।

ମେହ ସମ୍ବନ୍ଧୀୟ ପୀଡ଼ା—ଯଥା—ମେହ, ପ୍ରମେହ, ସପୂଜ ଧାତୁ ନିର୍ଗମନ ବା ରକ୍ତ ନିର୍ଗତ ହେବା, ମୁହୁର୍ମୁହୁ ପ୍ରସ୍ରାବର ବେଗ, ପ୍ରସ୍ରାବର ଜ୍ୱାଳା, ପ୍ରସ୍ରାବ ପୂର୍ବେ ବା ପରେ ଚୂନାପରି ପଦାର୍ଥ ବାହାର ହେବା । ସ୍ତ୍ରୀଲୋକ ଦର୍ଶନ ବା ସ୍ପର୍ଶନରେ ରେତଃପାତ, ଅର୍ଥାତ୍ ଶୁକ୍ରର ତରଳତା, ସ୍ୱପ୍ନ ଦୋଷ ଓ ତଜ୍ଜନିତ ମସ୍ତିଷ୍କ, ମୂତ୍ରଶୂଳ, ଘୁସୁଘୁସିଆ ଜ୍ୱର, ଚକ୍ଷୁ ଜ୍ୱାଳା, ଚକ୍ଷୁରୁ ଜଳପଡ଼ିବା, ହାତଗୋଡ଼ଜଳିବା, ସ୍ମରଣ ଶକ୍ତିର ହ୍ରାସ, ଧାତୁ ଦୌର୍ବଲ୍ୟ, କୋଷ୍ଠ କାଠିନ୍ୟ, କ୍ଷୁଧାମାନ୍ଦ୍ୟ, ଅରୁଚି ଇତ୍ୟାଦି । ସ୍ତ୍ରୀବ୍ୟାଧି—ରକ୍ତ ବା ଶ୍ୱେତ ପ୍ରଦର, ଅନିୟମିତ ରକ୍ତ ସ୍ରାବ, ବନ୍ଧ୍ୟାତ୍ୱ, ଋତୁକାଳୀନ ପେଟରେ ବେଦନା ଓ ତଜ୍ଜନିତ ଇତ୍ୟାଦି ।— ରକ୍ତ ସମ୍ବନ୍ଧୀୟ ପୀଡ଼ା, ଯଥା ।— ଗରମୀ ଓ ତଜ୍ଜନିତ ପାରଦ ବ୍ୟବହାର ପ୍ରଯୁକ୍ତ ସର୍ବାଙ୍ଗେ ଘା ଓ ତତ୍ପରେ ଦାଗ, ହାତ ଓ ଗୋଡ଼ର ତଳରୁ ଚମଡ଼ା ଉଠା, ମୁଣ୍ଡରୁ କେଶ ଉପୁଡ଼ିବା, ମୁଖରେ ଓ ନାକଭିତରେ ଘା, ବାଗି ଘା, ପଞ୍ଚୁସା, ନାଳିଘା ଢାଉଁଳ, ଉଗନର, ବାଙ୍କୁ, ଲୁଣ୍ଠିଆ ଓ ଏପରିକ କୁଷ୍ଠ ପର୍ଯ୍ୟନ୍ତ ଆରୋଗ୍ୟ ହୋଇଅଛି । ବାତ ସମ୍ବନ୍ଧୀୟ ପୀଡ଼ା ।—ଗଣ୍ଠିରେ ବେଦନା ସମସ୍ତ ଶରୀର କନକନ୍ କରିବା, ହାତ ଓ ଗୋଡ଼ ଫୁଲିବା, ଅଣ୍ଟା ଓ ପିଠିର ବେଦନା ଇତ୍ୟାଦି—ଡ୍ୟାନଜିନ—ସୁସ୍ଥ ଶରୀରରେ ଦୈନିକ ଏକ ବା ଦୁଇ ମାତ୍ରା ସେବନ କଲେ ମନ ଉଜ୍ଜ୍ୱଳ ହୁଏ, ଶରୀରର ଦୂଷିତ ରକ୍ତ ଦୂର କରି ନୂତନ ରକ୍ତ କଣିକା ସୃଷ୍ଟି କରେ ଓ ଶରୀର ସବଳ ଓ କାନ୍ତିବିଶିଷ୍ଟ ହୁଏ ।

ମୂଲ୍ୟ ପ୍ରତି ବୋତଲ ଟ ୧୧ । ୩ ବୋତଲ ଟ ୩।୦, ୬ ବୋତଲ ଟ ୬୲ ବା ଓ ୧୨ ବୋତଲ ଟ ୧୪।୦ ଡାକ ମାସୁଲ ୧ ଠାରୁ ୩ ବୋତଲ ଟ ୦ । ଅଣା, ୪ ଠାରୁ ୧୨ ବୋତଲ ଟ ୦ ।୵ ଅଣା ।

ସୋଲ ଏଜେଣ୍ଟ—ଇଣ୍ଡିଆ, ବର୍ମା, ସିଲୋନ, ଆର, ଦ, ଭି, ଏଣ୍ଡ କୋଂ

ହେଡ଼ଅଫିସ—ନଂ ୧୦ ନମ୍ବର ଅପର ଚିତ୍‌ପୁର ରୋଡ୍ କଲିକତା ବଡ଼ବଜାର ପୋଷ୍ଟଅଫିସର ଠିକ ସମ୍ମୁଖରେ

---

## ୨୪ ଘଣ୍ଟାରେ ଯାଦୁର ଆରୋଗ୍ୟ !

ଡାକ୍ତର ଜେ, ଟୀ, ମାର୍ଟିନଙ୍କର ଆବିଷ୍କୃତ—ପ୍ରତ୍ୟକ୍ଷ ଫଳପ୍ରଦ ଯାଦୁର ଔଷଧ ।

ଯେ କୌଣସି ପ୍ରକାର ଯାଦୁ ହେଲେହେଁ ୨୪ ଘଣ୍ଟାରେ ନିଶ୍ଚୟ ଆରୋଗ୍ୟ ହେବ, ଜ୍ୱାଳା ଯନ୍ତ୍ରଣା [ନାହିଁ] ପାରଦ [ପ୍ରଭୃତି] କୌଣସି ବିଷାକ୍ତ ଦ୍ରବ୍ୟ ନାହିଁ । ମୂଲ୍ୟ ପ୍ରତି କୌଟା ଟ ୦ ୵ ଡଜନ ଟ ୫୲ ଡାକ ଏକଠାରୁ ୧୨ କୌଟା ଟ ୦ ୵ ।

ଡାକ୍ତର ମାର୍ଟିନଙ୍କର "ଅଗ୍ନେୟ ମଲମ" ।—ଯାହାର ଯେ କୌଣସି ପ୍ରକାର ଘା ହେଉ ନିଶ୍ଚୟ ଆରୋଗ୍ୟ ହେବ ।

ମୂଲ୍ୟ ପ୍ରତି କୌଟା ଟ ୧୲ ଡଜନ ଟ ୧୦ ୵ ଡାକ ୧ ଠାରୁ ୬ କୌଟାକୁ ଟ ୦ ୵

ଏଜେଣ୍ଟସ—ଆର, ସି, ସୀ ଏଣ୍ଡ କୋଂ ନଂ ୧୦ ନମ୍ବର ଅପର ଚିତ୍‌ପୁର ରୋଡ କଲିକତା

---

☞ ମୂଳପତ୍ର ଦେଖ ।

Digitized by srujanika@gmail.com

Split by PDF Splitter

REGISTERED No. C 81.



# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

# THE UTKAL DIPIKA.

ଭାଗ ୩୭ ଶ | CUTTACK, SATURDAY THE 28th June 1902. | ଅଗ୍ରୀମ ଟ ୩୧
୫ ୨୬ ସଂଖ୍ୟା | ତା ୧୫ ତ ଅଷାଢ଼ ସନ ୧୩୦୯ ସାଲ ଶନିବାର | ପଶ୍ଚାଦେୟ ଟ ୬୧

## ବିଜ୍ଞାପନ ।

## ଏହାଇ ଯାଦୁର

### ସର୍ବାପେକ୍ଷା ଉତ୍କୃଷ୍ଟ ମହୌଷଧ ।

ଏହାର ଗୁଣ ତୁଳନାରେ ମୂଲ୍ୟ ଜଣସ୍ତ ଅତ୍ୟ ସାମାନ୍ୟ ମାତ୍ର, ଏହାର ବ୍ୟାଧି ଉପଶମତାଶ୍ରି ଗୁଣ ଅତୁଳନୀୟ । ଯେ କୌଣସି ପ୍ରକାର ଏବଂ ଯେତେକାଳର କଠିନ ଯାଦୁ ହେଉ ନା କାହିଁକି ଏହି ଔଷଧ ବ୍ୟବହାରଦ୍ୱାରା ତନା ତୁଳା ଯନ୍ତ୍ରଣାରେ ସେଗ ସଂପୂର୍ଣ୍ଣ ଆରୋଗ୍ୟ ହେବ । ଭାରତବର୍ଷର ସବୁସ୍ଥ ସହାଜନତଭାର୍ଥକ ଏହା ଅତ୍ରବହସବନାରେ ବ୍ୟବହୃତ ପୁଣି ଶତ ଶତ ଲୋକଙ୍କଦ୍ୱାରା ମୁକ୍ତକଣ୍ଠରେ ପ୍ରସଂଶିତ । ଏ ଉକ୍ତିର ଯଥାର୍ଥତା ବୁଝିବାକୁ ହେଲେ ଥରେ ମାତ୍ର ପରୀକ୍ଷଣୀୟ ଅଟେ । ସମଶ୍ରେଣୀର ଯେତେ ଔଷଧ ବାହାରିଅଛି ବା ବାହାରୁଅଛି; ଏହି ଔଷଧ ସଙ୍ଗେ ତାହାର ତୁଳନା ହୁଏ ନାହିଁ ।

ଗୋଟିଏ ଡବାର ମୂଲ୍ୟ ଟ ।୵ ଛ ଅଣା, ଏକତ୍ରରେ ୬ ଛ ବା ୧୨ ବାର ଗୋଟା ନେଲେ ଜେତାର ବଶେଷ ଲାଭ ଅଛି । ସ୍ପଷ୍ଟରୂପେ ନାମ, ଗ୍ରାମ, ଡାକଘର ତଥା ଏବଂ ତାହାର କେତେ ଡବା ଔଷଧ ଗ୍ରହ ଲେଖିଲେ ବ୍ୟବସ୍ଥାପତ୍ରସହ ପ୍ରେରିତ ହେବ ।

ଏକମାତ୍ର ପ୍ରାପ୍ତସ୍ଥାନ;—

ଶ୍ରୀ ରାମଚାରଣ ସେନ ।

ଦେବ ଉତ୍କଳପ୍ରେସ, ବାଲେଶ୍ୱର

**WANTED**

A drill and gymnastic teacher for the Dhenkanal High English School Salary Rs. 20 per month. He will also be required to teach English and Mathamatics in the lower classes.

Deputy Commissioner's Office, Angul The 16th June 1902 } E. McLeod SMITH, *Deputy Commissioner.*

## ବିଜ୍ଞାପନ ।

ଏଗର୍ ହେଙ୍କ ଅଏଣ୍ଟ୍ମେଣ୍ଟ ।

ବା

ଯାଦୁର ଔଷଧ ।

ଏହି ଔଷଧ ୩ । ୪, ଥର ବ୍ୟବହାର କଲେ ଅତି ଅଳ୍ପସମୟ ମଧ୍ୟରେ ଓ ବିନାଯନ୍ତ୍ରଣାରେ ସବୁ ପ୍ରକାର ଯାଦୁ ଆରୋଗ୍ୟ ହୁଏ । ଏଥିରେ ପାରଦ କିମ୍ବା ଅନ୍ୟ କୌଣସି ପ୍ରକାର ବିଷାକ୍ତ ପଦାର୍ଥ ନାହିଁ, ମୂଲ୍ୟ ପ୍ରତିଡବା ଟ ୦ ୵ ଅଣା ।

ପ୍ରାପ୍ତିସ୍ଥାନ — ଏଚ, ଦେ ହୋମିଓପ୍ୟାଥିକ, ଫାର୍ମେସୀ ଔଷଧାଳୟ ବାଲେଶ୍ୱର ।

## ADVERTISEMENT.

Wanted a Surveyer, salary Rs. 20 per mensem for the Dhenkanal State. None need apply who is not a passed Surveyer and has no experience.

Preference will be given to the candidate who has experience in bandh making and preparing estimates.

Angul Dy. Commr's office 18—6—1902 } E. McLeod SMITH. *Dy. Commissioner.*

## ବିଜ୍ଞାପନ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ମହାମାନ୍ୟ ଶ୍ରୀଯୁକ୍ତ ଡିଷ୍ଟ୍ରିକ୍ଟ ଜଜସାହେବଙ୍କ ହୁକୁମ ମତେ ଭଙ୍ଗାରପୁର ରାଜ୍ୟର ସାମନ୍ତମାନଙ୍କ ଷ୍ଟେଟରେ ସନ ୧୮୮୨ ମସିହାର ୫ ରେଗୁଲେସନ୍ ଧା ୨୬ ସ୍ୱ ଯାହାକି ସନ ୧୮୭୪ ମସିହା ଅ ୧୬ ଇନଦ୍ୱାରା ସଂଶୋଧିତ ହୋଇଅଛି ତଦନୁସାରେ ଅମ୍ଭେ ଉକ୍ତ ମେନେଜର ନିଯୁକ୍ତ ହୋଇ ଷ୍ଟେଟର ମେନେଜମେଣ୍ଟ ଭାର ଗ୍ରହଣ କରୁଅଛୁଁ । ଉକ୍ତ ସାମନ୍ତମାନଙ୍କର ଉକ୍ତ କ୍ଷମତା ଅଧିନାନୁସାରେ ରହିତ ହୋଇଥିବା ସ୍ଥଳେ ଆମ୍ଭର ଅନୁମତି ବିନା ସେମାନଙ୍କୁ କେହି କିଛି ଋଣ ଦେଲେ ଉକ୍ତ ପ୍ରକାର ଦେଣା ସକାଶେ ଷ୍ଟେଟ ଆଇନାନୁସାରେ ଦାୟୀ ହୋଇ ପାରିବ ନାହିଁ ।

H. N. ROY.
*Common manager.*

## ବିଜ୍ଞାପନ ।

ସନ ୧୯୦୨ ମସିହା ଡିସମ୍ବର ମାସରେ ବୋମ୍ବାଇ ନିକଟ ଅହମଦାବାଦ ସହରରେ ଗୋଟିଏ ଭାରତୀୟ ଶିଳ୍ପ ପ୍ରଦର୍ଶନୀ ( ହାଟ ) ବସିବ । ଯେଉଁମାନେ ଉକ୍ତ ପ୍ରଦର୍ଶନୀକୁ ଜିନି ନାଁ ମାନ ପଠାଇବାକୁ ଇଚ୍ଛା କରନ୍ତି ସେମାନେ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟକୁ ପତ୍ର ଲେଖିଲେ ସମସ୍ତ ବିଷୟ ଜାଣି ପାରିବେ । ଇତି ।

ଶ୍ରୀ ପି, ଏମ୍, ବୁଃଝିସିଦ
ଜେନେରଲ ସେକ୍ରେଟରୀ
ଇଣ୍ଡିଆନ ଇଣ୍ଡଷ୍ଟ୍ରିୟଲ ଏକ୍ସିବିସନ

Digitized by srujanika@gmail.com

# ଉତ୍କଳଦୀପିକା ।

ଗତ ତା ୧୯ ରଖରେ ଶେଷ ହେବା ସାପ୍ତାହିକ ସରକାରୀ ରିପୋର୍ଟରୁ ପ୍ରକାଶ ଯେ ସେ ସପ୍ତାହରେ ପେଲେଗ ରୋଗରେ ଜ ୧୯୬୧ ଣ ଆକ୍ରାନ୍ତ ଏବଂ ଜ ୧୩୧୬ ଣ ହତ ହୋଇ ଥିଲେ । ଦୁର୍ଭିକ୍ଷ ସାହାଯ୍ୟ ପାଇବା ବ୍ୟକ୍ତିଙ୍କର ସଂଖ୍ୟା ମଧ୍ୟ ପ୍ରାୟ ୧୮୦୦୦ ଜଣ ପଡ଼ିଥିଲା । ବର୍ଷାକାଳର ଆଗମନରେ ଗ୍ରହର ଧନା ଲାଗିବାରୁ ଏପରି ଘଟିବାର ଜଣାଯାଏ ।

———

ଗଲତ ମାସର ତା ୧୮ ରଖ ସନ୍ଧ୍ୟାରେ ଲଣ୍ଡନ ନଗରରେ ଅସିଅଟିକ୍ ସୋସାଇଟିର ଗୃହରେ ଏକ ବୃହତ୍ ବୈଠକ ହୋଇଥିଲା । ଭାରତର ପ୍ରଧାନ ଲୋକମାନେ ସେଥିରେ ଉପସ୍ଥିତ ଥିଲେ । ଉକ୍ତ ବୈଠକର ଉଦ୍ଦେଶ୍ୟପ୍ରକଟ ମହୋଦୟ ପ୍ରକାଶ କଲେ ଯେ ଅଳ୍ପଦିନ ମଧ୍ୟରେ ଅସ୍ମାନଙ୍କର ଯୁବରାଜ ଭାରତକୁ ଶୁଭାଗମନ କରିବେ । ଭାରତବାସିଙ୍କ ରାଜଭକ୍ତି, ଭାରତ ସେନାର ସାହସ ବିଷୟ ମଧ୍ୟ ଏ ମହାଶୟ ପ୍ରକାଶ କରିଥିଲେ । ରାଜଭକ୍ତ ପ୍ରତିନିଧି ନବନଗର ଜମ୍ବୁପୁରର ମହାରାଜା ରେଞ୍ଜିତସିଂହ ସେ ସଭାରେ ସମୁପସ୍ଥିତ ହୋଇଥିଲେ ।

———

ସରକାରୀ ଭୂତତ୍ତ୍ୱପରୀକ୍ଷା ମହଲୁମାରୁ ପ୍ରତିବର୍ଷ ଜୁନମାସ ପ୍ରଥମ ସପ୍ତାହରେ ବର୍ଷାକାଳର ବୃଷ୍ଟିର ଆଗମ ପକ୍ଷ ବାହାରୁଥିଲା । ଏବର୍ଷ ତ ବାହାରିବାରୁ ଏକ ସ୍ଥଳରେ ଜନରବ ଉଠିଅଛି ଯେ ମରୁଡ଼ିର ଆଶଙ୍କାରେ ତାହା ହୋଇ ନାହିଁ । ମାତ୍ର ଏ କଥା ଠିକ ନୁହେ । ଗତ ୧୯ ରେ ବର୍ଷରେ ଅଗମ ପକ୍ଷାନୁସାରେ ଫଳ ଦେଖା ନ ଦେବାରୁ ତହିଁ ଉପରେ ନିର୍ଭର କରିବାର ହେତୁ ନ ଦେଖି ସରକାର ଏ ବର୍ଷରୁ ତାହା ଉଠାଇ ଦେଇଅଛନ୍ତି ଏବଂ ଏ କଥାର ଅବଶ୍ୟ ଭଲ ହୋଇଅଛି । ଯାହା ଉପରେ ନିର୍ଭର କରାଯାଇ ନ ପାରେ ତେମନ୍ତ କାଗଜ ପ୍ରକାଶ ବୃଥା ଶ୍ରମ ଏବଂ ବୃଥା ଭ୍ରମ ଜନ୍ମାଇବା ଉଚିତ ନୁହେ ।

———

ପଲ୍ଲାର ମହାରାଜା ମାଧୋ ସିଂହ ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କର ଗତ ଅପ୍ରେଲମାସ ତା ୨୨ ରଖର ଘୋଷଣା କ୍ରମେ ପଦଚ୍ୟୁତ ହେବାରୁ ତାହାଙ୍କର ଜ୍ୟେଷ୍ଠ ପୁତ୍ର ଗତ ଗଗନେଶର ଜ୍ୟେଷ୍ଠ ପୁତ୍ର ଯାଦବେନ୍ଦ୍ର ସିଂହଙ୍କୁ ମହାମାନ୍ୟ ଗବର୍ଣ୍ଣର ଜେନେରଲ ପନ୍ନା ରାଜ୍ୟର ରାଜା ସ୍ୱରୂପ ଗ୍ରହଣ କରିଅଛନ୍ତି । ଯାଦବେନ୍ଦ୍ର ସିଂହ ମାଧୋ ସିଂହ କର ନିଜ ଦତ୍ତକ ପୁତ୍ର ଥିଲେ ଏବଂ ହିନ୍ଦୁ ଧର୍ମଶାସ୍ତ୍ର ନିୟମାନୁସାରେ ରାଜ୍ୟରେ ବସିବାର ଶ୍ରେଷ୍ଠ ଉତ୍ତରାଧିକାରୀ ହେଉଅଛନ୍ତି । ତାହାଙ୍କର ବୟସ

ତ ୧୯ ବର୍ଷ ଏବଂ ସେ ରାଜ୍ୟର ଜାଗିରଦାରମାନେ ତାହାଙ୍କର ଉତ୍ତରାଧିକାରିତ୍ୱ ସପକ୍ଷରେ ଏକମତ ହୋଇଅଛନ୍ତି ।

———

ଜଷ୍ଟିସ ନଗରରେ ଅଳ୍ପଦିନହେଲା ଭାରି ତୋଫାନ ହୋଇଥିବାର "ଷ୍ଟେଟସମ୍ୟାନ" ପାଠକମାନଙ୍କୁ ଜଣାଇଥିଲୁଁ । ପୁଣି ଗତ ତା ୧୫ ରଖ ରବିବାରଠାରୁ ମଙ୍ଗଳବାର ବେଳ ଘ ୧୦ ଟା ପର୍ଯ୍ୟନ୍ତ ସେଠାରେ ମୂଷଳଧାରରେ ବର୍ଷା ଏବଂ ପ୍ରବଳ ପବନ ହୋଇଥିବାର ସମ୍ବାଦ ଆସିଅଛି । ଏଥିରେ ସେଠାର ଅନେକ କୋଠା ଓ ଛପର ଘର ଭାଙ୍ଗି ଯାଇଅଛି, ସମୁଦ୍ରରେ ଅନେକ ନୌକା ମାତ୍ର ଜାହାଜ ମନୁଷ୍ୟ ଏବଂ ଦ୍ରବ୍ୟ ନଷ୍ଟ ହୋଇଅଛି ଏବଂ ଅନେକ ବାଟ ଘାଟ ଭାଙ୍ଗି ଯାଇଅଛି । ବିଜୁଳି ତାରର ତାର ଛିଣ୍ଡିଯିବା ଏବଂ ରେଲବାଟ ବୁଡ଼ିଯିବା ହେତୁ ସମ୍ବାଦ ଓ ମନୁଷ୍ୟ ଯାତାୟାତ ବନ୍ଦ ହୋଇଯାଇଥିଲା ।

———

ଏଠା ସଦର ମହକୁମାର ଜଣେ ଡେପୁଟି କଲେକ୍ଟର ବାବୁ ଆଶୁତୋଷ ଦତ୍ତ କୃଷ୍ଣନଗରକୁ ବଦଳ ହେବାର ଆଦେଶ ପାଠ କରି ବଡ଼ ଦୁଃଖିତ ହୋଇଥିଲୁଁ । ତାହାଙ୍କର ଆବେଦନ ମତେ ସେ ସ୍ଥାନ ପରିବର୍ତ୍ତରେ ବାଲେଶ୍ୱରକୁ ବଦଳି ହେବାର ଆଦେଶ ହେବାରୁ ଗତ ରବିବାର ସେ ଏ ନଗରରୁ ବିଦାୟ ହୋଇ ଗଲେ ଏହା ମନର ଭଲ ବୋଲିବାକୁ ହେବ । ଆଶୁ ବାବୁ ସରକାରୀ କାର୍ଯ୍ୟରେ ଯେମନ୍ତ ସୁଦକ୍ଷ ସାମାଜିକ ବ୍ୟବହାରରେ ତେମନ୍ତ ସର୍ବଜନପ୍ରୀୟ ଥିଲେ ଏବଂ ସାଧାରଣ କାର୍ଯ୍ୟରେ ତାହାଙ୍କର ଯଥେଷ୍ଟ ଉତ୍ସାହ ଅଛି । ଭରସାକରୁଁ ବାଲେଶ୍ୱରବାସିମାନେ ତାହାଙ୍କୁ ପାଇ ଏ କଥାବାର୍ତ୍ତା ପରି ଖୁସୀ ହେବେ ।

———

ମାନ୍ଦ୍ରାଜ ହତାଳ ଯେଉଁ ଜଣକର ଲୋକ ଅଧିକ ତାମ୍ବୂଳ ପ୍ରିୟ ସେଠାରୁ ଧନୁଷ୍ଟଙ୍କାର ରୋଗ ମାନ୍ଦ୍ରାଜର ଜେନେରଲ ହାସପାତାଲକୁ ଆସିବାର ଦେଖି ସେଠାର ଅଧ୍ୟକ୍ଷ ଡାକ୍ତର ହାବଲକ ସିଦ୍ଧାନ୍ତ କରିଅଛନ୍ତି କି ପାନ ସଙ୍ଗେ ଯେଉଁମାନେ ଅଧିକ ଚୂନ ଖାନ୍ତି ସେମାନେ ଉକ୍ତ ରୋଗରେ ଆକ୍ରାନ୍ତ ହୁଅନ୍ତି । ଏ ସିଦ୍ଧାନ୍ତ କେତେଦୂର ଯୁକ୍ତିସଙ୍ଗତ ପ୍ରବୀଣ ଡାକ୍ତରମାନେ ତହିଁର ବିଚାର କରିବେ । ମାତ୍ର ଏ ପ୍ରଦେଶରେ ବର୍ତ୍ତମାନ ପାନର ବ୍ୟବହାର ଯେତେ ବୃଦ୍ଧି ହୋଇଅଛି ସେ ପରିମାଣରେ ଧନୁଷ୍ଟଙ୍କାର ରୋଗ ବୃଦ୍ଧି ହେବାର ଦେଖା ନ ଗଲେହେଁ ପାନ ଖାଇବା ଗୋଟିଏ ରୋଗ ହୋଇଅଛି ଏବଂ ତାହା ଦରିଦ୍ରତାର ଗୋଟିଏ କାରଣ ବୋଲି ଯାଇ ପାରେ । ଏ ରୋଗ ଶାନ୍ତିର ଉପାୟ ବାଞ୍ଛନୀୟ ।

———

ଆଠଗଡ଼ର ଫରେଷ୍ଟର କ୍ଲେଟ ସାହେବ ମହାଶୟ ଚନ୍ଦ୍ରମଣି ଗ୍ରାମୁପତ୍ତନାୟକ ଲେଖିଅଛନ୍ତି କି କୃପାସିନ୍ଧୁ ସାହୁ ନାମକ ଶ୍ରେଣୀକୁ ଭଲାଏତମାନଙ୍କର ଆକ୍ରମଣରୁ ରକ୍ଷା କରିବା ଏବଂ ଭଲାଏତ ସରକାର ରାମ ନାୟକଙ୍କ ଧରିବା ବେଳେ ସେ ତାହାର ହାତରେ ଥିବା ଫାର୍ଷାହାସ ଏମନ୍ତ ଆଘାତ କଲା ଯେ ତାହାଙ୍କର ବାମ ପାର୍ଶ୍ୱର ହାଡ଼ ଖଣ୍ଡ ପଞ୍ଜରା ହାଡ଼ ଫାଟି ଯାଇ ଜୀବନ ସଂଶୟ ହୋଇଥିଲା । ମଃ ବାବୁ ଆନନ୍ଦଲାଲ ବୋଷ ଆସିଷ୍ଟାଣ୍ଟ ସର୍ଜନ ତାହାଙ୍କୁ ମାସେ ସ ଆପଣା ଘରେ ରଖି ଔଷଧ ଓ ପଥ୍ୟ ସ୍ୱହସ୍ତରୁ ଦେଇ ଓ ଯତ୍ନ ଚିକିତ୍ସା କରି ଜୀବନ ଦାନ କରିଅଛନ୍ତି । ଭଲାଏତ ସରକାର ରାମ ନାୟକ କ ୬ ବର୍ଷ ଜାଗିରବାସ ଦଣ୍ଡ ପାଇଅଛି । ଡାକ୍ତର ମହାଶୟଙ୍କଠାରେ ଆନ୍ତରିକ କୃତଜ୍ଞତା ପ୍ରକାଶ କରିବା ପକ୍ଷପ୍ରେରକ ଏ ବିଷୟ ପ୍ରକାଶ କରିବାକୁ ଅନୁରୋଧ କରିବାରୁ ଆମ୍ଭେମାନେ ଆନନ୍ଦ ସହିତ ପ୍ରକାଶ କଲୁଁ । ଡାକ୍ତର ମହାଶୟଙ୍କର ଚିକିତ୍ସା ନୈପୁଣ୍ୟ ରୋଗୀ ପ୍ରତି ଯତ୍ନ ଓ ଦୟା ପ୍ରଭୃତି ଏଠା ଲୋକଙ୍କୁ ଅବିଦିତ ନାହିଁ । ଆଶା କରୁଁ ଗବର୍ଣ୍ଣମେଣ୍ଟ ଇହାଙ୍କ ସୁବିଚାର କରିବେ ଏବଂ ସେହି ଭଲାଏତ ମାନଙ୍କ ସମ୍ବନ୍ଧରେ ପତ୍ର ପ୍ରେରକଙ୍କର ପ୍ରଶଂସନୀୟ ସାହସ କାର୍ଯ୍ୟ ଗବର୍ଣ୍ଣମେଣ୍ଟଙ୍କର ଗୋଚରରେ ଆସିବ ।

———

## ପୁରୀ ସ୍ନାନଯାତ୍ରା ।

ତା ୨୦ ରଖ ଶୁକ୍ରବାର ସ୍ନାନ ପୂର୍ଣ୍ଣିମାଦିନ ପବିତ୍ର ବିଗ୍ରହ ତିନି ପ୍ରଭୁମାନେ ମଧ୍ୟାହ୍ନ ଘ ୧୨ ଘଣ୍ଟାଠାରେ ସ୍ନାନମଣ୍ଡପରେ ସମାସୀନ ହୋଇଥିଲେ । ଅପରାହ୍ଣ ପ୍ରାୟ ଘ ୪ ଟା ସମୟରେ ସ୍ନାନକାର୍ଯ୍ୟ ହୋଇ ହସ୍ତୀବେଶ ପରେ ସନ୍ଧ୍ୟା ଘ ୯ ଟାରେ ଶେଷରାତ୍ରି ଭୋଗ ହୋଇଥିଲା । ତହିଁ ଉତ୍ତାରୁ ସମାଗତ ଯାତ୍ରିମାନଙ୍କର ସାହାଣ ମେଳା ଦର୍ଶନ ଆରମ୍ଭ ହେଲା । ପରେ ସ୍ନାନମଣ୍ଡପରୁ ଠାକୁରମାନେ ଅନବସର ପିଣ୍ଡିକୁ ବିଜେ କରିବା ସମୟେ ପ୍ରଭାତ ହୋଇଗଲା । ପ୍ରଭାତ ରାତ୍ରି ବନ୍ଦ ହୋଇ ପର୍ଦ୍ଦା ସ୍ଥାପନ ସମୟେ ପରଦିନ ପୂର୍ବାହ୍ଣ ପ୍ରାୟ ଘ ୧୦ ଟା ହୋଇଗଲା । କେବଳ ଏତିମାତ୍ର ଲୋଗ ଦନମଣ୍ଡପରେ ଶେଷ ହୋଇ ସେହିଦିନ ଅନବସର ପିଣ୍ଡିରେ ପଟ୍ଟ ସ୍ଥାପନ ପରେ ବର୍ତ୍ତିହାର ପର୍ଯ୍ୟନ୍ତ ଅବଶିଷ୍ଟ ଭୋଗମାନ ହେବାର ନିୟମ ଥିବାସ୍ଥଳେ କି ହେତୁ ଯେ ଏପରି ବ୍ୟତିକ୍ରମ ହୋଇ ଶାସ୍ତ୍ରମାନ ସଥା ସମୟେ ନିର୍ବାହିତ ହେଉ ନାହିଁ ତାହା ମନ୍ଦିର ଦର୍ମଚାରୀମାନେ ଜାଣନ୍ତି । ଯାହାହେଉ ସ୍ନାନପୂର୍ଣ୍ଣିମାର ନୀତି ପରଦିନ ବେଳ ଦେଢ଼ ପ୍ରହର ସମୟରେ ସମାଧା ହେବା ଅବଶ୍ୟ ଶୋଚନୀୟ ବୋଲିବାକୁ ହେବ ।

Digitized by srujanika@gmail.com

Split by PDF Splitter



ଆଉ ମଧ୍ୟ ରଥ ନିର୍ମାଣରେ ଏବର୍ଷ ବିଶେଷ ଜଳମ୍ ଦେଖା ଯାଉଅଛି । ସର୍ବସୁଦ୍ଧା ପ୍ରାୟ ପଚିଶ ହଜାର ଯାତ୍ରୀ ହୋଇଥିଲେ । ପଶ୍ଚିମା ଓ ଅନ୍ୟାନ୍ୟ ସ୍ଥାନୀୟ ଯାତ୍ରୀଛଡ଼ା କେବଳ ବଙ୍ଗଦେଶୀୟ ଲୋକ ଅନ୍ୟୂନ ହୋଇଏ ସହସ୍ର ଥିବାର ଅନୁମିତ ହୋଇଥିଲା । ଏହି କେତେକ ଦିନ ରେଲ ନିୟମିତ ସମୟଉଳ ଅତ୍ୟାଜ୍ୟ ସମୟମାନଙ୍କରେ ମଧ୍ୟ ଆସିଥିଲା ।

ଗାଡ଼ିପଡ଼ା ଅଉରଲା ଦେଖି ସ୍ନାନପୂର୍ଣ୍ଣିମା ଦର୍ଶନ କରି ପ୍ରାୟ ୫୭ ହଜାର ଯାତ୍ରୀ ଚାଲି ଯାଇଥିଲେ । ଅବଶିଷ୍ଟ ଗୁଣ୍ଡିଚା ଦେଖିଲେ ଯିବେ । ରେଲ ସୁବିଧା ଯୋଗୁ ଗୁଣ୍ଡିଚା ଅଳ୍ପଦିନ ପୂର୍ବରୁ ପୁନରାୟ ଯାତ୍ରୀ ହେବାର ସମ୍ଭବ । ଗତକାଲି ହଜାରରୁ ଊର୍ଦ୍ଧ୍ୱ ଯାତ୍ରୀ ରହିବା ଘର ପାଣ୍ଡ ହୋଇଥିବା କଷ୍ଟର କଥାଜ । ସୁତରାଂ ଅନେକ ଘର ଖାଲି ପଡ଼ି ରହିଅଛି । ଘରବାଲା-ମାନେ ଗୁଣ୍ଡିଚାକୁ ଅପେକ୍ଷା କରି ବସିଅଛନ୍ତି । ସାହେବମାନେ ପୁଲିସ ନିଯୁକ୍ତ ରହି ଦବା ପାଇଁ ସମସ୍ତ ପରିଶ୍ରମ କରି ସୁବିଧାମତେ ଦର୍ଶନର ବ୍ୟବସ୍ଥା କରାଇଥିଲେ ।

---

## ଉତ୍ସବରେ ବାଧା ।

ଗତ ଶୁକ୍ରବାର ଇଂଲଣ୍ଡାଦି ଦ୍ୱୀପ ପୁଞ୍ଜର ରାଜା ଓ ଭାରତର ସମ୍ରାଟ ପ୍ରବଳ ପ୍ରତାପ ଏଡ଼ୁ-ୟାର୍ଡ ସପ୍ତମଙ୍କର ଅଭିଷେକ ହେବାର ଥିଲା ଏବଂ ତଦୁପଲକ୍ଷରେ ତାହାଙ୍କର ରାଜଧାନୀ ଲଣ୍ଡନ ନଗର ଏବଂ ବିଶାଳ ସାମ୍ରାଜ୍ୟର ନାନା ସ୍ଥାନରେ ଯେ ସମସ୍ତ ମଙ୍ଗଳ କାର୍ଯ୍ୟର ଆୟୋଜନ ହେଉ ଥିଲା ସେ ସମସ୍ତ ପାଠକମାନଙ୍କୁ ଅବିଦିତ ନାହିଁ । ପ୍ରାୟ ଏକବର୍ଷ ପୂର୍ବରୁ ଅଭିଷେକର ଦିନ ସ୍ଥିର ହୋଇ ଅତ୍ୟନ୍ତ ସମାରୋହ ସହିତ ସେହି ଶୁଭ କାର୍ଯ୍ୟ ସମ୍ପନ୍ନ କରିବାର ଅଶେଷ ଆୟୋଜନ ହୋଇଥିଲା । ଶୁଭ ଦିନ ଯେତେ ନିକଟ ହେଉ ଥିଲା ରାଜକର୍ମଚାରୀ ଏବଂ ପ୍ରଜାବର୍ଗର ଉତ୍ସାହ ସେତେ ବଢ଼ୁ ଥିଲା । ଦେଶ ବିଦେଶରୁ ବନ୍ଧୁ-ବାନ୍ଧବ, ସୈନ୍ୟ ସାମନ୍ତ ଆମନ୍ତ୍ରିତ ହୋଇ ଲଣ୍ଡନ ନଗରରେ ସମବେତ ହୋଇଥିଲେ ଏବଂ ନାନା ଦେଶର ବଣିକ, ଦର୍ଶକ ପ୍ରଭୃତି ଏହି ଅପୂର୍ବ ଅନୁଷ୍ଠାନ ଦର୍ଶନ ଆଶାରେ ବହୁ ବ୍ୟୟ ସ୍ୱୀକାର ପୂର୍ବକ ସେହି ରାଜଧାନୀରେ ଉପସ୍ଥିତ ହୋଇ ଥିଲେ । ଏ କଥାରେ ଲଣ୍ଡନ ନଗର ଅସୀମ ଆନନ୍ଦ ସାଗରରେ ଭାସୁଥିଲା ଏବଂ ସମସ୍ତେ ଅତ୍ୟନ୍ତ ପ୍ରଫୁଲ୍ଲ ଚିତ୍ତରେ ସେହି ଶୁଭ ଦିନର ଆଗମନକୁ ଚାହିଁ ବସିଥିଲେ । କିନ୍ତୁ ବିଧାତାଙ୍କର ଇଚ୍ଛା ଉପରେ ଅଧିକାର କାହାର ? ଦୁଇ ଦିନ ପୂର୍ବରୁ ରାଜରାଜେଶ୍ୱରଙ୍କର ଶରୀର ଏପରି ଅସୁସ୍ଥ ହେଲା ଯେ ଶୁଭ ଅଭିଷେକ ଅନୁଷ୍ଠାନ ଅନ୍ୟ ଦିନକୁ ସ୍ଥଗିତ ରଖିବା ଅନିବାର୍ଯ୍ୟ ହେବାରୁ ତଦନୁସାରେ ଘୋଷଣା ପ୍ରଚାର ହୋଇ ଅଛି ଏବଂ ଅଧୁନା ସମସ୍ତ ଆନନ୍ଦ ନିରାନନ୍ଦରେ ପରିଣତ ହୋଇଅଛି । ଏଥିରେ ଜନସାଧାରଣଙ୍କ ଯେ ମାନସିକ କଷ୍ଟ ହୋଇଅଛି ତାହା ପ୍ରତି ଜଣ ଆପେ ଅନୁଭବ କରୁଅଛନ୍ତି, ବର୍ଣ୍ଣନା କରିବାର ପ୍ରୟୋଜନ ନାହିଁ । ଦୟାମୟ ପର-ମେଶ୍ୱର ଶୀଘ୍ର ରାଜରାଜେଶ୍ୱରଙ୍କୁ ଆରୋଗ୍ୟ କରନ୍ତୁ ଏବଂ ଅଚିରେ ଏହି ଶୁଭାନୁଷ୍ଠାନ ସୁସମ୍ପନ୍ନ କରନ୍ତୁ ତାହାଙ୍କର ଅସଂଖ୍ୟ ପ୍ରଜାବର୍ଗ ଏକ ବାକ୍ୟରେ ବିନୀତ ଭାବରେ ଏହି ପ୍ରାର୍ଥନା କରୁଅଛନ୍ତି । ଏକାନ୍ତ ଆଶା କରୁଁ ସର୍ବ ମଙ୍ଗଳ-ମୟ ଏ ପ୍ରାର୍ଥନା ଗ୍ରାହ୍ୟ କରିବାଦ୍ୱାରା ଅପାର ମହିମା ପ୍ରଚାର କରିବେ ।

ଭାରତରେ ଅଭିଷେକ ଉତ୍ସବ ଆଗାମୀ ଜାନୁଆରୀ ମାସର ପ୍ରଥମ ଦିନରେ ଅନୁଷ୍ଠିତ ହେବାର ସ୍ଥିର ହୋଇଥିବାରୁ ଯେବେ ଏ ଗତ ତା ୨୬ ରଖ ଶୁକ୍ରବାର କିଛି ହେବାର ନ ଥିଲା ତଥାପି ଏମନ୍ତ ଶୁଭ ଦିନରେ ନିଶ୍ଚିନ୍ତ ବସିବା କାହାରିକୁ ସଙ୍ଗତ ଜଣା ନ ଯିବାରୁ ଭାରତର ନାନା ସ୍ଥାନର ଭିନ୍ନ ସମ୍ପ୍ରଦାୟର ଲୋକମାନେ ସେ ଦିନ ଶୁଭାଭିଷେକ ଉପଲକ୍ଷରେ ରାଜରାଜେ-ଶ୍ୱରଙ୍କର ମଙ୍ଗଳ କାମନାରେ ଦେବାରାଧନା କରିବାର ସ୍ଥିର କରିଥିଲେ । ତଦନୁସାରେ ଏ ନଗରର ମୁସଲମାନମାନେ ଜୁମାମସଜିଦରେ, ବ୍ରାହ୍ମମାନେ ବ୍ରାହ୍ମମନ୍ଦିରରେ ଏବଂ ହିନ୍ଦୁମାନେ ଶ୍ରୀ ଗୋପାଳଜୀଉ ଶ୍ରୀ ବିନୋଦବିହାରୀଜୀଉଙ୍କ ମନ୍ଦିରରେ ପୂଜା ପ୍ରାର୍ଥନା କରିବାର ବିଜ୍ଞାପନ ପ୍ରଚାର କରିଥିଲେ ଏବଂ ହିନ୍ଦୁମାନେ ନଗର ସଂକୀର୍ତ୍ତନ ଏବଂ ଦରିଦ୍ର ସେବା କରିବାର ବନ୍ଦୋବସ୍ତ ମଧ୍ୟ କରିଥିଲେ । ମାତ୍ର ତହିଁ ପୂର୍ବ ଦିନ ଅଭିଷେକ ସ୍ଥଗିତ ହେବାର ସରକାରୀ ତାର ସମ୍ବାଦ ପ୍ରଚାର ହେବାରୁ ସେ ସମସ୍ତ ବନ୍ଦ ହେଲା । କେବଳ ସମ୍ରାଟଙ୍କର ଆରୋଗ୍ୟ କାମ-ନାରେ ଖ୍ରୀଷ୍ଟିୟାନମାନଙ୍କର ଗିର୍ଜାରେ ଈଶ୍ୱ-ରଙ୍କର ଆରାଧନା ହୋଇଥିଲା । କାଲି ରବି-ବାର ସେହି ଉଦ୍ଦେଶ୍ୟରେ ହିନ୍ଦୁମାନଙ୍କର ଉପର ଲିଖିତ ଦୁଇ ଦେବାଳୟରେ ପୂଜା ଏବଂ ଗୋପାଳଜୀଉ ମଠରେ ଦରିଦ୍ର ସେବା ହେବ ।

ସମ୍ରାଟଙ୍କର ପୀଡ଼ା ସମ୍ବନ୍ଧରେ ସମ୍ବାଦ ଆସି-ଅଛି ଯେ ତାହାଙ୍କର ଅନ୍ତ୍ରଗତରେ ବେଦନା ହେବାରୁ ଡାକ୍ତରମାନେ ଅସ୍ତ୍ର ଚିକିତ୍ସା କରାନ୍ତି ଆବଶ୍ୟକ ବିବେଚନା କରି ଅସ୍ତ୍ର ପ୍ରୟୋଗଦ୍ୱାରା ଘୋଟାଏ ବଥରୁ ପୂଜ ବାହାର କରିଦେଇ ଅଛନ୍ତି ଏବଂ ତହିଁରେ ବେଦନା ଉପଶମ ଅଛି ଏ ପର୍ଯ୍ୟନ୍ତ ଭଲ ଲକ୍ଷଣମାନ ଦେଖାଯାଉ ଅଛି । ମାତ୍ର କିଛି ଦିନ ଗତ ନ ହେବା ପର୍ଯ୍ୟନ୍ତ ନିରାପଦ ବୋଲି ଯାଇ ନ ପାରେ । ଏହି କାର-ଣରୁ ଅଭିଷେକ ଅନିର୍ଦ୍ଦିଷ୍ଟରୂପେ ସ୍ଥଗିତ ହୋଇ ଅଛି ।

---

## ବାଙ୍କିର ଉତ୍କୋଚ ମାମଲା ।

ବାଙ୍କିର ପୂର୍ବ ଡେପୁଟୀକଲେକ୍ଟର ବାବୁ ବଳରାମ ଦାସଙ୍କ ନାମରେ ଉତ୍କୋଚ ଗ୍ରହଣ-ବିଷ ଦରଖାସ୍ତ ଦେଇ ପଣ୍ଡିତ ଗୋବିନ୍ଦ ରଥ ମିଥ୍ୟା ନାଲିଶ କରିବା ଓ ମିଥ୍ୟା ସମ୍ବାଦ ଦେବା ଅଭିଯୋଗରେ ଫଉଜଦାରୀ ସୁପର୍ଦ ହୋଇଥିବା ଏବଂ ସେହି ଆଦେଶ ବିରୁଦ୍ଧରେ ଏଠାର ଜଜ ସାହେବଙ୍କ ନିକଟରେ ମୋସନ ହେବାରେ ସାହେବ ମହୋଦୟ ଉକ୍ତ ଆଦେଶ ରହିତ ହେବା କାରଣ ହାଇକୋର୍ଟକୁ ରିପୋର୍ଟ କରି-ଥିବାର ପାଠକମାନଙ୍କୁ ଜଣାଅଛି । ହାଇକୋ-ର୍ଟରେ ସେହି ମାମଲା ଗତ ତା ୨୦ ରଖରେ ବିଚାରପତି ବ୍ରେଟ ଏବଂ ହେଣ୍ଡର୍ସନ ସାହେବ-ମାନଙ୍କ ସମ୍ମୁଖରେ ବିଚାର ନିମନ୍ତେ ଆଗତ ହୋଇଥିଲା । ସରକାରପକ୍ଷରୁ ଡେପୁଟୀ ଲିଗେ-ଲିରିମେମ୍ବ୍ରାନସର ଡଗଲାସ ସାହେବ ଏବଂ ସାନ ସରକାରୀ ଉକିଲ ବାବୁ ଶ୍ରୀଶଚନ୍ଦ୍ର ଚୌ-ଧୁରୀ ଏବଂ ଦରଖାସ୍ତକାର ପକ୍ଷରୁ ବାବୁ ପ୍ରକାଶ-ଚନ୍ଦ୍ର ମିତ୍ର ଉପସ୍ଥିତ ହୋଇଥିଲେ । ମାନ୍ୟବର ବିଚାରପତିମାନେ ଶ୍ରୀଯୁକ୍ତ ଡଗଲାସ୍ ସାହେବଙ୍କର ବକ୍ତୃତା ଶ୍ରବଣ କରି ଏବଂ ଅନ୍ୟପକ୍ଷର ଉକିଲ-ଠାରୁ ତହିଁର ଉତ୍ତର ନ ଲୋଡ଼ି ସେମାନଙ୍କର ନିଷ୍ପତ୍ତି ପ୍ରଦାନ କଲେ । ତହିଁର ମର୍ମ ଏହି କି କଟକର ମାଜିଷ୍ଟ୍ରେଟ କଲେକ୍ଟରଙ୍କର ଆଦେଶ ଅନୁସାରେ ଯେଉଁ ଅନୁସନ୍ଧାନ ହୋଇଥିଲା ତାହା ବିଚାର ଅଦାଲତର ଅନୁସନ୍ଧାନ ନ ଥିଲା ମାତ୍ର ବିଭାଗୀୟ ଅନୁସନ୍ଧାନ ଥିଲା । ସୁତରାଂ ଜଏଣ୍ଟ ମାଜିଷ୍ଟ୍ରେଟଙ୍କର ଆଦେଶ କାର୍ଯ୍ୟବିଧିର ଧାରା ୪୭୬ରା ଅନୁସାରେ ଆଇନବିରୁଦ୍ଧ ଅଟେ । ବିଚାର ଅଦାଲତର କାର୍ଯ୍ୟ କରେ ଡି ଲେକ୍‌ଟଲ ସାହେ-ବଙ୍କର ସାକ୍ଷାତରେ କୌଣସି ଅପରାଧ କରି ନ ଥିବାରୁ ଦରଖାସ୍ତକାର ପ୍ରତି ଦଣ୍ଡବିଧି ଆଇନର ଧା ୨୧୧ ର ଖଟି ନ ପାରେ । ପରନ୍ତୁ ଦରଖା-ସ୍ତକାରକୁ ତାହାର ନାଲିସ ପ୍ରମାଣ କରିବାର ସୁଯୋଗ ଦିଆଯାଇ ନ ଥିବାରୁ ଏ ମୋକଦ୍ଦମାର କାର୍ଯ୍ୟାବଳୀ ଆପତ୍ତିଜନକ ଅଟେ । ଅତଏବ ମାନ୍ୟବର ବିଚାରପତି ମହୋଦୟମାନେ ଜଏ-ଣ୍ଟମାଜିଷ୍ଟ୍ରେଟଙ୍କର ଆଦେଶ ରହିତ ଏବଂ ଦରଖାସ୍ତ କାରକୁ ମୁକ୍ତିଦେବାର ଆଦେଶ ପ୍ରଦାନ କଲେ, ଏ ମାମଲାସମ୍ବନ୍ଧରେ ହାଇକୋର୍ଟର ନିଷ୍ପତ୍ତି କଲିକତାର " ମିରର " ନାମକ ଇଂରାଜୀ ସମ୍ବାଦପତ୍ରରେ ଯାହା ବାହାରିଅଛି ତାହା ଠିକ୍ ଅଟେ ଏବଂ ତହିଁର ଅଧିକାଂଶ ମାମଲାର ବିବ-ରଣ ଏବଂ ଜଜ ସାହେବଙ୍କର ରିପୋର୍ଟର ମର୍ମ

Digitized by srujanika@gmail.com

Split by PDF Splitter



ଅଧିକାର କରୁଅଛି । ସ୍ଥାନାଭାବରୁ ତାହା ପ୍ରକାଶ କରିବାର ସୁଯୋଗ ନ ଦେଖି ତହିଁର ଶେଷାଂଶ ମାତ୍ର ଅବିକଳ ଉଦ୍ଧାର କଲୁଁ ଏବଂ ତହିଁର ମର୍ମ ଉପରେ ପ୍ରକାଶ କରୁଅଛୁଁ । ଉଦ୍ଧୃତାଂଶ ଯଥା ;—

Their Lordships held that the order of the District Magistrate under Section 476 Cr. P. C. was bad in law, and therefore could not be sustained. There Lordships observed that the enquiry into the matter, made under the order of the Magistrate-Collector, was not a judicial enquiry at all, but it was properly a departmental enquiry. They held that in as much as no offence was committed before the Collector in course of a judicial proceeding, Section 211 I. P. Code could not apply to the petitioner. The proceeding in the case, their Lordships observed, was open to objection as the petitioner was not given an opportunity to prove his case. Under these grounds their Lordships agreed with the Sessions Judge and accordingly set aside the order of the District Magistrate and directed that the petitioner be acquitted.

ହାଇକୋର୍ଟଙ୍କର ବିଚାର ଅତ୍ୟନ୍ତ ସନ୍ତୋଷଜନକ ହୋଇଅଛି ଏବଂ ଯେଉଁ ଯାହା ଆଶା କରୁଥିଲେ ତାହା ଘଟିଅଛି ବଡ଼ ସୁଖର ବିଷୟ ଅଟେ । ଆମ୍ଭେମାନେ ପ୍ରଥମରୁ କହୁଥିଅଛୁଁ ଯେ ମାଜିଷ୍ଟ୍ରେଟଙ୍କର ଅନୁସନ୍ଧାନ ବିଚାର ଅଦାଲତର ଅନୁସନ୍ଧାନ ନ ଥାଇ ବିଭାଗୀୟ ଅନୁସନ୍ଧାନ ଥିଲା ଏବଂ ଶ୍ରୀଯୁକ୍ତ ଚେଉଡ଼ସନ ସାହେବଙ୍କର ଅନୁସନ୍ଧାନ ସମୁଚିତ ହୋଇ ନ ଥିଲା । ହାଇକୋର୍ଟର ବିଚାରପତିମାନେ ଜଜଙ୍କ ସହିତ ଐକ୍ୟ ହୋଇ ତାହାଇ ସିଦ୍ଧାନ୍ତ କରିଅଛନ୍ତି । ଏଥର ଗବର୍ଣ୍ଣମେଣ୍ଟ କି ବିଚାର ଉପରେ ଦେଖିବାରେ ଆସିବ । ମୂଳ ମାଜିଷ୍ଟ୍ରେଟ ଚେଉଡ଼ସନ ସାହେବ ପ୍ରଥମରୁ ଯେବେ ଭ୍ରମବାଦରେ ପଡ଼ି ନ ଥାନ୍ତେ ତେବେ ଦରଖାସ୍ତକାରୀ ସାଧାରଣ ଭୁଲ କରିବାର ଯାଇ ଏତେଦୂର ଅର୍ଥ ଓ କଷ୍ଟ ସହ୍ୟ କରି ନ ଥାନ୍ତା । ହାକିମଙ୍କର ଅବିବେକରୁ ଯିବା ଏହା ହେଲା । ଏଥିର କ୍ଷତିପୂରଣ କେହି ଦେବ କି ?

---

### ଓଡ଼ିଶା ବିଭାଗର ସନ ୧୯୦୬ ସାଲର ସଂସ୍କୃତ ପରୀକ୍ଷାର ଫଳ ।

୧ମ ପରୀକ୍ଷାରେ ।

ବାଲେଶ୍ୱର ସଂସ୍କୃତ ସମିତି

୧ମ ବର୍ଗର ବ୍ୟାକରଣ ।

ଛାତ୍ରର ନାମ — ଶିକ୍ଷକର ନାମ — ସ୍କୁଲ

ଦେବେନ୍ଦ୍ର ଦେବ — ଅର୍ଦ୍ଧେଶ୍ୱର ବନ୍ଦ୍ୟୋ — ଶ୍ରୀରାମଚନ୍ଦ୍ର ଟୋଲ ବାଲେଶ୍ୱର

ଭଗବାନ ପଣ୍ଡା — କାଳୀଚରଣ ଆଚାର୍ଯ୍ୟ — ବସ୍ତା ବାଲେଶ୍ୱର

ଚୈତନ୍ୟ ରଥ

ଜ୍ଞାନରଞ୍ଜନ ରଥ — ରାମଚନ୍ଦ୍ର ଶାସ୍ତ୍ରୀ — ମୟୂରଭଞ୍ଜ

ନୀଳମାଧବ ତ୍ରିପାଠୀ — ପୁରୁଷୋତ୍ତମ ଉପାଧ୍ୟାୟ — ଜଗିଟୋଲ କେଲ୍ଥାବେଡ଼ା ମେଦିନୀପୁର

ରାମନାରାୟଣ ତ୍ରିପାଠୀ — ଗଙ୍ଗାଧର ଆଚାର୍ଯ୍ୟ — କାଳିଗାଟୋଲ ଜରବା ବାଲେଶ୍ୱର

୨ୟ ଶ୍ରେଣୀ ।

ଯୋଗେନ୍ଦ୍ରନାଥ ଗୋସ୍ୱାମୀ — ସୁରେନ୍ଦ୍ରନାଥ ଚଟ୍ଟୋପାଧ୍ୟାୟ — ଅଗ୍ରିହିଷ ବାଲେଶ୍ୱର

କୃଷ୍ଣପ୍ରସାଦ କର — ଅଚ୍ୟୁତ ଆଚାର୍ଯ୍ୟ — ଗଣପତି ଟୋଲ ପୁରୁଣା ବାଲେଶ୍ୱର

ମହେଶ୍ୱର ମହାପାତ୍ର — ରାମଚନ୍ଦ୍ର ଶାସ୍ତ୍ରୀ — ମୟୂରଭଞ୍ଜ

ବିଷ୍ଣୁପ୍ରସାଦ ମିଶ୍ର — ଗଣେଶ୍ୱର ଆଚାର୍ଯ୍ୟ — ଗଣେଶ ଟୋଲ କଟକ

ଦିବ୍ୟେଶ୍ୱର ମିଶ୍ର — ପୁରୁଷୋତ୍ତମ ଉପାଧ୍ୟାୟ — ଜଗିଟୋଲ କେଲ୍ଥାବେଡ଼ା ମେଦିନୀପୁର

ଲିଙ୍ଗରାଜ ମିଶ୍ର — ବଳଭଦ୍ର ବିଦ୍ୟାଭୂଷଣ — ମୟୂରଭଞ୍ଜ

ଗୋବିନ୍ଦମୋହନ ପଣ୍ଡା — ଅର୍ଦ୍ଧେଶ୍ୱର ବନ୍ଦ୍ୟୋ — ଶ୍ରୀରାମଚନ୍ଦ୍ର ଟୋଲ ବାଲେଶ୍ୱର

ବେଣୀଚରଣ ପାଣି — ଜଗମୋହନ ଷଡ଼ଙ୍ଗୀ — ଶାରଦା ଓଡ଼ାର, ବୀରଭୂମ

ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ — କାଳୀଚରଣ ଆଚାର୍ଯ୍ୟ — ବସ୍ତା, ବାଲେଶ୍ୱର

ମଧୁସୂଦନ ତ୍ରିପାଠୀ — ପୁରୁଷୋତ୍ତମ ଉପାଧ୍ୟାୟ — ଜଗିଟୋଲ କେଲ୍ଥାବେଡ଼ା ମେଦିନୀପୁର

ମୃତ୍ୟୁଞ୍ଜୟ ତ୍ରିପାଠୀ — ରାମଚନ୍ଦ୍ର ଶାସ୍ତ୍ରୀ — ମୟୂରଭଞ୍ଜ ।

ଉପେନ୍ଦ୍ର ତ୍ରିପାଠୀ — ଅଚ୍ୟୁତ ଆଚାର୍ଯ୍ୟ — ଗଣପତିଟୋଲ ପୁରୁଣା ବାଲେଶ୍ୱର

କାବ୍ୟ ୨ୟ ଶ୍ରେଣୀ ।

ନରେନ୍ଦ୍ରନାଥ ସାହାଣି — ପୁରୁଷୋତ୍ତମ ଉପାଧ୍ୟାୟ — ଜଗିଟୋଲ କେଲ୍ଥାବେଡ଼ା, ମେଦିନୀପୁର

ଲକ୍ଷ୍ମୀନାରାୟଣ ପଣ୍ଡା — ଗଣେଶ୍ୱର ଆଚାର୍ଯ୍ୟ — ଶ୍ରୀରାମଚନ୍ଦ୍ର ଟୋଲ ବାଲେଶ୍ୱର

ପଦ୍ମନାଭ ଷଡ଼ଙ୍ଗୀ — ପୁରୁଷୋତ୍ତମ ଉପାଧ୍ୟାୟ — ଜଗିଟୋଲ, କେଲ୍ଥାବେଡ଼ା, ମେଦିନୀପୁର

ସର୍ବେଶ୍ୱର ଶତପଥି — ପୁରୁଷୋତ୍ତମ ଉପାଧ୍ୟାୟ — ଜଗିଟୋଲ କେଲ୍ଥାବେଡ଼ା, ମେଦିନୀପୁର

ପୁରାଣ ୨ୟ ଶ୍ରେଣୀ ।

କୃଷ୍ଣଧର ଶତପଥି — କୃତିବାସ ନ୍ୟାୟରତ୍ନ — ଅମରଦା ଟୋଲ ବାଲେଶ୍ୱର

### ଓଡ଼ିଶା ସଂସ୍କୃତ ସମିତି, କଟକ ।

ବ୍ୟାକରଣ ୨ୟ ଶ୍ରେଣୀ ।

ଶିବପ୍ରସାଦ ଦାସ — ଜଗନ୍ନାଥ ଆଚାର୍ଯ୍ୟ — ଚଉଧୁରୀବଜାର କଟକ

ଗୋପୀନାଥ ମିଶ୍ର — ଗଙ୍ଗାଧର ଆଚାର୍ଯ୍ୟ — ପଦ୍ମନାଭ ପଣ୍ଡା କଟକ

ସଦାଶିବ ମହାପାତ୍ର — ପୁରୁଷୋତ୍ତମ ଆଚାର୍ଯ୍ୟ — ଅଠଗଡ଼ ଖଣ୍ଡପଡ଼ା

ବାସୁଦେବ ମିଶ୍ର — ଅନନ୍ତ ବିଦ୍ୟାଭୂଷଣ — ଦେଉଳାଗାଁ ଖଣ୍ଡପଡ଼ା

ଦାମୋଦର ମିଶ୍ର — ଜଗବନ୍ଧୁ ବିଦ୍ୟାଭୂଷଣ — ଝାଞ୍ଜିରି କଟକ

ଗଦାଧର ମିଶ୍ର — " — "

ରଘୁନାଥ ମିଶ୍ର — " — "

ବୈଦ୍ୟନାଥ ପଣ୍ଡା — ରାମଚନ୍ଦ୍ର ଷଡ଼ଙ୍ଗୀ — ଭୁବନପୁର, କଟକ

ଗୋପୀନାଥ ଚୌଧୁରୀ — ପୁରୁଷୋତ୍ତମ ଆଚାର୍ଯ୍ୟ — ଅଠଗଡ଼ ଖଣ୍ଡପଡ଼ା

ବୃନ୍ଦାବନ ତ୍ରିପାଠୀ — " — "

କାବ୍ୟ ପ୍ରଥମଶ୍ରେଣୀ ।

ଶୁକଦେବ ଶତପଥି — ଜଗନ୍ନାଥ ଆଚାର୍ଯ୍ୟ — ଚଉଧୁରୀବଜାର କଟକ

୨ୟ ଶ୍ରେଣୀ ।

କଉସ୍ତୁଭ ମହାପାତ୍ର — ଗଙ୍ଗାଧର ଆଚାର୍ଯ୍ୟ — ପଦ୍ମନାଭ ପଣ୍ଡା, କଟକ

ଗୋଲକନାଥ ମିଶ୍ର — ନାରାୟଣ ଦାସ — କଉଡ଼ି ଘଟକାଟୀ, କଟକ

ମହେଶ୍ୱର ମିଶ୍ର — ଗଙ୍ଗାଧର ଆଚାର୍ଯ୍ୟ — ପଦ୍ମନାଭ ପଣ୍ଡା କଟକ

ସ୍ମୃତି, ୨ୟ ଶ୍ରେଣୀ ।

ଶ୍ରୀକୃଷ୍ଣ ମହାପାତ୍ର — ମୁକୁନ୍ଦ ଆଚାର୍ଯ୍ୟ — ପଦ୍ମନାଭ ପଣ୍ଡା, କଟକ

ନ୍ୟାୟ, ୧ମ ଶ୍ରେଣୀ ।

ରଘୁନାଥ ଆଚାର୍ଯ୍ୟ — ଦିବ୍ୟେଶ୍ୱର ତର୍କଶିରୋମଣି — ସୁଜଙ୍ଗ କଟକ

ବେଦାନ୍ତ ୨ୟ ଶ୍ରେଣୀ ।

ଭାନୁଶେଖର ଷଡ଼ଙ୍ଗୀ — ଦିବ୍ୟେଶ୍ୱର ତର୍କରତ୍ନ — ସୁଜଙ୍ଗ କଟକ

ଉପନିଷଦ ୨ୟ ଶ୍ରେଣୀ ।

ଗଙ୍ଗାଧର ରଥ — ମୁକୁନ୍ଦ ଆଚାର୍ଯ୍ୟ — ପଦ୍ମନାଭ, ପଣ୍ଡା କଟକ

ପୁରାଣ ୨ୟ ଶ୍ରେଣୀ ।

ରାମଚନ୍ଦ୍ର ମହାପାତ୍ର — ମୁକୁନ୍ଦ ଆଚାର୍ଯ୍ୟ — ପଦ୍ମନାଭ, ପଣ୍ଡା, କଟକ

### ପୁରୀ ଜଗନ୍ନାଥ ସମିତି ।

ବ୍ୟାକରଣ ୧ମ ଶ୍ରେଣୀ ।

ଯୋଗେନ୍ଦ୍ର ଦାସ — ହରିହର ମିଶ୍ର — ଗୋପୀନାଥ ଚତୁଷ୍ପାଠୀ ଟୋଲ ପୁରୀ

ଜଗନ୍ନାଥ ମହାପାତ୍ର — ଗଦାଧର ତ୍ରିପାଠୀ — ରଘୁନନ୍ଦନ ଟୋଲ ପୁରୀ

୨ୟ ଶ୍ରେଣୀ ।

କାଳୀଚରଣ ଶତପଥି — ଦାମୋଦର ମିଶ୍ର — ପଣ୍ଡାଗ୍ରୋଟ ଟୋଲ ପୁରୀ

ବଇକୁଣ୍ଠ ପାଣିଗ୍ରାହୀ — ବୈଦ୍ୟନାଥ ମିଶ୍ର — ସ୍ୱତନ୍ତ୍ର ଟୋଲ ପୁରୀ

କାଳୀଚରଣ ଦାସ — ଗଦାଧର ତ୍ରିପାଠୀ — ରଘୁନନ୍ଦନ ଟୋଲ ପୁରୀ

ରାମଚନ୍ଦ୍ର ଦାସ — ରତ୍ନାକର ଦାସ — କୃପାମୟୀ ଟୋଲ ଭୁବନେଶ୍ୱର, ପୁରୀ

ରଘୁନାଥ ମିଶ୍ର — ବୈଦ୍ୟନାଥ ମିଶ୍ର — ସ୍ୱତନ୍ତ୍ର ଟୋଲ ପୁରୀ

ଗୋପୀନାଥ ଷଡ଼ଙ୍ଗୀ — ଗଙ୍ଗାଧର ଷଡ଼ଙ୍ଗୀ — କୁମାରିଗାଁ-ଶାସନ, ପୁରୀ

ନୀଳକଣ୍ଠ ଶତପଥି — ବୈଦ୍ୟନାଥ ମିଶ୍ର — ସ୍ୱତନ୍ତ୍ର ଟୋଲ ପୁରୀ

କାବ୍ୟ ୨ୟ ଶ୍ରେଣୀ ।

ଲକ୍ଷ୍ମଣ ହୋତା — ପଦ୍ମନାଭ ହୋତା — ଲକ୍ଷ୍ମୀନୃସିଂହ, ପୁରୀ

ଜାମ୍ବବାନ ମହାପାତ୍ର — ଗୋବିନ୍ଦ ତ୍ରିପାଠୀ — ରଘୁନନ୍ଦନ ଟୋଲ ପୁରୀ

ପରମେଶ୍ୱର ପଣ୍ଡା — ଦାମୋଦର ମିଶ୍ର — ପଣ୍ଡାଗ୍ରୋଟ ଟୋଲ, ପୁରୀ

ଗୋବିନ୍ଦ ଶତପଥି — ଗଙ୍ଗାଧର ତ୍ରିପାଠୀ — ରଘୁନନ୍ଦନ ଟୋଲ ପୁରୀ,

### ୨ୟ ପରୀକ୍ଷା ।

ବାଲେଶ୍ୱର ସଂସ୍କୃତ ସମିତି ।

ବ୍ୟାକରଣ । ୧ମ ଶ୍ରେଣୀ ।

ଅକ୍ଷୟଚନ୍ଦ୍ର ତ୍ରିପାଠୀ — ନୀଳକଣ୍ଠ ଉପାଧ୍ୟାୟ — ମୟୂରଭଞ୍ଜ

Digitized by srujanika@gmail.com

୨ୟ ଶ୍ରେଣୀ

ଶ୍ରୀଗଉରଚନ୍ଦ୍ରତୀର୍ଥ ବେଣୀଭୂଷଣ ଚଟ୍ଟୋପାଧ୍ୟାୟ ମୟୂରଭଞ୍ଜ

କାବ୍ୟ । ୨ୟ ଶ୍ରେଣୀ ।

ଲକ୍ଷ୍ମୀକାନ୍ତ ଦାସ ରାମଚନ୍ଦ୍ର ଶାସ୍ତ୍ରୀ ମୟୂରଭଞ୍ଜ
ଗୋପୀନାଥ ମିଶ୍ର ପୁରୁଷୋତ୍ତମ ଉପାଧ୍ୟାୟ ଭଣ୍ଡିଟୋଲ
ବାଲ୍ୟାବେଡ଼ା, ମେଦିନୀପୁର
ରାଧୋଲ ଦାସ " "
ବୈଦ୍ୟନାଥ ଷଡ଼ଙ୍ଗୀ " "
ପଦ୍ମନାଭ ତ୍ରିପାଠୀ " "

ବେଦାନ୍ତ । ୧ମ ଶ୍ରେଣୀ ।

ଜଗନ୍ନାଥ ମିଶ୍ର ଗୁରୁଚରଣ ତର୍କଦର୍ଶନ ତୀର୍ଥ ସଂସ୍କୃତ ସ୍କୁଲ ପୁରୀ

ଉତ୍କଳ ସଂସ୍କୃତ ସମିତି

ବ୍ୟାକରଣ । ୧ମ ଶ୍ରେଣୀ ।

ଦୁଃଖୀରାମ ମହାପାତ୍ର ମଧୁସୂଦନ ଆଚାର୍ଯ୍ୟ ପଦ୍ମନାଭ ସଂସ୍କୃତ କଟକ

୨ୟ ଶ୍ରେଣୀ

ଶଶଧର ମିଶ୍ର ମଧୁସୂଦନ ଆଚାର୍ଯ୍ୟ ପଦ୍ମନାଭ ଶାସ୍ତ୍ରୀ କଟକ
ଭଗୀରଥ ଶତପଥୀ " "

କାବ୍ୟ । ୧ମ ଶ୍ରେଣୀ ।

ମନୋହର ଚକ୍ରବର୍ତ୍ତୀ ସୁରେନ୍ଦ୍ରନାଥ ଚଟ୍ଟୋପାଧ୍ୟାୟ ଏମ, ଏ,
ସୁଦକ୍ଷାଶ୍ରମ କଟକ
ରାମଚନ୍ଦ୍ର ଦାସ ଯଜ୍ଞେଶ୍ୱର ଆଚାର୍ଯ୍ୟ କଲେକ୍ଟରୀ କଟକ
ମୃତ୍ୟୁଞ୍ଜୟ ରଥ ଅନନ୍ତ ବନ୍ଦ୍ୟୋପାଧ୍ୟାୟ ଟ୍ରେନିଂସ୍କୁଲ ଓଡ଼ିଶା
କଟକ

୨ୟ ଶ୍ରେଣୀ

ବୈରାଗୀ ଚରଣ ଦାସ ରମାନାଥ ବନ୍ଦ୍ୟୋପାଧ୍ୟାୟ ଟ୍ରେନିଂସ୍କୁଲ
ଓଡ଼ିଶା କଟକ
ଲକ୍ଷ୍ମୀଧର ମିଶ୍ର ମଧୁସୂଦନ ଆଚାର୍ଯ୍ୟ ପଦ୍ମନାଭ ଶାସ୍ତ୍ରୀ କଟକ
ଯୋଗୀନାଥ ମିଶ୍ର ଶିବେଶ୍ୱର ଭଟ୍ଟାଚାର୍ଯ୍ୟ ପୁରଗଡ଼ କଟକ

ପୁରାଣ । ୨ୟ ଶ୍ରେଣୀ ।

ଦାମୋଦର ଆଚାର୍ଯ୍ୟ ମଧୁସୂଦନ ଆଚାର୍ଯ୍ୟ ପଦ୍ମନାଭ ଶାସ୍ତ୍ରୀ
କଟକ

ଜଗନ୍ନାଥ ସମିତି ପୁରୀ ।

ବ୍ୟାକରଣ । ୧ମ ଶ୍ରେଣୀ

ଗୋପୀନାଥ ମହାପାତ୍ର ବୈଦ୍ୟନାଥ ଆଚାର୍ଯ୍ୟ ସଂସ୍କୃତସ୍କୁଲ
ପୁରୀ
ଶ୍ରୀଧର ମିଶ୍ର ସାମନ୍ତ ଚନ୍ଦ୍ରନାଥ ମହାପାତ୍ର ଚନ୍ଦ୍ରନାଥ ଟୋଲ
ପୁରୀ

୨ୟ ଶ୍ରେଣୀ

ଗୋପୀନାଥ ଦାସ ଗଦାଧର ତ୍ରିପାଠୀ ରଘୁନନ୍ଦନ ଟୋଲ
ପୁରୀ
ଗଙ୍ଗାଧର ମହାପାତ୍ର ଗଙ୍ଗାଧର ଷଡ଼ଙ୍ଗୀ କୁମରଙ୍ଗ ଶାସନ ପୁରୀ
ବୈଦ୍ୟନାଥ ମହାପାତ୍ର ବୈଦ୍ୟନାଥ ଆଚାର୍ଯ୍ୟ ସଂସ୍କୃତସ୍କୁଲ
ପୁରୀ
କୁଞ୍ଜବନ ମିଶ୍ର ଗଦାଧର ତ୍ରିପାଠୀ ରଘୁନନ୍ଦନ ଟୋଲ ପୁରୀ
ଯୋଗେନ୍ଦ୍ର ଦାସ ଶଙ୍କର ରାମଧୂସର ତୀର୍ଥସ୍ୱାମୀ ବେଦ
ବିଦ୍ୟାଳୟ ପୁରୀ
ଜଗନ୍ନାଥ ରଥ ସାମନ୍ତ ଚନ୍ଦ୍ରନାଥ ମହାପାତ୍ର ଚନ୍ଦ୍ରନାଥ ଟୋଲ
ପୁରୀ
ଜଗନ୍ନାଥ ରଥ ବୈଦ୍ୟନାଥ ଆଚାର୍ଯ୍ୟ ସଂସ୍କୃତସ୍କୁଲ ପୁରୀ

କାବ୍ୟ ୧ମ ଶ୍ରେଣୀ

ଶଙ୍କର ମିଶ୍ର ଯୋଗେନ୍ଦ୍ର ମିଶ୍ର ସଂସ୍କୃତ ସ୍କୁଲ ପୁରୀ

୨ୟ ଶ୍ରେଣୀ

ବାଳକୃଷ୍ଣ ଦାସ ଯୋଗେନ୍ଦ୍ର ମିଶ୍ର ସଂସ୍କୃତ ସ୍କୁଲ ପୁରୀ
ଜଗନ୍ନାଥ ମହାପାତ୍ର " "
ଅନନ୍ତ ମିଶ୍ର ମଧୁସୂଦନ ମିଶ୍ର ବୀର ବଳଭଦ୍ରପୁର ପୁରୀ
ସଦାଶିବ ମିଶ୍ର ଯୋଗେନ୍ଦ୍ର ମିଶ୍ର ସଂସ୍କୃତ ସ୍କୁଲ ପୁରୀ
ସୁଦର୍ଶନ ମିଶ୍ର ମଧୁସୂଦନ ମିଶ୍ର ବୀରବଳଭଦ୍ରପୁର ପୁରୀ
ସଦାଶିବ ରଥ ଚନ୍ଦ୍ରନାଥ ମହାପାତ୍ର ଚନ୍ଦ୍ରନାଥ ଟୋଲ ପୁରୀ

ନ୍ୟାୟ । ୨ୟ ଶ୍ରେଣୀ

ରାମଚନ୍ଦ୍ର ମିଶ୍ର ଗୁରୁଚରଣ ତର୍କଦର୍ଶନତୀର୍ଥ ସଂସ୍କୃତସ୍କୁଲ ପୁରୀ

# ସାପ୍ତାହିକ ସମ୍ବାଦ ।

## କଲିକତା ଗେଜେଟ ।

କଟକର ଡେଃ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ବାବୁ ଅଶ୍ୱିନୀକୁମାର ଦତ୍ତ ବାଲେଶ୍ୱର ସଦର ମହକୁମାକୁ ସ୍ଥାନାନ୍ତରିତ ହେଲେ ।

ଅନୁଗୁଳର ଡେଃ ମାଜିଷ୍ଟ୍ରେଟ ଡେଃ କଲେକ୍ଟର ବାବୁ ପୂର୍ଣ୍ଣଚନ୍ଦ୍ର ମୌଳିକ କୁଅଁଙ୍କର ସଦର ମହକୁମାକୁ ବଦଳି ହେଲେ ।

ବାଲେଶ୍ୱରର ଡେଃ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ବାବୁ ନବକୃଷ୍ଣ ଚଟ୍ଟୋପାଧ୍ୟାୟ ଦଶମାସର ଛୁଟୀ ପ୍ରାପ୍ତ ହେଲେ ।

ବାବୁ ଅଭୟାଚରଣ ଦାସ ଡେପୁଟୀ କଲେକ୍ଟରଙ୍କ ସ୍ଥାନରେ ପ୍ରବେଶନ ଡେପୁଟୀ କଲେକ୍ଟର ନିଯୁକ୍ତ ହେଲେ ।

ପୁରୀ ସବ୍‌ଡେପୁଟୀ ମାଜିଷ୍ଟ୍ରେଟ ବାବୁ ଅନନ୍ତମୋହନ ରାୟ ଲଂସ୍ମିଙ୍କ ଦପ୍ତରେ ଫୌଜଦାରୀ ମୋକଦ୍ଦମାର ସାକ୍ଷ୍ୟ ଗ୍ରହଣ କରିବାର କ୍ଷମତା ପ୍ରାପ୍ତ ହେଲେ ।

---

ଗତ ଶନିବାର ଓ ରବିବାର ଏବଂ ବୁଧବାର ଏପର୍ଯ୍ୟନ୍ତରେ ପଡ଼ିଥିବା ବର୍ଷା ଏକ ପ୍ରକାର ସ୍ଥାନେ ସ୍ଥାନେ ବୃଷ୍ଟି ଏ ଜିଲ୍ଲାରେ ହୋଇ ଥିଲେହେଁ ଅନ୍ୟାନ୍ୟ ସ୍ଥାନ ଶୁଷ୍କ ଏବଂ ଗ୍ରୀଷ୍ମ ଅସହ୍ୟ ହୋଇଥିଲା । ମେ ଫସଲରେ ପ୍ରାୟ ବର୍ଷା ହୋଇ ନାହିଁ ।

ଗତ ରବିବାରର ବର୍ଷାବେଳେ ଏ ନଗରର ବାବୁ ତ୍ରିପୁରା ନାଥଙ୍କ ଘରେ ଏ ଜଣଙ୍କ କୋଠାରେ ବଜ୍ରପଡ଼ି ଏବଂ କୋଣରୁ ଛାଡ଼ି ଘରଟା ଦ୍ୱିତୀୟ ବାଣ୍ଡିରେ ଥିବା ମିଶନ ସ୍କୁଲ ଘରର କାନ୍ଥରେ ବଜ୍ରଫାଟି ତହିଁ ପରଦାର ଛଡ଼ାଇ ଓ ଅଳନା କବାଟ ଭାଙ୍ଗିଦେଇ ଚାଲିଯାଇଥିଲା । ମନୁଷ୍ୟ କିମ୍ବା ଅନ୍ୟ କିଛି ଅନିଷ୍ଟ ହୋଇ ନାହିଁ ।

ଚଳିତା ଅସ୍ତ୍ରର ଅନଭାବ ଏ ପର୍ଯ୍ୟନ୍ତ ବନ୍ଦ ହୋଇ ନାହିଁ ଓ ଲୋକଙ୍କୁ ଅସ୍ତ୍ର ଧରିବାର ମଧ୍ୟ ଅନୁମତି ହୋଇଅଛି । ମୂଲ୍ୟ କ୍ରମେ କମା ହେଉଅଛି ।

ଗଭର୍ଣ୍ଣମେଣ୍ଟର ନୂତନ ନିୟମ ଅନୁସାରେ ଅନ୍ୟମାନଙ୍କର ଭଳିଆଟ ଆଇନ ସମସ୍ତଙ୍କ ଉପରେ ନାମ ତା ୨ ରଖରେ ବନ୍ଦ କରିବାର ଅନୁମତି ମିଳିଥିଲା । କଲିକତାରୁ କଟକରେ ପଡ଼ୁଥିବା ଛିଡ଼ା ହୋଇଅଛି । ବଙ୍ଗଳାରୁ ଆସିଥିବା ମହୋଦୟ ପରୀକ୍ଷା ଉତ୍ତରବାଳକଙ୍କ ପରି ।

ନ ୨ ଜଣ ଦୁଇ ବଂଶଧାରୀ କଲିକତାଠାରେ ଅପଣାର ପଣା ବୈଦ୍ୟନାଥଙ୍କ ପଣ୍ଡା ବୋଲି ପରିଚୟ ଦେଇ ସେ ୨ ଟି ଗାଇ ବୈଦ୍ୟନାଥଙ୍କ ନାମରେ ଦେଇଦେବା ନିମିତ୍ତ ନେଇଥିଲେ ଏବଂ ଏହି ଅଭିଯୋଗରେ ପୋଲିସ ହାତରେ ପଡ଼ିଥିଲେ । ପୁଲିସ ସେମାନଙ୍କୁ ଗାଇ ଚୋରି ଅପରାଧରେ ଅଭିଯୁକ୍ତ କରି ଦେଶ ଦେଇବାର ଆଦେଶ ହୋଇଅଛି ।

ଜଗନ୍ନାଥଠାରେ ଏକ ଭାଗ ବର୍ଷା କଲିକତାର ରାଜ ରାଜ ଗଣନା ଉଦ୍ୟାନବାଟୀ ଦପ୍ତର ଦେଖା ବନ୍ଦ ମାତ୍ର କ୍ଷତିକାରକ ହୋଇ ପାରିବ ନାହିଁ ।

ଗତ ମାସ ତା ୧୦ ରିଖରେ ସିଂହଳଦ୍ୱୀପର କଲମ୍ବୋଠାରେ ଏକ ସମୟରେ ମେଘ ହୋଇ ଥିଲା । ମେଘ ଥିଲା ନ ପଡ଼ିବାରୁ ଜଣେ ଗୁଣୀ ମନ୍ତ୍ରବଳ ଦ୍ୱାରା ଅଟକାଇ ରଖିବାକୁ ଲାଗିଲେ । ମେଘମାନଙ୍କ ପ୍ରତି ଗୁଣୀଙ୍କ ମନ୍ତ୍ର ଚାଲିବା କାରଣ ମନା କରି ଅନ୍ତେ ଲୋକମାନେ ଗୋଳ କରିଥିଲା ଏବଂ ମେଘ ମାଳ କେଉଁଠାକୁ ଉଡ଼ି ଚାଲି ଗଲା ।

ଦକ୍ଷିଣ ଆଫ୍ରିକାରେ ବର୍ତ୍ତମାନ ପ୍ରବଳ ଶୀତ ଉପସ୍ଥିତ ହୋଇଥିବାର ସମ୍ବାଦ ମିଳିଅଛି । ଜଳଫ ପରନ୍ତୁ ଜଳଗାଡ଼ିମାନ ବନ୍ଦ ହୋଇ ଯାଇଥିବାର ଜଣାଯାଏ । ଅଥଚ ବର୍ଷେ ପୂର୍ବେ ଭାରତବାସୀ ଯେଉଁ ଦେଶ ଗରମ ହୋଇ ଲାଗୁଥିଲା ସ୍ଥାନ ଛାଡ଼ିବାକୁ ଚାହେଁ ସେହିପରି ଶୀତର ଅଧିକ ହୋଇଅଛି । ଭାରତୀୟ ଲୋକେ ସେଠାରେ ସ୍ଥାନ କରନ୍ତି ଯେଉଁ ସମୟରେ ଶୀତ ଥାଏ ସେ ସମୟରେ ରହିଥାନ୍ତି ।—ସବୁ ଇଶ୍ୱରଙ୍କ ଇଚ୍ଛା ।

ମଫସଲ ବଡ଼ୋଦାର ଶିକ୍ଷକ ବାବୁ ଗୁରୁନାଥ ଉପାଧ୍ୟାୟ କଣ୍ଠର ଗାର୍ହସ୍ଥ୍ୟ ସ୍ୱାସ୍ଥ୍ୟରକ୍ଷା ଶିକ୍ଷା ପୁସ୍ତକ ପ୍ରଣୟନ କରି ବଙ୍ଗଳା ଗଭର୍ଣ୍ଣମେଣ୍ଟରୁ ୫ ୭୦୦ ଟଙ୍କା ପୁରସ୍କାର ପାଇଅଛନ୍ତି । ବର୍ତ୍ତମାନ ଏ ପୁସ୍ତକ ବଙ୍ଗଳାରେ ଅନୁବାଦିତ ହେଉଅଛି ।

ଲକ୍ଷ୍ମଣପାଟ୍ଟନ ରେଲଷ୍ଟେସନ ନିକଟ କାରଖାନା ଘୋଡ଼ା ଖାଇଥିବାର ସମ୍ବାଦ ମିଳିଅଛି । ଏଥିରେ ସମୁଦାୟ ପ୍ରାୟ ୫୦୦ ମୁଣ୍ଡ ଗୋରୁ, ଗୋ ୨ ଟି ବଳଦ ଏବଂ ଗୋଟିଏ ସମ୍ପୂର୍ଣ୍ଣ ବଳ ସହିତ ଘୋଡ଼ା ନଷ୍ଟ ହୋଇ ଯାଇଅଛି । ମୋଟରେ ହଜାର ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବାର ଜଣାଯାଏ ।

ଗତ ଲଣ୍ଡନ ନଗରରେ ଏକ ବୈଦ୍ୟୁତିକ ଗାଡ଼ି ସମ୍ମୁଖୀନ ଘୋଡ଼ାମାନ ପର ଅଗ୍ନିଦ୍ୱାରା ପୋଡ଼ିଯାଇଥିବାର ସମ୍ବାଦ ମିଳିଅଛି । ଏଥିରେ ଗୋ ୮ ଟି ଗାଡ଼ି ଏବଂ ଗୋଟିଏ ଗାଡ଼ିର ଘୋଡ଼ା ମରିଅଛନ୍ତି । ଘୋଡ଼ାମାନଙ୍କ ଚାରିପାଖେ ଅଗ୍ନି ବ୍ୟାପିବାରୁ ଜ ୧୪ ଜଣ ଲୋକ ଘୋଡ଼ା ଗାଡ଼ି ଉପରୁ ଡେଇଁ ପଡ଼ି ମୃତ୍ୟୁମୁଖରୁ ରକ୍ଷା ପାଇଅଛନ୍ତି ।

ଧୂଳିଆ ପଲ୍ଲୀର ପ୍ରଧାନ କନେଷ୍ଟବଲ କେତେକ ଜଣ ସିପାହୀ କର୍ମଚାରୀଙ୍କ ସହିତ ଜଙ୍ଗଲରେ ଭ୍ରମଣ କରୁଥିବା ସମୟରେ ଗୋଟିଏ ନାଳ ନିକଟରେ ଏକଦଳ ଡକାୟତଙ୍କ ସହିତ ସାକ୍ଷାତ୍ ହେଉ ଡକାୟତମାନେ ପୁଲିସ ପ୍ରତି ଗୁଳି ଚାଲିଲେ ଏବଂ ପୁଲିସ ମଧ୍ୟ ଗୁଳି ଚଳାଇଲେ । ଏଥିରେ ୬ ୦ ଜଣ ଡକାୟତ ଗୁଳି ପଡ଼ିଗଲେ ଓ ବାକି ଅନ୍ୟ ଡକାୟତମାନେ ପଳାଇ ଗଲେ । ତହିଁ ପଡ଼ିଥିବା ୨ ୦ ଜଣ ଡକାୟତଙ୍କ ମଧ୍ୟରୁ ଜଣେ ମରିଗଲା ଏବଂ ବାକି ୨ ୧ ଜଣ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି ।

---

ମଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ କୈଳାଶଚନ୍ଦ୍ର ମହାରଣା | ମହମ୍ମଦ ନଗର | ୨ ୦ ( |
| " ଶ୍ରୀନାଥ ବସୁ | ମାହାଙ୍ଗା | ୨ ୦ ( |
| " କୃଷ୍ଣଚନ୍ଦ୍ର ମହାପାତ୍ର | କେନ୍ଦୁଝର | ୨ ୦ ( |
| " ଭାଗୀରଥି ମହାପାତ୍ର | କୋଲିକାତା | ୨ ୧୦ |
| " ଦଶରଥି ଦାସ | ଅନୁଗୁଳ | ୨ ୨ ( |
| " ଜଗବନ୍ଧୁ ପଣ୍ଡା | ସମ୍ବଲପୁର | ୨ ୨ ( |
| " ରଘୁନାଥ ପଣ୍ଡା ମହାନ୍ତି | ଜଳିମ୍ବ | ୨ ୦ ( |
| " ସଦାଶିବ ସାହୁ | କଟକ | ୨ ୧୨ |

Split by PDF Splitter
Digitized by srujanika@gmail.com

Split by PDF Splitter



# ବିଜ୍ଞାପନ ।




କେତେଗୁଡ଼ିଏ ରୋଗ ଦୂରଭୂତ କରିବାରେ ଏହି ଔଷଧର ଯେପରି ଶକ୍ତି ଅଛି ଅନ୍ୟ କୌଣସି ଔଷଧରେ ତାହା ଦେଖାଯାଏ ନାହିଁ ଯେବେ ତୁମ୍ଭେ ମନେ କରୁଅଛ ଯେ ତୁମ୍ଭର ରୋଗ ଅସାଧ୍ୟ, ତୁମ୍ଭର ଚିକିତ୍ସକ ନିରାଶ ହୋଇ ତୁମ୍ଭଙ୍କୁ ଛାଡ଼ି ଯାଇଥାଅନ୍ତି, ଯଦି ସାଲସା, ଡକ୍ଟର-ଙ୍କ ଉଇଲିଅମ୍‌ସ ପିଙ୍କ୍ ପିଲ୍ ଏବଂ ଅନ୍ୟାନ୍ୟ ଶତଶତ ପ୍ରଚଳିତ ବିବିଧ ପ୍ରକାର ପେଟେଣ୍ଟ ଔଷଧ ତୁମ୍ଭର ଜୀବନକୁ ବିନାଶ କରୁଥାଏ, ତେବେ ଥରେ ଏହି ଔଷଧକୁ ପରୀକ୍ଷା କରି ଦେଖ, ପ୍ରତ୍ୟକ୍ଷଫଳ ଦେଖି ଆଶ୍ଚର୍ଯ୍ୟାନ୍ୱିତ ହେବ ରୋଗବିମୁକ୍ତ ହୋଇ ସୁଖରେ ଦୀର୍ଘଜୀବନ ଲାଭକରିବ । ଯେହେତୁ ଏରୂପ ଶକ୍ତିଶାଳୀ ଅଥଚ ସ୍ଥାୟୀ ହିତପ୍ରଦ ମହୌଷଧ ଇତିପୂର୍ବେ ଏ ଦେଶକୁ କେବେ ଆମଦାନୀ ହୋଇ ନାହିଁ ।

ଏବେ ନ ଜାଣେ ସାଲସା, ଉଡ଼ଲଭର ଅଏଲ, ପ୍ରଭୃତି ଔଷଧ ସମୂହରେ ରୋଗ ଯିବ ନାହିଁ !

ଏଣିକି ଉପଶମ ଦେଖାଇ ପ୍ରାୟଶଃ ସମୟରେ ହିଁ ବିଶେଷରେ ପ୍ରବଳାକାର ଧାରଣ କରେ । କେତେବେଳେ ତାହା ସାମୟିକ ଲାଭ୍ୟ ବିଶେଷ ହୋଇଥାଏ ଅଥଚ ସକଳ ସମୟରେ ଉକ୍ତ ଧାତୁ ପ୍ରକୃତି ବିଶିଷ୍ଟ ଦେହରେ ସମାନ ଫଳ ପ୍ରାପ୍ତ ହୁଏ ନାହିଁ । ବନ୍ଧା ନିୟମର ଅଧୀନରେ ରହିବାକୁ ହୁଏ । କିନ୍ତୁ

ସ୍ୱାରମାଟିନ ।

ତାହାର ସମ୍ପୂର୍ଣ୍ଣ ବିପରୀତ ଗୁଣବିଶିଷ୍ଟ ଅର୍ଥାତ୍ ଅସ୍ଥାୟୀ କିମ୍ବା ସ୍ଥାୟୀ, ଯେଉଁ ରୋଗ ଅସ୍ଥାୟୀ ହୁଏ ତାହା ଅଛି ତେବେବେଁ ଯେଉଁ ଅଟେ ନାହିଁ । ସୁତରାଂ ବାରମ୍ବାର ରୋଗୀ ବିଶେଷରେ ସେବନର ପ୍ରୟୋଜନ ହୁଏ ବା କୌଣସି ବନ୍ଧା ନିୟମର ଅଧୀନରେ ରହିବାକୁ ହୁଏ ନାହିଁ ଅଥଚ ଶୀତ, ଗ୍ରୀଷ୍ମ, ବର୍ଷା ସକଳ ଋତୁରେ ସକଳ ଧାତୁ ପ୍ରକୃତି ବିଶିଷ୍ଟ ଦେହରେ ସମାନ ଉପକାରି, ସମାନ କ୍ରିୟା ସମାନ ଗୁଣ ପ୍ରକାଶ କରେ । ସେହି ହେତୁରୁ ଅଷ୍ଟ୍ରିଆ, ଇଉରୋପ ଆମେରିକା ଓ ଅମେରିକା ମହାଦେଶମାନଙ୍କରେ ସର୍ବତ୍ର ସମାନ ଆଦରରେ ଗୃହୀତ ହେଉଅଛି ! ପ୍ରତ୍ୟହ ସହସ୍ର ଲୋକ ବ୍ୟବହାର କରୁଅଛନ୍ତି । ଏରୂପ ଜନପ୍ରିୟ ବାହୁଲ୍ୟ, ଏବଂ ଅଯାଚିତ ଅସଂଖ୍ୟ ପ୍ରଶଂସାପତ୍ରହିଁ ଔଷଧର ଉତ୍କୃଷ୍ଟତା ଏବଂ ଅବ୍ୟର୍ଥତାର ଦୃଷ୍ଟାନ୍ତ ପ୍ରମାଣ !

ସ୍ୱାରମାଟିନ କଣ ?

କେତେକଜଣ ସୁବିଜ୍ଞ ଶ୍ରେଷ୍ଠ ଚିକିତ୍ସକଙ୍କର ୨୦ ବର୍ଷ ବ୍ୟାପି ଗବେଷଣା ଓ ଅନୁସନ୍ଧାନର ଫଳରେ ଧାତବ, ଉଦ୍ଭିଦ ଓ ଖଣିଜ ପଦାର୍ଥର ବୈଜ୍ଞାନିକାଂଶର ସହିତରେ ସାମୁଦ୍ରିକ ଜାତୀୟ କୌଣସି ଦୁଷ୍ପ୍ରାପ୍ୟ ଜାନ୍ତବର ତୈଳାଂଶ ସହ ଯୋଗରେ ରସାୟନିକ ପ୍ରକରଣରେ ଏହି ମହୌଷଧ ଅଦ୍ଭୁତ ।

ଅଥଚ ସେବନରେ ବିସ୍ୱାଦ ବା ଦୁର୍ଗନ୍ଧ ଯୁକ୍ତ ନୁହେଁ କିନ୍ତୁ ଗୁଣର ତୁଳନାରେ ଏତେ ଶସ୍ତା ଔଷଧ ଏତେ ମୋହର ଅପେକ୍ଷା ମୂଲ୍ୟବାନ୍ ଅଟଇ ।

ସ୍ୱାରମାଟିନର ଶକ୍ତି ଅନେକପ୍ରକାର ରୋଗ ପ୍ରତି ସମ୍ୟକ୍ ଫଳପ୍ରଦ ଅର୍ଥାତ୍ :—

ଶୁକ୍ର, ରକ୍ତ, ଓ ମୂତ୍ରପିଣ୍ଡ ବା ପିତ୍ତ ସମ୍ବନ୍ଧୀୟ ପୀଡ଼ା—

୧ । ସ୍ନାୟୁର ଦୁର୍ବଳତା, ଧାତୁ ଦୌର୍ବଲ୍ୟ ପୁରୁଷତ୍ୱ ହାନି, ସ୍ତ୍ରୀ ସହବାସରେ ଅକ୍ଷମ, ସାମାନ୍ୟ ଉତ୍ତେଜନାରେ ରେତଃସ୍ଖଳନ, ମେହ, ପ୍ରମେହ, ଶୁକ୍ରମେହ, ମୂତ୍ରକୃଚ୍ଛ୍ର, ବହୁମୂତ୍ର, ମୁହୁର୍ମୁହୁ ଅଳ୍ପ ବା ଅଧିକ ପ୍ରସ୍ରାବ, ଘୋଳା ମୂତ୍ର ପତନ, ପ୍ରସ୍ରାବର ଜ୍ୱାଳା, ମୂତ୍ରସହ ଶୁକ୍ରପତନ, ମୂତ୍ର ନଳିରେ ଘାଆ, ସ୍ୱପ୍ନଦୋଷ, ପ୍ରମେହ ଓ ଶୁକ୍ର ଜନିତ ମୁଣ୍ଡବିନ୍ଧା, ହାତ ଗୋଡ଼ ଓ ଚକ୍ଷୁ ଜ୍ୱଳା, ସ୍ମରଣ ଶକ୍ତିର ହ୍ରାସତା, ଦୁର୍ବଳତା, ହାତ ଗୋଡ଼ ହୋଲା ହେବା, କେଶର ଅକାଳପକ୍ୱତା, ମୁଣ୍ଡର ବାଳ ଉପୁଡ଼ିବା, ଅକାଳବାର୍ଦ୍ଧକ୍ୟ ଶରୀର ଦୁର୍ବଳ, ପରିଶ୍ରମରେ ଅକ୍ଷମ, ଅଗ୍ନିମାନ୍ଦ୍ୟ, କୋଷ୍ଠ-ବଦ୍ଧତା ପ୍ରଭୃତି ଅଦୂରଦର୍ଶିତା ବିବିଧ ପ୍ରକାର ଶୁକ୍ରପୀଡ଼ା ଓ ରକ୍ତାତ ଚର୍ମରୋଗ ଉପସର୍ଗାଦି ଆରୋଗ୍ୟ କରିବାକୁ ଅବ୍ୟର୍ଥ ।

୨ । ଗାତ ଓ ଗରମିର ବିଷାକ୍ତତା ବା ବିଷାକ୍ତ ଔଷଧାଦି ବ୍ୟବହାରରେ କମ୍ପ ମ୍ୟାଲେରିଅର ବିଷ ପ୍ରଭୃତି ଶରୀରରେ ପ୍ରବେଶ ହେବା କାରଣରୁ ରକ୍ତର ଦୂଷିତ, ଗରମୀ ଘା, ଖାସର ଘା, ଦାନ୍ତ ଓ [illegible] ବାଲଉପୁଡ଼ିବା ହାତ ଗୋଡ଼ ଓ ଅସ୍ଥିରେ ବେଦନା, ନୂତନ ପୁରାତନ ମେହ ଘଟିତ ବାତ, ଗରମୀ ବାତ, ଗଣ୍ଠିବାତ, ଶରୀର ଗଣ୍ଠି ଓ ଅସ୍ଥିସ୍ଥ-ଳର ବେଦନା ଓ ଫୁଲା, ଚକ୍ଷୁରୁ ଜଳପଡ଼ିବା, ଦେହରେ ଚକା ଦାଗ, ହାତ ଓ ଗୋଡ଼ର ତଳାରେ ସ୍ଥାନେ ସାଦା ବା କଳାହେବା, ଚମ୍ପା ଚମଡ଼ା ଉଠିବା ସ୍ଥାନେ ବାଦୀ ଘଡ଼ିବା, ଦେହରେ ବଥ ବା ବ୍ରଣ ବାହାରିବା ଶରୀର ଫିକାଶା ଶୁଷ୍କ ଓ ଦୁର୍ବଳ ପ୍ରଭୃତି ରକ୍ତ ସମ୍ବନ୍ଧୀୟ ଯାବତୀୟ ପୀଡ଼ା, ଉପସର୍ଗାଦି ଆରୋଗ୍ୟ ପକ୍ଷରେ ଅମୋଘ ।

୩ । କ୍ଷୟକାଶ, ଦମାକାଶ, ନିଶ୍ୱାସ ପ୍ରଶ୍ୱାସରେ କଷ୍ଟ, ରକ୍ତବମନ, କଫସଙ୍ଗରେ ରକ୍ତଦଣ୍ଡିକା ପତନ, ମୁଖରୁ ଓ ନାସିକାରୁ ରକ୍ତପତନ, ଛାତିରେ ବେଦନା, କଫ ଜମିବାର, ସ୍ୱରଭଙ୍ଗ, କେହକାଳ ପ୍ରବାହ, ଆହାରରେ ଅରୁଚି, ଓ ବିସ୍ୱାଦ, ଖଣ୍ଡ ଜଳିବା, ଓ ହୃତ୍‌କମ୍ପ, ସହଜ ଓ ସାମାନ୍ୟ ଅଶ୍ରୁରେ ସର୍ଦ୍ଦି ଓ କାଶର ଉତ୍ପତ୍ତି, ଫୁସ୍‌ଫୁସର କାର୍ଯ୍ୟ କରଣଶକ୍ତିର ଅଭାବ; ଇତ୍ୟାଦି ହୃତ୍‌ପିଣ୍ଡ ବା ଫୁସ୍‌ଫୁସ୍ ସମ୍ବନ୍ଧୀୟ ଯାବତୀୟ ପୀଡ଼ାର ଅଦ୍ୱିତୀୟ ।

ଉପରୋକ୍ତ ପୀଡ଼ା ସମସ୍ତ ନିମନ୍ତେ ଏହି ଔଷଧ ଶୀର୍ଷ ସ୍ଥାନୀୟ, ଏଥିରେ ଯେଉଁ କେ-କୋଟୀ ତେଜସ୍କର ଭେଷଜ ପଦାର୍ଥ ଅଛି, ତାହା ଅନ୍ୟ କୌଣସି ଔଷଧରେ ନାହିଁ । ଏବଂ ସେହି ଗବେଷଣା ଲବ୍ଧ ଦୁଷ୍ପ୍ରାପ୍ୟ ପଦାର୍ଥ ନିଚୟ ଏହାର ଏରୂପ ଗୁଣଦାୟକ ହେବାର କାରଣ ଅଟଇ । ଯେବେ ତୁମ୍ଭେ ସେହି ସକଳ ରୋଗରେ କମ୍ବା ତାହାର କୌଣସି ଉପସର୍ଗରେ ଆକ୍ରାନ୍ତ ହୋଇ-ଥାଅ ତେବେ ଏହି ମହୌଷଧ, ସେବନ କରି ଜୀବନ ରକ୍ଷା କର, ସନ୍ଧ୍ୟାରେ, ପ୍ରଭାତରେ, ସ୍ୱଚ୍ଛନ୍ଦରେ ସ୍ଥାୟୀ ଆରୋଗ୍ୟ ଲାଭ କରି ଦୀର୍ଘ-ଜୀବନ ପାଇବ । ଶରୀର ହୃଷ୍ଟପୁଷ୍ଟ, ବଳିଷ୍ଠ ଓ କାନ୍ତିବିଶିଷ୍ଟ ହେବ । କ୍ଷୁଧା ବୃଦ୍ଧି ହେବ, କୋଷ୍ଠ ପରିଷ୍କାର ହେବ ।

ସ୍ୱାରମାଟିନ—ଶରୀର ସକଳ ଅଙ୍ଗର ଅଂଶ ଓ ଅଭାବ ଶୀଘ୍ର ପୂରଣ କରିବାକୁ ସ୍ୱାସ୍ଥ୍ୟୋନ୍ନତି ଓ ତାହା ଅକ୍ଷୁଣ୍ଣ ରଖିବାକୁ ବାଳକ, ବାଳିକା, ଯୁବକ, ଯୁବତୀ, ବୃଦ୍ଧ, ସ୍ତ୍ରୀ ଓ ପୁରୁଷ ସମସ୍ତଙ୍କ ପକ୍ଷରେ ସମାନ ଉପଯୋଗୀ । ସାଧାରଣତଃ ଯେ ସକଳ ପୀଡ଼ାରେ ସାଲସା, ଉଡ଼ଲଭର ଅଏଲ ପ୍ରଭୃତି ଔଷଧ ବାରମ୍ବାର ବ୍ୟବହାରର ପ୍ରୟୋଜନ ହୁଏ, ସେହି ସକଳ ପୀଡ଼ାରେ ସ୍ୱାରମାଟିନ ଥରେ ମାତ୍ର ବ୍ୟବହାର କରିବାଦ୍ୱାରା ରୋଗ ସମୂଳେ ଧ୍ୱଂସ ହୋଇଅଛି । ସୁତରାଂ ଏହା ଯେ ପ୍ରଚଳିତ ସର୍ବବିଧ ଔଷଧ ଅପେକ୍ଷା ସର୍ବଶ୍ରେଷ୍ଠ, ସେଥିରେ ଅଣୁମାତ୍ର ସନ୍ଦେହ କରିବାର କାରଣ ନାହିଁ ।

Digitized by srujanika@gmail.com

Split by PDF Splitter




ମୂଲ୍ୟ; ଏକ ସପ୍ତାହ ସେବନୋପଯୋଗୀ ପ୍ରତି ଶିଶି ଟ ୧ ୧ ଏକ ଟଙ୍କା । ଉତ୍କଳ ଟ ୧୦ ୧ ପ୍ୟାକିଂ ଓ ଡାକ ମାସୁଲ ଏକ ଶିଶିରେ ଟ ୦ ୵୶ ତିନ ଶିଶିରେ ଟ ୦ ୵୶ ଓ ୬ ଶିଶିରେ ଟ ୧ ଓ ଉତ୍କଳ ଟ ୧୳

ପ୍ରାପ୍ତିସ୍ଥାନ ଓ ପତ୍ରାଦି ପଠାଇବାର ଏକମାତ୍ର ଠିକଣା ।

| | |
|---|---|
| *Manager* Spermatine Depot No. 22 Baranasi Ghose's street Calcutta. | ମାନେଜର ସ୍ପାରମାଟିନ ଡିପୋ ନଂ ୨୨ ବାରାଣସୀ ଘୋଷ ଷ୍ଟ୍ରିଟ କଲିକତା |



# ବିଜ୍ଞାପନ ।

କବିରାଜ ଶ୍ରୀ ଦେବେନ୍ଦ୍ରନାଥ ବିଶାରଦଙ୍କର ଆୟୁର୍ବେଦୋକ୍ତ ଔଷଧାଳୟ ।
୧୩ । ୨ ନଂ କବିରାଜଷ୍ଟ୍ରୀଟ, ସିମଲିଆ, କଲିକତା ।

ଏହି ସ୍ଥାନରେ ସମୁଦାୟ ରୋଗର ଔଷଧ ତୈଳ, ଘୃତ, ମୃଗନାଭି ବା କସ୍ତୁରୀ, ଏବଂ ସ୍ୱର୍ଣ୍ଣ, ମୁକ୍ତା ଓ ପ୍ରବାଳାଦି ଜାରିତ ଧାତୁ ଦ୍ରବ୍ୟାଦି (ଭସ୍ମ) ମିଳେ, ବିଦେଶସ୍ଥ ରୋଗୀମାନଙ୍କ ପୀଡ଼ାର ଅବସ୍ଥା ଜଣାଇ ଲେଖିଲେ ବ୍ୟବସ୍ଥା ଲେଖି ପଠାଯାଏ ।

# ଯୋଗସିଦ୍ଧ ବଟିକା ।

(ଅର୍ଥାତ୍ ବ୍ରହ୍ମଚର୍ଯ୍ୟ ଯୋଗଲବ୍ଧ ସିଦ୍ଧମହୌଷଧ)

ଏହି ଯୋଗପ୍ରସୂତ ସୁସିଦ୍ଧ ଔଷଧଦ୍ୱାରା ମାନବ ଦେହର ବହୁ ପରିଶ୍ରମ ହୋଇ ପ୍ରାୟ ସମୁଦାୟ ପୀଡ଼ା ଆରୋଗ୍ୟ ହୁଏ । କବିରାଜ ଏବଂ ଡାକ୍ତର ମାନଙ୍କ ଚିକିତ୍ସାରେ ରୋଗସମୂହ ଆରୋଗ୍ୟ ହେବା ବିଷୟରେ ଏପରି ମହୌଷଧ ଆଉ ନାହିଁ ଯକୃତ ଦୋଷରେ ଯେଉଁମାନଙ୍କର କୋଷ୍ଠ ପରିଷ୍କାର ହୁଏ ନାହିଁ, ଅହାରର ପରେ ଅମ୍ଳ-ଢେକୁର (ଖଟାଢେକୁ) ଉଠେ, ବାୟୁବୃଦ୍ଧି ହୋଇ ପେଟ ଫୁଲେ ଏବଂ କ୍ଷୁଧା ଭଲରୂପେ ହୁଏ ନାହିଁ ସେମାନଙ୍କ ପକ୍ଷରେ ଏହି ଔଷଧ ଅବ୍ୟର୍ଥ, ଏତଦ୍ଭିନ୍ନ ଅର୍ଶରୋଗ, ଭଗନ୍ଦର, ଉଦରାମୟ, ଅମ୍ଳଶୂଳ, ଶୋଥ, ସକଳପ୍ରକାର ଜ୍ୱର, ଶିରେ ରୋଗ, ଯାଏଦୋଷ, ଶରୀରରେ ଚକ୍କାକାର ଦାଗ, କଣ୍ଡୁ, ସ୍ୱପ୍ନଦୋଷ, ଧାତୁର ତରଳତା, ପ୍ରମେହ-ଦାହ, ବହୁମୂତ୍ର, ମେହରୋଗ, ମସ୍ତିଷ୍କଘୂର୍ଣ୍ଣନ, ବନ୍ଦ ବନ୍ଦ ମୂତ୍ରସ୍ରାବ ଓ କାଶୀସା ଇତ୍ୟାଦି ଆରୋଗ୍ୟ ହୁଏ । ବାତବେଦନା, ଗଣ୍ଡଫୁଲ, ହସ୍ତପଦାଦିର ଜ୍ୱାଳା, ସକଳପ୍ରକାର ବାତରୋଗର ମହୌଷଧ । ସ୍ତ୍ରୀଲୋକମାନଙ୍କର ରଜୋଦୋଷ ବାଧକବେଦନା, ଗୁଳ୍ମ, ଶ୍ୱେତ ଓ ରକ୍ତପ୍ରଦର ଏବଂ ମୂର୍ଚ୍ଛାଦି ବହୁଧପୀଡ଼ାର ଶୀଘ୍ର ଶାନ୍ତି ହୁଏ ଏବଂ ଶରୀରର ଲାବଣ୍ୟ ବୃଦ୍ଧି ହୋଇଥାଏ । ଦେହରୁ ରୋଗବୃନ୍ଦ ଦୂର ସୁସ୍ଥ ଅବସ୍ଥାକୁ ଆଣିବା, ଏହି ଔଷଧର ପ୍ରଧାନ କାର୍ଯ୍ୟ

୪୮ ବଟିକାପୂର୍ଣ୍ଣ ଏକ ଶିଶିର ମୂଲ୍ୟ ଆଠଅଣା ୧୦୦ ବଟିକାପୂର୍ଣ୍ଣ ଏକ ଶିଶିର ମୂଲ୍ୟ ଏକଟଙ୍କା ପ୍ୟାକିଂ ଖରଚ ଏକଅଣା ଏବଂ ଡାକମାସୁଲ ଦୁଇ ଅଣା । ଉଚିତ୍ ବ୍ୟବସ୍ଥାପତ୍ର ସହ ଔଷଧ ପଠାଯାଏ



# ବିଜ୍ଞାପନ ।

TRADE MARK — W. MAJOR & CO. MEDICAL LABORATORY CALCUTTA — REGISTERED

ଆଶ୍ଚର୍ଯ୍ୟ ଗୁଣବିଶିଷ୍ଟ ! ପ୍ରତ୍ୟକ୍ଷ ଫଳପ୍ରଦ !! ଡାକ୍ତର ମେଜର ସାହେବଙ୍କର ଅଦ୍ଭୁତ-ସେହି

"ଇଲେକ୍ଟ୍ରୋ ସାଲସା"

ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କର ଆଇନ ଅନୁସାରେ ରେଜେଷ୍ଟ୍ରୀ କୃତ ।

ବହୁ ପରୀକ୍ଷିତ ! ବିଶେଷ ପ୍ରଶଂସିତ !!!

ଆସଲ ଓ ଅକୃତ୍ରିମ ।

ଆଉ ବାହାରକୁ ଅସ୍ଥାୟୀ ଗୁଣବିଶିଷ୍ଟ ଦେଶୀ ବା ବିଲାତି ସାଲସା ପ୍ରଭୃତି କୌଣସି ପ୍ରକାର ଔଷଧ ସେବନ କରିବାକୁ ହେବ ନାହିଁ । ଆଉ ବାହାରକୁ ରୋଗ ଯନ୍ତ୍ରଣା ଭୋଗ କରିବାକୁ ହେବ ନାହିଁ । ଯେହେତୁ—

ଇଲେକ୍ଟ୍ରୋ ସାଲସା :—ନିଜ ଗୁଣରେ ଚିକିତ୍ସା ଜଗତର ସର୍ବୋଚ୍ଚ ସ୍ଥାନ ଅଧିକାର କରିଅଛି ।

ଇଲେକ୍ଟ୍ରୋ ସାଲସା :—ପ୍ରତ୍ୟହ ଯେରୂପ ହଜାର ହଜାର ବିକ୍ରୟ ହେଉଅଛି ଦେଶ ବିଦେଶରୁ ସେହିପରି ରାଶି ରାଶି ଅଯାଚିତ ପ୍ରଶଂସାପତ୍ର ଲାଭ କରୁଅଛି ।

ଇଲେକ୍ଟ୍ରୋ ସାଲସା :—ନବୋଦ୍ଭାବିତ ଉପାୟରେ, ବୈଜ୍ଞାନିକ ପ୍ରକରଣରେ ବୈଦ୍ୟୁତିକ-ଶକ୍ତି ସଂଯୋଗେ ପ୍ରସ୍ତୁତ ହୋଇଥିବାରୁ ଏହାର ଅଦ୍ଭୁତ ଔଷଧ ଅତ୍ୟନ୍ତ ବେଗରେ ସର୍ବ ଶରୀର ସଞ୍ଚାରିତ ହୋଇପଡ଼େ ଏବଂ ତାହାର ଆରୋଗ୍ୟ-କାରିତା ଶକ୍ତି ଗୁଣରୁ ସଙ୍ଗେ ସଙ୍ଗେ ରୋଗର ପ୍ରବଳତା ଶକ୍ତି ଦମନ କରିଦିଏ ଏବଂ ୨।୧ ମାତ୍ରା ସେବନ ମାତ୍ରେ ରୋଗୋପଶମ ସ୍ୱଚ୍ଛନ୍ଦତା ଅନୁଭବ କରାଯାଏ, ପୁଣି ୩।୪ ସପ୍ତାହ ମଧ୍ୟରେ ରୋଗର ମୂଳ ପର୍ଯ୍ୟନ୍ତ ଉତ୍ପାଟନ କରି ନବ ସ୍ୱାସ୍ଥ୍ୟ, ନବ ଉତ୍ସାହ ଓ ନବ ଜୀବନର ପ୍ରାପ୍ତ କରାଇଦିଏ, ଯୌବନ ଦାଲୋଚିତ ବଳ ବୀର୍ଯ୍ୟ ପୁଣି ଫେରି ଆସେ ।

ଇଲେକ୍ଟ୍ରୋ ସାଲସା :—ବ୍ୟତୀତ ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କ ଗଜେଟରେ ପ୍ରଚଳିତ ଓ ରକ୍ଷିତ ହେଉଥିବା ସ୍ୱଦେଶୀ ବା ବିଦେଶୀ ସକଳ ପ୍ରକାର ସାଲସା, ସକଳ ପ୍ରକାର ଔଷଧହିଁ କୃତ୍ରିମ ଓ ଅସ୍ଥାୟୀ ଗୁଣବିଶିଷ୍ଟ ଅର୍ଥାତ୍ ରୋଗକୁ ତାଙ୍କ ଭଲେ କରନ୍ତୁ—

ଇଲେକ୍ଟ୍ରୋ ସାଲସା ।—ବୈଦ୍ୟୁତିକ ଶକ୍ତି ପ୍ରଭାବରୁ ରୋଗ ସମ୍ପୂର୍ଣ୍ଣ ଆରୋଗ୍ୟ କରିଦିଏ କଦାପି ପୁନରାକ୍ରମଣ କରେ ନାହିଁ । ବହୁ ପରୀକ୍ଷା ଓ ଭୂୟୋ ଦର୍ଶନ ଫଳେ ଏହା ପ୍ରତିପନ୍ନ ହୋଇଅଛି । ପୁଣି ଏହି ସ୍ଥାୟୀ ଆରୋଗ୍ୟକାରିତା ଗୁଣ ଥିବାରୁହିଁ ଏହି ଅତ୍ୟଳ୍ପ କାଳ ମଧ୍ୟରେ ଏହି ଔଷଧପ୍ଲାବିତ ରାଜ୍ୟରେ ଏପରି ଉଚ୍ଚ ସ୍ଥାନ ଅଧିକାର କରିଅଛି ଯେଉଁଠାରୁ ଥରେ ଔଷଧ ପ୍ରେରିତ ହେଉଅଛି ସେଠା ଅଧିବାସିମାନେ "ଇଲେକ୍ଟ୍ରୋ ସାଲସାର" ପକ୍ଷପାତୀ ହୋଇ ବାରମ୍ବାର ଉକ୍ତ ଔଷଧ ପଠାଇବାକୁ ପତ୍ର ଲେଖୁଅଛନ୍ତି । ବଡ଼ ବଡ଼ ହାସପାତାଳରେ ଉପ-ଯୁକ୍ତ ରୋଗିଙ୍କୁ ଏହି ସାଲସା ବ୍ୟବସ୍ଥା କରା ଯାଉଅଛି । ଅସିୟା, ଇଉରୋପ, ଆମେରିକା, ଆଫ୍ରିକା ମହାଦେଶର ଲକ୍ଷ ଲକ୍ଷ ଲୋକେ ପ୍ରତ୍ୟହ ବ୍ୟବହାର କରୁଅଛନ୍ତି । ଭାରତର କୁଟୀରବାସୀ କୃଷକଠାରୁ ମୁକୁଟଧାରୀ ରାଜା ମଧ୍ୟ ସମସ୍ତେ ସମାନ ଆଦରର ସହିତ ଗ୍ରହଣ କରୁଅଛନ୍ତି । ଇଲେକ୍ଟ୍ରୋ ସାଲସା ସତ୍ୟ ସତ୍ୟ ଯେପରି ବ୍ରହ୍ମାଣ୍ଡ ଜୟ କରିବାକୁ ଶୁଭକ୍ଷଣରେ- ଶୁଭମୁହୂର୍ତ୍ତରେ ଅବତୀର୍ଣ୍ଣ ହୋଇଥିଲା !!! ବାସ୍ତବିକ ଏରୂପ ସଫଳତା ଏରୂପ ଆରୋଗ୍ୟକାରିତା ଏରୂପ ଅଲୌକିକତା ଔଷଧ ଏକାଧାରେ ଏତେ ଅଧିକ ଗୁଣସମ୍ପନ୍ନ ଇତିପୂର୍ବେ ସୃଷ୍ଟି ହୋଇ ନାହିଁ ।

ଇଲେକ୍ଟ୍ରୋ ସାଲସା ।—ଦୂଷିତରକ୍ତ ଶୋଧନ କରିବାକୁ, ନୂତନ ରକ୍ତକଣିକା ସୃଷ୍ଟି କରିବାକୁ ବାତ, ପକ୍ଷାଘାତ, କଟିବାତ, ଅଙ୍ଗପ୍ରତ୍ୟଙ୍ଗ ଫୁଲିବା ଲୁଣ୍ଠିତ ହୋଇ ଫୁଲି ଉଠିବା, ଖୁଣ୍ଟିଅଣ, ତୁଳ ଗରମି ଓ ପାରଦର ଘା, ନାକ ଓ ତାଳୁର ଘା ଦେହରେ ବା ହସ୍ତ ଓ ପଦ ତଳରେ ପାଣ୍ଡୁ ଗରମିର-ସାଦା ବା କଳା ଦାଗ, ଧବଳ କୁଷ୍ଠ-ରୋଗର ପ୍ରାରମ୍ଭାବସ୍ଥା ଇତ୍ୟାଦି ରକ୍ତସମ୍ବନ୍ଧୀୟ ସର୍ବପ୍ରକାର ପୀଡ଼ା ଓ ଉପସର୍ଗ ଏବଂ ତହିଁର କଷ୍ଟଦାୟକ ଯନ୍ତ୍ରଣାଦି ପୁଣି ପାପ ଓ ଗରମି-ବିଷର ଜଡ଼ ନାଶ କରିବାକୁ ଏହାପରି ସ୍ଥାୟୀ ଆରୋଗ୍ୟକର ଔଷଧ ଦ୍ୱିତୀୟ ନାହିଁ ।

ଇଲେକ୍ଟ୍ରୋ ସାଲସା ।—ତରଳ ଶୁକ୍ର ଗାଢ଼ କରିବାକୁ ଶୁକ୍ରବୀର୍ଯ୍ୟ ସ୍ନେହଯୁକ୍ତ କରିବାକୁ— ହ୍ରାସପ୍ରାପ୍ତ ବୀର୍ଯ୍ୟର ପରିମାଣ ବୃଦ୍ଧି କରିବାକୁ— ସ୍ତ୍ରୀ ସହବାସରେ କ୍ଷମତା ଜନ୍ମାଇବାକୁ,- ତଥା ଯାବତୀୟ ଶୁକ୍ରବ୍ୟାଧି- ଅର୍ଥାତ୍- ମେହ, ପ୍ରମେହ, ଶୁକ୍ରମେହ, ଧାତୁ ଦୌର୍ବଲ୍ୟ, ବହୁମୂତ୍ର, ବାରମ୍ବାର ଅଧିକ ବା ଅଳ୍ପ ପ୍ରସ୍ରାବ ହେବା, ମେହବାତ, ପ୍ରସ୍ରାବ ଜଳିବା, ଲୁଗାରେ ଦାଗ ପଡ଼ିବା, ମୂତ୍ର ନାଳରୁ ଶୁକ୍ର ବା ପଞ୍ଜ-ରକ୍ତ ପଡ଼ିବା, ସ୍ୱପ୍ନଦୋଷ,


Digitized by srujanika@gmail.com

ସ୍ତ୍ରୀସ୍ବପ୍ନ ସହିତ ବା ଅପରେ-ଦୃଷ୍ୟ ବା ଅଦୃଷ୍ୟ ଶୁକ୍ର ପତନ, ତମ୍ପା ମଲ ବେଗରେ ବାର୍ଯ୍ୟ ନିର୍ଗତ ବସ୍ତ୍ରମୈଥୁନ ବା ଅତିରକ୍ତ ସହବାସ ହେତୁ ସ୍ମରଣ-ଶକ୍ତି ହ୍ରାସ, ମୁଣ୍ଡ ଘୁରଇବା, ଚକ୍ଷୁର ଅସ୍ଥିରତା, ନିର୍ଜ୍ଜନ ପ୍ରିୟତା, ଚିନ୍ତା କରିବାକୁ ଅସମର୍ଥତା, ସାମାନ୍ୟ ସହବାସ ବା ଉତ୍ତେଜନା ମାତ୍ର ଶୁକ୍ର ସ୍ଖଳନ ହେବା ଇତ୍ୟାଦି ସାବଲିମ୍ବ ଶୁକ୍ରଘଟିତ ବ୍ୟାଧି; ଲକ୍ଷଣ ଓ ଉପସର୍ଗାଦି ସମୂଳେ ୧୦ସ ଦୂର କରିବାକୁ ଅବ୍ୟର୍ଥ ଓ ଅମୋଘ ।

ଇଲେକ୍ଟ୍ରୋ ସାଲସା :—ର ଗୁଣାବଳି ପ୍ରକାଶ କରିବା ବାହୁଲ୍ୟ, ଥରେ ପରୀକ୍ଷା କରି ଦେଖ । ସଙ୍ଗେ ଶୁଭଫଳ ଫଳିବ । କ୍ଷୁଧା ବୃଦ୍ଧି ହେବ । କୋଷ୍ଠ ପରିଷ୍କାର ହେବ । ଦେହରେ ଦ୍ୱିଗୁଣ ବଳ ସଞ୍ଚାରିତ ହେବ, ପୁଣି ଦୁର୍ବଳ ଜଙ୍ଘ ଶୀର୍ଣ୍ଣ ଦେହ ସବଳ-ହୃଷ୍ଟ ପୁଷ୍ଟ ଓ କାନ୍ତିଯୁକ୍ତ ହେବ । ଶରୀରର ଓଜନ କ୍ରମେ ବଢ଼ୁଥିବ ।

ଇଲେକ୍ଟ୍ରୋ ସାଲସା :—ସହିତ କୌଣସି ପ୍ରକାର ଦୁଷ୍ଟାନ୍ତ ଦ୍ରବ୍ୟର ସମ୍ପର୍କ ନାହିଁ । ସୁସ୍ଥ, ଅସୁସ୍ଥ ଅବାଳ ବୃଦ୍ଧ ସମସ୍ତେ ସକଳ ଅବସ୍ଥାରେ ସକଳ ସମୟରେ ସେବନ କରି ପାରନ୍ତି, ଅଥଚ କୌଣସି କଠିନ ନିୟମରେ ଅବଦ୍ଧ ହୋଇ ରହିବାକୁ ହୁଏ ନାହିଁ ।

ବିଶେଷଦ୍ରଷ୍ଟବ୍ୟ :—ସୁଧା ଭ୍ରମରେ ବଶ ହୁଅ ନାହିଁ ! ଅସାର ଆଡ଼ମ୍ବର ପୂର୍ଣ୍ଣ ବିଜ୍ଞାପିତ ଔଷଧାଦି-ସେବନରେ କୌଣସି ଫଳ ନାହିଁ !!

"ଇଲେକ୍ଟ୍ରୋ ସାଲସା" ହିଁ କେବଳ ପ୍ରକୃତ ଔଷଧ ! କେବେହେଁ ବୋତଲଏ ରୋଗୀ ବିଫଳ ଅଭିଯୋଗ କରିଥିବା ପ୍ରମାଣ ନାହିଁ ତାହାର ବହୁ ଦୃଷ୍ଟାନ୍ତ-ବହୁ ପ୍ରଶଂସାପତ୍ର-ବହୁ ପ୍ରମାଣ ପୁସ୍ତକାକାରରେ ଛପା ହେଉଅଛି । ଶୀଘ୍ର ପ୍ରକାଶିତ ଓ ବିତରିତ ହେବ । ପ୍ରତ୍ୟେକ ଗ୍ରାହକ ତାହା ପାଇବେ

ବହୁ ଓଡ଼ିଶାବାସୀ ଟେଲିଗ୍ରାଫ୍ ପଠାଇ ଔଷଧ ମଗାଉଅଛନ୍ତି - ସେମାନଙ୍କର ଓ ଅସଂଖ୍ୟ ଦୂର ଦେଶବାସୀ ରୋଗୀଙ୍କର ସୁବିଧାର୍ଥେ-ପୁଣି ଟେଲିଗ୍ରାଫ୍ ପଠାଇବାର ବ୍ୟୟ ଲାଘବାର୍ଥେ-ବହୁ ବ୍ୟୟ କରି ଗଭର୍ଣ୍ଣମେଣ୍ଟଙ୍କର ନିୟମାନୁଯାୟୀ ଆମ୍ଭମାନେ ଏକ ସଂକ୍ଷିପ୍ତ ନାମ ଓ ଠିକଣା ରେଜିଷ୍ଟ୍ରୀ କରିଅଛୁ ଅତଃପର ଟେଲିଗ୍ରାଫର ଠିକଣା କେବଳ "ମେଜର୍—କଲିକତା" ଲେଖିଲେ ଖୁବ ଶୀଘ୍ର ତାହା ଆମ୍ଭ ଅଫିସରେ ପହୁଞ୍ଚିବ ।

ଇଲେକ୍ଟ୍ରୋ ସାଲସାର :—ଆବିଷ୍କର୍ତ୍ତା— ଡାକ୍ତର ହିଲମଣ୍ଟ ମେଜର ଏମ୍, ଏ, ଏମ୍, ଡି, ଇଲେକ୍ଟ୍ରୀସିଅନ୍, ନ୍ୟୁୟର୍କ ଆମେରିକା । ଭାରତବର୍ଷରେ ଏକମାତ୍ର ଏଜେଣ୍ଟ ଓ ସ୍ୱତ୍ୱାଧିକାରୀ;— "ଡବ୍ଲିଉ,ମେଜର ଏଣ୍ଡ କୋମ୍ପାନୀ,"କଲିକତା

ଏ ଔଷଧ ସମ୍ବନ୍ଧେ ଅପରାପର ବିବରଣ ଅନ୍ୟ ପୃଷ୍ଠାରେ ଦେଖ

ଏହିପରି ଆଦର୍ଶ "ଟ୍ରେଡ୍‌ମାର୍କ" ଯେଉଁ ଶିଶିରେ ସଂଲଗ୍ନ ନାହିଁ ତାହା କୃତ୍ରିମ ଔଷଧ ଜାଣିବେ; ଏବଂ ସେହି କୃତ୍ରିମକାରୀଙ୍କୁ ଧରାଇଦେଇ ପ୍ରମାଣ କରିପାରିଲେ ପାଞ୍ଚଶହ ଟଙ୍କା ପୁରସ୍କାର ପାଇବେ ।

W. MAJOR & CO'S MEDICAL LABORATORY CALCUTTA
TRADE MARK

ଆମେରିକା ପ୍ରଦେଶର ନ୍ୟୁୟର୍କ ନଗରବାସୀ ମହାମତି ଡାକ୍ତର ହେଲମଣ୍ଟ, ମେଜର ଏମ୍, ଏ, ଏମ୍, ଡି ସାହେବଙ୍କ ଆବିଷ୍କୃତ :—

"ଇଲେକ୍ଟ୍ରୋ ସାଲସା"



ଏପରି ସର୍ବଗୁଣ ସମ୍ପନ୍ନ ଔଷଧ ଏଦେଶରେ କେବେହେଁ ଆବିଷ୍କୃତ ହୋଇ ନାହିଁ । ଏହାର ଗୁଣ ଅସୀମ, କ୍ରିୟା ଅଲୌକିକ, ଶକ୍ତି ଅଦ୍ଭୁତ । ଯେଉଁ ରୋଗ କୌଣସି ଔଷଧରେ ଆରୋଗ୍ୟ ହୁଏ ନାହିଁ, ଯେଉଁ ରୋଗୀମାନେ ଯେଉଁ ରୋଗକୁ ଅସାଧ୍ୟ ହୋଇ ଭାବି ହତାଶ ହୋଇଅଛନ୍ତି ଏହା ସେମାନଙ୍କ ସେହି ରୋଗରେ ବ୍ରହ୍ମାସ୍ତ୍ର ।

ଇଲେକ୍ଟ୍ରୋ ସାଲସା,—ର ବୈଜ୍ଞାନିକ ଉପାଦାନର ଅସାଧାରଣ ଗୁଣରେ ଆକୃଷ୍ଟ ହୋଇ ସମସ୍ତ ରହିବାରୁ ଶୀଘ୍ର ମାତ୍ର ସେବନରେ ଏହାର ଅଦ୍ଭୁତ କ୍ରିୟା ପ୍ରକାଶ ପାଏ ଏବଂ ସର୍ବାଙ୍ଗରେ ଔଷଧ ସେବନାନ୍ତେ ନବଜୀବନ ପ୍ରାପ୍ତ ହୁଏ ଯେମନ୍ତ ଏସିଆଖଣ୍ଡରେ କୌଣସି ବୈଜ୍ଞାନିକ କିମ୍ବା ଡାକ୍ତର ହେଉ ନାହିଁ । ଏହା ଏବାର ଇଲେକ୍ଟ୍ରିସିଟି ପ୍ରଥମ ଆବିଷ୍କାର ଓ ବୈଜ୍ଞାନିକ ପ୍ରଥମ ଉଦ୍ଭାବନ !!

ବିଦ୍ୟୁତ—ଅସମାନ ଓ ଦିଶା ଚେତନ ପଦାର୍ଥର ଉପରେ ଉତ୍ତମ ପ୍ରକୋଷ୍ଠ ଶକ୍ତି ଉତ୍ପନ୍ନ କରେ । ଏହାର ସ୍ୱଭାବ ବାସନା ଉତ୍ତମ ବେଗ ସଞ୍ଚାଳନା । ଏହି ଉପାଦାନ ଯେ ଔଷଧରେ ସଂଯୋଗ ହୋଇଥାଏ ତାହା ଏତେ ଅଲୌକିକ ଶକ୍ତି ଧାରଣ କରିବ ତହିଁରେ ଆଉ ସନ୍ଦେହ କଅଣ ?

ପାଶ୍ଚାତ୍ୟ ଶାସ୍ତ୍ରର ଚିକିତ୍ସକ ପଣ୍ଡିତମାନେ କହନ୍ତି, ଆୟୁ ସ୍ୱଭାବର ପ୍ରକୃତିରେ ଓ ଶାରୀରିକ ଉପାଦାନ ଅନୁଯାୟୀରେ ଶରୀରରେ ବୈଦ୍ୟୁତିକ ଶକ୍ତି ହ୍ରାସ ହେଲେ ଧାତୁକ୍ଷୟ ଜନିତ ନାନା ପ୍ରକାର ରୋଗ ଓ ଶୁକ୍ର ସମ୍ବନ୍ଧୀୟ ପୀଡ଼ାର ଉତ୍ପତ୍ତି ହୁଏ । ଯଦି ସେହି ହ୍ରାସପ୍ରାପ୍ତ ବୈଦ୍ୟୁତିକ ଶକ୍ତିର ସମତା ଶରୀରଅଭ୍ୟନ୍ତରରେ ରକ୍ଷା କରାଯାଏ ତେବେ ସେ ଉତ୍କଟ ରୋଗୀ ଓ ସର୍ବାଙ୍ଗ ବେଦନାରୁ ମୁକ୍ତ ହେବ । ମାତ୍ର ଔଷଧ ସେବନରେ ଯେ ଉକ୍ତ ସମତା ରକ୍ଷା ହୋଇ ନ ପାରେ । ଏବକାର ଶକ୍ତି ସଂଯୋଗ କରାଇ କୌଣସି

ଔଷଧରେ ଯେ ଏତେ ସମ୍ପୂର୍ଣ୍ଣ ମୋଚନ ହୋଇ ନ ପାରେ ସେଥିପାଇଁ ପାଶ୍ଚାତ୍ୟ ବୈଜ୍ଞାନିକମାନେ ବହୁ ଗବେଷଣାରେ ସ୍ଥିରକଲେ ଇଲେକ୍ଟ୍ରିକ ମ୍ୟାଗ୍ନେଟ୍ ବା ତାଡ଼ିତଯନ୍ତ୍ର ଅଙ୍ଗରେ ଲଗାଇ ଏହି ରୋଗୀ ଦେହରେ ତାହାର ବାହ୍ୟ ପ୍ରୟୋଗ କରିବା ଦ୍ୱାରା, ଏହାଦ୍ୱାରା, ଅଳ୍ପ ଦୌର୍ବଲ୍ୟ ଦୂର ହେଲେ ହେଁ ଶରୀରର ଅଭ୍ୟନ୍ତରର ଶକ୍ତି ସମତା କରିବାକୁ ସମର୍ଥ ହୁଅନ୍ତି । ଫଳରେ ଅର୍ଦ୍ଧେକ କିମ୍ବା ଅଧା ଯେ ଉପକାରୀ ଏ କଥା ନିଶ୍ଚିତ ସମାନରେ ଏବେ ଆଉ ବୃଥା ହେବାକୁ ହେବ ନାହିଁ । ଅଛି ଏ ସଂପ୍ରଦାୟିକ ସ୍ଥାନରେ ଜୀବନ ମନୁଷ୍ୟ ଶରୀ ଦାସ ଡାକ୍ତର ମେଜର ଡାକ୍ତରମାନେ ଅନେକ ପ୍ରୟୋଗାର୍ଥ ତାହାକୁ ଉଦ୍ଭାବନ କଲେ ସର୍ବଶେଷରେ ସଂଯୋଗ କରି ଏହି ଅମୋଘ ଔଷଧ ପ୍ରସ୍ତୁତ କରି ଉପାଦାନ କରି ଏବଂ ଶୁକ୍ର ଓ ରକ୍ତ ସମ୍ବନ୍ଧୀୟ ପୀଡ଼ାର ଅବ୍ୟର୍ଥ ଅମୋଘ ଔଷଧ, କରେ ଅଛନ୍ତି ଏଥରେ ନୂତନ ଯୁଗ ଆଣି ଦେଇଅଛନ୍ତି !!!

ଅଛି ବାହାରୁହିଁ ଅପାୟ ଓ ଅଶାନ୍ତି ସୃଷ୍ଟିକରି କୃତ୍ରିମ ସାଲସା ବା କୌଣସି ବିକାର ଔଷଧ ସେବନ କରିବାର ହେବ ନାହିଁ ଅଛି ଆହାରକୁ ରୋଗ ସକଳ ସେବନରେ ଦେଖ ଯାହା ଅତେ ଏହି ମହୌଷଧ ଏହି ମହାଶକ୍ତି ଏବଂ ବୈଦ୍ୟୁତିକ ଶକ୍ତି "ଇଲେକ୍ଟ୍ରୋ ସାଲସା" କୁ ପରୀକ୍ଷା କରି ଦେଖନ୍ତୁ ଏପରି ଶୁଭଫଳ ଫଳିବ ବର୍ଣ୍ଣନା ହେବ ଯଦି ବର୍ଣ୍ଣନାତୀତ ହେବ, ସୌନ୍ଦର୍ଯ୍ୟକାନ୍ତିର ଉଜ୍ଜ୍ୱଳତା ଓ ଯୌବନର ସ୍ଫୁର୍ତ୍ତି ଫେରିପାଇବ ।

ଉକ୍ତ ପିତ୍ତର ବୃଦ୍ଧି, ବାତରକ୍ତ, ଅମ୍ଳପିତ୍ତ, ଅଜୀର୍ଣ୍ଣ, ଉପଦଂଶ, ଦାଦ, ଖାଇଁ, ପାଇଲ୍ସ, ଗଣ୍ଡମାଳା, ଚର୍ମ୍ମରୋଗ, ଶ୍ୱାସ, ଶୁଳ, ପ୍ରମେହ, ଧାତୁ ଦୌର୍ବଲ୍ୟ, ସ୍ନାୟୁ ଶିଥିଳ, ସ୍ୱପ୍ନଦୋଷ, ପ୍ରସ୍ରାବ ଜଳିବା, ସ୍ତ୍ରୀ ସହବାସରେ ଅକ୍ଷମ, ଶୁକ୍ର ତରଳିବା, ମୁଣ୍ଡ ଘୁରାଇବା, ଯୌବନର ପ୍ରଭାତ ସୁଦ ଓ ରକ୍ତସମ୍ବନ୍ଧୀୟ ପୀଡ଼ା— ଯେତେ ପ୍ରକାର, ଯେତେ କଠିନ ଓ ପୁରାତନ ହେଉ ଏହି ସାଲସା ସେବନରେ ତାହା ଆରୋଗ୍ୟ ହେବହିଁ ହେବ ।

ଏହାର ନିୟମ ପ୍ରତ୍ୟେକ ଶିଶି ସଙ୍ଗରେ ଦିଆଯାଏ । ମୂଲ୍ୟ ଏକ ସପ୍ତାହ ସେବନଯୋଗ୍ୟ ଏକ ଶିଶି ୧ ଟଙ୍କା ୮ ଅଣା, ୩ ଶିଶି ୪ ଟଙ୍କା, ଡଜନ ୧୫ ଟଙ୍କା, ଡାକମାସୁଲ ଓ ପ୍ୟାକିଂ ଏକ ଶିଶିରେ ପଠାଇବାକୁ ।୵, ୩ ଶିଶିରେ ।୷, ୬ ଶିଶିରେ ୵, ଡଜନରେ ୧୷ ।

ଅନୁଗ୍ରହକରି ପତ୍ରାଦି ପଠାଇବାର ଠିକଣା

W. MAJOR & Co | ଡବ୍ଲିଉ, ମେଜର ଏଣ୍ଡ କୋଂ
Calcutta } କଲିକତା

TELEGRAPHIC ADDRESS:
"MAJOR" Calcutta

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ହାର ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା—

ପ୍ରଥମବାର ଧାଡ଼ିପ୍ରତି

| | |
|---|---|
| ଧାଡ଼ିପ୍ରତି | ୦ ୦ ୬ |
| ଅର୍ଦ୍ଧସ୍ତମ୍ଭକୁ | ୫ ୬ ୯ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ୯ ୫ ୯ |

ମାତ୍ର କୌଣସି ବିଜ୍ଞାପନ ସେତେ ଅଳ୍ପ ହେଲେ, ଚାରିଧାଡ଼ି ୧୦ ଅଣାରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ପାଇଁ ହାର ପ୍ରଥମ ଥରର ଦେଢ଼ା ଓ ତୁଲ୍ୟମୂଲ୍ୟ ଯଥାକ୍ରମେ ହେବ ଅଧିକ ଥର ପାଇଁ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ପତ୍ର କଟକ ଉତ୍କଳପ୍ରେସରେ ଶ୍ରୀ କଣ୍ଠ ଗୋବିନ୍ଦ ସାହୁଙ୍କ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter
Digitized by srujanika@gmail.com

Split by PDF Splitter



## ସାପ୍ତାହିକ ସମ୍ବାଦ ।

କଲିକତାର ଜଣେ ଜମିଦାରଙ୍କ ମୂଳକ ଅସ୍ତ୍ରବନ୍ଧାକ ଭୂତକେ ଶାନ୍ତ ଚଲାଇଥିବା ସମୟରେ ଗୋଟିଏ ପିତଳ ଗୋଲ ଛାତରେ ଲାଗି ଗଡ଼ିଯିବାରୁ ପିଲାଟିର ଗୋଡ଼ ଭାଙ୍ଗିଗଲା; ତାହାକାର ଉପରେ ମାସ ୨ ଖର ଜେଲ୍ ଦଣ୍ଡ ଓ ଟ ୫୦ ଙ୍କା ଅର୍ଥଦଣ୍ଡ ହୋଇଅଛି ।—ଶାନ୍ତୁଆଳମାନେ ସାବଧାନ ।

ଅତଏବ ଦେଶରେ ମଦ୍ୟକୁ ସେହି ମୂଳଲୋକମାନେ ଉଦ୍‌ଭାବ୍ୟକୁ ଆଉ କୋମ୍ପାନୀର ଦଶ ଉଦ୍ଦେଶାର୍ଥ ଭୂତ୍ତ୍ୱର ସୁରଜମ ଅରବଦେଶରେ ରେଲବାଟ ନିର୍ମାଣ କରିବାର ପ୍ରସ୍ତାବ କରିଥିବାରୁ ତହିଁର ସାହାଯ୍ୟ ନିମିତ୍ତ ଭାରତର ନାନା ସ୍ଥାନରେ ଚାନ୍ଦା ହୋଇ ଟଙ୍କା ପଠା ଯାଉଅଛି । ସମ୍ପ୍ରତି ସେ ପାଇଁ ଏ ସମ୍ବାଦପତ୍ର ଆପଣାର ଗ୍ରାହକମାନଙ୍କଠାରୁ ଏଥି ନିମିତ୍ତ ଟ ୭୩୧୫ ଙ୍କା ଚାନ୍ଦା ଉଠାଇ ପଠାଇ ଦେଇଅଛନ୍ତି । ଗୀତାର ବୋଧ ବଙ୍ଗଭାଷାର ଟଙ୍କା ଦେଇଅଛନ୍ତି ଏବଂ କଲିକତାଠାରେ ବହୁତ ଟଙ୍କା ଚାନ୍ଦା ଉଠୁଅଛି ।

ଉତ୍ତରପୂର୍ବର ସମସ୍ତୋପାଳ ଖାସ ଜାନକ ଜଣେ ଲୋକ ଆପଣା ସ୍ତ୍ରୀ ସଙ୍ଗେ ପାପତ୍ରଣସ୍ତ କରିଥିବାର ସନ୍ଦେହ କରି ତାକୁ ପ୍ରତେ।ଖିର ହାଡ଼ ଭାଙ୍ଗିଦେଲା କାଟ ଦେଇଥିବାର ସମ୍ବାଦ ମିଳଇ । ବସ୍ତରରେ ତାହା ପ୍ରତି ପଦର ମାସର ଜନମୁକ୍ତ କାରାଦଣ୍ଡର ଆଦେଶ ହୋଇଅଛି ।

### ପୁରୀ ସମ୍ବାଦ ।

ଏ ପର୍ଯ୍ୟନ୍ତ ଓଁରଠାର କୌଣସି ପ୍ରକୋପ ହୋଇ ନାହିଁ, ଜଗନ୍ନାଥଙ୍କ ଯାତ୍ରୀମାନେ ସ୍ନାନେ ଦର୍ଶନ କରି ନିର୍ବିଘ୍ନେ ପ୍ରତ୍ୟାଗତ ହେଉଛନ୍ତି ।

ଖାଦ୍ୟଦ୍ରବ୍ୟ ମଧ୍ୟରୁ ଖ ୧୨ ଶ ଅର୍ଥାତ୍ ଠାକୁରପଦେଶି ସମସ୍ତେ ଚଢ଼ାପଡ଼ା ସାହିରେ ଅଗ୍ନି ଲାଗି ଗୋଟିଏ ଘର ସମସ୍ତ ଘର ଓ ତାହାଙ୍କ ଧନସମ୍ପତ୍ତି ଜଳି ୧୨ ଶ ଘର ପୋଡ଼ି ଯାଇଅଛି ।

ଏ ସପ୍ତାହରେ ବୃଷ୍ଟି ନାହିଁ । ଦେଶରେ ଗ୍ରୀଷ୍ମ ଓ ଜ୍ୱରର ପ୍ରକୋପ ଦେଖା ହେଉଅଛି ।

## ବିଜ୍ଞାପନ ।

### ନୂତନ ପୁସ୍ତକ ।

| | |
|---|---|
| ଜାପରିକ ଗୀତା ୨ୟ ଭାଗ | ଟ ୦ । |
| ମନ୍ତ୍ରାବଳୀ ସ୍ତୁତି | ଟ ୦ / |
| ପ୍ରବନ୍ଧ ଅଷ୍ଟଭକ୍ତ ବା ଦାଦମ୍ବରୀ ଉପନ୍ୟାସ | ଟ ୦ ୷ |
| ଭକ୍ତି-ସଙ୍ଗୀତ | ଟ ୦ / |
| ବୈଭନ୍ତୁଗୀତା | ଟ ୦ ।/ |
| ସପ୍ତାଙ୍ଗଯୋଗସାର ଟୀକା | ଟ ୦ / |

ଉପରୋକ୍ତ ପୁସ୍ତକମାନ କଟକ ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ ମିଳିବ ।

NEW YORK LIFE INSURANCE COMPANY

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J, BELL
*Agent Cuttack*

## ବିଜ୍ଞାପନ ।

### ଫଲେନ ପରିକ୍ଷୀଯୁଛେ

କବିରାଜ ଶ୍ରୀଛକଡ଼ି ଦାସ କବିରତ୍ନଙ୍କର

### ଅନ୍ନପୂର୍ଣ୍ଣା

ଆୟୁର୍ବେଦୀୟ ଔଷଧାଳୟ, ଚୌଧୁରୀ-

ବଜାର, କଟକ

ଏହି ଔଷଧାଳୟରେ ଆୟୁର୍ବେଦ ଶାସ୍ତ୍ରୋକ୍ତ ସର୍ବପ୍ରକାର ଔଷଧାଦି ନ୍ୟାଯ୍ୟ ଓ ସୁଲଭ ମୂଲ୍ୟରେ ପ୍ରାପ୍ତବ୍ୟ । ମୋଫସଲର ରୋଗୀମାନେ ରୋଗର ଅବସ୍ଥା ଅର୍ଦ୍ଧ ଅଣାର ଷ୍ଟାମ୍ପ ସହ ଲେଖିଲେ ସୁବ୍ୟବସ୍ଥା ସହିତ ପ୍ରେରିତ ହେବ ।

### ବ୍ରାହ୍ମୀ ଘୃତ

ଆଜିକାଲି ଛାତ୍ର ସମାଜ ମଧ୍ୟରେ ସ୍ମରଣ ଶକ୍ତିର ଅଭାବ ହୋଇଥାଏ, ସ୍ମରଣ ଶକ୍ତି ଯେ କେବଳ ଛାତ୍ରମାନଙ୍କର ଅତ୍ୟନ୍ତ ପ୍ରିୟ ପଦାର୍ଥ ଏପରି ନୁହେ ଏହା ବ୍ୟକ୍ତି ମାତ୍ରେହିଁ ପ୍ରୟୋଜନୀୟ; ବ୍ରାହ୍ମୀଘୃତ ଗୋଟିଏ ସ୍ମରଣ ଶକ୍ତି ବର୍ଦ୍ଧକ ମହୌଷଧ, ସ୍ମରଣ-ମେଧାବର୍ଦ୍ଧିଷ୍ଣୁ ବାଳକମାନଙ୍କର ଏବଂ ଅଧିକ ଅଧ୍ୟୟନଶୀଳ ଛାତ୍ରମାନଙ୍କ ପକ୍ଷରେ ଏହା ବିଶେଷ ଉପଯୋଗୀ, ଏହାଦ୍ୱାରା ଚିତ୍ତ ଶୃଙ୍ଖଳ୍ୟ ଦୂର ହୁଏ ମସ୍ତିଷ୍କ ପୋଷଣ କରେ ଚକ୍ଷୁର ତେଜ ବୃଦ୍ଧି ହୁଏ ଏବଂ ସମସ୍ତ ଶରୀରରେ ବଳ ସଞ୍ଚାର ହୋଇ ଥାଏ । ଯେଉଁମାନଙ୍କର ସାମାନ୍ୟ କାରଣରୁ ରାଗ ହୋଇ ମସ୍ତକ ଗରମ ହୁଏ ଏବଂ ଏକ ବିଷୟରେ ମନ ସ୍ଥିର ନ ଥାଏ ରହିଲେ ନିଦ୍ରା ହୁଏ ନାହିଁ ଦୁଃସ୍ୱପ୍ନ ହୁଏ ଇତ୍ୟାଦି ଲକ୍ଷଣରେ ଏହା ସଦ୍ୟ ଫଳପ୍ରଦ ।

ଏକଶିଶିର ମୂଲ୍ୟ ଟ ୨ ୲

### ଶ୍ରୀକୃଷ୍ଣବଟିକା

ଏହି ଔଷଧ ଜୀର୍ଣ୍ଣ ଜ୍ୱରମାନଙ୍କରେ ଏକମାତ୍ର ମହୌଷଧ, ଯେଉଁମାନଙ୍କର ସ୍ୱଳ୍ପକାଳୀଣ ବଶତଃ ଜୀର୍ଣ୍ଣ ସ୍ଫଳିତ ହେଉଥାଏ, ସେମାନେ ଏହି ଔଷଧ ବ୍ୟବହାର କଲେ ଅଳ୍ପ ସମୟମଧ୍ୟରେ ବିଶେଷ ଫଳଲାଭ କରି ପାରିବେ ଏବଂ ଧାତୁ ଦୌର୍ବଲ୍ୟ ଉପଶମ ହେବ । ଏହା ସମ୍ବନ୍ଧରେ ବାହୁଲ୍ୟ ଆଡ଼ମ୍ବର ନିଷ୍ପ୍ରୟୋଜନ । ଥରେମାତ୍ର ସେବନ କଲେ ସମସ୍ତ ଅବଗତ ହୋଇ ପାରିବେ ।

ଏକ ଡିବା ଔଷଧର ମୂଲ୍ୟ ଟ ୧୲ ମାତ୍ର ।

### କଲ୍ୟାଣ ଭାସ୍କର ରସାୟନ ।

( ଦେଶୀୟ ସାଲସା )

ଏଥିରେ ଉପଦଂଶ ( ଗରମୀ ) କ୍ଷତ, ପାରଦାଦି ଦୋଷଜନିତ ଶରୀରରେ କଲା ଓ ଚକ୍ରା ଦାଗ; ଗୋଟକୋପୁଣି ଓ ବାତ ପ୍ରଭୃତି ନଷ୍ଟସ୍ୱ ଆରୋଗ୍ୟ ହୁଏ । ଅଧିକନ୍ତୁ ଏହା ରକ୍ତ ପରିଷ୍କାର କରି ଶରୀରର ପୁଷ୍ଟି ସାଧନ କରେ ଏହା ସମସ୍ତ ଋତୁରେ ବ୍ୟବହାର ହୁଏ ।

ଏକ ଶିଶିର ମୂଲ୍ୟ ଟ ୧୲ ମାତ୍ର ।

ଏକକେ ତିନଶିଶି ନେଲେ ଟ ୪୲ ଙ୍କା ଲାଗେ ।

| | |
|---|---|
| ଚୌଧୁରୀ ବଜାର<br>କଟକ | ଶ୍ରୀ ଛକଡ଼ି ଦାସ କବିରତ୍ନ ।<br>ଅନ୍ନପୂର୍ଣ୍ଣା<br>ଆୟୁର୍ବେଦୀୟ ଔଷଧାଳୟ । |

## ବିଜ୍ଞାପନ ।

### ବନାରସୀ ମାଲ ।

ବନାରସ ନଗରସ୍ଥ ଆମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନାରସୀ ମାଲ ଭାରତର ନାନାସ୍ଥାନର ରାଜା ଜମିଦାରମାନଙ୍କ ବିଶ୍ୱସ୍ତଭାବରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେନ୍ଦୁଝର, ଅଂଠମଲ୍ଲିକ, ରାୟଗଡ଼, ସରାଇକଲା, ସୋନପୁର, ପାଟଣା, ଜଡ଼ଆଲ, ମୟୂରଭଞ୍ଜ, ନୀଳଗିରି, ହିନ୍ଦୋଳ, ଆଠଗଡ଼, ଗାଙ୍ଗପୁର, ତାଳଚେର, ଝିଙ୍ଗିଡ଼ିପୁରର ରାଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଆମ୍ଭର ଖାଣ୍ଟି କାରବାରର କଥା ଜଣା ପଡ଼ିବ ।

ଆମ୍ଭର ବାଣିଜ୍ୟ କୋଠିରେ ବିକ୍ରୟ ସକାଶେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ଶାଢ଼ୀ, ଯୋଡ଼ ଚୋପି, ଚେଲି, କିଂଖାପ, ବାଫ୍ତା, ଝଙ୍ଗୀ, ଦୋପଟା ମନ୍ଦିଲ, ଶିରରେ ବାନ୍ଧିବାର ଫେଟା, ରୁମାଲ, ଶାଲ ଏବଂ ନାନା ପ୍ରକାର ରହାଦ ଗଠିତ ଅଙ୍ଗୁଷ୍ଠ ପ୍ରଭୃତି ଛଡ଼ା ସୁନା ରୂପାର ବାସନ, ହାତର ହାତୁଡ଼ା ପ୍ରଭୃତି ବରାତ ଅନୁସାରେ ତିଆର କରାଇ ଦେଉଁ । ବରାତ ଦେବାବେଳେ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ । କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ କି ଉପାୟରେ ( ଅର୍ଥାତ୍ ଡାକରେ କି ରେଲରେ ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରିର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଚଳିବ ମାତ୍ର ଲଫାଫାଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ନିରାପଦରେ ଆମ୍ଭର ହସ୍ତଗତ ହେବ ।

ଭେଲ୍ୟୁପେବଲ ପାର୍ସଲରେ ମଧ୍ୟ ମାଲ ପଠାଯାଏ କିନ୍ତୁ ମାଲ ପଠାଯିବା ଏବଂ ଫେରତ ହେବା ମାସୁଲ ମାଲ ମଗାଇଥିବା ବ୍ୟକ୍ତିଙ୍କୁ ଦେବାକୁ ପଡ଼ିବ ।

ଶ୍ରୀ ପାଲ୍ଲାଲ ଗୋଲାଚାଞ୍ଚ

ଲୁହୁଙ୍ଗୀର ପାଟକ ବନାରସ ସିଟି

Digitized by srujanika@gmail.com

# ବିଜ୍ଞାପନ।

ଆଉ ତାହାରିକୁ ଅସ୍ଥାୟୀ ଗୁଣବିଶିଷ୍ଟ ସାଲସା ପ୍ରଭୃତି ଔଷଧ ସେବନ କରି ଅଯଥା ଅର୍ଥବ୍ୟୟ କରିବାକୁ ହେବ ନାହିଁ।

ଚିକିତ୍ସା ଜଗତର ନୂତନ ଆବିଷ୍କାର! **ଡ୍ୟାନଜୀନ।** ହତାଶ ପ୍ରାଣର ଏକମାତ୍ର ଆଶା!!

ଡାକ୍ତର ଜେ, ଟୀ, ମାର୍ଟିନ ସାହେବଙ୍କ ଆବିଷ୍କୃତ ଜଗତ୍ ପ୍ରସିଦ୍ଧ, ଆଶ୍ଚର୍ଯ୍ୟ ଗୁଣବିଶିଷ୍ଟ ଓ ପ୍ରତ୍ୟକ୍ଷ ଫଳପ୍ରଦ ସେହି—

# DANZIN

ବ୍ରିଟିଷ ଗବର୍ଣ୍ଣମେଣ୍ଟଙ୍କ ଆଇନ ଅନୁଯାୟୀ ରେଜିଷ୍ଟ୍ରୀକୃତ।

ଭାରତବର୍ଷ ଗ୍ରୀଷ୍ମ ପ୍ରଧାନ ଦେଶ, ସେଥି ନିମନ୍ତେ ଅତ୍ୟଳ୍ପ ବୟସଠାରୁ ଏତଦ୍ଦେଶବାସିମାନଙ୍କ ଇନ୍ଦ୍ରିୟ ଚାଞ୍ଚଲ୍ୟ ଉପସ୍ଥିତ ହୁଏ ଏବଂ ତାହାର ପରିଣାମ ଫଳରେ ଧାତୁଦୌର୍ବଲ୍ୟ, ମେହ, ପ୍ରମେହ, ଶୁକ୍ରତାରଲ୍ୟ, ରକ୍ତଦୁଷ୍ଟି, ପାରଦ ବିକୃତି, ଏମନ୍ତ କି କୁଷ୍ଠରୋଗ ପର୍ଯ୍ୟନ୍ତ ହୋଇ ଦୁର୍ଲଭ ମାନବଜୀବନକୁ ଅସାର ଓ ଅକର୍ମଣ୍ୟ କରି ପକାଏ, ଏହି ସକଳ ରୋଗ କବଳରୁ ଭାରତବାସିମାନଙ୍କ ଉଦ୍ଧାର ନିମନ୍ତେ "ଡ୍ୟାନଜୀନ" ଆବିଷ୍କୃତ ହେବାର ପୂର୍ବରୁ ପ୍ରକୃତ ଫଳଦାୟକ ଔଷଧ ପ୍ରଚଳିତ କୌଣସି ଚିକିତ୍ସା ଶାସ୍ତ୍ରରେ ଆବିଷ୍କୃତ ହୋଇ ନ ଥିଲା। ସେଥି ନିମନ୍ତେ ଡାକ୍ତର ମାର୍ଟିନ ସାହେବ ସୁଦୀର୍ଘକାଳବ୍ୟାପୀ ଅସାଧାରଣ ଚେଷ୍ଟା ଓ ଅଧ୍ୟବସାୟ ଓ ଅଜସ୍ର ଅର୍ଥ ବ୍ୟୟଦ୍ୱାରା ଏବଂ ଅନୁସନ୍ଧାନର ଫଳରେ ଦକ୍ଷିଣ ଆମେରିକାର ପାର୍ବତ୍ୟ ପ୍ରଦେଶଜାତ କେତେଗୁଡ଼ିଏ ଲତା ଓ ଗୁଳ୍ମ ନିର୍ଯ୍ୟାସସହିତ ବ୍ରିଟିଷ ଗବର୍ଣ୍ଣମେଣ୍ଟଙ୍କ ଫାର୍ମାକୋପିୟାର ଅନୁମୋଦିତ ଅନୁସରଣ, ଫଷ୍ଟରସ୍ ଓ ଡାଇସ୍ତୋନା ପ୍ରଭୃତି ହେଲେହେଁ ପ୍ରସିଦ୍ଧ ରକ୍ତ ପରିଷ୍କାରକ ଓ ଶୁକ୍ର ବର୍ଦ୍ଧକର ଔଷଧର ସମ୍ମିଶ୍ରଣରେ ନୂତନ ରସାୟନର ପ୍ରକ୍ରିୟାର ପାରଦର୍ଶିତା ଯନ୍ତ୍ରର ସାହାଯ୍ୟରେ ଏହି ମହାଶକ୍ତିଶାଳୀ ଔଷଧ "ଡ୍ୟାନଜୀନ" ଆବିଷ୍କାର ହୋଇ ଭାରତବାସିମାନଙ୍କର ମହାନ୍ ଅଭାବ ଦୂରୀଭୂତ ହୋଇଅଛି।

ଯେବେ ତୁମ୍ଭେ ମନେ କରିଥାଅ ତୁମ୍ଭର ରୋଗ ଅସାଧ୍ୟ ଯଦି ତୁମ୍ଭର ଚିକିତ୍ସକ ତୁମ୍ଭଙ୍କୁ ଆରୋଗ୍ୟ କରିବାକୁ ନୈରାଶ୍ୟ କରିଥାନ୍ତି ଯେବେ ତୁମ୍ଭେ ସାଲସା ପ୍ରଭୃତି ବହୁପ୍ରକାର ଔଷଧ ସେବନ କରି ଜୀବନରେ ହତାଶ ହୋଇଥାଅ, ତଥାପି ତୁମ୍ଭଙ୍କ ବନ୍ଧୁ ଅଛି ଜୀବନରେ ନୈରାଶ୍ୟ ହୁଅ ନାହିଁ। ଥରେ ଏହି ମହାଶକ୍ତି "ଡ୍ୟାନଜୀନ" ସେବନ କରି ଦେଖ ସଙ୍ଗେ ସଙ୍ଗେ ଶୁଭଫଳ ଫଳିବ! ଜୀର୍ଣ୍ଣ ଦେହରେ ପୁନର୍ବାର ନୂତନ ଜୀବନ ପାଇବ! ଅକର୍ମଣ୍ୟ ଶରୀର ପୁନର୍ବାର କାର୍ଯ୍ୟକ୍ଷମ ହେବ!!! ଅନେକଙ୍କର ଧାରଣା ଅଛି ପାରା ଓ ଗନ୍ଧକ ବିଷ ଶରୀରରେ ପ୍ରବେଶ କଲେ ତାହା ଆଉ କାହିଁରେ ଦୂରୀଭୂତ ହୁଏ ନାହିଁ। କିନ୍ତୁ ପ୍ରାୟ ଅର୍ଦ୍ଧଶତାବ୍ଦୀ ହେଲା ସାଧାରଣଙ୍କର ସେ ବିଶ୍ୱାସ "ଡ୍ୟାନଜୀନ" ଏହାକେବଳେ ଦୂରୀଭୂତ କରିଦେଇଅଛି। ଡ୍ୟାନଜୀନର ଆଉ ଗୋଟିଏ ଅସାଧାରଣ ଶକ୍ତି ଏହି ଯେ ମଳ ମୂତ୍ର ଓ ଘର୍ମ ସହିତ ପାରା ନିର୍ଗତ କରିଦେବାର ସ୍ପଷ୍ଟ ଦେଖାଯାଏ। ସାଲସା—ରୋଗ ଚାପି ରଖେ। ଡ୍ୟାନଜୀନ ରୋଗ ଚାପି ରଖେ ନାହିଁ, ସମ୍ପୂର୍ଣ୍ଣ ଆରୋଗ୍ୟ କରେ ଥରେ ଆରୋଗ୍ୟ ହେଲେ ଆଉ ପୁନରାକ୍ରମଣ କରେ ନାହିଁ। ସାଲସାର ଗୁଣ ଅସ୍ଥାୟୀ। ଡ୍ୟାନଜୀନ ଗୁଣ ସ୍ଥାୟୀ।

ଡ୍ୟାନଜୀନ—ମଦ, ଅଫିମ, ଷ୍ଟ୍ରିକନିୟା, ମାର୍କାରୀ ପ୍ରଭୃତି କୌଣସି ପ୍ରକାର ମାଦକଦ୍ରବ୍ୟ ବା ବିଷାକ୍ତ ପଦାର୍ଥର ସଂଶ୍ରବ ନାହିଁ। ତଥାପି ଏହାର ଏକ ଆଶ୍ଚର୍ଯ୍ୟ ଗୁଣ ଏହି ଯେ ଔଷଧ ସେବନର ଅବ୍ୟବହିତ ପରେ ମନ ପ୍ରଫୁଲ୍ଲ ହୁଏ, ଶରୀର ସ୍ଫୂର୍ତ୍ତି ହୁଏ, କ୍ଷୁଧା ବୃଦ୍ଧି କରେ, କୋଷ୍ଠ ପରିଷ୍କାର କରେ, ଡ୍ୟାନଜୀନ—ଖାଇବାକୁ ସୁସ୍ୱାଦୁ, ସଦ୍ଗୁଣଯୁକ୍ତ, ଡ୍ୟାନଜୀନ ସେବନରେ କୌଣସି ପ୍ରକାର ବନ୍ଧା ନିୟମ ନ ଥିବାର ସକଳ ଋତୁରେ ଓ ସକଳ ଅବସ୍ଥାରେ ଆବାଳ ବୃଦ୍ଧ ବନିତା ନିର୍ବିଘ୍ନରେ ସେବନ କରି ପାରନ୍ତି। ସେଥି ନିମନ୍ତେ ଏହା ଦରିଦ୍ରର ବନ୍ଧୁ ଓ ନର ଦେହର ଜୀବନ।

## ଡ୍ୟାନଜୀନରେ କି କି ରୋଗ ଆରୋଗ୍ୟ ହୁଏ?

୧। ମେହ ସମ୍ବନ୍ଧୀୟ ପୀଡ଼ା ଓ ସ୍ତ୍ରୀ ବ୍ୟାଧି; ୨। ଗରମୀ ଓ ପାରଦ ଦୂଷିତ ରକ୍ତ ସମ୍ବନ୍ଧୀୟ ପୀଡ଼ା; ୩। ବାତ ସମ୍ବନ୍ଧୀୟ ପୀଡ଼ା।

ମେହ ସମ୍ବନ୍ଧୀୟ ପୀଡ଼ା—ଯଥା—ମେହ, ପ୍ରମେହ, ସପୂଜ ଧାତୁ ନିର୍ଗମନ ବା ରକ୍ତ ନିର୍ଗତ ହେବା, ମୁହୁର୍ମୁହୁ ପ୍ରସ୍ରାବର ବେଗ, ପ୍ରସ୍ରାବର ଜ୍ୱାଳା, ପ୍ରସ୍ରାବ ପୂର୍ବେ ବା ପରେ ଦୁଗ୍ଧପରି ପଦାର୍ଥ ବାହାର ହେବା। ସ୍ତ୍ରୀଲୋକ ଦର୍ଶନ ବା ସ୍ପର୍ଶନରେ ରେତଃପାତ, ଅର୍ଥାତ୍ ଶୁକ୍ରର ତରଳତା, ସ୍ୱପ୍ନଦୋଷ ଓ ତଜ୍ଜନିତ ମୂତ୍ରକଷ୍ଟ, ମୂତ୍ରକୃଚ୍ଛ୍ର, ଘୁଷୁଘୁଷିଆ ଜ୍ୱର, ଚକ୍ଷୁ ଜ୍ୱାଳା, ଚକ୍ଷୁରୁ ଜଳପଡ଼ିବା, ହାତଗୋଡ଼ଜ୍ୱଳିବା, ସ୍ମରଣ ଶକ୍ତିର ହ୍ରାସ, ଧାତୁଦୌର୍ବଲ୍ୟ, କୋଷ୍ଠ କାଠିନ୍ୟ, କ୍ଷୁଧାମାନ୍ଦ୍ୟ, ଅରୁଚି ଇତ୍ୟାଦି। ସ୍ତ୍ରୀବ୍ୟାଧି—ରକ୍ତ ବା ଶ୍ୱେତ ପ୍ରଦର, ଅନିୟମିତ ରକ୍ତ ସ୍ରାବ, ବନ୍ଧ୍ୟାତ୍ୱ, ମୃତବତ୍ସା, ପେଟରେ ବେଦନା ଓ ଗର୍ଭପାତ ଇତ୍ୟାଦି।— ରକ୍ତ ସମ୍ବନ୍ଧୀୟ ପୀଡ଼ା, ଯଥା।— ଗରମୀ ଓ ଉପଦଂଶ ପାରା ବ୍ୟବହାର ପ୍ରଯୁକ୍ତ ସର୍ବାଙ୍ଗେ ଘା ଓ ଚକା ଚକା ଦାଗ, ହାତ ଓ ଗୋଡ଼ର ତଳରୁ ଚମଡ଼ା ଉଠା, ମୁଣ୍ଡରୁ କେଶ ଉପୁଡ଼ିବା, ମୁହଁରେ ଓ ନାକଭିତରେ ଘା, ବାଗି ଘା, ପଞ୍ଚଘା, ନାଳିଘା, ଭଗନ୍ଦର, ନାଳୀ, କୁଷ୍ଠ ଓ ଏମନ୍ତକି କୁଷ୍ଠ ପର୍ଯ୍ୟନ୍ତ ଆରୋଗ୍ୟ ହୋଇଅଛି। ବାତ ସମ୍ବନ୍ଧୀୟ ପୀଡ଼ା।—ସନ୍ଧିରେ ବେଦନା ସମସ୍ତ ଶରୀର କଡ଼କଡ଼ କରିବା, ହାତ ଓ ଗୋଡ଼ ଫୁଲିବା, ଅଣ୍ଟା ଓ ପିଠିର ବେଦନା ଇତ୍ୟାଦି—ଡ୍ୟାନଜୀନ—ସୁସ୍ଥ ଶରୀରରେ ଦୈନିକ ଏକ ବା ଦୁଇ ମାତ୍ରା ସେବନ କଲେ ମନ ଚଞ୍ଚଳ ହୁଏ, ଶରୀରର ଦୂଷିତ ରକ୍ତ ଦୂର କରି ନୂତନ ରକ୍ତ କଣିକା ସୃଷ୍ଟି କରେ ଓ ଶରୀର ସବଳ ଓ କାନ୍ତିବିଶିଷ୍ଟ ହୁଏ।

ମୂଲ୍ୟ ପ୍ରତି ବୋତଲ ଟ ୨୲ ୩ ବୋତଲ ଟ ୫୲, ୬ ବୋତଲ ଟ ୭୲ ୫ ଓ ୧୨ ବୋତଲ ଟ ୧୫୲ ଡାକ ମାଶୁଲ ୧ ଠାରୁ ୩ ବୋତଲ ଟ ୦। ଅଣା, ୪ ଠାରୁ ୬ ବୋତଲ ଟ ୦ ।୵ ଅଣା।

ସୋଲ ଏଜେଣ୍ଟ—ଇଣ୍ଡିଆ, ବର୍ମା, ସିଲୋନ, ଆର, ବ, ଭ, ଏଣ୍ଡ କୋଂ

ହେଡ଼ଅଫିସ—ନଂ ୧୦ ମୁର ଅପର ଚିତ୍ପୁର ରୋଡ଼ କଲିକତା ବଡ଼ବଜାର ପୋଷ୍ଟାଫିସର ଠିକ ସମ୍ମୁଖରେ

---

## ୨୪ ଘଣ୍ଟାରେ ଯାଦୁର ଆରୋଗ୍ୟ।

ଡାକ୍ତର ଜେ, ଟୀ, ମାର୍ଟିନଙ୍କର ଆବିଷ୍କୃତ—ପ୍ରତ୍ୟକ୍ଷ ଫଳପ୍ରଦ ଯାଦୁର ଔଷଧ।

ଯେ କୌଣସି ପ୍ରକାର ଯାଦୁ ହେଲେହେଁ ୨୪ ଘଣ୍ଟାରେ ନିଶ୍ଚୟ ଆରୋଗ୍ୟ ହେବ, ଜ୍ୱାଳା ଯନ୍ତ୍ରଣା ନାହିଁ ପାରଦ ପ୍ରଭୃତି କୌଣସି ପ୍ରକାର ବିଷାକ୍ତ ଦ୍ରବ୍ୟ ନାହିଁ। ମୂଲ୍ୟ ପ୍ରତି କୌଟା ଟ ୦ ୵ ଡାକ ମାଶୁଲ ଟ ୵ ଡାକ ଏକଠାରୁ ୧୨ କୌଟା ଟ ୦ ୵

ଡାକ୍ତର ମାର୍ଟିନଙ୍କର "ଅଏଣ୍ଟମେଣ୍ଟ"।—ଯାହାରି ଯେ କୌଣସି ପ୍ରକାର ଘା ହେଉ ନିଶ୍ଚୟ ଆରୋଗ୍ୟ ହେବ।

ମୂଲ୍ୟ ପ୍ରତି କୌଟା ଟ ୧୲ ଡଜନ ଟ ୧୦୲ ଡାକଂ ୧ ଠାରୁ ୬ କୌଟାକୁ ଟ ୦ ୵

ଏଜେଣ୍ଟସ—ଆର, ବା, ଭା ଏଣ୍ଡ କୋଂ ନଂ ୧୦ମୁର ଅପର ଚିତ୍ପୁର ରୋଡ କଲିକତା

---

ଏଣ୍ଟ ମୁଦ୍ରାଙ୍କ ଦେଖ।

Split by PDF Splitter
Digitized by srujanika@gmail.com

Split by PDF Splitter

REGISTERED No. C. 81.




# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

THE UTKAL DIPIKA.

ଭାଗ ୩୭ ଶ | CUTTACK, SATURDAY THE 5th July 1902. | ଅଗ୍ରୀମ ୫ ୩୯

ସଂ ୨୭ ସଂଖ୍ୟା | ତା ୨୨ ଶ ଆଷାଢ଼ ସନ ୧୩୦୯ ସାଲ ଶନିବାର | ପଶ୍ଚାଦ୍ଦେୟ ୫ ୬୯



## ବିଜ୍ଞାପନ ।

### ଏହାଠାରୁ ଆଦୁର

ସର୍ବାପେକ୍ଷା ଉତ୍କୃଷ୍ଟ ମହୌଷଧ ।

ଏହାର ଗୁଣ ତୁଳନାରେ ମୂଲ୍ୟ ନିତାନ୍ତ ଅତ୍ୟ ସାମାନ୍ୟ ମାତ୍ର, ଏହାର ବ୍ୟାଧି ଉପଶମକାରୀ ଗୁଣ ଅତୁଳନୀୟ । ଯେ କୌଣସି ପ୍ରକାର ଏବଂ ଯେତେକାଳର କଠିନ ଯାଉ କେବଳ ନା କାହିଁକି ଏହି ଔଷଧ ବ୍ୟବହାରଦ୍ୱାରା ତନା ତୁଲା ଯନ୍ତ୍ରଣାରେ ରୋଗ ସଂପୂର୍ଣ୍ଣ ଆରୋଗ୍ୟ ହେବ । ଭାରତବର୍ଷର ସର୍ବତ୍ର ସର୍ବଜନବର୍ତ୍ତୃକ ଏହା ଆଗ୍ରହସହକାରେ ବ୍ୟବହୃତ ପୁଣି ଶତ ଶତ ଲୋକଙ୍କଦ୍ୱାରା ମୁକ୍ତକଣ୍ଠରେ ପ୍ରଶଂସିତ । ଏ ଉକ୍ତିର ଯଥାର୍ଥତା ବୁଝିବାକୁ ହେଲେ ଥରେ ମାତ୍ର ପରୀକ୍ଷଣୀୟ ଅଟେ । ସମଶ୍ରେଣୀର ଯେତେ ଔଷଧ ବାହାରିଅଛି ବା ବାହାରୁଅଛି; ଏହି ଔଷଧ ସଙ୍ଗେ ତାହାର ତୁଳନା ହୁଏ ନାହିଁ ।

ଗୋଟିଏ ଡବାର ମୂଲ୍ୟ ଟ ।√ ଛ ଅଣା, ଏକତ୍ରରେ ୬ ଛ ବା ୧୨ ବାର ଯୋଡ଼ା ନେଲେ କ୍ରେତାର ବିଶେଷ ଲାଭ ଅଛି । ସ୍ପଷ୍ଟରୂପେ ନାମ, ଗ୍ରାମ, ଡାକଘର ଜିଲ୍ଲା ଏବଂ କାହାର କେତେ ଡବା ଔଷଧ ଲୋଡ଼ା ଲେଖିଲେ ବ୍ୟବସ୍ଥାପତ୍ରସହ ପ୍ରେରିତ ହୁଏ ।

ଏକମାତ୍ର ପ୍ରାପ୍ତିସ୍ଥାନ;—

ଶ୍ରୀ ରାମତାରକ ସେନ ।

କେୟାର ଉତ୍କଳପ୍ରେସ, ବାଲେଶ୍ୱର


## NOTICE.

Wanted a 2nd grade Kanungoe in District Puri on Rs. 20 per month. None need apply who has no experience in Survey and Settlement work and has no knowledge of English. Preference will be given to the candidate who has passed the Entrance Examination of the Calcutta University and the Final survey standard Examination and also the Kanungoeship Examination.

Applications with testimonials will be received by the undersigned up to the 5th July next.

H. C. Banerjia
*For Collector*


## ବିଜ୍ଞାପନ ।

ଏଲେନ୍ ହେଙ୍କ ଅଏଣ୍ଟମେଣ୍ଟ ।

ବା

ଯାଦୁର ଔଷଧ ।

ଏହି ଔଷଧ ୩ । ୪, ଥର ବ୍ୟବହାର କଲେ ଅତି ଅଳ୍ପସମୟ ମଧ୍ୟରେ ଓ ବିନାଜ୍ୱାଳାରେ ସବୁ ପ୍ରକାର ଯାଉ ଆରାମ ହୁଏ । ଏଥିରେ ପାରଦ କିମ୍ବା ଅନ୍ୟ କୌଣସି ପ୍ରକାର ବିଷାକ୍ତ ପଦାର୍ଥ ନାହିଁ, ମୂଲ୍ୟ ପ୍ରତିଡବା ଟ ୦ ॥√ ଅଣା ।

ପ୍ରାପ୍ତିସ୍ଥାନ — ଏଲଟ, ଦେ ହୋମିଓପ୍ୟାଥିକ, ଡାକ୍ତର୍ଯ୍ୟ ଔଷଧାଳୟ, ବାଲେଶ୍ୱର ।


## ବିଜ୍ଞାପନ ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ମହିମାବର ଶ୍ରୀଯୁକ୍ତ ଡେପ୍ଟୀ କମିଶନର ସାହେବଙ୍କ ହୁକୁମ ମତେ ଉଙ୍ଗାରପୁର ଜଗଡ଼ର ସାମନ୍ତମାନଙ୍କ ଷ୍ଟେଟରେ ସନ ୧୮୮୧ ମସିହାର ✱ ରେଗୁଲେଶନ୍ ଧା ୨୨ ରୁ ଯାହା କି ସନ ୧୮୭୪ ମସିହା ଅ ୧୬ ଦ୍ୱାରା ସଂଶୋଧିତ ହୋଇଅଛି ତଦନୁସାରେ ଆମ୍ଭେ କମନ ମେନେଜର ନିଯୁକ୍ତ ହୋଇ ଷ୍ଟେଟର ମେନେଜମେଣ୍ଟ ଭାର ଗ୍ରହଣ କରିଅଛୁଁ । ତତ୍‌ଥିରସାମନ୍ତମାନଙ୍କର ଋଣ ସମ୍ପତ୍ତି ଅଧିକାରସାରେ ରହିତ ହୋଇଥିବା ସ୍ଥଳେ ଆମ୍ଭର ଅନୁମତି ଭିନ୍ନ ସେମାନଙ୍କୁ କେହି କିଛି ଋଣ ଦେଲେ ଉକ୍ତ ପ୍ରକାର ଦେଣା ସକାଶେ ଷ୍ଟେଟ ଆଇନାନୁସାରେ ଦାୟୀ ହୋଇ ପାରିବ ନାହିଁ ।

H. N. ROY.
*Common manager.*

## ADVERTISEMENT.

Wanted a Surveyer, salary Rs. 20 per mensem for the Dhenkanal State. None need apply who is not a passed Surveyer and has no experience.

Preference will be given to the candidate who has experience in bandh making and preparing estimates.

Angul
Dy. Commr's office
18—6—1902

E. McLeod SMITH.
*Dy. Commissioner.*

Digitized by srujanika@gmail.com

# ଉତ୍କଳଦୀପିକା।

ଭୂଅରଯୁଦ୍ଧର ଶାନ୍ତିହେବାରୁ ଇଂରେଜ ସେନାପତି ଲର୍ଡକିଚନର ସେ ସ୍ଥାନରୁ ଇଂଲଣ୍ଡକୁ ଯାତ୍ରା କରିଅଛନ୍ତି। ସେ ଏଥିପୂର୍ବରୁ ଭାରତର ସେନାପତି ନିଯୁକ୍ତ ହୋଇଅଛନ୍ତି। କେହିକେହି କହନ୍ତି ସେ ସତ୍ୱର ଏ ଦେଶକୁ ଆସିବେ ଏବଂ କେହିକେହି କହନ୍ତି ସେ ଜନ୍ମଭୂମି ଅବସର ଭୋଗ କରିସାରି ଆସିବେ।

---

ଗତ ସପ୍ତାହ ପର ଏ ସପ୍ତାହରେ ଓଡ଼ିଶାର ସର୍ବତ୍ର ବୃଷ୍ଟି ହେଉଅଛି। ମାତ୍ର ସକଳ ସ୍ଥାନରେ ଏହିଁର ପରିମାଣ ସମାନ ନୁହେ ଏବଂ ବର୍ଷା ପଡ଼ିଲେ ୨।୩ ଦିନ ଶୀଘ୍ରରେ ଜଳ ଶୁଖି ଯାଉଅଛି। ଏପର୍ଯ୍ୟନ୍ତ ନଈ ଜମା ନଦୀବଢ଼ି ସଙ୍ଗେ ଦେଖା ନାହିଁ ସୁତରାଂ କୂଅ ବା ପୋଖରୀରେ ଜଳ ହୋଇ ନାହିଁ। କେବଳ ଶୁଖି ଯାଉଥିବା ଧାନଗଛକୁ ବଞ୍ଚାଇ ରଖିଅଛି। ଯାହାହେଉ ଗତ କାଲିଠାରୁ ବର୍ଷାର ଅନୁକୂଳ ଲକ୍ଷଣ ଦେଖାଯାଉଅଛି। ଗତବର୍ଷ ଅଗଷ୍ଟମାସ ପର୍ଯ୍ୟନ୍ତ ନଈ ଓ ନଦୀବଢ଼ି ପଡ଼ିଯାଇଥିଲା ଏଥର ସେପରି ନ ହେଲେ ରକ୍ଷା।

---

ପଞ୍ଜାବ ପଦଚ୍ୟୁତ ମହାରାଜା ମାଧୋସିଂହ ମାସିକ ଟ ୧୨୦୦୦ ଙ୍କା ଖୋରାକି ପାଇ ସେ ଦେରାଦୁନ କାଳର ଥିବେ ମାନ୍ଦ୍ରାଜରେ ରହିବାର ଆଦେଶ ହୋଇଅଛି। ପଞ୍ଜାବ ନୂତନ ରାଜା ଯାଦବେନ୍ଦ୍ର ସିଂହଙ୍କର ବୟସ ବ ୯ ବର୍ଷ। ସୁତରାଂ ତାହାଙ୍କ ନାବାଳଗି ସିବାପର୍ଯ୍ୟନ୍ତ ରାଜ୍ୟର ସମସ୍ତ କାର୍ଯ୍ୟଭାର ଯେଠାର ଦେବାନଙ୍କର ଅଧୀନରେ ଏକ ଶାସନ ସମିତିଦ୍ୱାରା ନିର୍ବାହ ହେବ ଏବଂ ଗବର୍ଣ୍ଣର ଜେନେରାଲଙ୍କର ପୋଲିଟିକାଲ ଏଜେଣ୍ଟଙ୍କ ଉପରେ ସାଧାରଣ ତତ୍ତ୍ୱାବଧାନର ଭାର ରହିବ। ତାହାଙ୍କର ସ୍ଥାନରେ ନିୟତ ପଦରେ କେହି ନିଯୁକ୍ତ ହେବାର ଜଣାଯାଇ ନାହିଁ। ସେ ସ୍ଥାନରେ କେହି ଯୋଗ୍ୟ ବ୍ୟକ୍ତି ନିଯୁକ୍ତ ହେବା ନିଶ୍ଚୟ ଅଟେ।

---

କୁମାରୀ ପି, ଘୋଷ ଛାତ୍ରବନ୍ଧୀଙ୍କ ଲକ୍ଷ୍ମୀନାରାୟଣ ଦେବ ଅଭିଯୋଗ କରିବା ଭାରତୀୟ ଦଣ୍ଡବିଧି ଆଇନର ଧା ୩୫୪ ର ଅଭିଯୋଗରେ ଜଣେ ଜମିଦାର ମଦନମୋହନ ଖୈଁଥୁରୀ ନାମରେ ମାଲ ଦାଏର କଲା. ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ଜେ, ଏଚ, ଘୋଷଙ୍କ ନିକଟରେ ମୋକଦ୍ଦମା ଚାଲୁଥିଲା ଏବଂ ସେ ସେନ ଭାରି ଚହଳ ପଡ଼ିଯାଇଥିଲା। ମାଜିଷ୍ଟ୍ରେଟଙ୍କ ବିଚାରରେ ଆସାମୀ ଦୋଷୀ ସାବ୍ୟସ୍ତ ହେବାରୁ ତାହା ପ୍ରତି ସେହିଠାରେ କୋର୍ଟ ଭାଙ୍ଗିବା ପର୍ଯ୍ୟନ୍ତ କଏଦ ଏବଂ ଟ ୧୦୦୦ ଙ୍କା ଜରିମାନା ଦଣ୍ଡ ହୋଇଅଛି ଏବଂ ଜରିମାନା ମଧ୍ୟରୁ ଫରିୟାଦୀଙ୍କୁ ଟ ୫୦୦ ଙ୍କା ଖତି ପୂରଣ ଦିଆଯିବାର ଆଦେଶ ହୋଇଅଛି। ଅପରାଧ ପ୍ରମାଣିତ ହେଲେହେଁ ଆସାମିର ବୟସ ଅବସ୍ଥା ଏବଂ ପ୍ରଥମ ଅପରାଧ ବିବେଚନାରେ ଉପଲକ୍ଷିତ ଦଣ୍ଡ ବିଧାନ ଅଯଥାର ବୋଲିଯାଇ ନ ପାରେ। ଏଥିରେ ଯେବେ ଆସାମିର ଚରିତ୍ର ସଂଶୋଧିତ ନ ହେବ ତେବେ ସେ ଅଧିକ ଦଣ୍ଡର ପାତ୍ର ହେବ ନାହିଁ।

---

ଶ୍ରୀଯୁକ୍ତ ଆନନ୍ଦମୋହନ ବୋଷ ସେ ବ ଛାଡ଼ା ବଙ୍ଗର ମ୍ୟୁନିସିପାଲିଟି ସମୂହର ପ୍ରତିନିଧିସ୍ୱରୂପ ବଙ୍ଗୀୟ ବ୍ୟବସ୍ଥାପକ ସଭାର ଜଣେ ସଦସ୍ୟ ପଦ ପ୍ରାପ୍ତ ହୋଇଅଛନ୍ତି ତାହାଙ୍କର କାର୍ଯ୍ୟକାଲ ଆସନ୍ତା ସେପ୍ଟେମ୍ବର ମାସ ତା ୨୧ ରିଖରେ ଶେଷ ହେବ ଏବଂ ସେହି ପଦ ନିମନ୍ତେ ଜଣେ ଯୋଗ୍ୟ ବ୍ୟକ୍ତି ମନୋନୀତ କରିବା କାରଣ ଏଥର ପୂର୍ବବଙ୍ଗର ମିଉନିସିପାଲିଟି ସମୂହର ପାଳି ପଡ଼ିବ। ଉକ୍ତ ବଙ୍ଗର ଯେ ସମସ୍ତ ମିଉନିସିପାଲିଟିର ଅଧ୍ୟ ବାର୍ଷିକ ଟ ୫୦୦୦ ଙ୍କାରୁ ଊଣା ନୁହେ କେବଳ ସେହିମାନେ ସଦସ୍ୟ ନିର୍ବାଚନ ବିଷୟରେ ମତ ଦେଇ ପାରିବେ ଏବଂ ଯାହାଙ୍କ ସପକ୍ଷରେ ଅଧିକାଂଶ ମତ ହେବ ମାଜିଷ୍ଟ୍ରେଟ ତାହାଙ୍କର ନାମ ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କ ସମୀପରେ ଜଣାଇବେ। କେଉଁ ସମୟ ମଧ୍ୟରେ କେଉଁ ପ୍ରଣାଳୀରେ ନିର୍ବାଚନ ହେବ ତହିଁର ବିସ୍ତାରିତ ବିବରଣ ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କର ଗତ ଜୁନ ମାସ ତା ୨୩ ରିଖ ଲିଖିତ ବିଜ୍ଞାପନରେ ବର୍ଣ୍ଣିତ ହୋଇଅଛି।

---

ଭାରତ ସମ୍ରାଟ ଏଡ୍‌ଓୟାର୍ଡ଼ ସପ୍ତମଙ୍କର ପୀଡ଼ା ଶୀଘ୍ର ଆରୋଗ୍ୟ ହେବା କାମନାରେ ଗତ ରବିବାର ଏ ନଗରର ଶ୍ରୀ ଗୋପାଳଜୀଉ ଏବଂ ଶ୍ରୀ ମଦନମୋହନଜୀଉ ଠାକୁରମାନଙ୍କର ପୂଜା ଏବଂ ଶ୍ରୀ ଗୋପ ଜଙ୍ଗିଜୀଉ ଏଠାରେ ଦରିଦ୍ର ସେବା ହୋଇଥିଲା। ପ୍ରାୟ ୧୨୦୦ ଶ୍ରୀ କଙ୍ଗାଳ ଅନ୍ନ, ଡାଲି, ବ୍ୟଞ୍ଜନ, ଖିରି ଉପରେ ଗୋଟିଏ ଗୋଟିଏ ପଇସା ଓ ଆମ୍ବ ପ୍ରସାଦ ଭୋଜନରେ ତୃପ୍ତ ହୋଇ ବିଦାୟ ହୋଇଗଲେ। ଭୋଜନ ଅପରାହ୍ଣ ସ ୪ ଘଣ୍ଟା ବେଳେ ଆରମ୍ଭ ହୋଇ ସ ୬ ଘଣ୍ଟା ବେଳେ ଶେଷ ହେଲା। ଅଧ୍ୟ ପ୍ରାନ୍ତ ପୁଲିସ ଉପସ୍ଥିତ ଥାଇ କଙ୍ଗାଳମାନଙ୍କୁ ଗଣିବା ଓ ବସାଇବାର ସୁବନ୍ଦୋବସ୍ତ କରିଥିଲେ। ସୁତରାଂ କୌଣସିପ୍ରକାର ଗଣ୍ଡଗୋଳ ଘଟି ନାହିଁ।

ଏହି ଦିନ ସନ୍ଧ୍ୟା ସ ୮ ଘଣ୍ଟା ସମୟରେ ଏ ନଗରର ଭାଗବତ ସଦସ୍ୟଗଣ ସମାଜର ସଭ୍ୟମାନେ ଭଦ୍ରମଣ୍ଡଳ ମଣ୍ଡପରେ ଏକତ୍ରିତ ହୋଇ ସମ୍ରାଟଙ୍କର ଆରୋଗ୍ୟ ନିମନ୍ତେ ଉପାସନା କରିଥିଲେ।

---

ବର୍ତ୍ତମାନ ସମର ଦକ୍ଷିଣ ଆଫ୍ରିକାର ସନ୍ଧି ହେବା ସ୍ଥାପନର ଅବ୍ୟବହିତ ପୂର୍ବେ ପାର୍ଲିଆମେଣ୍ଟ ସଭାରେ ପ୍ରକାଶ କରିଥିଲେ ଯେ ବୁଅର ସୈନ୍ୟ ୬୦୦୦ରୁ ଅଧିକ ହେବ ନାହିଁ। ଏଥିରୁ ସନ୍ଧି ଉତ୍ତାରୁ ଗତ ତା ୧୯ ରିଖ ପର୍ଯ୍ୟନ୍ତ ୧୮,୪୦୦ ବୁଅର ସୈନ୍ୟ ଅସ୍ତ୍ର ସମର୍ପଣ କରିଥିଲେ। ସମ୍ପ୍ରତି ସମସ୍ତେ ଅସ୍ତ୍ର ସମର୍ପଣ କରିଅଛନ୍ତି। ଏଥିରୁ ଜଣାଯାଉଅଛି ଯେ ବୁଅର ବଳ କଳନା କରିବା ବିଷୟରେ ଇଂରାଜ ସୈନିକ କର୍ମଚାରୀମାନେ ସକ୍ଷମ ହୋଇ ନ ଥିଲେ ଏବଂ ସେହି ହେତୁରୁ କେତେକ ପରାଜୟ ପାଇଥିଲେ। ଯାହା ହେଉ ବୁଅରମାନେ ବୀରର ନିଯମ ପାଳନ କାଲେ ଯଥୋଚିତ ବୀରତା ଦେଖାଇଅଛନ୍ତି ଏବଂ ସେମାନଙ୍କର ସୈନ୍ୟାଧ୍ୟକ୍ଷମାନେ ସେ ବିଷୟରେ ସେମାନଙ୍କ ପ୍ରତି ସମ୍ମାନ ଦେଉଅଛନ୍ତି। ଯୁଦ୍ଧବେଳେ ସେମାନେ ଯେମନ୍ତ ଶତ୍ରୁ ଥିଲେ ଏବେବେଳେ ମଧ୍ୟ ସେହିପରି ଅନୁରକ୍ତ ହୋଇ ବ୍ରିଟିଶ ରାଜ୍ୟର ପ୍ରଜା ହେଉଅଛନ୍ତି। ସେମାନଙ୍କର ଏପ୍ରକାର ନିଷ୍ଠା ଅତୀବ ପ୍ରଶଂସନୀୟ ଏବଂ ଏଥିପାଇଁ ସେମାନେ ଇଂରାଜ ଜାତିର ପ୍ରୀତିପାତ୍ର ହେବେ ସନ୍ଦେହ ନାହିଁ।

---

କଟକଠାରେ ଅଭିଷେକ ଉପଲକ୍ଷରେ ଯେଉଁ ଶିଳ୍ପପ୍ରଦର୍ଶନୀ ହେବ ତାହାର ଉତ୍ସାହ ସାହେବ ତହିଁର ଅଧ୍ୟକ୍ଷ ହୋଇଥିବାର ପାଠକମାନଙ୍କୁ ଜଣାଅଛି। ଏହି ପ୍ରଦର୍ଶନୀ ସମ୍ବନ୍ଧରେ ଏକଦିନ କଲେକ୍ଟରଙ୍କ ସହିତ କଥାବାର୍ତ୍ତା କଲେ ସେ କହିଲେ ଯେ ଯାହା କରିବାକୁ ହୋଇ ପାରିବ ଏମନ୍ତ ଦ୍ରବ୍ୟ ପ୍ରଦର୍ଶନୀକୁ ଆଣିବାକୁ ହେବ। ତହିଁରେ ବଡ଼ଲାଟ ମହାମାନ୍ୟ ଲର୍ଡ କର୍ଜନ ବାହାଦୁର ଉତ୍ତର ଦେଲେ ଯେ ପ୍ରଦର୍ଶନୀଦ୍ୱାରା ଯାହା କରିବା ନିମନ୍ତେ ଆମ୍ଭେ ଏତେ ଆୟୋଜନ କରୁଅଛୁ ଏବଂ ଲାଭ କରିବା ଆମ୍ଭର ଇଚ୍ଛା ନୁହେ। ଏଣୁ ଦରବାରକୁ ଅନେକ ରଜା ମହାରାଜା ଓ ବଡ଼ ବଡ଼ ଲୋକମାନେ ଆସିବେ। ଭାରତରେ କେତେ ମନୋହର ଦ୍ରବ୍ୟ ଉତ୍ପନ୍ନ ହୁଅଇ। ସେ ସବୁ ସେମାନଙ୍କୁ ଦେଖାଇବା ଆମ୍ଭର ଅଭିପ୍ରାୟ ଅଟେ ସେ ସମସ୍ତ ଦେଖି ସେମାନେ ବୁଝି ପାରିବେ ଯେ ଭାରତବର୍ଷରେ ଏତେ ସୁନ୍ଦର ଦ୍ରବ୍ୟମାନ ଉତ୍ପନ୍ନ ହେଉଥିବା ସ୍ଥଳେ ସେମାନେ ମୂର୍ଖ ପରି ବିଦେଶୀୟ ଦ୍ରବ୍ୟ କିଣି ଜାତିର ଅର୍ଥହାନି କରି ସ୍ୱଦେଶୀୟ ଶିଳ୍ପଦ୍ରବ୍ୟର ଲୋପ ସାଧନ କରୁଅଛନ୍ତି। ଅମ୍ଭେମାନେ ଏକାନ୍ତ ଆଶା କରୁଁ ବଡ଼ଲାଟ

ମହୋଦୟଙ୍କର ଏହି ଅମୂଲ୍ୟ ଉପଦେଶପୂର୍ଣ୍ଣ କଥା ଶୁଣି ଏ ଦେଶୀୟ ବଡ଼ ଲୋକଙ୍କର ଚୈତନ୍ୟ ଉଦୟ ହେବ ।

---

ଗତବର୍ଷ ଜଳର ଅଭାବ ହେତୁ ସ୍ୱବର୍ଣ୍ଣ ଜିଲ୍ଲାରେ ଫସଲ ଉତ୍ତମରୂପେ ହୋଇ ପାରି ନ ଥିବାରୁ ସେଠାରେ ଦୁର୍ଭିକ୍ଷର ଅଶଙ୍କା ଉପସ୍ଥିତ ହୋଇଥିଲା । ଶ୍ରୀଯୁକ୍ତ କଲେକ୍ଟର ସାହେବ ଉଚିତ ସମୟରେ ସେମାନଙ୍କୁ ତକାବି ଦାଦନଦ୍ୱାରା ସାହାଯ୍ୟ କରିବା ନିମନ୍ତେ ଯତ୍ନଶୀଳ ହୋଇଥିଲେ । ମାତ୍ର ପ୍ରଜାବତ୍ସଳ ରାଜା ତାଙ୍କର ପ୍ରଜାମାନଙ୍କ ଅବସ୍ଥା ଅବଗତ ହୋଇ ସ୍ୱୀୟ କୋଷରୁ ଦାଦନ ଦେବାକୁ ପ୍ରସ୍ତୁତ ହେଲେ ଓ ଉକ୍ତ ଦାଦନ କଲେକ୍ଟର ସାହେବଙ୍କଦ୍ୱାରା ପ୍ରଦାନ କରୁଅଛନ୍ତି । ଆମ୍ଭେମାନେ ଶୁଣିଲୁଁ ଯେ କଲେକ୍ଟର ମହଲୁମାର ସଦର ହାକିମୋଲ ବାବୁ ଜଗତ୍‌ବନ୍ଧୁ ବୋଷ ସରଜମିନରେ ଉପସ୍ଥିତ ଥାଇ ପ୍ରାୟ ଛ ସହସ୍ର ଟଙ୍କା ଦୁଃଖୀ ପ୍ରଜାମାନଙ୍କୁ ତକାବି ଦାଦନ ଦେଇଅଛନ୍ତି । ଯାହାହେଉ ଯଥା ସମୟରେ ରାଜା ପ୍ରଜାମାନଙ୍କୁ ସାହାଯ୍ୟ କରିଅଛନ୍ତି, ସେଥିପାଇଁ ସେ ଧନ୍ୟବାଦାର୍ହ । ଆମ୍ଭେମାନେ ଆଶାକରୁଁ ରାଜା ମହୋଦୟ କେବଳ ଏହି ଦାଦନ ସାହାଯ୍ୟରେ କ୍ଷାନ୍ତ ନ ହୋଇ ଅନ୍ୟ ବିଶେଷ ସାହାଯ୍ୟର ପ୍ରୟୋଜନ ଜାଣି କଲେ ତାହା କରିବାକୁ ଯେପରି କୁଣ୍ଠିତ ନ ହୁଅନ୍ତି । ଯେଉଁ ରାଜା ପ୍ରଜାଙ୍କର ଦୁଃଖ ମୋଚନ କରିବାକୁ ମୁକ୍ତହସ୍ତ ବାସ୍ତବରେ ସେହି ରାଜା ପଦର ଯୋଗ୍ୟ ଅଟନ୍ତି ।

---

ଡାକ୍ତର ଓ୍ୟାଟ ସାହେବ ଶିଳ୍ପ ପ୍ରଦର୍ଶନୀ ନିମନ୍ତେ ଶିଳ୍ପକାର୍ଯ୍ୟ ସଂଗ୍ରହ କରିବା ଉପଲକ୍ଷରେ ଭାରତର ନାନା ସ୍ଥାନରେ ଭ୍ରମଣ କରୁଅଛନ୍ତି । ଅଳ୍ପଦିନ ହେଲା ସେ ରାମପୁରର ନବାବଙ୍କର ଗଡ଼କୁ ଯାଇଥିଲେ । ସେଠାରେ ଶୁଣିଲେ ଯେ ନବାବ ସାହେବଙ୍କର ପ୍ରାସାଦର ଭିତର ପ୍ରସ୍ତୁତ ଆସନମାନଙ୍କରେ ସାଟିନଲୁଗା ଯୋଡିବାର ଭାର ଜଣେ ଜର୍ମାନ ବଣିକର ହସ୍ତରେ ଅର୍ପଣ କରିଅଛନ୍ତି ଏବଂ ସେ ବଣିକ ସ୍ୱଭାବତଃ ସ୍ୱଦେଶୀୟ ଅର୍ଥାତ୍ ଜର୍ମାନ ଦେଶର ସାଟିନ ଲୁଗା ବ୍ୟବହାର କରି ଅନେକ ଟଙ୍କା ନେଇଅଛି । ମାତ୍ର ରାମପୁରର ସନ୍ନିକଟରେ ଅତି ଉତ୍କୃଷ୍ଟ ସାଟିନ ଓ କିନଖାପ ଲୁଗା ପ୍ରସ୍ତୁତ ହୁଅଇ ଏବଂ ସେ ସବୁର ମୂଲ୍ୟ ବିଦେଶୀୟ ଦ୍ରବ୍ୟଠାରୁ ଅଧିକ ନୁହେ ଏବଂ ସ୍ଥାୟୀ ଗୁଣରେ ଶ୍ରେଷ୍ଠ । ନବାବ ମହୋଦୟ ସ୍ୱଦେଶୀୟ ଲୋକଙ୍କ ନିକଟରୁ ସୁଲଭ ମୂଲ୍ୟରେ ଅସଲ ଦ୍ରବ୍ୟ ନ ନେଇ ବିଦେଶୀୟ ନକଲ କିଣିବାର ଦେଖି ଡାକ୍ତର ସାହେବ ଦୁଃଖ ପ୍ରକାଶ କରିଅଛନ୍ତି । ପ୍ରକୃତରେ ଦୁଃଖର ବିଷୟ ଅଟେ । ଆମ୍ଭେମାନେ ପିଲାଙ୍କ ପରି ବିଲାତି ଦ୍ରବ୍ୟର ଅସ୍ଥାୟୀ ରଙ୍ଗ ଢଙ୍ଗରେ ଏତେ ମୋହିତ ହୋଇଅଛୁଁ ଯେ ସ୍ୱଦେଶୀୟ ଦ୍ରବ୍ୟର ଗୁଣ ଆଉ ଚିହ୍ନି ପାରୁ ନାହୁଁ ଏବଂ ସାହେବଙ୍କ ହାତ ନ ଲାଗିଲେ କୌଣସି ଦ୍ରବ୍ୟ ସୁନ୍ଦର ନୁହେ ଏପରି ଗୋଟାଏ ସଂସ୍କାର କ୍ରମେ ସମସ୍ତଙ୍କ ମନରେ ବଦ୍ଧମୂଳ ହେଉଅଛି । ସୁତରାଂ ସ୍ୱଦେଶୀୟ ଦ୍ରବ୍ୟ ଉତ୍ପାଦ ଅଭାବରେ କ୍ରମେ ଲୋପ ପାଉଅଛି । ଈଶ୍ୱରଙ୍କ କୃପାରୁ ଶୀଘ୍ର ଆମ୍ଭମାନଙ୍କର ଚୈତନ୍ୟ ଉଦୟ ହେଉ ।

---

ଅଭିଷେକ କ୍ରିୟା ବନ୍ଦ ହେଲେହେଁ ତଦୁପଲକ୍ଷରେ ଯେଉଁ ଉପାଧି ତାଲିକା ବାହାରିବାର କଥା ଥିଲା ତାହା ବନ୍ଦ ନ ହୋଇ ଇଂଲଣ୍ଡେଶ୍ୱରଙ୍କର ବିଶେଷ ଆଦେଶମତେ ବାହାରିଅଛି । ଅଭିଷେକର ଉତ୍ସବ ସ୍ଥଗିତ ହେବାରୁ ଲୋକଙ୍କର ଅତ୍ୟନ୍ତ ମାନସିକ କଷ୍ଟ ହେବାର ରାଜା ଜାଣିପାରି ତାହା ଯେତେଦୂର ଲାଘବ ହୋଇ ପାରେ ତାହା କରିବା ନିତାନ୍ତ କର୍ତ୍ତବ୍ୟ ବିବେଚନା କରି ଏପରି ଆଦେଶ ଦେଇଅଛନ୍ତି । ନିଜେ ଗୁରୁତର ପୀଡ଼ା ଭୋଗ କରୁଥିବା କାଳରେ ତଦପେକ୍ଷା ପ୍ରଜାଙ୍କ ପାଇଁ ଅଧିକ ବ୍ୟସ୍ତ ହେବା ସାମାନ୍ୟ ପ୍ରଜାବତ୍ସଳତା ନୁହେ ଏବଂ ଏପରି ରାଜାଙ୍କଠାରେ କାହାର ପ୍ରଗାଢ଼ ଶ୍ରଦ୍ଧା ଭକ୍ତି ନ ହେବ ? ବିଲାତରେ ଉପାଧି ତାଲିକା ପ୍ରଚାର ହେବା ସଙ୍ଗେ ଭାରତ ଗବର୍ଣ୍ଣମେଣ୍ଟଙ୍କର ଉପାଧି ତାଲିକା ବାହାରିଅଛି । ଅନ୍ୟାନ୍ୟ ବ୍ୟକ୍ତି ମଧ୍ୟରେ ଆସାମର ଚିଫ୍ କମିଶନର ମହାମାନ୍ୟ କଟନ ସାହେବ କେ, ସି, ଏସ୍, ଆଇ ପଦ ପାଇବା ବଡ଼ ଆନନ୍ଦର ବିଷୟ ଅଟେ । ବଇଭଙ୍ଗାର ମହାରାଜା ସମ୍ମେଶ୍ୱର ସିଂହ କେ, ସି, ଆଇ, ଇ, ପଦ ପାଇବାରୁ ମହାମାନ୍ୟ ଗବର୍ଣ୍ଣର ଜେନେରଲ ବାହାଦୂର ଆନନ୍ଦ ହୋଇ ତାଙ୍କୁ ମଙ୍ଗଳସୂଚକ ପତ୍ର ଲେଖିଅଛନ୍ତି । ଭାରତର ଉପାଧି ତାଲିକା ଅତି ଦୀର୍ଘ ଅଟେ ମାତ୍ର ଭାରତରେ ଅଭିଷେକ ଉତ୍ସବ ଆସନ୍ତା ଜାନୁୟାରି ମାସରେ ହେବାର ଅଛି ବୋଲି ବର୍ତ୍ତମାନ ଶେଷ ତାଲିକା ବାହାରି ଅଛି । ସେ ସମୟରେ ବଡ଼ ତାଲିକା ବାହାରିବ ଅତଏବ ବର୍ତ୍ତମାନ ଯେଉଁମାନଙ୍କର ଆଶା ପୂର୍ଣ୍ଣ ନ ହେଲା ସେମାନେ ସେ ସମୟକୁ ଚାହିଁ ବସନ୍ତୁ ।

---

ଏକ ସମ୍ବାଦପତ୍ରରେ ଲେଖାଅଛି କି ଅଗ୍ରା ଓ ଅଯୋଧ୍ୟା ଯୁକ୍ତ ପ୍ରଦେଶର ଲେଫ୍‌ଟେନାଣ୍ଟ ମହୋଦୟ ଡେପୁଟି ଓ ସବଡେପୁଟି ନିୟୋଗ ସମ୍ବନ୍ଧୀୟ ପ୍ରତିଯୋଗିତା ପରୀକ୍ଷା ଉଠାଇଦେବା ଅଭିପ୍ରାୟରେ ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟକୁ ପତ୍ର ଲେଖିବାର ମନସ୍ଥ କରିଅଛନ୍ତି । କି କାରଣରୁ ଏ କଥା ତାହାଙ୍କ ମନରେ ଉଦୟ ହୋଇଅଛି ଜଣା ଯାଇ ନାହିଁ । ମାତ୍ର ଯେବେ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ଏ ପ୍ରସ୍ତାବ ଗ୍ରହଣ କରିବେ ତେବେ ଅନାୟାସରେ ବୋଲି ଯାଇ ପାରେ ଯେ ପ୍ରତିଯୋଗିତା ପରୀକ୍ଷା ଏହାପରେ ଲୁଚିଯିବ ଏବଂ ସ୍ଥାନୀୟ ଗବର୍ଣ୍ଣମେଣ୍ଟମାନେ ଇଚ୍ଛାମତେ ଡେପୁଟି ପ୍ରଭୃତି ନିଯୁକ୍ତ କରିବେ । ଏଥିର ଫଳ ଅମଙ୍ଗଳ ବିନା ମଙ୍ଗଳ ହେବ ନାହିଁ । ପୂର୍ବେ ଇଚ୍ଛାମତ ନିୟୋଗ ପ୍ରଥା ପ୍ରଚଳିତ ଥିଲା ତହିଁର ଫଳ ଭଲ ନ ହେବାରୁ ପ୍ରତିଯୋଗିତା ପ୍ରଥା ପ୍ରଚଳିତ ହୋଇଅଛି । ପ୍ରତିଯୋଗିତା ପ୍ରଥା ଯେ ସର୍ବାଙ୍ଗ ସୁନ୍ଦର ଏହା କେହି କହିବ ନାହିଁ । ବେଳେ ତହିଁରେ ମଧ୍ୟ ଦୋଷ ଦେଖାଯାଏ । ମାତ୍ର ମୋଟରେ ଦେଖିଲେ ଅବଶ୍ୟ ସ୍ୱୀକାର କରିବାକୁ ହେବ ଯେ ପୂର୍ବ ପ୍ରଥା ଅପେକ୍ଷା ବର୍ତ୍ତମାନର ପ୍ରଥାରେ ଅନେକ ଅଧିକ ଭଲଲୋକ ଡେପୁଟି ପ୍ରଭୃତି ଶ୍ରେଣୀରେ ଭରତି ହୋଇଅଛନ୍ତି ଏବଂ ସେମାନଙ୍କଦ୍ୱାରା ସେ ସବୁପଦର ମର୍ଯ୍ୟାଦା ବଢ଼ିଅଛି । ବ୍ୟକ୍ତି ବିଶେଷର ପସନ୍ଦ ଅନୁସାରେ ନିୟୋଗ ପ୍ରଥା ଅସ୍ଥିର ଏବଂ ତହିଁରେ ଭଲଲୋକ ନିର୍ବାଚିତ ହେଲେ ମଧ୍ୟ ଜନସାଧାରଣଙ୍କର ମନ ମାନେ ନାହିଁ । ମାତ୍ର ପ୍ରତିଯୋଗିତା ପରୀକ୍ଷାରେ ଯେ ନିଯୁକ୍ତ ହୁଅଇ ତାହାର ଯୋଗ୍ୟତା ବିଷୟରେ ଦ୍ୱନ୍ଦ ରହେ ନାହିଁ ଏବଂ ନିରପେକ୍ଷ ବିଚାର ହେବାର ସମସ୍ତେ ହୃଦୟଙ୍ଗମ କରି ପାରନ୍ତି । ବିଶେଷତଃ ପ୍ରତିଯୋଗିତା ପରୀକ୍ଷା ଶିକ୍ଷୋନ୍ନତିର ପ୍ରଧାନ ସହାୟ ଏହି ସେହି କାରଣରୁ ତାହା ଉଠାଇ ଦେବା କୌଣସିମତେ ବାଞ୍ଛନୀୟ ନୁହେ ।

---

## ଅଦ୍ଭୁତ ରେଲ ଦୁର୍ଘଟନା ।

ଗତ ରବିବାର କଲିକତାରୁ ମା ୧୩୮ ଇଲି ଅନ୍ତର ରାମପୁର ହାଟ ଏବଂ ନଲ ହ.ଟୀ ମଧ୍ୟରେ ଗୋଟିଏ ଦାରୁଣ ରେଲ ଦୁର୍ଘଟନା ଘଟିବାର ସମ୍ବାଦ ଆସିଅଛି । ସେ ଦିନ ସକାଳେ ଇଷ୍ଟ ଇଣ୍ଡିଆ ରେଲଓ୍ୱେର ନ ୧୩ ମ୍ବର ମେଲ ଟ୍ରେନ ହାବଡ଼ାଠାରୁ ଉତ୍ତରକୁ ଯାତ୍ରା କରି ନଲହାଟି ଷ୍ଟେସନ ପାର ହୋଇ ରାମପୁର ହାଟକୁ କେତେକ ଦୂର ଥିବା ଏକ ସ୍ଥାନରେ ଦ୍ରୁତ ବେଗରେ ଯାଉଥିବା କାଳରେ ଏମନ୍ତ ଏକ ପ୍ରବଳ ବତାସ ଅକସ୍ମାତ ଆସି ହାବୋଉଠିଲା ଯେ କ୍ଷଣମାତ୍ରେ ଷଢ଼ଟ ଶ୍ରେଣୀର ମଧ୍ୟଭାଗରେ ଥିବ ଖ ୧୪ ଗ୍ର ଗ.ଡ ଇଞ୍ଜିନ ଠେଲି ରେଲ ବାଟର କିଛି ଅନ୍ତରରେ ଲେଉଟାଇ ପକାଇ ଦେଲା । ତହିଁ ମଧ୍ୟରେ ଖ ୪ ଗ୍ର ମାଲ ଏବଂ ୧୦ ଗ୍ର ଯାତ୍ରୀଗାଡ଼ି ଥିଲା । କେବଳ ଆଗର

ଚଲ ଗାଡ଼ି ଏବଂ ପଛର ପଦସ୍ଥ ଗାଡ଼ି ସହିତ ଟେଲିଗ୍ରାଫ ଗାଡ଼ି ଖେଳ ଉପରେ ଚଢ଼ିଗଲା । ଉକ୍ତ ଖ ୧୪ ଖଣ୍ଡ ଗାଡ଼ିକୁ ବଳାସ ଏମନ୍ତ ବଳରେ ଧକ୍କା ଦେଲା ଯେ ସେ ସମସ୍ତ ଖଣ୍ଡ ଖଣ୍ଡ ହୋଇଗଲା । ତହିଁରେ ଥିବା ଯାତ୍ରୀମାନଙ୍କର ଯେ ଦୁର୍ଦ୍ଦଶା ହୋଇଅଛି ପାଠକମାନେ ଅନାୟାସରେ ହୃଦୟଙ୍ଗମ କରିବେ । ସେମାନଙ୍କର ବିପଦ ବର୍ଣ୍ଣନାର ଅତୀତ ଅଟେ । ରେଲଓ୍ୱେ କର୍ତ୍ତାଙ୍କର କହିବା ଅନୁସାରେ ନ ୧୪ ଣ ହତ ଏବଂ ନ ୧୩।୧୪ ଣ ଆହତ ହେବାର ପ୍ରକାଶ ହୋଇଅଛି । ମାତ୍ର ଭିନ୍ନ୍ୟ ସୂତ୍ରରେ ଷ୍ଟେଟସମ୍ୟାନ ସମ୍ପାଦକ ଅବଗତ ହୋଇଅଛନ୍ତି ଯେ ହତ ଏବଂ ଆହତ ବ୍ୟକ୍ତିଙ୍କ ସଂଖ୍ୟା ଯଥାକ୍ରମେ ୩୦ ଓ ୬୦।୭୦ ରୁ ଊଣା ନୁହେ । ସରକାରୀ ତଦନ୍ତ ଉପରୁ ଠିକ୍ ସଂଖ୍ୟା ଜଣା ଯିବ । ଦୁର୍ଘଟଣାର ଅଳ୍ପକ୍ଷଣ ପରେ ସମ୍ବଲପୁର ବାଟରୁ ଭୂଲି ସହିତ ରେଲଗାଡ଼ି ଆସି ଯଥାସମ୍ଭବ ସାହାଯ୍ୟ କାର୍ଯ୍ୟରେ ନିଯୁକ୍ତ ହେଲେ ଏବଂ ଡାକ୍ତରମାନେ ଆସି ଆହତ ବ୍ୟକ୍ତିଙ୍କର ଚିକିତ୍ସାରେ ନିଯୁକ୍ତ ହେଲେ । ରେଲବାଟର କିଛି କ୍ଷତି ନ ହେବାରୁ ଅନ୍ୟ ରେଲଗାଡ଼ି ସବୁର ଯାତାୟାତର ବାଧା ହୋଇ ନାହିଁ । ତୋଫାନର ଭୟ ସମୁଦ୍ରରେ, କେଣୁ ଜାହାଜରେ ଯିବାକୁ ଲୋକେ ଡରନ୍ତି ମାତ୍ର ସ୍ଥଳପଥରେ ରେଲଗାଡ଼ିରେ ତୋଫାନହାରୁ ଏମନ୍ତ ଭୟଙ୍କର ବିପଦ ଘଟିବ ବୋଲି କାହାର ଧାରଣା ନ ଥିଲା । ଅଦୃଷ୍ଟ ହେଲେ ଅସମ୍ଭବ ସମ୍ଭବ ହୋଇଯାଏ । ସମସ୍ତ ଈଶ୍ୱରଙ୍କର ମହିମା । ମନୁଷ୍ୟ ଏଥିର ତାହା କି କଳନା କରିବ?

---

## ପାଠ୍ୟପୁସ୍ତକର ତାଲିକା ।

ବଙ୍ଗପ୍ରଦେଶର ସ୍କୁଲ ସମୂହର ସନ ୧୯୦୪ ଓ ତହିଁର ପର ବର୍ଷମାନଙ୍କର ପରୀକ୍ଷା ନିମନ୍ତେ ଯେ ସମସ୍ତ ପାଠ୍ୟପୁସ୍ତକ ଅବଧାରିତ ହୋଇଅଛି ତହିଁର ସଂକ୍ଷିପ୍ତ ତାଲିକା ଗବର୍ଣ୍ଣମେଣ୍ଟଙ୍କ ମନ୍ତବ୍ୟ ସହିତ ଗତ ତା ୧୧ ରିଖର କଲିକତା ଗେଜେଟରେ ବାହାରିଅଛି । ତହିଁମଧ୍ୟରୁ ଓଡ଼ିଆ ପୁସ୍ତକମାନଙ୍କର ନାମ ନିମ୍ନେ ପ୍ରକାଶ କଲୁଁ ଯଥା:—

୧—ଅକ୍ଷର ପରିଚୟ ପୁସ୍ତକ
ମଧୁସୂଦନ ରାଓଙ୍କର ବର୍ଣ୍ଣବୋଧ

୨—ସାହିତ୍ୟ ପୁସ୍ତକ
(କ) ଅପରପ୍ରାଇମେରୀ ଶ୍ରେଣୀ
ଶମତି ଅବନ୍ତିଦେବଙ୍କର ସାହିତ୍ୟମଞ୍ଜରୀ
(ଖ) ମଧ୍ୟଭାଷା ଶ୍ରେଣୀ
ମଧୁସୂଦନ ରାଓଙ୍କର ସାହିତ୍ୟ ତରଙ୍ଗ

୩—ଅପରପ୍ରାଇମେରୀ ଭୂଗୋଳ ପାଠ
ନାସ୍ତି

୪—ଅଙ୍କ
(କ) ଲୋୟରପ୍ରାଇମେରୀ ଶ୍ରେଣୀ
ମଧୁସୂଦନ ରାଓ ଓ ମଧୁସୂଦନ ଦାସଙ୍କର ଅଙ୍କ ପୁସ୍ତକ
ଶେଖ ମନଗୁଣୀଙ୍କର ପ୍ରାଥମିକ ଅଙ୍କଶିକ୍ଷା
(ଖ) ଅପରପ୍ରାଇମେରୀ ଓ ମଧ୍ୟଭାଷା ଶ୍ରେଣୀ
ମଧୁସୂଦନ ରାଓ ଓ ମଧୁସୂଦନ ଦାସଙ୍କର ଅଙ୍କଶିକ୍ଷା, ୨ୟ ଭାଗ
ଉମେଶଚନ୍ଦ୍ର ବସୁଙ୍କର ଉତ୍କଳ ପାଟିଗଣିତ ୨ୟ ଭାଗ
(ଗ) ଜ୍ୟାମିତି
ସୀତାନାଥ ରାୟଙ୍କର ଜ୍ୟାମିତି ୧ମ ଅଧ୍ୟାୟ
(ଘ) ଭୂମି ପରିମାଣ
ଉମେଶଚନ୍ଦ୍ର ବସୁଙ୍କର ଭୂପରିମାଣ

ଉପରେ ଲିଖିତ ତାଲିକାରେ ଭୂଗୋଳ, ଇତିହାସ ଓ ବିଜ୍ଞାନ ଶିକ୍ଷାର କୌଣସି ପୁସ୍ତକ ସ୍ଥାନ ପାଇ ନାହିଁ । ସେହି ଗେଜେଟରେ ପ୍ରକାଶିତ ଶିକ୍ଷା ବିଭାଗର ଡାଇରେକ୍ଟରଙ୍କର ଏକ ବିଜ୍ଞାପନରୁ ଜଣା ଯାଏ ଯେ ସେ ସମସ୍ତ ଏବଂ ଶିକ୍ଷକମାନଙ୍କର ବ୍ୟବହାରଯୋଗ୍ୟ କେତେକ ପୁସ୍ତକମାନଙ୍କର ଇଂରାଜୀ ସଂସ୍କରଣ ମଞ୍ଜୁର ହୋଇଅଛି ଏବଂ ସେ ସମସ୍ତ ରଚକ ଓ ପ୍ରକାଶକମାନଙ୍କୁ ସେ ସମସ୍ତର ଦେଶୀୟ ଭାଷା ସଂସ୍କରଣ ଆସନ୍ତା ଅଗଷ୍ଟ ମାସ ତା ୧ ରିଖ ମଧ୍ୟରେ ପଠାଇବା ନିମନ୍ତେ ଜଣାଇ ଦିଆ ଯାଇଅଛି । ଭାଷା ସଂସ୍କରଣମାନ କମିଟିର ବିଚାରରେ ପସନ୍ଦ ହେଲେ ଏ ପରେ ତାଲିକାଭୁକ୍ତ ହେବ । ଅଧିକାଂଶ ପୁସ୍ତକ ପ୍ରକାଶକ ଇଂରେଜ ଅଟନ୍ତି । ସୁତରାଂ ସ୍ୱଦେଶୀୟ ଭାଷା ପୁସ୍ତକ ପ୍ରକାଶ ଦ୍ୱାରା ଦେଶୀୟ ଲୋକମାନେ ଯହିଁରୁ ଯାହା ଲାଭ କରୁଥିଲେ ତହିଁର ଶେଷାଂଶ ଶୁଦ୍ଧା ଇଂରେଜ ପୁସ୍ତକ ପ୍ରକାଶକମାନେ ପାଇବାର ବାଟ ପ୍ରସ୍ତୁତ ହେଲା !

---

## ସମ୍ରାଟଙ୍କର କୁଶଳ ।

ଭାରତ ସମ୍ରାଟଙ୍କର କଠିନ ପୀଡ଼ାର ସମ୍ବାଦ ପ୍ରଚାରରେ ବ୍ରିଟିଶଜାତିର ଧାତାଙ୍କର ବିଶାଳ ସାମ୍ରାଜ୍ୟ ଏବଂ ସମସ୍ତ ପୃଥିବୀର ଲୋକମାନେ ଗତ ସପ୍ତାହରେ ଯେମନ୍ତ ବ୍ୟାକୁଳ ହୋଇଥିଲେ ତାହା ଏ ସପ୍ତାହରେ ତାହାଙ୍କର ପୀଡ଼ା କ୍ରମାଗତ ଉପଶମ ହେବାର ସମ୍ବାଦ ଶୁଣି ଉତ୍ତରୋତ୍ତର ଶାନ୍ତ ହୋଇଅଛନ୍ତି । ଇଂଲଣ୍ଡପ୍ରଭୃତି ସାମ୍ରାଜ୍ୟର ଭାରତର ନାନା ପ୍ରଦେଶର ନାନା ଜାତିର ଓ ନାନା ସମ୍ପ୍ରଦାୟର ଲୋକମାନେ ଆପଣା ଧର୍ମପ୍ରଣାଳୀ ଅନୁସାରେ ଅନ୍ତରର ଭକ୍ତିସହିତ ସମ୍ରାଟଙ୍କର ଆରୋଗ୍ୟ ନିମନ୍ତେ ପରମ ମଙ୍ଗଳମୟ ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଥିଲେ ଏବଂ ଚତୁର୍ଦ୍ଦିଗରୁ ସହସ୍ର ସହାନୁଭୂତି ସୂଚକ ପତ୍ରମାନ ତାରଯୋଗେ ସମ୍ରାଟଙ୍କ ନିକଟକୁ ପ୍ରେରିତ ହୋଇଥିଲା । କରୁଣାସାଗର ପ୍ରଭୁ ଲୋକଙ୍କର କାତର ପ୍ରାର୍ଥନା ଶ୍ରବଣ କରିଅଛନ୍ତି ଏହା ଆନନ୍ଦର ବିଷୟ ଅଟେ । ସମ୍ରାଟଙ୍କର ଚିକିତ୍ସାରେ ନିଯୁକ୍ତ ଥିବା ବିଲାତର ସର୍ବପ୍ରଧାନ ଡାକ୍ତରମାନେ ଯେତେବେଳେ ବଲେଟିନ୍ ରୋଗ ବଢ଼ିବାର ମନେ କରୁଥିଲେ ତହିଁରୁ ଅନେକ ଶୀଘ୍ର ଭଲ ହେବାର ଲକ୍ଷଣମାନ ଦେଖି ଆନନ୍ଦିତ ହୋଇଅଛନ୍ତି । ବର୍ତ୍ତମାନ ସେ କଥାବାର୍ତ୍ତା କହିବାକୁ ଓ ପଢ଼ିବାକୁ ସମର୍ଥ ହୋଇ ଅଛନ୍ତି ଏବଂ ମହାରାଣୀ, ଯୁବରାଜ ପ୍ରଭୃତିଙ୍କୁ ପାଖକୁ ଡାକି ଦେଖୁଅଛନ୍ତି । ଆହାର ଓ ନିଦ୍ରାର ବ୍ୟାଘାତ ନାହିଁ ଏବଂ କ୍ରମଶଃ ଦେଖାଯାଉଅଛନ୍ତି । ଅଭିଷେକ ଘୁଞ୍ଚିଯିବା ହେତୁ ଲୋକେ ହତାଶ ହେବାର ଏକମାତ୍ର ଚିନ୍ତା ତାହାଙ୍କୁ ବଡ଼ ଚିନ୍ତିତ କରୁଥିବାର ଜଣାଯାଏ । କାରଣ କଥା କହିବାର ଶକ୍ତି ହେଲାରୁ ପ୍ରଥମେ ତାହାଙ୍କ ଶ୍ରୀମୁଖରୁ ଏହି କଥା ବାହାରିଥିଲା ଯେ "ମୋହର ପ୍ରଜାମାନେ ମୋତେ କ୍ଷମା କରିବେ କି ?" ପ୍ରଜାଙ୍କ ପ୍ରତି ଯାହାଙ୍କର ଏତେ ଦୟା ଓ ସହାନୁଭୂତି ସେ ପ୍ରଜାଙ୍କର ପ୍ରାର୍ଥନା ଓ ସ୍ତବ କିଏ କାନରେ ନ ଶୁଣିବ ? ବର୍ତ୍ତମାନ ତାହାଙ୍କର ଶାରୀରିକ ଅବସ୍ଥାର ଉନ୍ନତି ଦେଖି ଏଥିମଧ୍ୟରେ ଶୀଘ୍ର ଅଭିଷେକ ହେବାର କଥା ଉଠିଅଛି ଏବଂ ସ୍ୱଦେଶୀୟ ଆମନ୍ତ୍ରିତ ବ୍ୟକ୍ତିଙ୍କର ବିଦାୟ ସ୍ଥଗିତ ହୋଇଅଛି । ଗତ ମଙ୍ଗଳବାର ଦର୍ଶିତରେ ଲର୍ଡ ଅଲେନ ସେକ୍ରେଟାରୀ ସମ୍ରାଟଙ୍କର ଆନନ୍ଦଜନକ କୁଶଳବାର୍ତ୍ତା ଘୋଷିତ ହୋଇଥିଲା । ଆସନ୍ତା ମଙ୍ଗଳବାର ଯୁବରାଜ ମନ୍ତ୍ରୀବର୍ଗଙ୍କୁ ଭୋଜ ଦେବେ ଏବଂ ଅଦ୍ୟ ଟିମଲାପାରେ ମହାମାନ୍ୟ ଗବର୍ଣ୍ଣର ଜେନରଲ ଭୋଜ ଦେବାର ସ୍ଥିର ହୋଇଅଛି । ସମ୍ରାଟଙ୍କର ଆରୋଗ୍ୟ ନିଃସନ୍ଦେହ ହେବାରୁ ଏହା ଏ ସମସ୍ତ ହେଉଅଛି ! ଆମ୍ଭେମାନେ ଏହି ଆନନ୍ଦର ସ୍ରୋତ ପ୍ରବାହିତ ହେବାର କାମନା କରୁଁ ।

---

## ଗଞ୍ଜାମରେ ହାକିମଙ୍କର ଅମେଳ ।

ଗତ ମହରମପର୍ବର ଦିନରେ ଗଞ୍ଜାମର ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ସାହେବ ଓ ତାହାଙ୍କର ଅଧୀନସ୍ଥ କେତେଜଣ ପୁଲିସକର୍ମଚାରୀ କୁଲନ୍ତ ମଶାଲଦ୍ୱାରା ଯୋଗଦେବା ଏବଂ ମାଜିଷ୍ଟ୍ରେଟ କରୁଁ ବା ଅନୁରୋଧରେ ସେମାନଙ୍କ କାମରେ ପ୍ରେଷ ପତ୍ରିକ, ଯେଣୁ ଉକ୍ତ ଏବଂ ସେଠାରେ ହୋଇଥିବା ଗଞ୍ଜାମର ପଚିକଦାର ଅଦାଲତରେ ନାଲିଶ କରନ୍ତେ ସେଠାର ଜଣ୍ଟ ମାଜିଷ୍ଟ୍ରେଟ ଉପଯୁକ୍ତ ପେ ସାହେବ ଆଇନାନୁସାରେ ପ୍ରମାଣ ନ ହେଲା ଉତ୍ତରରେ ମୋକଦ୍ଦମା ମିଥ୍ୟା ଥିବାର ସ୍ଥିର କରି ପୁଲିସ ସାହେବ ପ୍ରଭୃତି ଆସାମୀମାନଙ୍କୁ ଖଲାସ ଦେଲେ ଏବଂ ଫରିୟାଦୀମାନେ ଦଣ୍ଡ

Split by PDF Splitter
Digitized by srujanika@gmail.com

ମୋକଦ୍ଦମା ଉପସ୍ଥିତ ହେବା ଏବଂ ସେମାନଙ୍କର ପ୍ରଧାନ ସାକ୍ଷୀ ସେଠାର ଜଣେ ଅନରେରି ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ଜଦୁଭଲହୋସେନ ମିଥ୍ୟା ସାକ୍ଷ ଦେବା ଅଭିଯୋଗରେ କ ସତାଣେ ଫଉଜଦାରି ସୁପର୍ଦ୍ଦ ନ ହେବେ ତହିଁର କାରଣ ଦର୍ଶାଇବା ମର୍ମରେ ସେମାନଙ୍କ ନାମରେ ନୋଟିସ ଜାରି କଲେ। ଫରିଯାଦୀମାନେ ସେହି ନୋଟିସ ବିରୁଦ୍ଧେ ଜଜସାହେବ ଜଜ ଶ୍ରୀଯୁକ୍ତ ଲି ସାହେବଙ୍କ ନିକଟରେ ଅପିଲ କରି ମୂଳ ମୋକଦ୍ଦମାର ପୁନର୍ବିଚାରର ପ୍ରାର୍ଥନା କଲେ। ଏଥିମଧ୍ୟରେ ଜଜସାହେବ ଏବଂ ପୁଲିସ ସାହେବଙ୍କ ମଧ୍ୟରେ ଖୋଟାଏ ବାଡ ବନ୍ଦ କରିବା ସମ୍ବନ୍ଧରେ କଳି ଲାଗିଥିଲା। ଜଜସାହେବ ଅପିଲର ବିଚାର ନ କରି ହାଇକୋର୍ଟକୁ ରିପୋର୍ଟ କଲେ ଏବଂ ମାଜିଷ୍ଟ୍ରେଟ ସେ ସାହେବଙ୍କ ବିଚାର ଠିକ ନ ଥିବାର ମନ୍ତବ୍ୟ ପ୍ରକାଶ କଲେ। ହାଇକୋର୍ଟର ବିଚାରପତି ମାନ୍ୟବର ବ୍ରିଙ୍କସନ ଏବଂ ହେଣ୍ଡର୍ସନ ସାହେବମାନେ ଗତମାସ ତା ୨୯ ଋଖରେ ଏ ମୋକଦ୍ଦମାର ବିଚାର କରି ସିଦ୍ଧାନ୍ତ କଲେ ଯେ ଜିଲ୍ଲା ମାଜିଷ୍ଟ୍ରେଟଙ୍କର ଆଦେଶ ନ୍ୟାୟସଙ୍ଗତ ଅଟେ ଏବଂ ତାହା ବଲବତ ରହିବ। ଏ ସମ୍ବନ୍ଧରେ ବିଚାରପତି ମହୋଦୟମାନେ ଯେଉଁ ଦୀର୍ଘ ରାୟ ଲେଖିଅଛନ୍ତି ତହିଁରେ ଜଜ ଲି ସାହେବଙ୍କ ବିଚାର ଓ ରିପୋର୍ଟର ଅତି ତୀବ୍ର ସମାଲୋଚନା କରିଅଛନ୍ତି। ସେହି ସମାଲୋଚନାର ସାର କଥା ଏହି ଯେ ମାଜିଷ୍ଟ୍ରେଟ ସେ ସାହେବ ଯଥୋଚିତ ଅନୁସନ୍ଧାନ ପୂର୍ବକ ନିରପେକ୍ଷଭାବରେ ବିଚାର କରିଅଛନ୍ତି। ମାତ୍ର ଜଜ ଲି ସାହେବ ଆପଣା ରିପୋର୍ଟରେ ମାଜିଷ୍ଟ୍ରେଟ ସେ ସାହେବ ଏବଂ ପୁଲିସ ସୁପ୍ରିଣ୍ଟ ଗ୍ୟାନ ସାହେବଙ୍କ ବିରୁଦ୍ଧରେ ଯାହା ଯାହା ଲେଖିଅଛନ୍ତି ସେ ସମସ୍ତ ହିଂସା ମୂଳକ ଓ ତହିଁରେ ଅନେକ ଅପ୍ରାସଙ୍ଗିକ କଥା ଅଛି। ଅଧିକନ୍ତୁ ଜଣାଯାଇଅଛି ଯେ ବାଡ ସମ୍ବନ୍ଧରେ ଜଜସାହେବ ଏବଂ ପୁଲିସ ସାହେବଙ୍କର କଳିର ତଦନ୍ତ କରିବା କାରଣ ବିଭାଗୀୟ କମିଶନରସାହେବଙ୍କ ପ୍ରତି ଆଦେଶ ହୋଇଅଛି। ତାହାଙ୍କର ରିପୋର୍ଟ ଏବଂ ହାଇକୋର୍ଟର ଉପରଲିଖିତ ବିଚାର ପାଠ କରି ଗବର୍ଣ୍ଣମେଣ୍ଟ ଯାହା ନିଷ୍ପତ୍ତି କରିବେ ତାହା ଜଣାଯିବ। ଆମ୍ଭମାନଙ୍କୁ ଦେଖାଯାଉଅଛି ଯେ ନୂଆଖାଲିର ପେନଲ ବ୍ୟାପାର ସଙ୍ଗେ ଏହି ବ୍ୟାପାରର ଅନେକ ମେଳ ଅଛି। ଶାସନ ଓ ବିଚାର ବିଭାଗର ପାର୍ଥକ୍ୟ ନ ଘଟିବା ପର୍ଯ୍ୟନ୍ତ ସମୟେ ସମୟେ ଏହିପରି ବ୍ୟାପାର ଘଟିବା ଆଶ୍ଚର୍ଯ୍ୟ ନୁହେ।

---

# ସାପ୍ତାହିକ ସମ୍ବାଦ।

## କଲିକତା ଗେଜେଟ।

ପ୍ରେସିଡେନ୍ସିକଲେଜର ପ୍ରୋଫେସର ଡାକ୍ତର ପ୍ରଫୁଲ୍ଲଚନ୍ଦ୍ର ରାୟ ଛୁଟି ନେଲେରୁ ପ୍ରିନ୍ସିପାଲ ପଦରେ ପଦ୍ମ ପ୍ରିନ୍ସିପାଲ ମିଃ ଏ, ସିଃ ଏଡୱାର୍ଡସ୍ ଛୁଟିରୁ ଫେରିବା ସମୟରେ ଅଥବା ଅନ୍ୟ ଆଦେଶ ପର୍ଯ୍ୟନ୍ତ ନିଯୁକ୍ତ ହେଲେ।

ଜେସୁଶୀ କଲେଜର ମୌଲବି ଅଧ୍ୟାପକ ୪ର୍ଥ ଗ୍ରେଡକୁ ଉନ୍ନତି ପ୍ରାପ୍ତ ହେଲେ।

ଡେଃ କଲେକ୍ଟର ବାବୁ ହେମଚନ୍ଦ୍ର ମହାନ୍ତି ୫ମ ଗ୍ରେଡରେ ଓ ଡେଃ କଲେକ୍ଟର ବାବୁ ରାଧାନାଥ ରାୟ ୮ମ ଗ୍ରେଡରେ, ବାହାଲ ହେଲେ।

ଶିବପୁରର ସବ୍ ଡେଃ କଲେକ୍ଟର ବାବୁ ଉପେନ୍ଦ୍ରନାଥ ମାଥୁର ଅସ୍ଥାୟୀଭାବରେ ସଦର ମହକୁମାର ଦ୍ୱାରା ନିଯୁକ୍ତ ହେଲେ।

ପୁରୀର ସବ୍ ଡେଃ କଲେକ୍ଟର ବାବୁ ପ୍ୟାରୀମୋହନ ରାୟ ବାଲେଶ୍ୱରଜିଲ୍ଲାର ଭଦ୍ରକ ସବ୍ଡିଭିଜନକୁ ବଦଳି ହେଲେ।

ସବ ଡେଃ କଲେକ୍ଟର ମୌଲବି ସୟଦ ଗୋଲାମଗୁଲ୍ ୪ର୍ଥ ଗ୍ରେଡରେ ନିଯୁକ୍ତ ହେଲେ ଓ ଏଥି ଗ୍ରେଡରେ କାର୍ଯ୍ୟ କରୁଥିବେ।

ଓଡ଼ିଶାର ସମୁଦାୟ ପ୍ରବେଶିକା ପରୀକ୍ଷୋତ୍ତୀର୍ଣ୍ଣ ଛାତ୍ରମାନେ ନିମ୍ନଲିଖିତ ବୃତ୍ତି ପାଇ ଅଛନ୍ତି।

୨ୟ ଶ୍ରେଣୀ

| ଛାତ୍ର ନାମ | ସ୍କୁଲର ନାମ |
|---|---|
| ଜନାର୍ଦ୍ଦନ ସେଠୀ | କଟକ ପ୍ୟାରୀମୋହନ ଏକାଡେମୀ |
| ଅବଦୁଲ ଖାଦର | ରେଭେନ୍ସା କଲେଜିଏଟ୍ ସ୍କୁଲ |
| ସୁରେନ୍ଦ୍ରନାଥ ମହାନ୍ତି | " |
| ନଗେନ୍ଦ୍ର ଦେ | " |

୩ୟ ଶ୍ରେଣୀ

| ଛାତ୍ର ନାମ | ସ୍କୁଲର ନାମ |
|---|---|
| ଗୋପାଳ ପଟ୍ଟନାୟକ | ପୁରୀ ଜି ସ୍କୁଲ |
| ଶ୍ରୀଧର ଦାସ | ସୁବର୍ଣ୍ଣପୁର ସ୍କୁଲ |
| ଶ୍ୟାମସୁନ୍ଦର ଦାସ | କଟକ ପ୍ୟାରୀମୋହନ ଏକାଡେମୀ |
| ହେମନ୍ତ ମହାନ୍ତି | ପୁରୀ ଜି ସ୍କୁଲ |
| ଶ୍ୟାମଚରଣ ଉଣ୍ଡିଦାର | ବାଲେଶ୍ୱରଜିଲ୍ଲା ସ୍କୁଲ |
| ମହେନ୍ଦ୍ରପ୍ରସାଦ ଦାସ | ଉତ୍କଳ ହାଇସ୍କୁଲ |

---

ଗତ ସୋମବାର ଠାରୁ ଏ ନଗରବାସୀମାନେ ଏ ଜଗତରେ ଏକ ଅଣ୍ଡା ଖାଇ ନାହାଁନ୍ତି। ସବୁ ହୋଇଥିଲା। ତାହାର କାରଣ ଅଜ୍ଞାତ।

ଏ ସପ୍ତାହରେ ଏ ନଗରରେ ବୃଷ୍ଟି ଭଲ ଥିଲା।

ଏ ନଗରର ଜଣେ ଧନୀ ମହାଜନ ବାବୁ ଗଣେଶପ୍ରସାଦ ଗତ ରାତ୍ରିରେ ହୃଦରୋଗରେ ମୃତ୍ୟୁ ଲାଭ କରିଅଛନ୍ତି। ତାହାଙ୍କ ପୁତ୍ର ଓ ଗତ ସୁରବାଲା ପାଠଶାଳାକୁ ଦାନ କରିଅଛନ୍ତି।

ମଙ୍ଗଳାଗାରରେ ଜଣେ ୭୮ ବର୍ଷ ବୟସର ବୃଦ୍ଧା ସ୍ତ୍ରୀ ରାତ୍ରରେ ଘରେ ଶୋଇଥିଲା। ଅଗ୍ନି ଲାଗିବାରୁ ସେ ନେଇ ନ ପାରି ପୋଡ଼ି ମରିଅଛି। ଏହି ବୃଦ୍ଧାର ଚାଲିବାର ଶକ୍ତି ନ ଥିବାରୁ ଘରେ ଶୁଣ ହୋଇଅଛି। ଅଗ୍ନି ଲାଗିବାର କାରଣ ଜଣା ନାହିଁ।

ମାନିକଗଞ୍ଜ ଗ୍ରାମର ମାନସର ଜଣେ ଅଗ୍ନି ଲାଗି ପଡ଼ିଥିବାର ସମ୍ବାଦ ଆସିଅଛି।

ପ୍ରଜାଙ୍କ ଉପରେ ନିର୍ଯ୍ୟାତନ ଦେଖି ତାହାଙ୍କ ହାତରେ ଅର୍ପଣ କରାଯିବା ଚେଷ୍ଟା ହେଉଅଛି। ଏହିପରି ୧୦। ଜଣ ଉପରେ ହୋଇଅଛି। ଏହା ଶୁଣି ଅନେକ ଦେଖିବାକୁ ଗଲେ ଅନେକ ଦେଖି ଆସିଅଛନ୍ତି।

---

ପୁରୀ ଜଗନ୍ନାଥ ମନ୍ଦିରର ସିଂହଦ୍ୱାରର ଉପରେ ଗତ ଋତୁରେ ଅଗ୍ନି ଲାଗିବା ଅଭିଯୋଗରେ ସଦର ଥାନାର ପ୍ରଭୃତି ୬୫ ଜଣ ଅଭିଯୁକ୍ତ ଦେଖା ଦେଇଅଛନ୍ତି। ବର୍ତ୍ତମାନ ସେମାନଙ୍କର ବିଚାର ଚାଲିଅଛି। ଏହିପରି ଘଟଣା ଏ ଅଞ୍ଚଳରେ ପୂର୍ବରୁ ଘଟି ନାହିଁ। ଅଭିଯୁକ୍ତମାନେ ଜାମିନ ପାଇଅଛନ୍ତି।

କଟକମାନେ ବାଣିଜ୍ୟର ଜଣେ ଅଗ୍ନି ପ୍ରାଣ ଗଲା। ହାଇକୋର୍ଟ ପ୍ରଭୃତି ଥିବା ଗ୍ରାମର ଜଣେ ଅନାଥ ଗୃହରେ ଥିଲେ। ତାଙ୍କ ମାତା ଓ ଭାଇ ଏଥିରେ ଦଗ୍ଧ ହୋଇଅଛନ୍ତି।

ହେଣ୍ଡ୍ରେଲେସ ୧୩ ଜୁନ ଠାରୁ ବନ୍ଦ ହୋଇଅଛି। ଅସମ୍ଭବ ବୃଷ୍ଟି ପଡ଼ିବାରୁ ଏହି ଘଟଣା ଘଟିଅଛି।

ଗତ ଜୁନମାସ ତା ୫ ଋଖରେ ଗବର୍ଣ୍ଣମେଣ୍ଟର ଜଣେ ଲେଡି ଡାକ୍ତର ସାହେବଙ୍କର ଗ୍ରାମ ଦେଖିବାକୁ ଗଲେ। ସେମାନଙ୍କ ମଧ୍ୟରେ ଶିକ୍ଷା ଦେବାର ପ୍ରସ୍ତାବ ହେଲା। ଏ ବିଷୟରେ ଅନେକ ଲୋକ ଏକମତ ହୋଇଅଛନ୍ତି। ପ୍ରଜାମାନେ ଏଥିରେ ସମ୍ମତି ଦେଇଅଛନ୍ତି।

ବଙ୍ଗରୁ ଦେଶର ଅଧିକାଂଶ ସ୍ଥାନରେ ପ୍ରାର୍ଥନା ଉଠିଥିବା ସଭାରେ ସମ୍ମତି ଦେଇ ଏହି ସାର୍ବଜନୀନ ପ୍ରସ୍ତାବ ଗୃହୀତ ହୋଇଅଛି। ସେହି ପ୍ରସ୍ତାବ ଅନୁସାରେ ଅନେକ ସ୍ଥାନରେ ଦେଶୀୟ ବସ୍ତ୍ର ବ୍ୟବହାର କରୁଅଛନ୍ତି। ଏହାର ବିଶେଷ ବିବରଣ ଜଣା ନାହିଁ।

ଗତ ତା ୨୫ ରିଖରେ ବୃହସ୍ପତିବାର ରାତ୍ରରେ ଓ ଦିନ ଅତି ପ୍ରବଳ ଝଡ଼ ଓ ବୃଷ୍ଟି ହୋଇଅଛି। ଏଥିରେ କେତେକ ଗ୍ରାମ ପର୍ଯ୍ୟନ୍ତ ଜଳମଗ୍ନ ହୋଇଅଛି ଏବଂ କେତେକ ଲୋକଙ୍କ ଘର ଭାଙ୍ଗି ପଡ଼ିଅଛି। ଅଧିକ ସମ୍ବାଦ ଜଣା ପଡ଼ିନାହିଁ।

କଲିକତାରେ ଜଣେ ଇଂରେଜ ଏକ ସ୍ତ୍ରୀ ସଙ୍ଗେ ରାସ୍ତାରେ ଯାଉଥିଲେ। ଜୁନ ମାସ ତା ୨୨ ଋଖରେ ସେ ସ୍ତ୍ରୀ ନୂତନ ଲୁଗା ପିନ୍ଧିଥିଲେ। ସେହି ଲୁଗା ତାଙ୍କୁ ପାଖରୁ ଦେଖି ଜଣେ ଲୋକ ସେଥିରେ କାଳି ପକାଇଦେଲା। ପୁଲିସ ତାକୁ ଧରି ନେଇଅଛି। ବିଚାରରେ ତାହାର ଦଣ୍ଡ ହୋଇଅଛି।

ଭିକ୍ଟୋରିଆ ବନ୍ଦରରେ ଜାହାଜ ଲଙ୍ଗର କରି ଜଣେ ଲୋକ ତାହାର ଉପରୁ ନଦୀରେ ପଡ଼ିଯାଇଥିଲା। ଅସ୍ତୁରା ଧାରରେ ନୌକାରୋହୀ ଅନେକ ଚେଷ୍ଟା କରି ତାହାକୁ ଉଦ୍ଧାର କଲେ। ଏହି ସମୟରେ ନିକଟରେ ଥିବା ଜଣେ ପୋଲିସ ଅଣ୍ଡର ଇନସ୍ପେକ୍ଟର ଆପଣା ଜୀବନ ପ୍ରତି ଦୃଷ୍ଟି ନ କରି ତାହାକୁ ଉଦ୍ଧାର କରିବାକୁ ଯାଇଥିଲେ। ସେ ଉପଯୁକ୍ତ ପୁରସ୍କାର ପାଇବେ।

## ମୂଲ୍ୟପ୍ରାପ୍ତି।

| | |
|---|---|
| ଶ୍ରୀ ଭୂଷଣଚନ୍ଦ୍ର ସୁବେଦାର ରଘୁନାଥପୁର ମେଷ୍ଟ | [illegible] |
| ବାବୁ ଗଙ୍ଗାଧର ଘୋଷ ଜମିଦାର ଚନ୍ଦନପୁର | [illegible] |
| " କୃଷ୍ଣରାମ ମହାପାତ୍ର କଟକ | [illegible] |
| " ଦାମୋଦର ମହାପାତ୍ର କଟକ | [illegible] |
| " ଧର୍ମନନ୍ଦନ ନାୟକ ଭିତର କଟକ | [illegible] |
| " ମାଧବଚନ୍ଦ୍ର ଷଡ଼ଙ୍ଗୀ କଟକ | [illegible] |
| " ଶ୍ୟାମ ଦାସ ହୋଲଗଡ଼ | [illegible] |
| ବାବୁ ଲକ୍ଷ୍ମଣଚରଣ ଦ୍ୱାରିକା ଅଧ୍ୟାପକ | [illegible] |
| ମୁନସି ମହମ୍ମଦ କୋରେସ ଦୌଲତ କଟକ | [illegible] |
| ବାବୁ ଉପେନ୍ଦ୍ରନାଥ ପଣ୍ଡିତ କଟକ | [illegible] |
| " ଉପମନ୍ୟୁ ଦାସ କଟକ | [illegible] |
| " ମହେଶ୍ୱର ମହାପାତ୍ର ସି ଇ ଅନନ୍ତପୁର | [illegible] |
| " ବ୍ରଜମୋହନ ମହାନ୍ତି ପାଲଲହଡ଼ା | [illegible] |
| " ମଧୁସୂଦନ ଦାସ ଟ୍ରେଜର ରୁମ | [illegible] |
| " ଗୌରହରି ସେନାପତି କଟକ | [illegible] |

Split by PDF Splitter
Digitized by srujanika@gmail.com

# ବିଜ୍ଞାପନ ।




କେବେବେଳେ ଯିଏ ରୋଗ ଦୃଷ୍ଟିରୁ ଦେଖିଲେ ଏହି ଔଷଧର ଯେପରି ଶକ୍ତି ଅଛି ଅନ୍ୟ କୌଣସି ଔଷଧରେ ତାହା ଦେଖାଯାଏ ନାହିଁ ଯେବେ ତୁମ୍ଭେ ମନେ କରୁଥାଅ ଯେ ତୁମ୍ଭର ରୋଗ ଅସାଧ୍ୟ, ତୁମ୍ଭର ଚିକିତ୍ସକ ନିରାଶ ହୋଇ ତୁମ୍ଭଙ୍କୁ ଛାଡ଼ି ଯାଇଥାଅନ୍ତି, ଯଦି ସାଲସା, କଡ଼ଲିଭର ଅଏଲ, ଫସ୍ଫୋଟାଇଲ ଟେଭନ ଡ୍ୟାଣ୍ଡେଲ ପ୍ରଭୃତି ପ୍ରଚଳିତ ବିବିଧ ପ୍ରକାର ପେଟେଣ୍ଟ ଔଷଧ ତୁମ୍ଭର ଜୀବନକୁ ଦୀର୍ଘ କରିଥାଏ, ତେବେ ଥରେ ଏହି ଔଷଧକୁ ପରୀକ୍ଷା କରି ଦେଖ, ପ୍ରତ୍ୟକ୍ଷଫଳ ଦେଖି ଆଶ୍ଚର୍ଯ୍ୟାନ୍ୱିତ ହେବ ରୋଗବିମୁକ୍ତ ହୋଇ ସୁଖରେ ଦୀର୍ଘଜୀବନ ଲାଭକରିବ । ଯେହେତୁ ଏରୂପ ଶକ୍ତିଶାଳୀ ଅଥଚ ସ୍ଥାୟୀ କ୍ରିୟାପ୍ରଦ ମହୌଷଧ ଇତିପୂର୍ବେ ଏ ଦେଶକୁ କେବେ ଆମଦାନୀ ହୋଇ ନାହିଁ ।

କିଏ ନ ଜାଣେ ସାଲସା, କଡ଼ଲିଭର ଅଏଲ, ପ୍ରଭୃତି ଔଷଧ ସମ୍ବନ୍ଧରେ ରୋଗ ଭୋଗିଉଛନ୍ତି !

ଯଦିଓ ଉପଶମ ଦେଖାଇ ପୁନର୍ବାର ସମୟରେ ଋତୁ ବିଶେଷରେ ପ୍ରବଳାକାର ଧାରଣ କରେ । କେତେବେଳେ ତାହା ସାମୟିକ ଲାଭ ବିଶେଷ ହୋଇଯାଏ ଅଥଚ ସକଳ ସମୟରେ ଉକ୍ତ ଧାତୁ ପ୍ରକୃତି ବିଶିଷ୍ଟ ଦେହରେ ସମାନ ଫଳ ପ୍ରାପ୍ତ ହୁଏ ନାହିଁ । ବନ୍ଧା ନିୟମର ଅଧୀନରେ ରହିବାକୁ ହୁଏ । କିନ୍ତୁ

ସ୍ୱାଇମାର୍ଟିନ ।

ତାହାର ସମ୍ପୂର୍ଣ୍ଣ ବିପରୀତ ଗୁଣବିଶିଷ୍ଟ ଅର୍ଥାତ୍ ଅମୋଘ କ୍ରିୟା ସ୍ଥାୟୀ, ଯେଉଁ ରୋଗ ଆରୋଗ୍ୟ ହୁଏ ତାହା ଆଉ କେବେହେଁ ଫେରି ଆସେ ନାହିଁ । ସୁତରାଂ ବାରମ୍ବାର ଋତୁ ବିଶେଷରେ ସେବନର ପ୍ରୟୋଜନ ହୁଏ ନାହିଁ ବା କୌଣସି ବନ୍ଧା ନିୟମର ଅଧୀନରେ ରହିବାକୁ ହୁଏ ନାହିଁ ଅଥଚ ଶୀତ, ଗ୍ରୀଷ୍ମ, ବର୍ଷା ସକଳ ଋତୁରେ ସକଳ ଧାତୁ ପ୍ରକୃତି ବିଶିଷ୍ଟ ଦେହରେ ସମାନ ଉପକାରୀ, ସମାନ କ୍ରିୟା ସମାନ ଗୁଣ ପ୍ରକାଶ କରେ । ସେହି ହେତୁରୁ ଆସିଆ, ଇଉରୋପ ଆଫ୍ରିକା ଓ ଆମେରିକା ମହାଦେଶମାନଙ୍କରେ ସର୍ବତ୍ର ସମାନ ଆଦରରେ ଗୃହୀତ ହେଉଅଛି । ପ୍ରତ୍ୟହ ସହସ୍ର ଲୋକ ବ୍ୟବହାର କରୁଅଛନ୍ତି । ଏରୂପ ବିକ୍ରୟ ବାହୁଲ୍ୟ, ଏବଂ ଅଯାଚିତ ଅସଂଖ୍ୟ ପ୍ରଶଂସାପତ୍ରହିଁ ଔଷଧର ଉତ୍କୃଷ୍ଟତା ଏବଂ ଅବ୍ୟର୍ଥତାର ଜ୍ୱଳନ୍ତ ପ୍ରମାଣ !

ସ୍ୱାଇମାର୍ଟିନ କଣ ?

କେତେକଜଣ ସୁବିଜ୍ଞ ଶ୍ରେଷ୍ଠ ଚିକିତ୍ସକଙ୍କର ବ ୩୦ ବର୍ଷ ବ୍ୟାପି ଗବେଷଣା ଓ ଅନୁସନ୍ଧାନର ଫଳରେ ଧାତବ, ଉଦ୍ଭିଦ ଓ ଖଣିଜ ପଦାର୍ଥର ବୈଜ୍ଞାନିକ ଉପାୟରେ ସାମୁଦ୍ରିକ ଜାତୀୟ କୌଣସି ଦୁଷ୍ପ୍ରାପ୍ୟ ଜାନ୍ତବର ତୈଳାଂଶ ସହ ଯୋଗରେ ରାସାୟନିକ ପ୍ରକରଣରେ ଏହି ମହୌଷଧ ଆବିଷ୍କୃତ ।

ଅଥଚ ସେବନରେ ବିସ୍ୱାଦ ବା ଦୁର୍ଗନ୍ଧ ଯୁକ୍ତ ନୁହେ କିନ୍ତୁ ଗୁଣର ତୁଳନାରେ ଏହାର ମାତ୍ରା ଔଷଧ ଏହାର ମୋହର ଅପେକ୍ଷା ମୂଲ୍ୟବାନ୍ ଅଟଇ ।

ସ୍ୱାଇମାର୍ଟିନର ଶକ୍ତି ଦ୍ୱିବିଧପ୍ରକାର ରୋଗ ପ୍ରତି ସମ୍ୟକ୍ ଫଳପ୍ରଦ ଅର୍ଥାତ୍ :—

ଶୁକ୍ର, ରକ୍ତ, ଓ ଦୁଷ୍ଟପିତ୍ତ ବା ପାରଦ ସମ୍ବନ୍ଧୀୟ ପୀଡ଼ା—

୧ । ଶୁକ୍ରର ତରଳତା, ଧାତୁ ଦୌର୍ବଲ୍ୟ ପୁରୁଷତ୍ୱ ହାନି, ସ୍ତ୍ରୀ ସହବାସରେ ଅକ୍ଷମ, ସାମାନ୍ୟ ଉତ୍ତେଜନାରେ ରେତସ୍ଖଳନ, ମେହ, ପ୍ରମେହ, ଶୁକ୍ରମେହ, ମୂତ୍ରକୃଚ୍ଛ୍ର, ବହୁମୂତ୍ର, ମୂହୁର୍ମୁହୁ ଅଳ୍ପ ବା ଅଧିକ ପ୍ରସ୍ରାବ, ଟୋପା ମୂତ୍ର ପଡ଼ିବା, ପ୍ରସ୍ରାବର ଜ୍ୱାଳା, ମୂତ୍ରସହ ଶୁକ୍ରପତନ, ମୂତ୍ରନଳୀରେ କ୍ଷତ, ସ୍ୱପ୍ନଦୋଷ, ପ୍ରମେହ ଓ ଶୁକ୍ରକ୍ଷୟ ଜନିତ ମସ୍ତିଷ୍କବ୍ୟଥା, ହାତ ଗୋଡ଼ ଓ ଚକ୍ଷୁ ଜ୍ୱାଳା, ସ୍ମରଣ ଶକ୍ତିର ହ୍ରାସତା, ଜ୍ୱରଭାବ, ହାତ ଗୋଡ଼ ଫୋଲା ହେବା, କେଶର ଅକାଳପକ୍ୱତା, ମସ୍ତିଷ୍କର ଦାଉ ନ୍ୟୁନ୍ତା, ଅକାଳବାର୍ଦ୍ଧକ୍ୟ ଶରୀର ଦୁର୍ବଳ, ପରିଶ୍ରମରେ ଅକ୍ଷମ, ଅଜୀର୍ଣ୍ଣ, କୋଷ୍ଠବଦ୍ଧତା ପ୍ରଭୃତି ଅନୁଷଙ୍ଗିକ ବିବିଧ ପ୍ରକାର ଶୁକ୍ରପୀଡ଼ା ଓ ତଜ୍ଜାତ ତତ୍ସକଳ ଉପସର୍ଗାଦି ଆରୋଗ୍ୟ କରିବାକୁ ଅବ୍ୟର୍ଥ ।

୨ । ପାରା ଓ ସଙ୍ଖିଆର ବିଷାକ୍ତତା ବା ବିଷାକ୍ତ ଔଷଧାଦି ବ୍ୟବହାରରେ କିମ୍ବା ମ୍ୟାଲେରିଆର ବିଷ ପ୍ରଭୃତି ଶରୀରରେ ପ୍ରବିଷ୍ଟ ହେବା କାରଣରୁ ରକ୍ତର ଦୂଷିତ, ଗରମୀ ଘା, ଖାଇର ଘା, ନାକ ଓ ମୁଖରେ ଏବଂ ମସ୍ତକରେ ଘା, ମସ୍ତକ ବାଲ ଉପୁଡ଼ିବା ହାତ ଗୋଡ଼ ଓ ଅସ୍ଥିରେ ବେଦନା, ନୂତନ ପୁରାତନ ମେହ ଘଟିତ ବାତ, ଗରମୀ ବାତ, ଗଣ୍ଠିବାତ, ଶରୀର ଗଣ୍ଠି ଓ ସନ୍ଧିସ୍ଥଳର ବେଦନା ଓ ଫୁଲା, ଚର୍ମରୁ ଛାଲ ପଡ଼ିବା, ଦେହରେ ଚକା ଦାଗ, ହାତ ଓ ଗୋଡ଼ର ତଳାରେ ସ୍ଥାନେ ଘାଆ ବା କଳାହେବା, କିମ୍ବା ଚମଡ଼ା ଉଠିବା ପୁନଃ ବାଘି ପଡ଼ିବା, ଦେହରେ ବଥ ବା ବ୍ରଣ ବାହାରିବା ଶରୀର ପିଚ୍ଛାସା ଶୁଷ୍କ ଓ ଦୁର୍ବଳ ପ୍ରଭୃତି ରକ୍ତ ସମ୍ବନ୍ଧୀୟ ଯାବତୀୟ ପୀଡ଼ା, ଉପସର୍ଗାଦି ଆରୋଗ୍ୟ ପକ୍ଷରେ ଅମୋଘ ।

୩ । ଖଇକାଶ, ହାଫକାଶ, କାଶ ଶ୍ୱାସ ପ୍ରଶ୍ୱାସରେ କଷ୍ଟ, ରକ୍ତବମନ, କଫସଙ୍ଗରେ ରକ୍ତମିଶ୍ରିତ ପତନ, ମୁଖରୁ ଓ ନାସିକାରୁ ରକ୍ତପତନ, ଛାତିରେ ବେଦନା, କଫ ଜମିବାର, ସ୍ୱରଭଙ୍ଗ, ବେଦନାର ପ୍ରଦାହ, ଆହାରରେ ଅରୁଚି, ଓ ବିସ୍ୱାଦ, ଗଳା ଜଳିବା, ଓ ଚୂହବନ୍ଧ, ସହଜ ଓ ସାମାନ୍ୟ ଅସ୍ୱାସ୍ଥ୍ୟରେ ସର୍ଦ୍ଦି ଓ କାଶର ଉତ୍ପତ୍ତି, ଫୁସ୍ଫୁସ୍‌ର କାର୍ଯ୍ୟ କରଣଶକ୍ତିର ଅଭାବ; ଇତ୍ୟାଦି ଦୁଷ୍ଟପିତ୍ତ ବା ଫୁସ୍ଫୁସ୍ ସମ୍ବନ୍ଧୀୟ ଯାବତୀୟ ପୀଡ଼ାର ଅଦ୍ୱିତୀୟ ।

ଉପରୋକ୍ତ ପୀଡ଼ା ସମସ୍ତ ନମନ୍ତେ ଏହି ଔଷଧ ଶୀର୍ଷ ସ୍ଥାନୀୟ, ଏଥିରେ ଯେଉଁ ହେମୋଷ୍ଟି ଭେଜିଟେବଲ୍ ଭେଷଜ ପଦାର୍ଥ ଅଛି, ତାହା ଅନ୍ୟ କୌଣସି ଔଷଧରେ ନାହିଁ । ଏବଂ ସେହି ଗବେଷଣା ଲବ୍ଧ ଦୁଷ୍ପ୍ରାପ୍ୟ ପଦାର୍ଥ ନିମନ୍ତେ ଏହାର ଏରୂପ ଗୁଣଦାୟକ ହେବାର କାରଣ ଅଟଇ । ଯେବେ ତୁମ୍ଭେ ସେହି ସକଳ ରୋଗରେ କିମ୍ବା ତାହାର କୌଣସି ଉପସର୍ଗରେ ଆକ୍ରାନ୍ତ ହୋଇଥାଅ ତେବେ ଏହି ମହୌଷଧ, ସେବନ କରି ଜୀବନ ରକ୍ଷା କର, ସବଳେ, ସୁଖରେ, ସୁସ୍ଥକାୟରେ ସ୍ଥାୟୀ ଆରୋଗ୍ୟ ଲାଭ କରି ଦୀର୍ଘଜୀବନ ପାଇବ । ଶରୀର ହୃଷ୍ଟପୁଷ୍ଟ, ବଳିଷ୍ଠ ଓ କାନ୍ତିବିଶିଷ୍ଟ ହେବ । କ୍ଷୁଧା ବୃଦ୍ଧି ହେବ, କୋଷ୍ଠ ପରିଷ୍କାର ହେବ ।

ସ୍ୱାଇମାର୍ଟିନ—ପରୀକ୍ଷିତ ସତ୍ୟର ଅଧିକ ଅଂଶ ଓ ଅଳ୍ପବ ଶୀଘ୍ର ପୂରଣ କରିବାକୁ ସ୍ୱାସ୍ଥ୍ୟୋନ୍ନତି ଓ ତାହା ଅକ୍ଷୁଣ୍ଣ ରଖିବାକୁ ବାଳକ, ବାଳିକା, ଯୁବକ, ଯୁବତୀ, ବୃଦ୍ଧ, ସ୍ତ୍ରୀ ଓ ପୁରୁଷ ସମସ୍ତଙ୍କ ପକ୍ଷରେ ସମାନ ଉପଯୋଗୀ । ସାଧାରଣତଃ ଯେ ସକଳ ପୀଡ଼ାରେ ସାଲସା, କଡ଼ଲିଭର ଅଏଲ ପ୍ରଭୃତି ଔଷଧ ବାରମ୍ବାର ବ୍ୟବହାରର ପ୍ରୟୋଜନ ହୁଅଇ, ସେହି ସକଳ ପୀଡ଼ାରେ ସ୍ୱାଇମାର୍ଟିନ ଥରେ ମାତ୍ର ବ୍ୟବହାର କରିବାନ୍ତେ ରୋଗ ସମୂଳେ ଧ୍ୱଂସ ହୋଇଅଛି । ସୁତରାଂ ଏହା ଯେ ପ୍ରଚଳିତ ସର୍ବବିଧ ଔଷଧ ଅପେକ୍ଷା ସର୍ବଶ୍ରେଷ୍ଠ, ଏଥିରେ ଅଣୁମାତ୍ର ସନ୍ଦେହ କରିବାର ଅବସର ନାହିଁ ।

Digitized by srujanika@gmail.com

ମୂଲ୍ୟ; ଏକ ସପ୍ତାହ ସେବନୋପଯୋଗୀ ପ୍ରତି ଶିଶି ୯ ୧ ୧ ଏକ ଟଙ୍କା । ଉକ୍ତ ୯ ୧୦ ୧ ପ୍ୟାକିଂ ଓ ଡାକ ମାସୁଲ ଏକ ଶିଶିରେ ୪ ୦ ୧୦ ତିନି ଶିଶିରେ ୯ ୦ ୧୦ ଓ ୬ ଶିଶିରେ ୪ ୧ ଓ ଉକ୍ତ ୯ ୧୦

ପ୍ରାପ୍ତିସ୍ଥାନ ଓ ପତ୍ରାଦି ପଠାଇବାର ଏକମାତ୍ର ଠିକଣା ।

| | |
|---|---|
| Manager<br>Spermatine Depot<br>No. 22 Baranasi<br>Ghose's street<br>Calcutta. | ମାନେଜର<br>ସ୍ପାରମାଟିନ ଡିପୋ<br>ନ ୨୨ ନଂର ବାରାଣସୀ<br>ଘୋଷ ଷ୍ଟ୍ରିଟ<br>କଲିକତା |


# ବିଜ୍ଞାପନ ।

କବିରାଜ ଶ୍ରୀ କେଦାରନାଥ କଶାରଦଙ୍କର
ଆୟୁର୍ବେଦୋକ୍ତ ଔଷଧାଳୟ ।
୧୩ । ୨ ନଂ କଲେଜଷ୍ଟ୍ରୀଟ, ସିମଲିଆ,
କଲିକତା ।

ଏହି ସ୍ଥାନରେ ସମୁଦାୟ ରୋଗର ଔଷଧ ତୈଳ, ଘୃତ, ମୃଗନାଭି ବା କସ୍ତୁରୀ, ଏବଂ ସ୍ୱର୍ଣ୍ଣ, ମୁକ୍ତା ଓ ପ୍ରବାଳାଦି ଜାତିର ଆଭୂ ଦ୍ରବ୍ୟାଦି (ଇତ୍ୟାଦି) ମିଳେ, ବିଦେଶସ୍ଥ ରୋଗିମାନଙ୍କ ପୀଡ଼ାର ଅବସ୍ଥା ଜଣାଇ ଲେଖିଲେ ବ୍ୟବସ୍ଥା ଲେଖି ପଠାଯାଏ ।

# ଯୋଗସିଦ୍ଧ ବଟିକା ।

(ଅର୍ଥାତ୍ ବୈଦ୍ୟକୋକ୍ତ ଯୋଗଲବ୍ଧ ସିଦ୍ଧମହୌଷଧ)

ଏହି ଯୋଗପ୍ରସୂତ ସୁସିଦ୍ଧ ଔଷଧଦ୍ୱାରା ମାନବ ଦେହର ରକ୍ତ ପରିଷ୍କାର ହୋଇ ପ୍ରାୟ ସମୁଦାୟ ପୀଡ଼ା ଆରୋଗ୍ୟ ହୁଏ । ଭିଷଗ୍ଗଣ ଏବଂ ଡାକ୍ତର ମାନଙ୍କ ଚିକିତ୍ସାସାଧ୍ୟ ରୋଗସମୂହ ଆରୋଗ୍ୟ କରିବା ବିଷୟରେ ଏପରି ମହୌଷଧ ଆଉ ନାହିଁ ଯକୃତ ଦୋଷରେ ଯେଉଁମାନଙ୍କର କୋଷ୍ଠ ପରିଷ୍କାର ହୁଏ ନାହିଁ, ଅହାରର ପରେ ଅମ୍ଳୋଦ୍ଗାର (ଖଟାଢେକୁ) ଉଠେ, ବାୟୁବୃଦ୍ଧି ହୋଇ ପେଟ ଫୁଲେ ଏବଂ କ୍ଷୁଧା ଭଲରୂପେ ହୁଏ ନାହିଁ ସେମାନଙ୍କ ପକ୍ଷରେ ଏହି ଔଷଧ ଅବ୍ୟର୍ଥ, ଏତଦ୍ଭିନ୍ନ ଅର୍ଶରୋଗ, ଭଗନ୍ଦର, ଉଦରାମୟ, ଅମ୍ଳଶୂଳ, ଶୋଥ, ସକଳପ୍ରକାର ଜ୍ୱର, ଶିରୋରୋଗ, ଯାଉଦୋଷ, ଶରୀରରେ ଚକାଚକା ଚିହ୍ନ, କଣ୍ଡୁ, ସ୍ୱପ୍ନଦୋଷ, ଧାତୁର ତରଳତା, ପୁରୁଷତ୍ୱହାନି, ବହୁମୂତ୍ର, ମେହରୋଗ, ମସ୍ତକଘୂର୍ଣ୍ଣନ, ବିନ୍ଦୁ ବିନ୍ଦୁ ମୂତ୍ରସ୍ରାବ ଓ ନାଲିଘା ଇତ୍ୟାଦି ଆରୋଗ୍ୟ ହୁଏ । କାନବେଦନା, ଗଣ୍ଡମାଳ, ହସ୍ତପଦାଦିର ଜ୍ୱାଳା, ସକଳପ୍ରକାର ବାତରୋଗର ମହୌଷଧ । ସ୍ତ୍ରୀଲୋକମାନଙ୍କର ରଜୋଦୋଷ, ବାଧକବେଦନା, ଗୁଳ୍ମ, ଶ୍ୱେତ ଓ ରକ୍ତପ୍ରଦର ଏବଂ ମୂର୍ଚ୍ଛାଦି ବିବିଧପୀଡ଼ାର ଶୀଘ୍ର ଶାନ୍ତି ହୁଏ ଏବଂ ଶରୀରର ଲାବଣ୍ୟ ବୃଦ୍ଧି ହୋଇଥାଏ । ଦେହକୁ ରୋଗଶୂନ୍ୟ କରି ସୁସ୍ଥ ଅବସ୍ଥାରୁ ଅଣିବା ଏହି ଔଷଧର ପ୍ରଧାନ କାର୍ଯ୍ୟ



୪୮ ବଟିକାପୂର୍ଣ୍ଣ ଏକ ଶିଶିର ମୂଲ୍ୟ ଅଠଅଣା ୧୦୦ ବଟିକାପୂର୍ଣ୍ଣ ଏକ ଶିଶିର ମୂଲ୍ୟ ଏକଟଙ୍କା ପ୍ୟାକିଂ ଖରଚ ଏକଅଣା ଏବଂ ଡାକମାସୁଲ ସ୍ୱତନ୍ତ୍ର ଅଣା । ଔଷଧୀୟ ବ୍ୟବସ୍ଥାପତ୍ର ସହ ଔଷଧ ପଠାଯାଏ

# ବିଜ୍ଞାପନ ।

TRADE MARK — W. MAJOR & CO.'S MEDICAL LABORATORY CALCUTTA — TRADE MARK — REGISTERED

ଆଶ୍ଚର୍ଯ୍ୟ ଗୁଣବିଶିଷ୍ଟ ! ପ୍ରତ୍ୟକ୍ଷ ଫଳପ୍ରଦ ! !
ଡାକ୍ତର ମେଜର ସାହେବଙ୍କର ଆବିଷ୍କୃତ—ସେହି
"ଇଲେକ୍ଟ୍ରୋ ସାଲସା"
ବ୍ରିଟିଷ ଗବର୍ଣ୍ଣମେଣ୍ଟଙ୍କର ଅଇନ ଅନୁସାରେ
ରେଜିଷ୍ଟ୍ରୀ କୃତ ।
ବହୁ ପରୀକ୍ଷିତ ! ବିଶେଷ ପ୍ରଶଂସିତ ! ! !
ଅଦ୍ଭୁତ ଓ ଅଭିନବ ।

ଅଉ କାହାରିକୁ ଅସ୍ଥାୟୀ ଗୁଣବିଶିଷ୍ଟ ଦେଶୀ ବା ବିଲାତି ସାଲସା ପ୍ରଭୃତି କୌଣସି ପ୍ରକାର ଔଷଧ ସେବନ କରିବାକୁ ହେବ ନାହିଁ । ଅବା କାହାରିକୁ ରୋଗ ଯନ୍ତ୍ରଣା ଭୋଗ କରିବାକୁ ହେବ ନାହିଁ । ଯେହେତୁ—

ଇଲେକ୍ଟ୍ରୋ ସାଲସା :—ନିଜ ଗୁଣରେ ଚିକିତ୍ସା ଜଗତର ସର୍ବୋଚ୍ଚ ସ୍ଥାନ ଅଧିକାର କରିଅଛି ।

ଇଲେକ୍ଟ୍ରୋ ସାଲସା :—ପ୍ରତ୍ୟହ ଯେରୂପ ବଜାରରେ ଦିନି ଦିନସ୍ତି ଦେଉଅଛି ଦେଶ ବିଦେଶରୁ ଦେହପର ପ୍ରଶଂସା ଅଯାଚିତ ପ୍ରଶଂସାପତ୍ର ଲାଭ କରୁଅଛି ।

ଇଲେକ୍ଟ୍ରୋ ସାଲସା :—ନବୋଦ୍ଭାବିତ ଉପାୟରେ, ବୈଜ୍ଞାନିକ ପ୍ରକରଣରେ ବୈଦ୍ୟୁତିକ ଶକ୍ତି ସଂଯୋଗେ ପ୍ରସ୍ତୁତ ହୋଇଥିବାରୁ ଏହାର ଅନ୍ୟ ଔଷଧ ବଢ଼ିଆ ରୋଗରେ ସର୍ବ ଶରୀର ସଞ୍ଚାରିତ ହୋଇପଡ଼େ ଏବଂ ତାହାର ଆରୋଗ୍ୟ-କାରିତା ଶକ୍ତି ଗୁଣରୁ ସର୍ବପ୍ରକାର ରୋଗର ପ୍ରବଳତା ଶକ୍ତି ଦମନ କରିଦିଏ ଏବଂ ୨।୩ ମାତ୍ରା ସେବନ ମାତ୍ରେ ରୋଗୋପଶମ ସୂଚନତା ଅନୁଭବ କରିଯାଏ, ପୁଣି ୩।୪ ସପ୍ତାହ ମଧ୍ୟରେ ରୋଗର ମୂଳ ପର୍ଯ୍ୟନ୍ତ ଉତ୍ପାଟନ କରି ନବ ସ୍ୱାସ୍ଥ୍ୟ, ନବ ଉତ୍ସାହ ଓ ନବ କଳେବର ପ୍ରାପ୍ତ କରାଇଦିଏ, ଯୌବନ ଜାତୋଚିତ ବଳ ବୀର୍ଯ୍ୟ ପୁଣି ଫେରି ଆସେ ।

ଇଲେକ୍ଟ୍ରୋ ସାଲସା :—ବ୍ୟତୀତ ବ୍ରିଟିଷ ଗବର୍ଣ୍ଣମେଣ୍ଟଙ୍କ ରାଜ୍ୟରେ ପ୍ରଚଳିତ ଓ ବିକ୍ରୀତ ହେଉଥିବା କ ସ୍ୱଦେଶୀ କ ବିଦେଶୀ ସକଳ ପ୍ରକାର ସାଲସା, ସକଳ ପ୍ରକାର ଔଷଧହିଁ କୃତ୍ରିମ ଓ ଅସ୍ଥାୟୀ ଗୁଣବିଶିଷ୍ଟ ଅର୍ଥାତ୍ ରୋଗକୁ ତାଙ୍କି ରଖେ ବୁନ୍ଦି—

ଇଲେକ୍ଟ୍ରୋ ସାଲସା ।—ବୈଦ୍ୟୁତିକ ଶକ୍ତି ପ୍ରଭାବରୁ ରୋଗ ସମ୍ପୂର୍ଣ୍ଣ ଆରୋଗ୍ୟ କରିଦିଏ କଦାପି ପୁନରାକ୍ରମଣ କରେ ନାହିଁ । ବହୁ ପରୀକ୍ଷା ଓ ଭୂୟୋ ଦର୍ଶନ ଫଳେ ଏହା ପ୍ରତିପନ୍ନ ହୋଇ-ଅଛି । ପୁଣି ଏହି ସ୍ଥାୟୀ ଆରୋଗ୍ୟକାରିତା ଗୁଣ ଥିବାରୁହିଁ ଏହି ଅତ୍ୟଳ୍ପ କାଳ ମଧ୍ୟରେ ଏହି ଔଷଧପ୍ରାବିତ ରାଜ୍ୟରେ ଏପରି ଉଚ୍ଚ ସ୍ଥାନ ଅଧିକାର କରିଅଛି ଯେଉଁଠାକୁ ଥରେ ଔଷଧ ପ୍ରେରିତ ହେଉଅଛି ସେଠା ଅଧିବାସିମାନେ "ଇଲେକ୍ଟ୍ରୋ ସାଲସାର" ପକ୍ଷପାତୀ ହୋଇ ବାରମ୍ବାର ଉକ୍ତ ଔଷଧ ପଠାଇବାକୁ ପତ୍ର ଲେଖୁଅଛନ୍ତି । ବର୍ତ୍ତମାନ ଦାତବ୍ୟଚିକିତ୍ସାଳୟରେ ଉପଯୁକ୍ତ ରୋଗିକୁ ଏହି ସାଲସା ବ୍ୟବସ୍ଥା କରାଯାଉଅଛି । ଅଷ୍ଟ୍ରିୟା, ୟୁରୋପ, ଆମେରିକା, ଅଫ୍ରିକା ମହାଦେଶର ଲକ୍ଷ ଲକ୍ଷ ଲୋକେ ପ୍ରତ୍ୟହ ବ୍ୟବହାର କରୁଅଛନ୍ତି । ଭାରତର କୁଟୀରବାସୀ କୃଷକଠାରୁ ମୁକୁଟଧାରୀ ରାଜା ମଧ୍ୟ ସମସ୍ତେ ସମାନ ଆଦରର ସହିତ ଗ୍ରହଣ କରୁଅଛନ୍ତି । ଇଲେକ୍ଟ୍ରୋ ସାଲସା ସତ୍ୟ ଯେପରି ବ୍ରହ୍ମାଣ୍ଡ ବିଜୟ କରିବାକୁ ଶୁଭକ୍ଷଣରେ—ଶୁଭମୁହୂର୍ତ୍ତରେ ଅବତୀର୍ଣ୍ଣ ହୋଇଥିଲା ! ! ! ବାସ୍ତବିକ ଏରୂପ ସଫଳତା ଏରୂପ ଆରୋଗ୍ୟକାରିତା ଏରୂପ ଅଲୌକିକତା ଔଷଧ ଏହାଠାରେ ଏତେ ଅଧିକ ଗୁଣସମ୍ପନ୍ନ ଇତିପୂର୍ବେ ସୃଷ୍ଟି ହୋଇ ନାହିଁ ।

ଇଲେକ୍ଟ୍ରୋ ସାଲସା ।—ଦୂଷିତରକ୍ତ ଶୋଧନ କରିବାକୁ, ନୂତନ ରକ୍ତକଣିକା ସୃଷ୍ଟି କରିବାକୁ ବାତ, ପକ୍ଷାଘାତ, କଟିବାତ, ଅଣ୍ଡପ୍ରଦାହ ଫୁଲିବା ଭୁଣ୍ଡେଇ ହୋଇ ଫୁଲ ଉଠିବା, କୁଣ୍ଡିଅଣ, ଜଳ ଖଇମି ଓ ପାଚିଲ ଘା, ନାକ ଓ କାନର ଘା ଦେହରେ ବା ହସ୍ତ ଓ ପଦ ତଳରେ ପାଣ୍ଡୁ ଗରମି-ଖାଦା ବା କଲା ଚିହ୍ନ, ଧବଳ କୁଷ୍ଠ-ରୋଗର ପ୍ରାରମ୍ଭାବସ୍ଥା ଇତ୍ୟାଦି ରକ୍ତସମ୍ବନ୍ଧୀୟ ସର୍ବପ୍ରକାର ପୀଡ଼ା ଓ ଉପସର୍ଗ ଏବଂ ବହୁଁର କଷ୍ଟଦାୟକ ଯନ୍ତ୍ରଣାଦି ପୁଣି ପାଦ ଓ ଗରମି-ବିଷର ଚିହ୍ନ ନାଶ କରିବାକୁ ଏହାପରି ସ୍ଥାୟୀ ଆରୋଗ୍ୟକର ଔଷଧ ଦ୍ୱିତୀୟ ନାହିଁ ।

ଇଲେକ୍ଟ୍ରୋ ସାଲସା ।—ତରଳ ଶୁକ୍ର ଗାଢ଼ କରିବାକୁ ଶୁକ୍ରବୀର୍ଯ୍ୟ ସ୍ନେହଯୁକ୍ତ କରିବାକୁ—ହ୍ରାସପ୍ରାପ୍ତ ବୀର୍ଯ୍ୟର ପରିମାଣ ବୃଦ୍ଧି କରିବାକୁ—ସ୍ତ୍ରୀ ସହବାସରେ କ୍ଷମତା ଜନ୍ମାଇବାକୁ,—ତଥା ସାବଲୀୟ ଶୁକ୍ରବ୍ୟାଧି—ଅର୍ଥାତ୍—ମେହ, ପ୍ରମେହ, ଶୁକ୍ରମେହ, ଧାତୁ ଦୌର୍ବଲ୍ୟ, ବହୁମୂତ୍ର, ବାରମ୍ବାର ଅଧିକ ବା ଅଳ୍ପ ପ୍ରସ୍ରାବ ହେବା, ମେହବାତ, ପ୍ରସ୍ରାବ ଜଳିବା, ଲୁଗାରେ ଦାଗ ପଡ଼ିବା, ମୂତ୍ର-ନାଳରୁ ଶୁକ୍ର ବା ପୂଜ-ରକ୍ତ ପଡ଼ିବା, ସ୍ୱପ୍ନଦୋଷ,


Digitized by srujanika@gmail.com

ସ୍ୱପ୍ନାବସ୍ଥାରେ ବା ପରେ-ଦୁଷ୍ଟ ବା ଅଦୃଷ୍ଟ ଶୁକ୍ର ପତନ, କମ୍ପା ମଳ ବେଗରେ ବୀର୍ଯ୍ୟ ନିର୍ଗତ ହସ୍ତମୈଥୁନ ବା ଅତିରିକ୍ତ ସହବାସ ହେତୁ ସ୍ମରଣ-ଶକ୍ତି ହୀନ, ମୁଣ୍ଡ ଘୁରାଇବା, ଚକ୍ଷୁର ଅନ୍ଧକାର, ଦୁର୍ବଳ ପ୍ରିୟତା, ଚଲିବା କରିବାକୁ ଅସମର୍ଥତା, ସାମାନ୍ୟ ସହବାସ ବା ଉତ୍ତେଜନା ମାତ୍ର ଶୁକ୍ର ସ୍ଖଳନ ହେବା ଇତ୍ୟାଦି ସାବଲୀୟ ଶୁକ୍ରଘଟିତ ବ୍ୟାଧି; ଲକ୍ଷଣ ଓ ଉପସର୍ଗାଦି ସମୂଳେ ଧ୍ୱଂସ କରିବାକୁ ଅବ୍ୟର୍ଥ ଓ ଅମୋଘ।

ଇଲେକ୍ଟ୍ରୋ ସାଲସା :—ର ଗୁଣାବଳି ପ୍ରକାଶ କରିବା ବାହୁଲ୍ୟ, ଥରେ ପରୀକ୍ଷା କରି ଦେଖ! ସଙ୍ଗେ ସଙ୍ଗେ ଶୁଭଫଳ ଫଳିବ। କ୍ଷୁଧା ବୃଦ୍ଧି ହେବ। କୋଷ୍ଠ ପରିଷ୍କାର ହେବ। ଦେହରେ ଦ୍ୱିଗୁଣ ବଳ ସଞ୍ଚାରିତ ହେବ, ଶୁଷ୍କ ଦୁର୍ବଳ ଜୀର୍ଣ୍ଣ ଶୀର୍ଣ୍ଣ ଦେହ ସବଳ-ହୃଷ୍ଟ-ପୁଷ୍ଟ ଓ କାନ୍ତିଯୁକ୍ତ ହେବ। ଶରୀରର ଓଜନ କ୍ରମେ ବଢ଼ିଯିବ।

ଇଲେକ୍ଟ୍ରୋ ସାଲସା :—ସହିତ କୌଣସି ପ୍ରକାର ବିଷାକ୍ତ ଦ୍ରବ୍ୟର ସଂଶ୍ରବ ନାହିଁ। ସୁସ୍ଥ, ଅସୁସ୍ଥ ଆବାଳ ବୃଦ୍ଧ ସମସ୍ତେ ସକଳ ଅବସ୍ଥାରେ ସକଳ ସମୟରେ ସେବନ କରି ପାରନ୍ତି, ଅଥଚ କୌଣସି କଠିନ ନିୟମରେ ଆବଦ୍ଧ ହୋଇ ରହିବାକୁ ହୁଏ ନାହିଁ।

ବିଶେଷଦ୍ରଷ୍ଟବ୍ୟ :—ସୁଧା ଭ୍ରମରେ ବିଷ ଭକ୍ଷଣ କର ନାହିଁ! ଅସାର ଆଡ଼ମ୍ବର ପୂର୍ଣ୍ଣ ବିଜ୍ଞାପିତ ଔଷଧାଦି-ସେବନରେ କୌଣସି ଫଳ ନାହିଁ!!

"ଇଲେକ୍ଟ୍ରୋ ସାଲସା" ଭୂମ୍ବ ରୋଗର ଅଦ୍ଭୁତ ଔଷଧ! ଯେହେତୁ ଗୋଟିଏ ରୋଗୀ ମଧ୍ୟ ଅଦ୍ୟାବଧି ନୈରାଶ୍ୟ ହୋଇ ନାହିଁ ତାହାର ବହୁ ଦୃଷ୍ଟାନ୍ତ—ବହୁ ପ୍ରଶଂସାପତ୍ର—ବହୁ ପ୍ରମାଣ ପୁସ୍ତକାକାରରେ ଛପା ହେଉଅଛି। ଶୀଘ୍ର ପ୍ରକାଶିତ ଓ ବିତରିତ ହେବ। ପ୍ରତ୍ୟେକ ଗ୍ରାହକ ତାହା ପାଇବେ।

ବହୁ ଓଡ଼ିଶାବାସୀ ଟେଲିଗ୍ରାଫ୍ ପଠାଇ ଔଷଧ ମଗାଉଅଛନ୍ତି - ସେମାନଙ୍କର ଓ ଅସଂଖ୍ୟ ଦୂର ଦେଶବାସୀ ରୋଗୀଙ୍କର ସୁବିଧାର୍ଥେ-ଘରି ଟେଲିଗ୍ରାଫ୍ ପଠାଇବାର ବ୍ୟୟ ଲାଘବାର୍ଥେ-ବହୁ ବ୍ୟୟ କରି ଗଭର୍ଣ୍ଣମେଣ୍ଟଙ୍କର ନିୟମାନୁଯାୟୀ ଅମ୍ଭମାନଙ୍କର ସଂକ୍ଷିପ୍ତ ନାମ ଓ ଠିକଣା ଚିରସ୍ଥାୟୀ ରୂପେ ରେଜିଷ୍ଟ୍ରୀ କରାଯାଇଅଛି। ଅତଃପର ଟେଲିଗ୍ରାଫର ଠିକଣା କେବଳ "ମେଜର—କଲିକତା" ଲେଖିଲେ ଖୁବ ଶୀଘ୍ର ତାହା ଅମ୍ଭ ଅଫିସରେ ପହୁଞ୍ଚିବ।

ଇଲେକ୍ଟ୍ରୋ ସାଲସାର :—ଆବିଷ୍କର୍ତ୍ତା— ଡାକ୍ତର କେନେଡ୍, ମେଜର ଏମ୍, ଏ, ଏମ୍, ଡି, ଇଲେକ୍ଟ୍ରିସିଆନ, ଅଭିଜ୍ଞ ଅମେରିକା। ଗୁରୁତର ବର୍ଷରେ ଏକମାତ୍ର ଏଜେଣ୍ଟ ଓ ପ୍ରୋପ୍ରାଇଟର;— "ଡବ୍ଲିଉ,ମେଜର ଏଣ୍ଡ କୋମ୍ପାନୀ," କଲିକତା।

ଏହାର ଗୁଣ ସମ୍ବନ୍ଧେ ଅପରାପର ବିବରଣ ଅନ୍ୟ ପୃଷ୍ଠାରେ ଦେଖ।

ଏହାପର ଆଦର୍ଶ "ଟ୍ରେଡ଼ମାର୍କ" ଲେବଲ୍ ଦେଖିଲେ ସଂଲଗ୍ନ ନାହିଁ ତାହା କୃତ୍ରିମ ଔଷଧ ଜାଣିବେ; ଏବଂ ସେହି କୃତ୍ରିମକାରୀଙ୍କୁ ଧରାଇ-ଦେଇ ପ୍ରମାଣ କରିପାରିଲେ ପାଞ୍ଚହଜାର ଟଙ୍କା ପୁରସ୍କାର ପାଇବେ।

ଆମ୍ଭମାନଙ୍କ ଟ୍ରେଡ଼ ମାର୍କ ଦେଖି ଔଷଧ କିଣିବେ

W. MAJOR & CO.'S MEDICAL LABORATORY CALCUTTA — TRADE MARK

ଅମେରିକା ପ୍ରଦେଶସ୍ଥ ନେବ୍ରାସ୍କା ନଗରବାସୀ ମହାମାନ୍ୟ ଡାକ୍ତର କେନେଡ୍, ମେଜର ଏମ୍, ଏ, ଏମ୍, ଡି ମହୋଦୟଙ୍କ ଅଦ୍ଭୁତ :—

"ଇଲେକ୍ଟ୍ରୋ ସାଲସା"



ଏପରି ସର୍ବଗୁଣ ସମ୍ପନ୍ନ ଔଷଧ ଭାରତବର୍ଷ କେବେହେଁ ଅବଗତ ହୋଇ ନାହିଁ। ଏହାର ଗୁଣ ଅସୀମ, କିମ୍ବା ଅଲୌକିକ, ଶକ୍ତି ମନ୍ତ୍ରବତ୍ ଅଲୌକିକ। ସେହିଁ ହେତୁ କୌଣସି ଔଷଧରେ ଅପେକ୍ଷା କିଛି ନାହିଁ, ତଥା ଅନୁଭବୀମାନେ ଯେଉଁ ବିଷୟ ଅସାଧ୍ୟ ହୋଇ ଶେଷରେ କରିଅଛନ୍ତି ଏହି ମହୌଷଧ ସେହି ରୋଗରେ ପ୍ରତ୍ୟକ୍ଷ!

ଇଲେକ୍ଟ୍ରୋ ସାଲସା;—ଇଲେକ୍ଟ୍ରିକ ଶକ୍ତିରେ ସ୍ୱାଭାବିକ ପ୍ରକରଣରେ ତାଡ଼ିତଶକ୍ତି ସଂଯୁକ୍ତ ରହିବାରୁ ଶୀଘ୍ର ମାନବ ଦେହରେ ଏହାର ଅଦ୍ଭୁତ କିମ୍ବା ପ୍ରଭାବ ଦାଏ ଏବଂ ସ୍ନାୟୁଗ୍ରସ୍ତ ଔଷଧ ସେବନାନ୍ତେ ମନରେ ଦୃଢ଼ ସେମାନଙ୍କ ସେବନାନ୍ତରେ କୌଣସି ବୈଦ୍ୟୁତିକ କିମ୍ବା ଅମ୍ଳ କ୍ରିୟା ହୁଏ। ଏହାକୁ ଏହାର ଶକ୍ତିମତ୍ତାର ପ୍ରଥମ ପରିଚୟ ଅଲୌକିକତାର ପ୍ରଥମ ନିଦର୍ଶନ!!

ଭିତ୍ତି—ଅସ୍ମାନଙ୍କ ଶିକ୍ଷା ଦେଉଅଛନ୍ତି ଯେ ଉପରେ ଶକ୍ତିର ପ୍ରକୋପ ଶକ୍ତିହୀନ ସ୍ଥଳରେ ପ୍ରବଳ। ଉପଯୁକ୍ତ ପ୍ରକାର ବ୍ୟବହାର ପ୍ରକୃତ ରୋଗ ସଞ୍ଚାରଣା। ଏପରି ଉପଯୁକ୍ତ ସମସ୍ତ ଶକ୍ତି ଯେ ଔଷଧରେ ସଂଯୋଗ କରାଯାଇଛି ତାହା ଯେ ଅଲୌକିକ ଶକ୍ତି ଥିବ କହିବା ବାହୁଲ୍ୟ ଅଛି କେଉଁ?

ପାଶ୍ଚାତ୍ୟ ଶାସ୍ତ୍ର ଅଭିଜ୍ଞ ପଣ୍ଡିତମାନେ କହନ୍ତି, ତାଳ ସ୍ପନ୍ଦନର ଶୃଙ୍ଖଳତାରେ ଓ ସ୍ନାୟୁ ଉତ୍ତାପ ଅଭାବରେ ଶରୀରସ୍ଥ ବୈଦ୍ୟୁତିକ ଶକ୍ତି ହ୍ରାସ ହୋଇ ସାମୁଦ୍ରିକ ତରଙ୍ଗ ଭଳି ଏହା ପଦାର୍ଥରେ ରକ୍ତ ଓ ଶୁକ୍ର ସମ୍ବନ୍ଧୀୟ ପୀଡ଼ାର ଉତ୍ପତ୍ତି ହୁଏ। ଯୁକ୍ତି ସେହି ଦୃଷ୍ଟିରୁ ବୈଦ୍ୟୁତିକ ଶକ୍ତିର ସମତା ଶରୀରାଭ୍ୟନ୍ତରରେ ରକ୍ଷା କରାଯାଇଲେ ମାନବ ନିରୋଗୀ ଓ ଦୀର୍ଘାୟୁ ହେବାହିଁ ସ୍ୱତଃସିଦ୍ଧ। ମାତ୍ର ଔଷଧ ସମବିହାର ଯେ ଇତରର ସମତା ରକ୍ଷା ହୋଇ ନ ପାରେ। ତଥାପି ଶକ୍ତି ସଂଯୋଗ ବ୍ୟତୀତ କୌଣସି ଔଷଧରେ ଯେ ଅଭାବ ସମ୍ବନ୍ଧୀୟ ମୋହନ ହୋଇ ନ ପାରେ ସେଥିପାଇଁ ପାଶ୍ଚାତ୍ୟ ବୈଜ୍ଞାନିକମାନେ ବହୁ ଗବେଷଣାରେ ପ୍ରଥମେ ଗ୍ୟାଲଭାନିକ ବ୍ୟାଟେରୀ ବା ତାଡ଼ିତଯନ୍ତ୍ର ଆବିଷ୍କାର କରନ୍ତି ଏବଂ ରୋଗୀ ଦେହରେ ତାହାର ଭାରି ପ୍ରୟୋଗ କରନ୍ତି, ପକ୍ଷାଘାତ, ସ୍ନାୟୁ ଦୌର୍ବଲ୍ୟ ପ୍ରଭୃତି କେତୋଟି ରୋଗରେ ଅଳ୍ପ ସମୟ ବରଂ ସମର୍ଥ ହୁଅନ୍ତି। ଫଳରେ ପଞ୍ଜୁରି କିମ୍ବା ମଧ୍ୟ ଯେ ଅସ୍ଥାୟୀ ଏ କଥା ନିଶ୍ଚିତ ସମାଚାର ଏବେ ଅଛି ମୂଲ୍ୟ ଲେଖାକୁ ହେବ ନାହିଁ। ଏବଂ ବିଂଶଶତାବ୍ଦୀର ସ୍ୱାଧୀନତାରେ ବଳରେ ମହୁପୁରୀ ସମ୍ପର୍କୀୟ ଡାକ୍ତର ମେଜର ତାଡ଼ିତଶକ୍ତିର ଅଲୌକିକ ପ୍ରୟୋଗାର୍ଥ ତାହାର ବିଶେଷ ଲେଖନ୍ତୁ ରାତ୍ରିରେ ସଂଯୋଗ କରି ଏହି ଅମୋଘ ଔଷଧ ସୃଷ୍ଟି କରି ପ୍ରଚାରଅଛନ୍ତି ଏବଂ ଶୁକ୍ର ଓ ରକ୍ତ ସମ୍ବନ୍ଧୀୟ ପୀଡ଼ାର ଅତ୍ୟର୍ଥ ଅପ୍ରେକ୍ଷ୍ୟ କରି ଏହି ଚିକିତ୍ସା ଜଗତରେ ନୂତନ ଯୁଗ ଆଣି ଦେଇଅଛନ୍ତି!!!

ଅନ୍ୟ ମାନଙ୍କହିଁ ଅପେକ୍ଷା ଓ ଅସ୍ଥାୟୀ ଗୁଣବତ୍ତା କୃତ୍ରିମ ସାଲସା ବା କୌଣସି ପ୍ରକାର ଔଷଧ ସେବନ କରିବାକୁ ହେବ ନାହିଁ ଅଥ ତାହାଙ୍କୁହିଁ ରୋଗ ଯନ୍ତ୍ରଣା ଭୋଗିବାକୁ ହେବ ନାହିଁ ଅତଏବ ଏହି ମହୌଷଧ ଏହି ମହାବଳିକ୍, ଏହି ବୈଦ୍ୟୁତିକ ଗୁଣର "ଇଲେକ୍ଟ୍ରୋ ସାଲସା" କୁ ପରୀକ୍ଷା କରି ଦେଖନ୍ତୁ ସଙ୍ଗେ ସଙ୍ଗେ ଶୁଭଫଳ ପାଇବେ ଅର୍ଥାତ୍ ଦେହ ସର୍ବକ୍ଷମ ହେବ, ରସ-ରକ୍ତାଦି ବଳଶାଳୀ ଓ ନିଷ୍କଳଙ୍କ ପୁଣି ହୋଇଯିବ।

ରକ୍ତ ଦୂଷିତ ବୃତ୍ତି, ବାତରକ୍ତ, ଅମ୍ଳପିତ୍ତ, ଉପଦଂଶ, ଗର୍ମି ବା, ନାଲୀଘା, ଖାଉଁଜ, ବାଗି, କୁଣ୍ଡ, ଗଣ୍ଡମାଳା ପ୍ରମେହ, ଧାତୁ ଦୌର୍ବଲ୍ୟ, ପାର୍ଶ୍ୱ ଘାତକ, ସ୍ୱପ୍ନଦୋଷ ପ୍ରସ୍ରାବ ଜଳନ, ସ୍ତ୍ରୀ ସଙ୍ଗମରେ ଅକ୍ଷମ, ରଜ, ଲଟିଆ, ସ୍ୱର ଭଙ୍ଗିବା, କୋଷ୍ଠକାଠିନ୍ୟ ଶୁକ୍ର ଓ ରକ୍ତସମ୍ବନ୍ଧୀୟ ପୀଡ଼ା— ଯେତେ ଜଟିଳ, ଯେତେ କଠିନ ଓ ପୁରାତନ ହେଉ ଏହି ସାଲସା ସେବନରେ ତାହା ଆରୋଗ୍ୟ ହେବହିଁ ହେବ। ବିଶେଷ ବିବରଣ ପୁସ୍ତକ ବିନା ମୂଲ୍ୟରେ ଦେଉ। ମୂଲ୍ୟ ୧ ସପ୍ତାହ ସେବନୋପଯୋଗୀ ବଡ଼ ଶିଶି ଟ ୨।୦ ଶିଶିର ୫ ଟଙ୍କା, ୬ ଶିଶିର ଟ ୧୦, ଡଜନର ଟ ୨୦। ଡାକ ମାଶୁଲ ଓ ପ୍ୟାକିଂ ଖର୍ଚ୍ଚ ଶିଶିରେ ଟ ।୮, ୩ ଶିଶିରେ ଟ ୧।୦, ୬ ଶିଶିରେ ।।୮, ଡଜନରେ ଟ ୧।୮।

ଅମ୍ଭମାନଙ୍କର ପତ୍ରାଦି ପଠାଇବାର ଠିକଣା

W. MAJOR & Co | ଡବ୍ଲିଉ, ମେଜର ଏଣ୍ଡ କୋ॰
Calcutta | କଲିକତା

TELEGRAPHIC ADDRESS.
"MAJOR" Calcutta

---

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦ ୵ |
| ଅଧସ୍ତମ୍ଭ | ଟ ୨ ୮ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩ ୮ |

ମାତ୍ର କୌଣସି ବିଜ୍ଞାପନ ଯେତେ ଲଘୁ ହେଲେ, ଉକ୍ତିର ଖର୍ଚ୍ଚ ଟ ୦ ୵ ରୁ ଊଣା ହେବ ନାହିଁ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମ ଥରର ଅର୍ଦ୍ଧେକ ଓ ଦ୍ୱିଗୁଣ ଯଥାକ୍ରମେ ହେବ

ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ।

---

ଏହି ଉତ୍କଳଦୀପିକା କଟକ ମହାନଦୀ ନିକଟବର୍ତ୍ତୀ ସମ୍ପାଦକ ଦ୍ୱାରା ପ୍ରିଣ୍ଟିଂ ପ୍ରେସରେ ମୁଦ୍ରିତ ଓ ପ୍ରକାଶିତ ହେଲା।

Split by PDF Splitter
Digitized by srujanika@gmail.com

Split by PDF Splitter



## ସାପ୍ତାହିକ ସମ୍ବାଦ ।

କଲିକତା ଏବଂ ରଙ୍ଗୁନମଧ୍ୟରେ ବନ୍ଦର ଖେଲ୍ଲ ଅଫିସର ବାଂଲାଶ୍ୱ ଉତ୍ପଥାର କର୍ଣ୍ଣମାଳ ଅଧୁସନ୍ଧଅଛନ୍ତି । ସାଇହା ହାରଣାଙ୍କୁ ପଠାଯାଇଥିବା କେତେକ ଶତ ଟୋଲା ଅଫିମ ଉର୍ଦ୍ଧ କର ଜନଷ୍ଟେଲସେପ୍ଟ ଅଫିସରୁ ବାହାରିବାପରେ ଅର୍ଦ୍ଧ ବାଟୀ ବଙ୍ଗକଜ୍ଜିତ ଧୃତ ହୋଇଅଛି ।

ତାଞ୍ଜୋର ଅନ୍ତର୍ଗତ ଶିବଗଙ୍ଗା ଜମିଦାର ପୋଠାମଣ୍ଡଳ ସ୍ଥାନରେ ବସ୍ତ୍ରାଦିକ ବଣାହଙ୍ଗାମା ହୋଇଯାଇଥିବାର ସମ୍ବାଦ ମିଳଇ । କେତେକ ଲୋକଙ୍କ ସେମାନଙ୍କର ସ୍ୱତ୍ୱରୁ ବଞ୍ଚିତ କରିବା ହେତୁ ସେମାନେ ମେଉଦାନ ଜମିଦାରଙ୍କ ଭୂମ୍ୟାଦ୍ୟାକୁ ଆକ୍ରମଣ କଲେ । ଜମିଦାର ପକ୍ଷର ଲୋକମାନେ ସେମାନଙ୍କୁ ମାର ଗାଳିଆ ମୁକଦ୍ଦମା ସ୍ଥଳେ ତାଙ୍କୁ ବନ୍ଦୀକଲେ ମାଜିଷ୍ଟ୍ରେଟ ଏବଂ ପୁଲିସ ସାହେବମାନେ ସାହାଯ୍ୟକୁ ଯିବାରୁ ସେମାନଙ୍କ ମଧ୍ୟ ଉଣ୍ଡାବାଜମାନଙ୍କ ପ୍ରହାର କଲେ । ସବସୁଦ୍ଧା ନ ୭୪ ଣ ଲୋକ ଧୃତହୋଇ ଜେଲଖାନାକୁ ପ୍ରେରିତ ହୋଇଅଛନ୍ତି ଏବଂ ଗ୍ରାମ୍ୟ ମୁନସଫ ମଧ୍ୟ ମା ୭ ସ ଜେମ୍ସୁତି ବନ୍ଦୀଗ୍ରସ୍ତ ହୋଇଅଛନ୍ତି ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

ମାନନୀୟ ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ

ମହାଶୟ !

ଗତ ଜୁନ ମାସ ତା ୨୮ ଖ ସନ୍ଧ୍ୟାରେ ଶ୍ରୀଯୁକ୍ତ ବାବୁ ଶଶୀଭୂଷଣ ରାୟଙ୍କ ପାଲିଗଞ୍ଜସ୍ଥ ଭବନରେ ବାମଣ୍ଡାର ଖ୍ୟାତନାମା ମାସ୍ଟ୍ରାଣବସ୍ତ ଯାତ୍ରାଦଳ ଯାତ୍ରା ଦେଖାଇଥିଲେ, ତଦର୍ଶନାର୍ଥ କଟକର କେତେକ ପ୍ରଧାନ ଲୋକ ଆମନ୍ତ୍ରିତ ହୋଇଥିଲେ ।

ମାସ୍ଟ୍ରାଣବସ୍ତ କଣସୁଦ୍ଧା ଉତ୍ତମ ରଚିତ ହୋଇଥିଲେହେଁ ତହିଁରେ କର୍ଣ୍ଣପ୍ରୀତିକର ନିମନ୍ତେ ଗୋଟିଏ ଗୋପାଳ ସୁଆଙ୍ଗ ଯୁକ୍ତ ହୋଇଥିବାରୁ ତନ୍ନାଟକାଭିନୟ ଅନ୍ୟ ଯାତ୍ରା ଅପେକ୍ଷା ଉତ୍କୃଷ୍ଟ ବୋଧ ହେଉ ନ ଥିଲା । ଯାତ୍ରାକାରମାନେ ସ୍ୱଜସ୍ଥଦତ୍ତ ବେଶଭୂଷାରେ ସୁସଜ୍ଜିତ ହୋଇ ମନ ହରଣ କରୁଥିଲେ କିନ୍ତୁ କଣ୍ଠସ୍ୱର କର୍କଶ ଥିବାରୁ ପ୍ରାବୃଟକାଳର ଦର୍ଦ୍ଦୁର ନାଦ ଅପେକ୍ଷା ଶ୍ରୁତିକଟୁ ବୋଧ ହେଉଥିଲା; ସେହି କାରଣରୁ ଆମନ୍ତ୍ରିତ କେତେକ ବ୍ୟକ୍ତି ସମ୍ପୂର୍ଣ୍ଣ ଯାତ୍ରା ନ ଦେଖି ଫେରିଗଲେ ।

କିଛିକାଳ ପୂର୍ବେ ଏହି ମାସ୍ଟ୍ରାଣବସ୍ତ ଯାତ୍ରା ବାଲେଶ୍ୱର ରାଜଭବନରେ ହୋଇଥିଲା ଏବଂ ତତ୍ସମ୍ବନ୍ଧରେ ଜଣେକ ଭଦ୍ରଲୋକ ସାପ୍ତାହିକ ପ୍ରଶଂସାପତ୍ର ପ୍ରକାଶ କରି ଉତ୍କଳର ଥିଏଟରକାରମାନଙ୍କୁ ତାହା ଦେଖିବାକାରଣ ବିଶେଷ ଅନୁରୋଧ କରିଥିବାର ପାଠକେ ଅବଗତ ଥିବେ; ଭାଗ୍ୟକ୍ରମେ ଶଶିବାବୁଙ୍କ ପ୍ରସାଦରୁ ତାହା ଦେଖିବାରେ ଆସିଲା ।

ପ୍ରେରିତପତ୍ରରୁ ପ୍ରକାଶ ଯେ ଯାତ୍ରାଦଳପ୍ରତି ବାମଣ୍ଡା ଯୁବରାଜଙ୍କର ବିଶେଷ ଯତ୍ନ ଅଛି । ଯୁବରାଜ ମହୋଦୟ ଏହାକୁ ସାଧାରଣ ଯାତ୍ରାଦଳ ଅପେକ୍ଷା ସମ୍ପୂର୍ଣ୍ଣ ସର୍ବାଙ୍ଗପୂର୍ଣ୍ଣ ଓ ନୂତନ ଭାବାନୁଷ୍ଠାନିତ କରିବାରେ ତ୍ରୁଟି କରି ନାହାନ୍ତି । ଆଶାକରୁଁ ସେ ବଙ୍ଗ ବା ଦକ୍ଷିଣରୁ ଯାତ୍ରାଦଳ ଆଣାଇ ସେହି ପ୍ରଣାଳୀରେ ଉପଯୁକ୍ତ ଶିକ୍ଷକଦ୍ୱାରା ଯାତ୍ରାଦଳଙ୍କୁ ଉପଯୁକ୍ତ କରାଇବାରେ ଯତ୍ନବାନ୍ ହେଲେ ତାଙ୍କର ସୁମହତ୍ ଉଦ୍ଦେଶ୍ୟ କଥଞ୍ଚିଦରେ ଚରିତାର୍ଥ ହୋଇ ପାରିବ ।

କଟକ } ବଶମ୍ବଦ
୨।୭।୦୨ } ଜଣେ ଦର୍ଶକ

## ବିଜ୍ଞାପନ ।

ଯେହେତୁ କଟକ ଜିଲ୍ଲା ଅନ୍ତର୍ଗତ ସଦର, ଜଗତସିଂହପୁର, ତିର୍ତ୍ତୋଲ, ସାଲେପୁର ଓ ବାଙ୍କୀ ଥାନା ମଧ୍ୟସ୍ଥିତ ସମସ୍ତ କାଞ୍ଜିହାଉସ ( ପାଉଣ୍ଡ ) ସନ ୧୯୦୨ ମସିହା ଜୁଲାଇ ମାସ ତା ୧ ଖଠାରୁ ସନ ୧୯୦୪ ମସିହା ମାର୍ଚ୍ଚ ମାସ ତା ୩୧ ଖ ପର୍ଯ୍ୟନ୍ତ ୧ ବର୍ଷ ୯ ମାସ ନିମନ୍ତେ ସନ ୧୯୦୨ ମସିହା ଜୁଲାଇ ମାସ ତା ୧୬ ଖ । ମୁ । ସନ ୧୩୦୯ ସାଲ ଆଷାଢ଼ ମାସ ଦ ୨୯ ନ ହବା ସ ୧୨ ଘା ସମୟରେ କଟକ ସଦର ଲୋକେଲବୋର୍ଡ଼ ଅଫିସରେ ଶ୍ରୀଯୁତ ଶ୍ରୀ ଡେପୁଟୀଚେୟାରମ୍ୟାନ ବାହାଦୁରଙ୍କ ହଜୁରରେ ପ୍ରକାଶ୍ୟ ଡାକ ନିଲାମଦ୍ୱାରା ଇଜରା ବନ୍ଦୋବସ୍ତ କରାଯିବ ଅତଏବ ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆ ଯାଉଅଛି ଯେ ଯେଉଁମାନେ ଡାକ ନିଲାମରେ ଇଜରା ନେବାକୁ ଇଚ୍ଛା କରନ୍ତି ସେମାନେ ନିମ୍ନ ଉପରଲିଖିତ ନିରୂପିତ ତାରିଖରେ ନିଲାମ ସ୍ଥାନରେ ଉପସ୍ଥିତ ହୋଇ ଡାକ ନିଲାମରେ ଇଜରା ନେଇ ପାରିବେ । ଯାହାଙ୍କ ଡାକ ସର୍ବାପେକ୍ଷା ଉଚ୍ଚ ଦର ହେବ ଓ କୌଣସି ଆପତ୍ତି ନ ଥିଲେ ତାଙ୍କ ନାମରେ ନିଲାମ ସ୍ଥିର କରାଯିବ ଓ ନିଲାମଗ୍ରହୀତା ତତ୍କ୍ଷଣାତ୍ ଅର୍ଥାତ୍ ନିଲାମ ଡାକ ଶେଷ ହେଲାକ୍ଷଣି ନିଲାମି ଜରସମନର ଚତୁର୍ଥାଂଶ ଯାମିନସ୍ୱରୂପ ଅବିଲମ୍ବେ ଦାଖଲ କରିବେ ଓ ବାକି ନିଲାମର ନିରୂପିତ କିସ୍ତି ଅନୁସାରେ ଦାଖଲ କରିବାକୁ ହେବ । ଉକ୍ତ ଚତୁର୍ଥାଂଶ ଟଙ୍କା ନିଲାମ ଶେଷ ହେବା ମାତ୍ରେ ଦାଖଲ ନ ହେଲେ ପୁନ ନିଲାମ କରାଯିବ ଓ ପ୍ରତ୍ୟେକ କ୍ୱାଟରର ଖଜଣା ସେହି କ୍ୱାଟରର ପ୍ରଥମ ତାରଖରେ ଅଗ୍ରାମୀ ଦେବାକୁ ହେବ ନ ଦେଲେ ତହିଁର ଯେ କ୍ଷତି ହେବ ତାହା ତ୍ରୁଟିକାରୀଙ୍କୁ ଦେବାକୁ ହେବ । ନିଲାମ ସ୍ଥିର ହେଲାରୁ ଗ୍ରହୀତା ନିମ୍ନୋକ୍ତ ଷ୍ଟାମ୍ପ କାଗଜରେ ବୋର୍ଡ଼ ଚେୟାରମ୍ୟାନଙ୍କୁ ନିରୂପିତ ସର୍ତ୍ତ ଅନୁସାରେ ସ୍ୱାଧୀନରେ କବୁଲିୟତ ଲେଖି ଦେଇ ରେଜିଷ୍ଟ୍ରୀ କରିଦେବେ । ଉପରୋକ୍ତ ନିଲାମ ଅବ ସମ୍ବ-କ୍ଷୀୟ କୌଣସି ସମ୍ବାଦ ବୁଝିବାକୁ ଅବଶ୍ୟକ ହେଲେ ସଦର ଲୋକେଲବୋର୍ଡ଼ ଅଫିସରେ ହାଜର ହୋଇ ବୁଝି ପାରିବେ ।

ପ୍ରକାଶ ଥାଉ କି କାଞ୍ଜିହାଉସମାନ କେବଳ ଭଦ୍ର ଓ ସଙ୍ଗତିପନ୍ନ ଲୋକମାନେ ନିଲାମ ଡାକ ପାଇବେ ତଦନ୍ତରେ ଯଦ୍ୟପି ନିଲାମ ଖରିଦଦାର ସେପରି ବ୍ୟକ୍ତି ଥିବାର ପ୍ରମାଣ ନ ହେବ ତାହାହେଲେ ତତ୍କ୍ଷଣାତ୍ ତାହାର ଡାକଟି ନାକଚ ହେବ ଓ ଉପଯୁକ୍ତ ସମୟ ମଧ୍ୟରେ ପାଉଣ୍ଡ ଅନ୍ୟ ଭଦ୍ର ସଙ୍ଗତିପନ୍ନ ଲୋକଙ୍କୁ ସାନ ବନ୍ଦୀ କରାଯିବ ।

ଥାନା ସଦର
୧ । ଲହରଢଣ୍ଡା
୨ । ପାଥପୁର
୩ । ଗାଙ୍ଗି
୪ । ତପାପଡ଼ା

ଥାନା ବାଙ୍କୀ
୧ । ଚଢ଼ିଲା
୨ । କଲାପଥର
୩ । ସୋଲପୁର

ଥାନା ସାଲେପୁର
୧ । ବଇନାଥ ପୁର
୨ । ମୌଦା
୩ । ଖନୋଲ

ଥାନା ଜଗତସିଂହପୁର
୧ । ଜଗତସିଂହପୁର
୨ । ଝୁଞ୍ଜଲେ
୩ । ହନସିପୁର

ଥାନା ତିର୍ତ୍ତୋଲ
୧ । ଅଡ଼ନ୍ତପୁର

M. Das
*Vice Chairman*

## ADVERTISEMENT

Wanted a gradnate for the 2nd Mastership; Mourbanj H. E. school for 18 months.

He shonid be strong in English and Mathematics, salary Rs 55 to Rs 65. There is a chance of permanent vacancy. Applications will be received up to the 10th instant.

Dated, Mourbhanj } R. D. Chackerburtty
The 2nd July } *Superintendent of Education*
1902 } Mourbhanj

## ବିଜ୍ଞାପନ ।

ସନ ୧୯୦୨ ମସିହା ଡିସେମ୍ବର ମାସରେ ବୋମ୍ବାଇ ନଗର ଅହମଦାବାଦ ସହରରେ ଗୋଟିଏ ଭାରତୀୟ ଶିଳ୍ପ ପ୍ରଦର୍ଶନୀ ( ହାଟ ) ବସିବ । ଯେଉଁମାନେ ଉକ୍ତ ପ୍ରଦର୍ଶନୀକୁ ଶିଳ୍ପ କାର୍ଯ୍ୟମାନ ପଠାଇବାକୁ ଇଚ୍ଛା କରନ୍ତି ସେମାନେ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟକୁ ପତ୍ର ଲେଖିଲେ ସମସ୍ତ ବିଷୟ ଜାଣି ପାରିବେ । ଇତି ।

ଶ୍ରୀ ପି, ଏମ୍, ଦୁଃଖିସିଂହ
ଜେନେରଲ ସେକ୍ରେଟରୀ
ଇଣ୍ଡଷ୍ଟ୍ରିଆଲ ଏକ୍ଜିବିସନ ଏହମଦାବାଦ

Digitized by srujanika@gmail.com

Split by PDF Splitter



## ବିଜ୍ଞାପନ ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉ ଅଛି ଯେ ସହର କଟକ ଚାନ୍ଦିନୀଚୌକ ମୁକାମରେ ଶ୍ରୀଯୁତ ବାବୁ ନଗେନ୍ଦ୍ରନାଥ ରାୟଚୌଧୁରୀ ଜମିଦାର ମହାଶୟଙ୍କ କୋଠାରେ ଶାଳୁଆ, ପିଆଶାଳ କାଠର ପୁରାତନ କଡ଼ୀ, ବରଗା, ଛିଲାମ୍ପଟା ପାଣିଆଳି ଓ ଚଉକାଠ, ଦରଜା, ଝରକା କବାଟ ଓ ଚୌକାଠମାନ ଛୋଟ ଓ ବଡ଼ ସକଳ ରକମର ବସ୍ତୁର କାଠମାନ ବିକ୍ରୀ ହେବାର ଅଛି । ଯେଉଁ ବ୍ୟକ୍ତିମାନେ ଏ କାଠମାନ ଖରିଦ କରିବାକୁ ଇଚ୍ଛା କରିବେ ସେମାନେ କଟକ ଚାନ୍ଦିନୀଚୌକ କୋଠାରେ ଉପସ୍ଥିତ ହେଲେ ଲକ୍ଷ୍ମୀ ସ୍ୱାଇଁ ରାମହରିଙ୍କ ନିକଟରେ ଆବଶ୍ୟକୀୟ ସବୁ ସଂବାଦ ପାଇବେ । କାଠମାନ ବ୍ୟବହାର ଯୋଗ୍ୟ ମଜବୁତ ଅଛି କାଠମାନ ଜୁଲାଇ ମାସ ତା ୭ ରଖରେ ପ୍ରକାଶ୍ୟ ନିଲାମରେ ବିକ୍ରୟ ହେବ । ଏଥିପୂର୍ବୁ କୌଣସି ସମ୍ବାଦ ଜାଣିବାର ଆବଶ୍ୟକ ହେଲେ ଉକ୍ତ ମୁକାମରେ ଜାଣି ପାରିବେ ।

ଶ୍ରୀ ନବୀନଚନ୍ଦ୍ର ମଜୁମଦାର
ଅଃ ସୁଃ

## ବିଜ୍ଞାପନ ।

### ନୂତନ ପୁସ୍ତକ ।

| | |
|---|---|
| ଭାସଭତ ଗୀତା ୭ମ ଭାଗ | ଟ ୦ । |
| ମଣ୍ଡିରବଣ ଯୁଦ୍ଧ | ଟ ୦ ୵ |
| ପ୍ରବନ୍ଧ ଅକ୍ଷୟଚନ୍ଦ୍ର ବା ଦାଦମଣି | |
| ଉପନ୍ୟାସ | ଟ ୦ ୵୫ |
| ଭକ୍ତି-ସଙ୍ଗୀତ | ଟ ୦ ୵ |
| ବୈଚିତ୍ର୍ୟଗୀତା | ଟ ୦ ।୵ |
| ସତ୍ୟାଙ୍କଯୋଗସାର ଟୀକା | ଟ ୦ ୵ |

ଉପରୋକ୍ତ ପୁସ୍ତକମାନ କଟକ ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ ମିଳିବ ।

NEW YORK LIFE
INSURANCE COMPANY

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J. BELL
*Agent Cuttack*

## ବିଜ୍ଞାପନ ।

# ଫଲେନ ପରିଚୀୟତେ

କବିରାଜ ଶ୍ରୀଛକଡ଼ି କର କବିରତ୍ନଙ୍କର
ଅନ୍ନପୂର୍ଣ୍ଣା
ଆୟୁର୍ବେଦୀୟ ଔଷଧାଳୟ, ଚୌଧୁରୀ
ବଜାର, କଟକ

ଏହି ଔଷଧାଳୟରେ ଆୟୁର୍ବେଦ ଶାସ୍ତ୍ରୋକ୍ତ ସର୍ବପ୍ରକାର ଔଷଧାଦି ନ୍ୟାଯ୍ୟ ଓ ସୁଲଭ ମୂଲ୍ୟରେ ପ୍ରାପ୍ତବ୍ୟ । ମୋଫସଲର ରୋଗୀମାନେ ରୋଗର ଅବସ୍ଥା ଅର୍ଦ୍ଧ ଅଣାର ଟିକଟ ସହ ଲେଖିଲେ ସୁବ୍ୟବସ୍ଥା ସହିତ ପ୍ରେରିତ ହୁଏ ।

### ବ୍ରାହ୍ମୀ ଘୃତ

ଅଧୁନାତନ ଛାତ୍ର ସମାଜ ମଧ୍ୟରେ ସ୍ମରଣ ଶକ୍ତିର ଅଭାବ ହୋଇଥାଏ, ସ୍ମରଣ ଶକ୍ତି ଯେ କେବଳ ଛାତ୍ରମାନଙ୍କର ଅତୀବ ପ୍ରିୟ ପଦାର୍ଥ ଏପରି ନୁହେ ଏହା ବ୍ୟକ୍ତି ମାତ୍ରେହିଁ ପ୍ରୟୋଜନୀୟ; ବ୍ରାହ୍ମୀଘୃତ କୋଷ୍ଠିଏ ସ୍ମରଣ ଶକ୍ତି ବର୍ଦ୍ଧକ ମହୌଷଧ, ସ୍ଥୂଳ ମେଧାବିଶିଷ୍ଟ ବାଳକମାନଙ୍କର ଏବଂ ଅଧିକ ଅଧ୍ୟୟନଶୀଳ ଛାତ୍ରମାନଙ୍କ ପକ୍ଷରେ ଏହା ବିଶେଷ ଉପଯୋଗୀ, ଏହାଦ୍ୱାରା ଚିତ୍ତ ଚାଞ୍ଚଲ୍ୟ ଦୂର ହୁଏ ମସ୍ତିଷ୍କ ପୋଷଣ କରେ ଚକ୍ଷୁର ତେଜ ବୃଦ୍ଧି ହୁଏ ଏବଂ ସମସ୍ତ ଶରୀରରେ ବଳ ବୃଦ୍ଧି ହୋଇ ଥାଏ । ଯେଉଁମାନଙ୍କର ସାମାନ୍ୟ କାରଣରୁ ରାଗ ହୋଇ ମସ୍ତକ ଗରମ ହୁଏ ଏବଂ ଏକ ବିଷୟରେ ମନ ସ୍ଥିର ନ ଥାଏ ରହିଲେ ନିଦ୍ରା ହୁଏ ନାହିଁ ଦୁଃସ୍ୱପ୍ନ ହୁଏ ଇତ୍ୟାଦି ଲକ୍ଷଣରେ ଏହା ସଦ୍ୟ ଫଳପ୍ରଦ ।

ଏକଶିଶିର ମୂଲ୍ୟ ଟ ୨ ୧

### ଶ୍ରୀ କବଚ୍ଛି ବଟିକା

ଏହି ଔଷଧ ସାଧ୍ୟ ସ୍ତ୍ରୀମାନଙ୍କରେ ଏକମାତ୍ର ମହୌଷଧ, ଯେଉଁମାନଙ୍କର ସ୍ୱଳ୍ପକାରଣ ବଶତଃ ବୀର୍ଯ୍ୟ ସ୍ଖଳନ ହେଉଥାଏ, ସେମାନେ ଏହି ଔଷଧ ବ୍ୟବହାର କଲେ ଅଳ୍ପ ସମୟମଧ୍ୟରେ ବିଶେଷ ଫଳଲାଭ କରି ପାରିବେ ଏବଂ ଧାତୁ ଦୌର୍ବଲ୍ୟ ଉପଶମ ହେବ । ଏହା ସମ୍ବନ୍ଧରେ ବାହୁଲ୍ୟ ଆଡ଼ମ୍ବର ନିଷ୍ପ୍ରୟୋଜନ । ଥରେମାତ୍ର ସେବନ କଲେ ସମସ୍ତ ଅବଗତ ହୋଇ ପାରିବେ ।

ଏକ ଡିବା ଔଷଧର ମୂଲ୍ୟ ଟ ୧ ମାତ୍ର ।

### କାଳିଚରଣ ରସାୟନ ।

( ଦେଶୀୟ ସାଲସା )

ଏଥିରେ ଉପଦଂଶ ( ଗରମୀ ) ଖତ, ପାରଦ ଦୋଷଜନିତ ଚର୍ମରେ କଳା ଓ ରଙ୍ଗ ଦାଗ; ସ୍ଫୋଟକୋତ୍ପତ୍ତି ଓ ବାତ ପ୍ରଭୃତି ନିଶ୍ଚୟ ଆରୋଗ୍ୟ ହୁଏ । ଅଧିକନ୍ତୁ ଏହା ରକ୍ତ ପରିଷ୍କାର କରି ଶରୀରର ପୁଷ୍ଟି ସାଧନ କରେ ଏହା ସମସ୍ତ ଋତୁରେ ବ୍ୟବହାର ହୁଏ ।

ଏକ ଶିଶିର ମୂଲ୍ୟ ଟ ୧ ମାତ୍ର ।

ଏକକାଳେ ଛଅଶିଶି ନେଲେ ଟ ୫୧ ଙ୍କା ଲାଗେ ।

| | |
|---|---|
| ଚୌଧୁରୀ ବଜାର<br>କଟକ | ଶ୍ରୀ ଛକଡ଼ି କର କବିରତ୍ନ<br>ଅନ୍ନପୂର୍ଣ୍ଣା<br>ଆୟୁର୍ବେଦୀୟ ଔଷଧାଳୟ । |

## ବିଜ୍ଞାପନ ।

### ବନାରସୀ ମାଲ ।

ବନାରସ ନଗରସ୍ଥ ଆମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନାରସୀ ମାଲ ଗରଜର ରାଜାମାନଙ୍କର ସଙ୍ଗ ଜମିଦାରମାନଙ୍କ ବିଶ୍ୱସ୍ତଭାବରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେନ୍ଦୁଝର, ଆଠମଲ୍ଲିକ, ଗଡ଼ଜାତ, ଢେଙ୍କାନାଳ, ସୋନପୁର, ପାଟଣା, ତାଳଚେର, ମୟୂରଭଞ୍ଜ, ନୀଳଗିରି, ହିନ୍ଦୋଳ, ଆଠଗଡ଼, ଖଣ୍ଡପଡ଼ା, ତିଗିରିଆ, ନରସିଂହପୁର ରାଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଆମ୍ଭର ଏହି କାରବାରର କଥା ଜଣା ପଡ଼ିବ ।

ଆମ୍ଭର ବାଣିଜ୍ୟ କୋଠିରେ ବିକ୍ରୟ ସକାଶେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ଶାଢ଼ୀ, ଧୋତି ଯୋଡ଼ି, ଚେଲି, କିଂଖାପ, ବାସ୍ତା, ସଙ୍ଗୀ, ଦୋପଟା ମଖମଲ, ଶିରରେ ବାନ୍ଧିବାର ପେଟା, ରୁମାଲ, ଶାଲ ଏବଂ ନାନା ପ୍ରକାର ଇତ୍ୟାଦି ଜରିର ଅଙ୍ଗରଖା ପ୍ରଭୃତି ଛଡ଼ା ସୁନା ରୁପାର ବାସନ, ହାତୀ ଦାନ୍ତ ପ୍ରଭୃତି ବସ୍ତୁ ଅନୁସାରେ ତିଆରି କରିଦେଉ । ବସ୍ତୁ ଦେବାବେଳେ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ ।

କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରନ୍ତି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ କି ଉପାୟରେ ( ଅର୍ଥାତ୍ ଡାକରେ କି ରେଲରେ ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଚଳିବ ମାତ୍ର ଲଫାଫା ଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ଉତ୍ତମ ହେବ ।

ଭାଲୁପେବଲ ପାରସଲରେ ମଧ୍ୟ ମାଲ ପଠାଯାଏ କିନ୍ତୁ ମାଲ ପଠାଯିବା ଏବଂ ଫେରନ୍ତ ହେବା ମାସୁଲ ମାଲ ମଗାଇଥିବା ବ୍ୟକ୍ତିଙ୍କୁ ଦେବାକୁ ପଡ଼ିବ ।

ଶ୍ରୀ ପାଲୁମାଲ ଭୋଲାନାଥ
ଭୁତ୍ତେଲର ଫାଟକ ବନାରସ ସିଟି

ଶ୍ରୀ ମୂଳଚନ୍ଦ୍ର କେଶ ।

Digitized by srujanika@gmail.com